

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ



• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-161 •SUNDAY •7 DECEMBER 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୧୬୧ •ରବିବାର •୭ ଡିସେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦ (ସିନ୍ଦୂରା ସହ)


### ଲାଗି ରହିଛି ଇଣ୍ଡିଗୋ ଅଚଳାବସ୍ଥା

# ବିମାନ ଭଡ଼ା ଧାର୍ଯ୍ୟ କଲେ ସରକାର

## ୨୪ ଘଣ୍ଟାରେ ଟିକଟ ଅର୍ଥ, ୪୮ ଘଣ୍ଟାରେ ଯାତ୍ରୀଙ୍କୁ ଲଗେଜ୍ ଫେରାଇବାକୁ ନିର୍ଦ୍ଦେଶ

■ ନୂଆଦିଲ୍ଲୀ, ୬।୧୨ (ଏଜେନ୍ସି): ଆଜି ମଧ୍ୟ ଜାରି ରହିଛି ଇଣ୍ଡିଗୋ ବିମାନ ସେବା ସଙ୍କଟ । ପାଇଲଟ ଓ ଅନ୍ୟ କ୍ରୁ-ସଦସ୍ୟଙ୍କ ଅଭାବ ଯୋଗୁଁ ପ୍ରତିଦିନ ଶହ ଶହ ବିମାନ ବାତିଲ କରୁଥିବା ଏହି କଂପାନୀ ଏବେ ଯାତ୍ରୀମାନଙ୍କୁ ଅଧିକ ନିର୍ଯାତନା ଦେବା ଆରମ୍ଭ କରିଛି । ବିମାନ ବାତିଲ ସତ୍ତ୍ୱେ ଯାତ୍ରୀଭଡ଼ା ଫେରାଉ ନାହିଁ କି ଯାତ୍ରୀମାନଙ୍କୁ ଲଗେଜ୍ ମଧ୍ୟ ଫେରାଉ ନାହିଁ । ଏହାକୁ ନେଇ ଆଜି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି କେନ୍ଦ୍ର ସରକାର । ୨୪ ଘଣ୍ଟା ମଧ୍ୟରେ ଟିକଟ ଅର୍ଥ ଏବଂ ୪୮ ଘଣ୍ଟା ମଧ୍ୟରେ ଯାତ୍ରୀଙ୍କୁ ସେମାନଙ୍କ ଲଗେଜ୍ ଫେରାଇବା ଲାଗି କେନ୍ଦ୍ର ସରକାର ଇଣ୍ଡିଗୋ କଂପାନୀକୁ ନିର୍ଦ୍ଦେଶ ଦେଇଛନ୍ତି । କେବଳ ଏତିକି

**୫୦୦ କିମି ପର୍ଯ୍ୟନ୍ତ ୭,୫୦୦ ଟଙ୍କା**

**୧୮ ହଜାରରୁ ଅଧିକ ଭଡ଼ା ନେଇପାରିବେ ନାହିଁ**

ନୁହେଁ; ଇଣ୍ଡିଗୋ ବିଭ୍ରାଟରୁ ଫାଇଦା ଉଠାଇବାକୁ ଯାଇ ଅନ୍ୟ ବିମାନ ସେବା ପ୍ରଦାନକାରୀ କଂପାନୀ ଟିକଟ ଦର ଅହେତୁକ ବୃଦ୍ଧି କରିଥିବାରୁ କେନ୍ଦ୍ର ସରକାର ସେମାନଙ୍କ ଉପରେ ଅଙ୍କୁଶ ଲଗାଇବାକୁ ଯାଇ ବିମାନ ଭଡ଼ା ଧାର୍ଯ୍ୟ କରିଛନ୍ତି ।

ଇଣ୍ଡିଗୋ ସଙ୍କଟର ପଞ୍ଚମ ଦିନରେ ଚଢ଼ା ଟିକଟ ମୂଲ୍ୟ ଉପରେ ଲଗାମ ଲଗାଇବାକୁ ସରକାର ସବୁ ଏୟାର ଲାଇନ୍ସ ନିମନ୍ତେ ଘରୋଇ ଉଡ଼ାଣ ପାଇଁ ବିମାନ ଭଡ଼ା ଧାର୍ଯ୍ୟ କରିଛନ୍ତି । ଭଡ଼ାର ସର୍ବାଧିକ ସୀମା ୧୮ ହଜାର ଟଙ୍କା ରଖାଯାଇଛି । ଧାର୍ଯ୍ୟ ଭଡ଼ାଠାରୁ ଅଧିକ ମୂଲ୍ୟ ନ ନେବା ପାଇଁ ଏୟାରଲାଇନ ଗୁଡ଼ିକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ▸ପୃଷ୍ଠା-୧୦

### କାହିଁକି ସଙ୍କଟ

ଫ୍ଲାଇଟ ଡ୍ୟୁଟି ଟାଇମ ଲିମିଟେସନ (ଏଫଡିଟିଏଲ) ଝଡ଼ର ସମ୍ମୁଖୀନ ହୋଇଛି ଇଣ୍ଡିଗୋ ଏୟାରଲାଇନ୍ସ । ଗତ ୧ ତାରିଖରୁ ଲାଗୁ ଏଫଡିଟିଏଲ ନିୟମରେ ପାଇଲଟଙ୍କ ସାପ୍ତାହିକ ବିଶ୍ରାମ ଅବଧିକୁ ୩୬ ଘଣ୍ଟାରୁ ବଢ଼ାଇ ୪୮ ଘଣ୍ଟା କରିଦିଆଯାଇଛି । ରାତିରେ ଅବତରଣ ସଂଖ୍ୟା ୬ରୁ ହ୍ରାସ କରି ଦୁଇ କରି ଦିଆଯାଇଥିଲା । ଏହାଦ୍ୱାରା 'କ୍ରୁ ରୋଷ୍ଟରିଂ'ରେ ଅଧିକ ସୁବିଧା ମିଳୁଥିଲା । ତେବେ ଭାରତର ସବୁଠାରୁ ବଡ଼ ବିମାନ କମ୍ପାନୀ ଇଣ୍ଡିଗୋ ପାଇଁ ଭୟଙ୍କର ସମସ୍ୟା ସୃଷ୍ଟି ହୋଇଛି । ଦେଢ଼ ବର୍ଷରୁ ଅଧିକ ସମୟ ହେଲା ଏହି ନିୟମ କାର୍ଯ୍ୟକାରୀ ପାଇଁ ଏୟାରଲାଇନ ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିଲେ ବି କୌଣସି ସ୍ଥିତିରେ ସୁଧାର ଆସି ନ ଥିଲା । ନିୟମ ଲାଗୁ ହେବା ପରେ ବିଫଳତା ▸ପୃଷ୍ଠା-୧୦

### ପଞ୍ଚମ ଦିନରେ ୮୦୦ରୁ ଅଧିକ ବାତିଲ



■ ନୂଆଦିଲ୍ଲୀ, ୬।୧୨ (ଏଜେନ୍ସି): ପାଇଲଟ ଏବଂ କ୍ରୁ ସଦସ୍ୟଙ୍କ ପାଇଁ ଧାର୍ଯ୍ୟ ନିୟମରୁ ଆଶ୍ୱସ୍ତି ପରେ ବି ଭାରତର ବୃହତ ଏୟାରଲାଇନ ଇଣ୍ଡିଗୋରେ ଅଚଳାବସ୍ଥା ଜାରି ରହିଛି । କ୍ରମାଗତ ପଞ୍ଚମ ଦିନରେ ଶନିବାର ଏହି ଏୟାରଲାଇନ ପ୍ରାୟ ୮୦୦ ବିମାନ ଉଡ଼ାଣକୁ ବାତିଲ କରିଦେଇଛି । ନିୟମ କୋହଳର କୌଣସି ଲାଭ ଯାତ୍ରୀଙ୍କୁ ମିଳିପାରିନାହିଁ । ବିମାନ ଠିକ୍ ସମୟରେ ଛାଡ଼ିବ କହି ଯାତ୍ରୀଙ୍କୁ ବିମାନବନ୍ଦରକୁ ଡକାଇ ଦିଆଯାଉଛି; କିନ୍ତୁ ସେଠାରେ ପହଞ୍ଚିବା ପରେ ବିମାନ ବିଳମ୍ବିତ ଥିବା କୁହାଯାଉଛି । ଦୁଇ ଚାରି ଘଣ୍ଟା ଯାତ୍ରୀ ଅପେକ୍ଷା କରିବା ପରେ ବିମାନକୁ ବାତିଲ କରିଦିଆଯାଉଛି । ଶେଷରେ ଯାତ୍ରୀ କାନ୍ଦି କାନ୍ଦି ଘରକୁ ▸ପୃଷ୍ଠା-୧୦

**ହଟିବେ ଇଣ୍ଡିଗୋ ସିଇଓ ପିଟର ଏଲ୍‌ବର୍ସ**

### ଏଏନ୍‌ଏମ୍ ପରୀକ୍ଷା ବାତିଲ ନେଇ ନବୀନଙ୍କ କ୍ଷୋଭ

## ବାରମ୍ବାର ପରୀକ୍ଷା ବାତିଲ ପିଲାଙ୍କ ସ୍ୱପ୍ନକୁ ଧୂଳିସାତ୍ କରୁଛି

■ ଭୁବନେଶ୍ୱର, ୬।୧୨ (ସମିସ): ଏଏନ୍‌ଏମ୍ ପରୀକ୍ଷା ବାତିଲକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ବାରମ୍ବାର ପରୀକ୍ଷା ବାତିଲ ହେବା ଲକ୍ଷ ଲକ୍ଷ ପିଲାଙ୍କ ସ୍ୱପ୍ନକୁ ଧୂଳିସାତ୍ କରୁଛି । ଏଏନ୍‌ଏମ୍ ପରୀକ୍ଷା ବାତିଲ କରି ରାଜ୍ୟ ବିଜେପି ସରକାର ପୁଣି ହଜାର ହଜାର ଆଶାୟୀଙ୍କ ଭବିଷ୍ୟତକୁ ଅନ୍ଧାର ଭିତରକୁ ଠେଲି ଦେଇଛନ୍ତି ବୋଲି ନବୀନ ଉଦ୍‌ବେଗ ପ୍ରକାଶ କରିଛନ୍ତି ।

ପ୍ରକାଶଯୋଗ୍ୟ, ନିକଟରେ ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ପୂର୍ବରୁ ଆଶାୟୀଙ୍କଠାରୁ ମୋଟା ଅଙ୍କର ଟଙ୍କା ନିଆଯାଇ ପ୍ରଶ୍ନୋତ୍ତରୀ ଅଭ୍ୟାସ କରାଇବା ଭଳି ଅଭିଯୋଗ ହେବା ପରେ ଏହି ଘଟଣାର ସିବିଆଇ ତଦନ୍ତ ଚାଲିଛି । ଫଳରେ ଲକ୍ଷ ଲକ୍ଷ ଆଶାୟୀ ହତାଶ ହୋଇପଡ଼ିଛନ୍ତି । ସେହିପରି ଆର୍‌ଆଇ, ଅମିନ ପରୀକ୍ଷାରେ ଅନିୟମିତତା ଅଭିଯୋଗ ପରେ ଓଡ଼ିଶା ହାଇକୋର୍ଟ ପରୀକ୍ଷାକୁ ରଦ୍ଦ କରିଦେଇଛନ୍ତି ।



**"ସମସ୍ତ ପରୀକ୍ଷା ନିୟମିତ ଏବଂ ସ୍ୱଚ୍ଛତାର ସହ ହେବାକୁ ସୁନିଶ୍ଚିତ କରାନ୍ତୁ ସରକାର"**

ଶିକ୍ଷକମାନଙ୍କ ପାଇଁ ହୋଇଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ହେବା ପରେ ଏହାକୁ ବାତିଲ୍ ପରେ ପୁଣିଥରେ କରାଯାଇଛି । ସେହିପରି ଟ୍ରାଫିକ୍ ଏସ୍‌ଆଇ ପରୀକ୍ଷାକୁ ବାତିଲ କରାଯାଇଥିବାବେଳେ ପରୀକ୍ଷା ପରିଚାଳନା ସଂସ୍ଥାର ବିଶ୍ୱସନୀୟତା ଉପରେ ସନ୍ଦେହ ପ୍ରକଟ କରି ଓଡ଼ିଶା ହାଇକୋର୍ଟ ଏଏସ୍‌ଓ ପଦବୀ ପାଇଁ ହୋଇଥିବା ପରୀକ୍ଷାକୁ ମଧ୍ୟ ▸ପୃଷ୍ଠା-୧୦

### ତୃତୀୟ ଦିନିଆରେ ଦ.ଆଫ୍ରିକା ୯ ୱିକେଟ୍‌ରେ ପରାସ୍ତ

## ୨-୧ରେ ଭାରତର ସିରିଜ୍ ବିଜୟ




**ଜୟସ୍ୱାଲଙ୍କ ପ୍ରଥମ ଶତକ ୧୧୬***

■ ବିଶାଖାପାଟଣା, ୬।୧୨ (ଏଜେନ୍ସି): ଦକ୍ଷିଣ ଆଫ୍ରିକାକୁ ୯ ୱିକେଟରେ ହରାଇ ଭାରତ ଏଠାରେ ଶନିବାର ଅନୁଷ୍ଠିତ ତୃତୀୟ ତଥା ନିର୍ଣ୍ଣାୟକ ଦିନିକିଆରେ ବିଜୟୀ ହୋଇଛି । ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ଘରୋଇ ଦଳ ୨-୧ ବ୍ୟବଧାନରେ ଜିତିନେଇଛି । ପୂର୍ବରୁ ରାଞ୍ଚିରେ ଅନୁଷ୍ଠିତ ପ୍ରଥମ ଦିନିକିଆକୁ ଭାରତ ୧୭ ରନ୍‌ରେ ଓ ରାୟପୁରରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆକୁ ଦକ୍ଷିଣ ଆଫ୍ରିକା ୪ ୱିକେଟରେ ଜିତିଥିଲା । ଫଳରେ ଭାରତ ଟେଷ୍ଟ ସିରିଜ୍‌ରେ ୦-୨ ପରାଜୟର ପ୍ରତିଶୋଧ ନେବାରେ ସମର୍ଥ ହୋଇଛି । ଟେଷ୍ଟ ଓ ଦିନିକିଆ ସିରିଜ୍ ପରେ ଆସନ୍ତା ୯ରୁ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ କଟକର ବାରବାଟୀ ଷ୍ଟାଡିୟମରୁ ଆରମ୍ଭ ହେବ ।

ତୃତୀୟ ଦିନିକିଆ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୨୭୦ ରନ୍‌ରେ ଅଲ୍‌ଆଉଟ ହୋଇଥିଲା । ଜବାବରେ ଭାରତ କେବଳ ରୋହିତ ଶର୍ମା (୭୫)ଙ୍କ ୱିକେଟ ହରାଇ ବିଜୟୀ ହୋଇଥିଲା । ଭାରତ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ ୧୧୬ ଓ ବିରାଟ କୋହଲି ୬୫ ରନ୍‌ରେ ଅପରାଜିତ ରହିଥିଲେ । ଦିନିକିଆ କ୍ରିକେଟ୍‌ରେ ପ୍ରଥମ ଶତକ ହାସଲ କରିଥିବା ଭାରତୀୟ ଓପନର ଜୟସ୍ୱାଲ 'ମ୍ୟାନ୍ ଅଫ୍ ଦ ମ୍ୟାଚ୍' ଓ ୨ଟି ଶତକ, ଗୋଟିଏ ଅର୍ଦ୍ଧଶତକ ସହ ୩୦୨ ରନ୍ କରିଥିବା ବିରାଟ କୋହଲି ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି ।

### ଗ୍ଲୋବାଲ ଏନର୍ଜି ଲିଡର୍ସ ସମିଟ୍ ଉଦ୍‌ଘାଟିତ

## ଓଡ଼ିଶା ହେବ ଗ୍ରୀନ୍ ଏନର୍ଜି ହବ୍: ମୁଖ୍ୟମନ୍ତ୍ରୀ

■ ପୁରୀ, ୬।୧୨ (ସମିସ): ବିଦ୍ୟୁତ୍ ଏକ ସର୍ବୋଚ୍ଚ ପ୍ରାଥମିକତା ଏବଂ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି । ଏହା ସଦାସର୍ବଦା ଆମକୁ ଆତ୍ମନିର୍ଭର କରିବା ଦିଗରେ ସହାୟକ ହୋଇଥାଏ । ପ୍ରତ୍ୟେକ ରାଜ୍ୟ ନିଜସ୍ୱ ଶକ୍ତି ଉତ୍ପାଦନ ତଥା ସଂରକ୍ଷଣକୁ ପ୍ରାଥମିକତା ଦେବାର ଆବଶ୍ୟକତା ରହିଛି । ରାଜ୍ୟର ବିକାଶରେ ଶକ୍ତିଯୋଗାଣ ଶୃଙ୍ଖଳକୁ ଓଡ଼ିଶା ନିଜର ପ୍ରମୁଖ ଉପାଦାନ ଭାବେ ଗ୍ରହଣ କରିଛି । ଫଳରେ ୨୦୩୬ ସୁଦ୍ଧା ଜୀବାଶ୍ମ ଇନ୍ଧନ ଶକ୍ତି ଉତ୍ପାଦନ ଓ ବ୍ୟବହାର ବ୍ୟୟ କମାଇ ଓଡ଼ିଶା ଗ୍ରୀନ୍-ଏନର୍ଜି ରାଜ୍ୟ ଭାବେ ଉଭା ହେବ । ଶନିବାର ପୁରୀଠାରେ ଦୁଇଦିନିଆ ଗ୍ଲୋବାଲ ଏନର୍ଜି ଲିଡର୍ସ ସମିଟ୍ (ଜିଇଏଲ୍‌ଏସ୍)କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି ।



ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜିଇଏଲ୍‌ଏସ୍ ହେଉଛି କେନ୍ଦ୍ର, ରାଜ୍ୟ, ଶିଳ୍ପ, ଗବେଷକ, ଅନୁଷ୍ଠାନ ଏବଂ ବିଶ୍ୱର ଶକ୍ତି ବିଶେଷଜ୍ଞମାନଙ୍କୁ ଏକତ୍ରିତ କରି ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭର ଓ ସ୍ଥାୟିତ୍ୱ ହାସଲ କରିବା ପାଇଁ ଏକ ଅଭିନବ ପ୍ରୟାସ । ଏହା ହେଉଛି ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଏକ ସ୍ୱଷ୍ଟ ରୋଡ୍-ମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ପ୍ରଥମ ସର୍ବଭାରତୀୟ ପଦକ୍ଷେପ । ୨୦୧୪ ମସିହା ପୂର୍ବରୁ

**ଓଡ଼ିଶା ପାଇଁ ଦେଢ଼ ଲକ୍ଷ ସୂର୍ଯ୍ୟ ଘର ଅନୁମୋଦିତ: କେନ୍ଦ୍ରମନ୍ତ୍ରୀ**

ଦେଶରେ ଘରୋଇ ଗ୍ରାହକ ଏବଂ ଶିଳ୍ପକୁ ନିରନ୍ତର ବିଦ୍ୟୁତ୍ ଯୋଗାଣ ଏକ ଚ୍ୟାଲେଞ୍ଜ ଥିଲା । ଘରୋଇ ଚାହିଦା ପୂରଣ କରିବା ପାଇଁ ବିଦ୍ୟୁତ୍ ଉତ୍ପାଦନ ଯଥେଷ୍ଟ ନଥିଲା । ଗ୍ରାମାଞ୍ଚଳରେ ଘଣ୍ଟାଘଣ୍ଟା ଧରି ବିଦ୍ୟୁତ୍ ବିଭ୍ରାଟ ସାଧାରଣ ଘଟଣା ଥିଲା । ବିଦ୍ୟୁତ୍ ଉତ୍ପାଦନରେ ହ୍ରାସ ଦେଶର ଶିଳ୍ପ ଏବଂ ବାଣିଜ୍ୟକୁ ମଧ୍ୟ ପ୍ରଭାବିତ କରୁଥିଲା । କିନ୍ତୁ, ଗତ ଦଶନ୍ଧିରେ ଏ ସବୁରେ ଉନ୍ନତି ଆସିଛି । ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଏବଂ ଶକ୍ତି ମନ୍ତ୍ରଣାଳୟର ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ଦ୍ୱାରା ଏହା ସମ୍ଭବ ହୋଇପାରିଛି । ବର୍ତ୍ତମାନ ତାପଜ ଉତ୍ସରୁ ଭାରତର ବିଦ୍ୟୁତ୍ ଉତ୍ପାଦନ ମାତ୍ର ୫୧ପ୍ରତିଶତ ରହିଛି । ଆଗାମୀ କିଛି ଦିନ ମଧ୍ୟରେ ଏହା ଆହୁରି ହ୍ରାସ ପାଇବ । ଏହି ପରିପ୍ରେକ୍ଷୀରେ ଓଡ଼ିଶା ସ୍ଥାୟୀ ଭାବରେ ଆଗକୁ ବଢ଼ିବା ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି । ରାଜ୍ୟ ସରକାର ୨୦୭୦ ସୁଦ୍ଧା 'ନେଟ୍ ଜିରୋ କାର୍ବନ ଏମିସନ' ହାସଲ କରିବା ପାଇଁ ଏକ ଦୀର୍ଘକାଳୀନ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଓଡ଼ିଶାର ଶିଳ୍ପନୀତିରେ ଶକ୍ତି ଉତ୍ପାଦନକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ବିଶେଷକରି ନବୀକରଣୀୟ ▸ପୃଷ୍ଠା-୧୦

### ଗଞ୍ଜେଇ ବେପାରରେ ଢାବା ମାଲିକ

## ବ୍ୟାଙ୍କ କାରବାର ଦେଖି ପୁଲିସ ଜଲକା

■ ଭୁବନେଶ୍ୱର, ୬।୧୨ (ସମିସ): ଫୁଲବାଣୀ ସଦର ଥାନା ଦ୍ୱାରା ଗଞ୍ଜେଇ ଜବତ ଘଟଣାରେ ନୂଆ ନୂଆ ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିବାରେ ଲାଗିଛି । ଏହି ଘଟଣାରେ ଢାବା ମାଲିକ ଆଶିଷ ଦିଗାଲ ଗିରଫ ହେବା ପରେ ଆରମ୍ଭ ହୋଇଛି ଆର୍ଥିକ ତଦନ୍ତ । ଶୁକ୍ରବାର ଫୁଲବାଣୀ ସଦର ଥାନା ପୁଲିସ ଆଶିଷର ଘର ଓ ଢାବାରେ ଚଢ଼ଉ କରି ଖୋଳତାଡ଼ କରିଛି । ଢାବା ଓ ଘର ମାପଚୁପ କରି ଅଚଳ କରିବା ସହ ସୁନାଗହଣା ଓ ଗାଡ଼ି ଜବତ କରିଛି ।

ସୂଚନାନୁସାରେ, ଗତ ଜୁନ୍ ୪ତାରିଖ ଦିନ ଏକ ଗଞ୍ଜେଇ ବୋଝେଇ ଆଇଚର୍ ଟ୍ରକ୍ ତିଳକପଡ଼ା ପଟରୁ ଖଜୁରୀପଡ଼ା ପଟକୁ ଯାଉଥିବା ଖବର ପାଇବା ପରେ ଫୁଲବାଣୀ ସଦର

▸▸ **ବର୍ଷକରେ ୧୪ କୋଟିର ନେଣଦେଣ**

▸▸ **୯ଟି ଗାଡ଼ି, ୭୪ ଗ୍ରାମ ସୁନା ଜବତ**

▸▸ **ଘରୁ ମିଳିଲା ଟଙ୍କା ଗଣା ମେସିନ୍**

ଥାନା ପୁଲିସ ଚଢ଼ଉ କରିଥିଲା । ସେଠାରୁ ଜ୍ୟୋତି ଜ୍ୟୋତିଷ ବେହେରା ଓ ମିଥୁନ ନାୟକୁ ଗିରଫ କରିବା ସହ ଟ୍ରକ ଓ ୫୨୦ କିଲୋ ଗଞ୍ଜେଇ ଜବତ କରିଥିଲା । ଗାଡ଼ିଟି ନିତ୍ୟା ଢ଼ାବା ମାଲିକ ଆଶିଷ ନାମରେ ଥିବା ବେଳେ ସେ ମଧ୍ୟ ଏହି କାରବାରରେ ସଂପୃକ୍ତ ଥିବା ତଦନ୍ତରୁ ପୁଲିସ ▸ପୃଷ୍ଠା-୧୦

### ୬ ପ୍ରସ୍ତାବରେ କ୍ୟାବିନେଟ୍ ମୋହର

## ଆରମ୍ଭ ହେବ ମୁଖ୍ୟମନ୍ତ୍ରୀ ରେଶମ ବିକାଶ ଯୋଜନା

■ ଭୁବନେଶ୍ୱର, ୬।୧୨ (ସମିସ): ରାଜ୍ୟରେ ମୁଖ୍ୟମନ୍ତ୍ରୀ ରେଶମ ବିକାଶ ଯୋଜନା ଓ ମୁଖ୍ୟମନ୍ତ୍ରୀ ବୟନ ଶିଳ୍ପ ବିକାଶ ଯୋଜନା ନାମରେ ଦୁଇଟି ନୂତନ ଯୋଜନା ଆରମ୍ଭ ହେବ । ମୁଖ୍ୟମନ୍ତ୍ରୀ ରେଶମ ଯୋଜନାରେ ଆଗାମୀ ୫ ବର୍ଷ ପାଇଁ ୨୭୪ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ବୟନ ଶିଳ୍ପ ବିକାଶ ଯୋଜନା ପାଇଁ ୪୯୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ୍ ବୈଠକରେ ଏହି ଦୁଇ ନୂତନ ଯୋଜନା ସମେତ ମୋଟ ୬ଟି ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର ବାଜିଥିବା ନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଶନିବାର ରାଜ୍ୟ ବିଧାନସଭାରେ ଅବଗତ କରାଇଛନ୍ତି । ସେହିପରି କ୍ୟାବିନେଟ୍‌ରେ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ, ସ୍ୱାସ୍ଥ୍ୟ, ଆଇନ ଓ ଉଚ୍ଚଶିକ୍ଷା ବିଭାଗରେ ମଧ୍ୟ ଗୋଟିଏ ଲେଖାଏଁ ନିଷ୍ପତ୍ତିକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି ।

କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ରେଶମ ବିକାଶ ଯୋଜନା ମାଧ୍ୟମରେ ରେଶମ ଶିଳ୍ପକୁ ଅଧିକ ସଶକ୍ତ, ସମ୍ପ୍ରସାରିତ କରିବା, ଭିତ୍ତିଭୂମି ସଂରଚନା ଆଦି କରାଯିବ । ଏହି ଯୋଜନା ଜରିଆରେ ରେଶମ କୀଟର ବିହନ ପ୍ରସ୍ତୁତ, ରେଶମ ପ୍ରଜାତିର ସଂରକ୍ଷଣ ସହ ନୈତିକ ଉପାୟରେ 'କରୁଣା' ରେଶମର ଉତ୍ପାଦନ କରିବା ପାଇଁ ବିଶେଷ ଧ୍ୟାନ ଦିଆଯିବ । ସେହିପରି ରେଶମ ଚାଷୀଙ୍କୁ ଆବଶ୍ୟକ ପ୍ରୋତ୍ସାହନ, ମୂଳଧନ ସହାୟତା ପ୍ରଦାନ ଏବଂ ସମବାୟ ସମିତି ଜରିଆରେ ରେଶମ ଉତ୍ପାଦର ବଜାରୀକରଣ କରି ସେମାନଙ୍କୁ ଉଚିତ ମୂଲ୍ୟ ଯୋଗାଇବା ପାଇଁ ସଠିକ୍ ବାତାବରଣ ସୃଷ୍ଟି କରିବା ସହ ଅଭାବୀ ବିକ୍ରିରୁ ଚାଷୀମାନଙ୍କୁ ସୁରକ୍ଷା ପ୍ରଦାନ କରିବାରେ ଏହି ଯୋଜନା ସହାୟକ ହେବ ବୋଲି ସରକାର ଆଶା ରଖିଛନ୍ତି । ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ବୟନ ଶିଳ୍ପ ବିକାଶ ଯୋଜନାକୁ ଅନୁମୋଦନ ଦେଇ ନୂତନ ନିବେଶକୁ ଆକର୍ଷିତ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି । ଉତ୍ପାଦକତାକୁ ବୃଦ୍ଧି କରିବା, ସ୍ଥାନୀୟ ଉଦ୍ୟୋଗଗୁଡ଼ିକୁ ସଶକ୍ତ କରିବା

**ଓଡ଼ିଶା ଜୁଡିସିଆଲ୍ ସର୍ଭିସ ନିୟମରେ ପରିବର୍ତ୍ତନ**

**ଗଠନ ହେବ ଓଡ଼ିଶା ଔଷଧ ବିକାଶ ସେଲ୍**

ଓ ରାଜ୍ୟରେ ଏକ ପ୍ରତିଯୋଗିତାମୂଳକ ବୟନ ମୂଲ୍ୟ ଶୃଙ୍ଖଳା ଗଠନ କରିବା ପାଇଁ ସରକାର ଆଶା ରଖିଛନ୍ତି । ଓଡ଼ିଶା ପୋଷାକ ଓ ବୈଷୟିକ ବସ୍ତ୍ର ନୀତି -୨୦୨୨ ଓ ଶିଳ୍ପନୀତି ସଂକଳ୍ପ-୨୦୧୫ ଅନୁଯାୟୀ ନୂତନବସ୍ତ୍ର ଉତ୍ପାଦନସଂସ୍ଥାଗୁଡ଼ିକୁ ମିଳୁଥିବା ସୁବିଧା ସହିତ, ମୁଖ୍ୟମନ୍ତ୍ରୀ ବୟନ ଶିଳ୍ପ ବିକାଶ ଯୋଜନା କୌଶଳ ଉନ୍ନତି ଓ ଉଦ୍ୟୋଗୀ ସହାୟତାରେ ନିର୍ଦ୍ଦିଷ୍ଟ ପଦକ୍ଷେପ ଗ୍ରହଣ କରିବ ବୋଲି ସରକାର ଆଶା ରଖିଛନ୍ତି ।


ସେହିପରି ସୁପ୍ରିମକୋର୍ଟଙ୍କ ୨୦ ମେ'ର ରାୟକୁ ଆଧାର କରି ରାଜ୍ୟ ସରକାର ଓଡ଼ିଶା ସୁପରିଅର ଜୁଡିସିଆଲ ସର୍ଭିସ ▸ପୃଷ୍ଠା-୧୦

# ରାଜଧାନୀରେ ବନ୍ଧୁକ ବେପାରୀ ହାଉଯାଉ

### ୧୦ ପିସ୍ତଲ, ଗୋଟିଏ ଅଟୋମେଟିକ୍ କାର୍ବାଇନ୍, ୧୨ ରାଉଣ୍ଡ ଗୁଳି ଜବତ

■ ଭୁବନେଶ୍ୱର, ୬।୧୨ (ସମିସ): ଭୁବନେଶ୍ୱର-କଟକ ପୁଲିସ କମିସନରେଟ୍ ଅଞ୍ଚଳରେ ଚାଲିଛି ବେଧଡ଼କ ଚୋରା ବନ୍ଧୁକ କାରବାର । ବେପାରୀ ଧରାପଡୁଛନ୍ତି, ବନ୍ଧୁକ ଜବତ ହେଉଛି; ତଥାପି ଥମୁନି ଚୋରା କାରବାର । କମିସନରେଟ୍ ପୁଲିସ ହାତରେ ଆଜି ପୁଣି ଏକ ବନ୍ଧୁକ କାରବାର ରାକେଟ ଧରାପଡ଼ିଛି । ଦୁଇ ଜଣ ବେପାରୀ ଧରାପଡ଼ିବା ପରେ ସେମାନଙ୍କଠାରୁ ୧୦ଟି ପିସ୍ତଲ, ଗୋଟିଏ ଅଟୋମେଟିକ୍ କାର୍ବାଇନ୍ ଓ ୧୨ ରାଉଣ୍ଡ ଗୁଳି ଜବତ ହୋଇଛି । କଡ଼ା ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ରାଜଧାନୀରେ ଏଭଳି ବେପାର ବଢ଼ି ଚାଲିଛି । ଗତ ଦୁଇ ମାସ ମଧ୍ୟରେ ୩୩ଟି ବନ୍ଧୁକ ଜବତ ହେବା ପୁଲିସର ଚିନ୍ତା ବଢ଼ାଇଦେଇଛି ।

ପୁଲିସ କମସନର ଏସ୍. ଦେବଦତ୍ତ ସିଂ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ଯେ ଦୁଇଜଣ ବେପାରୀ ଅନୁଗୋଳରୁ ଏକ ବଲେରୋରେ ଚୋରା ବନ୍ଧୁକ ନେଇ ବ୍ରହ୍ମପୁର ଯାଉଥିବା ନେଇ ପୁଲିସକୁ ଗୁଇନ୍ଦା ସୂଚନା ମିଳିଥିଲା । ଅଭିଯୁକ୍ତଙ୍କୁ ଧରିବା ଲାଗି ପୁଲିସ ଜାଲ ବିଛାଇଥିଲା । ପୁଲିସ ଟିମ୍ ଖଣ୍ଡଗିରି ଫ୍ଲାଏଓଭର୍ ନିକଟରେ ସାଧା ପୋଷାକରେ ଜଗି ରହିଥିଲେ । ଆଜି ଅପରାହ୍ଣ ପ୍ରାୟ ୪ଟାରେ ବୋଲେରୋକୁ ପୁଲିସ ଅଟକାଇଥିଲା । ଗାଡ଼ିରେ ଥିବା ଦୁଇ ବେପାରୀ ସୁମନ୍ତ ଏବଂ ସୌଭାଗ୍ୟକୁ କାବୁ କରିବା ସହ ଗାଡ଼ିକୁ ଯାଞ୍ଚ କରିଥିଲା । ବଲେରୋର ମଝି ସିଟ୍‌ରେ ▸ପୃଷ୍ଠା-୧୦




**୨ ବେପାରୀଙ୍କୁ ବାନ୍ଧିଲା କମିସନରେଟ୍ ପୁଲିସ**

**ଦୁଇ ମାସରେ ଜବତ ହେଲାଣି ୩୩ ବନ୍ଧୁକ**

**ଝାଡ଼ଖଣ୍ଡ, ବିହାର ମୁଙ୍ଗେରରୁ ଆସୁଛି ବନ୍ଧୁକ**

### ଖସୁଛି ପାରଦ

## ସାରା ରାଜ୍ୟ କାଲୁଆ

■ ଭୁବନେଶ୍ୱର, ୬।୧୨ (ସମିସ): ରାଜ୍ୟର ଅଧିକାଂଶ ସ୍ଥାନରେ ଶୀତ ଜାରି ରହିଛି । ଉପକୂଳଠାରୁ ଆରମ୍ଭ କରି ଆଭ୍ୟନ୍ତରୀଣ ଅଞ୍ଚଳ, ସବୁଠି ପାରଦ ଖସିବା ଯୋଗୁଁ ଶୀତର ପ୍ରଭାବ ବୃଦ୍ଧି ପାଇଛି । ଆଗାମୀ ୭ ଦିନ ଯାଏଁ ରାଜ୍ୟରେ ପାଗରେ କୌଣସି ପରିବର୍ତ୍ତନ ସମ୍ଭାବନା ନଥିବା ବେଳେ ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ଏଥିପାଇଁ ଆଗକୁ ମଧ୍ୟ ଶୀତ ପ୍ରାୟ ଜାରି ରହିବାର ସମ୍ଭାବନା ରହିଛି । ଗତ ୨୪ ଘଣ୍ଟାରେ ଜି.ଉଦୟଗିରିରେ ସବୁଠୁ ଥଣ୍ଡା ରେକର୍ଡ ହୋଇଛି । ଏଠାରେ ତାପମାତ୍ରା ୫.୬ ଡିଗ୍ରୀକୁ ଖସିଛି । ସେହିପରି କିରେଇରେ ତାପମାତ୍ରା ୯.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ରାଉରକେଲାରେ ୮.୧, ▸ପୃଷ୍ଠା-୧୦

# ଭାରତ-ଆମେରିକା ସଂପର୍କକୁ ତିକ୍ତ କରିବ କି ପୁତିନଙ୍କ ଗସ୍ତ ?

ନୂଆଦିଲ୍ଲୀ, ୬ ।୧୨(ଏଜେନ୍ସି): ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ଭାରତ ଗସ୍ତ ନେଇ ବିଶ୍ୱ ଗଣମାଧ୍ୟମରେ ଚାଲିଥିବା ଚର୍ଚ୍ଚା ଥମିବାର ନାମ ଧରୁନି । ୟୁକ୍ରେନ ଯୁଦ୍ଧକୁ ନେଇ ରୁଷ ଉପରେ କ୍ଷୁବ୍ଧ ଥିବା ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁତିନଙ୍କୁ ଏକଘରିକିଆ କରିବାକୁ ଯୋଜନା ଚଳାଇଛନ୍ତି । ଏଭଳି ସ୍ଥିତିରେ ପୁତିନଙ୍କ ଭାରତ ଗସ୍ତକୁ ସେ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ତେଣୁ ଭାରତ-ଆମେରିକା ସଂପର୍କ ବିଗିଡ଼ିବ ବୋଲି କୁହାଯାଉଛି । ତେବେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଏଭଳି ଆଶଙ୍କାକୁ ଏଡ଼ାଇଛନ୍ତି । ସେ କହିଛନ୍ତି ଯେ ପୁତିନଙ୍କ ଗସ୍ତ ଭାରତ ଓ ଆମେରିକା ମଧ୍ୟରେ ଥିବା ସମ୍ପର୍କକୁ ପ୍ରଭାବିତ କରିବ ନାହିଁ ।



**ପ୍ରଭାବିତ ହେବନାହିଁ ଭାରତ-ଆମେରିକା ସମ୍ପର୍କ: ଜୟଶଙ୍କର**

ଆଜି ହିନ୍ଦୁସ୍ତାନ ଟାଇମ୍ସ ଲିଡରସିପ୍ ସମିଟ୍‌ରେ ସେ କହିଛନ୍ତି ।।ଯେ ପୁତିନଙ୍କ ଗସ୍ତ ଭାରତ- ଆମେରିକା ବାଣିଜ୍ୟ ସମ୍ପର୍କ ଉପରେ ନକାରାତ୍ମକ ପ୍ରଭାବ ପକାଇବ ବୋଲି ଗୁଜବ ପ୍ରଚାର କରାଯାଉଛି । ଏହାକୁ ଖଣ୍ଡନ କରି ସେ କହିଛନ୍ତି ।।ଯେ ଭାରତ କାହା ସହିତ ବନ୍ଧୁତ୍ୱ କରିବ ସେ ନେଇ କେବଳ ଭାରତ ହିଁ ନିଷ୍ପତ୍ତି ନେବ ଓ ଏଥିରେ ଅନ୍ୟ କାହାର ପ୍ରଭାବ ରହିବ ନାହିଁ । ବିଶ୍ୱର ସବୁ ବଡ଼ ଦେଶ ସହ ଭାରତର ସମ୍ପର୍କ ରହିଛି । ଭାରତର ସମ୍ପର୍କ ଅନ୍ୟ ଦେଶର ମତ ଉପରେ ନିର୍ଭର କରେ ନାହିଁ । ଆମେରିକା ସହ ବାଣିଜ୍ୟ ସମ୍ପର୍କ ଉପରେ ମଧ୍ୟ ସେ ମତ ଦେଇଥିଲେ । ଭାରତ ନିଜର କୃଷକ, ଶ୍ରମିକ ଓ ଛୋଟ ବ୍ୟବସାୟୀଙ୍କ ସ୍ୱାର୍ଥ ସହ କୌଣସି ସାଲିସ କରି କାହା ସହ ବାଣିଜ୍ୟ ସମ୍ପର୍କ ରଖିବ ନାହିଁ । ସେହିପରି ଭାରତ ଓ ରୁଷିଆ ମଧ୍ୟରେ ଥିବା ସମ୍ପର୍କ ସବୁଠାରୁ ଦୃଢ଼ ସମ୍ପର୍କ ମଧ୍ୟରେ ଅନ୍ୟତମ । ଏହି ସମ୍ପର୍କ ବିଶ୍ୱରେ ସବୁଠାରୁ ସ୍ଥିର, ମଜଭୁତ । ଦୁଇ ଦେଶ ମଧ୍ୟରେ ଥିବା ଅସନ୍ତୁଳନତାକୁ ଦୂର କରିବା ପୁତିନଙ୍କ ଗସ୍ତର ମୁଖ୍ୟ ଲକ୍ଷ୍ୟ ଥିଲା ବୋଲି ସେ କହିଛନ୍ତି । ଡିସେମ୍ବର ୧୦ରୁ ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ସମ୍ବନ୍ଧୀୟ କଥାବାର୍ତ୍ତା ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି । ବର୍ତ୍ତମାନ ଦୁଇ ଦେଶ ମଧ୍ୟରେ ବର୍ଷକୁ ୧୯୧ ବିଲିଅନ ଡଲାରର ବାଣିଜ୍ୟ ହେଉଛି । ୨୦୩୦ ବେଳକୁ ଏହାକୁ ୫୦୦ ବିଲିଅନ ଡଲାରରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି ।



# ଯେପର୍ଯ୍ୟନ୍ତ ଚାହିଁବେ ହସିନା ଭାରତରେ ରହିପାରିବେ

ନୂଆଦିଲ୍ଲୀ, ୬ ।୧୨(ଏଜେନ୍ସି): ବାଂଲାଦେଶର ବିତାଡିତ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ଭାରତ ରହଣିକୁ ନେଇ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ସ୍ପଷ୍ଟ ଭାବେ ନିଜର ମତ ଦେଇଛନ୍ତି । ଯେପର୍ଯ୍ୟନ୍ତ ଚାହିଁବେ ହସିନା ଭାରତରେ ରହିପାରିବେ । ଭାରତରେ ରହିବା ତାଙ୍କ ପସନ୍ଦ ଉପରେ ନିର୍ଭର କରେ ବୋଲି ସେ କହିଛନ୍ତି ।



୭୮ ବର୍ଷୀୟା ହସିନା ଗତବର୍ଷ ଅଗଷ୍ଟରେ ଭାରତ ଆସିଥିଲେ । ବାଂଲାଦେଶରେ ତାଙ୍କର ୧୫ ବର୍ଷର ଶାସନକୁ ଏକ ହିଂସାତ୍ମକ ଆନ୍ଦୋଳନ ସହ ଶେଷ କରାଯାଇଥିଲା । ଏହି ହିଂସାରେ ଶତାଧିକ ଲୋକ ମୃତ୍ୟୁବରଣ କରିଥିଲେ ଓ ହଜାର ହଜାର ଲୋକ ଆହତ ହୋଇଥିଲେ ।ଗତମାସରେଢ଼ାକାରେଏକସ୍ୱତନ୍ତ୍ର କୋର୍ଟ ହାସିନାଙ୍କୁ ଏଥିପାଇଁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଥିଲେ । ଭାରତରେ ରହିବା ହସିନାଙ୍କ ବ୍ୟକ୍ତିଗତ ମାମଲା । କିନ୍ତୁ ଯେଉଁ ପରିସ୍ଥିତିରେ ସେ ବାଂଲାଦେଶ ଛାଡି ଭାରତ ଆସିଥିଲେ ତାହା ବେଶ୍ ଗୁରୁତ୍ୱପୂର୍ଣ୍ଣ । ତେଣୁ ଭାରତରେ ରହିବା ନେଇ ହସିନା ହିଁ ଅନ୍ତିମ ନିଷ୍ପତ୍ତି ନେବେ । ମାନବିକତାକୁ ଦୃଷ୍ଟିରେ ରଖି ଭାରତ ତାଙ୍କୁ ଶରଣ ଦେଇଛି । ତେଣୁ ତାଙ୍କ ସୁରକ୍ଷା ଓ ସୁବିଧା ନେଇ ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି । ବାଂଲାଦେଶରେ ଗଣତନ୍ତ୍ରକୁ ଦୃଢ଼ କରିବାର ଆବଶ୍ୟକତା ରହିଛି । ଭାରତ ଓ ବାଂଲାଦେଶ ମଧ୍ୟରେ ସମ୍ପର୍କରେ ଉନ୍ନତି ହେବା ନେଇ ସେ ଆଶାବାଦୀ ଅଛନ୍ତି । ବାଂଲାଦେଶ ଉନ୍ନତି କରୁ ବୋଲି ଭାରତ ସବୁବେଳେ ଚାହିଁ ଆସିଛି । କିନ୍ତୁ ବାଂଲାଦେଶରେ ଯେତେଶୀଘ୍ର ନିର୍ବାଚନ ହେବ ତାହା ଶୁଭଙ୍କର । ଗଣତନ୍ତ୍ର ପ୍ରକ୍ରିୟାରେ ଯାହା ଫଳାଫଳ ଆସିବ ଭାରତ ତାହାକୁ ସ୍ୱାଗତ କରିବ ଓ ଏହା ପରେ ଦୁଇଦେଶମଧ୍ୟରେସମ୍ପର୍କରଉନ୍ନତିହେବବୋଲିସେକହିଛନ୍ତି ।



ଇଣ୍ଡିଗୋ ବିମାନ ସେବାରେ ଅଚଳାବସ୍ଥା ପରେ ବେଙ୍ଗାଲୁରୁ, ଦିଲ୍ଲୀ, କୋଲକାତା ବିମାନ ବନ୍ଦରର ଦୃଶ୍ୟ

## ଖଲିସ୍ତାନୀ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ଲଣ୍ଡନ, ୬ ।୧୨(ଏଜେନ୍ସି): ବ୍ରିଟେନରେ ଜଣେ ଖଲିସ୍ତାନ ସମର୍ଥକ ବ୍ୟବସାୟୀ ଗୁରପ୍ରୀତ ସିଂହ ରେହଲଙ୍କ ଉପରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଆତଙ୍କବାଦ ନିରୋଧ ଆଇନ୍ ଅନୁସାରେ ସରକାର ଗୁରପ୍ରୀତଙ୍କ ସବୁ ବ୍ୟାଙ୍କ ଖାତାକୁ ଫ୍ରିଜ ଅର୍ଥାତ ଅକାମୀ କରିଛନ୍ତି । ଭାରତରେ ସକ୍ରିୟ ଥିବା ଖଲିସ୍ତାନ ଆତଙ୍କବାଦୀ ସଂଗଠନ ବାବର ଖାଲସାକୁ ସେ ଆର୍ଥିକ ସହାୟତା ପ୍ରଦାନ କରିଥିବା ସନ୍ଦେହ କରାଯାଇଥିଲା । ଏଥିସହ ସରକାର 'ବାବର ଅକାଲୀ ଲହର' ନାମକ ଗୋଷ୍ଠୀକୁ ନିଷିଦ୍ଧ କରିଛନ୍ତି । ଏହି ଗୋଷ୍ଠୀ ବାବର ଖାଲସା ପାଇଁ ପ୍ରଚାର ଓ ପ୍ରସାର କରୁଛି ଓ ଲୋକଙ୍କୁ ଏଥିରେ ସାମିଲ କରିବା ପାଇଁ ପାଣ୍ଠି ସଂଗ୍ରହ କରୁଛି ବୋଲି ବ୍ରିଟେନର ଟ୍ରେଜେରୀ ଡିପାର୍ଟମେଣ୍ଟ କହିଛି । ସରକାରଙ୍କ ଏହି କାର୍ଯ୍ୟାନୁଷ୍ଠାନ ପରେ ଗୁରପ୍ରୀତ କିମ୍ବା ତାଙ୍କ ସହ ଜଡିତ ସଂଗଠନକୁ କୌଣସି ବ୍ୟକ୍ତି କିମ୍ବା କମ୍ପାନୀ ଅର୍ଥ ଦେଇପାରିବେ ନାହିଁ । ଯଦି ଆର୍ଥିକ ଭାବେ କେହି ସାହାଯ୍ୟ କରନ୍ତି, ତେବେ ତାଙ୍କୁ ୭ ବର୍ଷ ଜେଲ ହୋଇପାରେ ବୋଲି କୁହାଯାଇଛି ।

## ମୁର୍ସିଦାବାଦ୍‌ରେ 'ବାବରୀ ମସଜିଦ୍'ର ଭିତ୍ତିପ୍ରସ୍ତର

**■ ନିଲମ୍ବିତ ଟିଏମ୍‌ସି ସାଂସଦ ନିଅଁ ରଖିଲେ**
**■ ୨ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଇଟା ନେଇ ପହଞ୍ଚିଲେ**

କୋଲକାତା/ମୁର୍ସିଦାବାଦ୍, ୬ ।୧୨(ଏଜେନ୍ସି): ପଶ୍ଚିମବଙ୍ଗର ମୁର୍ସିଦାବାଦ୍ ଜିଲ୍ଲାର ବେଲଡାଙ୍ଗାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରୁ ନିଲମ୍ବିତ ବିଧାୟକ ହୁମାୟୁନ କବିର ଶନିବାର ଅଯୋଧ୍ୟାର ବିବଦୀୟ ବାବରୀ ମସଜିଦ୍‌କୁ ଅନୁକରଣ କରି ଏକ ମସଜିଦ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । କଡ଼ା ସୁରକ୍ଷା ବଳୟ ମଧ୍ୟରେ ମଞ୍ଚ ଉପରେ ମୌଲବୀମାନଙ୍କ ସହ ଫିତା କାଟିଛନ୍ତି । ଏହି ଅବସରରେ 'ନାରାଏ ତକବୀର, ଆଲ୍ଲା ହୁ ଆକବର' ସ୍ଲୋଗାନ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏକାଠି ହୋଇଥିଲେ । ପଶ୍ଚିମବଙ୍ଗର ଭିନ୍ନ ଭିନ୍ନ ଜିଲ୍ଲାରୁ ଆସିଥିବା ଏହି ଲୋକମାନେ ସାଥୀରେ ଇଟା ଆଣିଥିଲେ । ଏହି କାର୍ଯ୍ୟକ୍ରମକୁ ନେଇ ସମ୍ପୂର୍ଣ୍ଣ ବେଲଡାଙ୍ଗା ଅଞ୍ଚଳରେ ଶନିବାର ସକାଳୁ ହାଇଆଲର୍ଟ ଜାରି କରାଯାଇଥିଲା । ଏହାର ଆଖାପାଖ ଅଞ୍ଚଳରେ କେନ୍ଦ୍ରୀୟ ସଶସ୍ତ୍ର ବାହିନୀର ୧୯ଟି ଦଳ, ରାପିଡ ଆକ୍ସନ ଫୋର୍ସ, ସୀମା ସୁରକ୍ଷା ବଳ ଏବଂ ଅନେକ ସ୍ଥାନୀୟ ପୁଲିସ ଟିମ୍ ସହିତ ୩,୦୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ମୁତୟନ ହୋଇଥିଲେ । ହୁମାୟୁନ କବିର ନଭେମ୍ବର ୨୫ରେ କହିଥିଲେ ଯେ, ଡିସେମ୍ବର ୬ରେ ବାବରୀ ମସଜିଦର ବିବାଦୀୟ ଢାଞ୍ଚାର ବିଧ୍ୱଂସର ୩୩ ବର୍ଷ ପୂରଣ ହେବା ଅବସରରେ ଏହି ମସଜିଦର ଶିଳାନ୍ୟାସ କରିବେ । ଏଥିରୁ ଦୂରେଇ ରହିବା ଲାଗି ଟିଏମସି ସୁପ୍ରିମୋ ମମତା ବାନାର୍ଜୀ ବାରଣ କରିଥିଲେ ମଧ୍ୟ ହୁମାୟୁନ ଶୁଣିନଥିଲେ । ଏଥିପାଇଁ ତାଙ୍କୁ ଟିଏମ୍‌ସିରୁ ନିଲମ୍ବିତ କରାଯାଇଥିଲା ।

ତେବେ ଏହି ମସଜିଦ ନିର୍ମାଣ କାର୍ଯ୍ୟ ରୋକିବାକୁ ଷଡ଼ଯନ୍ତ୍ର କରାଯାଇଥିଲା ବୋଲି କବିର ଅଭିଯୋଗ କରିଛନ୍ତି । ଏହି ମସଜିଦ ନିର୍ମାଣ ଉପରେ ରୋକ ଲଗାଇବାକୁ ହୋଇଥିବା ଆବେଦନକୁ କୋଲକାତା ହାଇକୋର୍ଟ ଖାରଜ କରିଥିଲେ । ତେବେ ଏହି କାର୍ଯ୍ୟକ୍ରମ ଅବସରରେ ଶାନ୍ତି ବଜାୟ ରଖିବାର ଦାୟିତ୍ୱ ରାଜ୍ୟ ସରକାରଙ୍କର ବୋଲି କୋର୍ଟ କହିଥିଲେ । ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ହିଁ କବିର ମସଜିଦର ନିଅଁ ରଖିଥିଲେ । ଆମେ ହାଇକୋର୍ଟଙ୍କ ଆଦେଶ ପାଳନ କରିବୁ ବୋଲି ସେ କହିଛନ୍ତି । ୨୫ ବିଘା ଜମିରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ସାଉଦି ଆରବର ଧାର୍ମିକ ନେତା ଆସିଥିଲେ । ଆସନ୍ତା ବର୍ଷ ରାଜ୍ୟରେ ନିର୍ବାଚନ ହେବାକୁ ଯାଉଥିବା ବେଳେ କବିରଙ୍କର ଏଭଳି କାର୍ଯ୍ୟ ବିବାଦ ସୃଷ୍ଟି କରିଛି ।

## ପାକ-ଆଫଗାନ୍ ସୀମାରେ ଗୁଳି ବିନିମୟ; ୪ ମୃତ

ଇସଲାମାବାଦ, ୬ ।୧୨(ଏଜେନ୍ସି): ପାକିସ୍ତାନ ଓ ଆଫଗାନିସ୍ତାନର ଚମନ-ସ୍ପିନ୍ ବୋଲଡାକ ସୀମାରେ ପୁଣି ଥରେ ଗୁଳି ବିନିମୟ ହୋଇଛି । ଗତ ରାତି ୧୦ଟାରେ ଗୁଳିବିନିମୟ ଆରମ୍ଭ ହୋଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହା ଚାଲିଥିଲା । ଦୁଇ ଦେଶ ପ୍ରଥମେ ଆକ୍ରମଣ କରିଛନ୍ତି ପରସ୍ପର ବିରୋଧରେ ଅଭିଯୋଗ ଆଣିଛନ୍ତି । ଏଥିରେ ୪ ଜଣ ଆଫଗାନ ନାଗରିକ ମୃତ୍ୟୁବରଣ କରିଥିବା ବେଳେ ୪ ଜଣ ଆହତ ହୋଇଛନ୍ତି । ଆଫଗାନ ତାଲିବାନ ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ୍ କହିଛନ୍ତି ଯେ, ପାକିସ୍ତାନ ହିଁ ସ୍ପିନ ବୋଲଡାକ ଓ କାନ୍ଦାହାର ରାଜ୍ୟରେ ପ୍ରଥମେ ଆକ୍ରମଣ କରିଥିଲା । ଫଳରେ ଆଫଗାନିସ୍ତାନକୁ ଏହାର ଜବାବ ଦେବାକୁ ହୋଇଥିଲା ବୋଲି ସେ କହିଛନ୍ତି । ଅପରପକ୍ଷରେ ଆଫଗାନିସ୍ତାନ ଚମନ ସୀମାରେ ପ୍ରଥମେ ଗୁଳି ଚଳାଇଥିଲା ବୋଲି ପାକିସ୍ତାନ ଅଧିକାରୀମାନେ କହିଛନ୍ତି । ପାକିସ୍ତାନ ନିଜର ସୀମା ରକ୍ଷା କରିବାକୁ ବଦ୍ଧ ପରିକର ଓ ଏହାର ଜବାବରେ ପାକିସ୍ତାନ ଦୃଢ଼ ଜବାବ ଦେଇଥିଲା ବୋଲି ପ୍ରଧାନମନ୍ତ୍ରୀଙ୍କ ମୁଖପାତ୍ର ମୋଶରାଫ ଜାଇଦି କହିଛନ୍ତି । ଦୁଇ ଦେଶ ମଧ୍ୟରେ ହୋଇଥିବା ଶାନ୍ତି କଥାବାର୍ତ୍ତର ୪୮ ଘଣ୍ଟା ପରେ ହିଁ ଗୁଳିବିନିମୟ ହୋଇଥିଲା । ଡିସେମ୍ବର ୨ରୁ ୪ ମଧ୍ୟରେ ସାଉଦି ଆରବରେ ଦୁଇ ଦେଶ ମଧ୍ୟରେ ଏହି ଶାନ୍ତି ଆଲୋଚନା ହୋଇଥିଲା ।

## ଦିଲ୍ଲୀ ଦୋକାନରେ ଲାଗିଲା ନିଆଁ: ଶ୍ୱାସରୁଦ୍ଧ ହୋଇ ଦମ୍ପତି ମୃତ

ନୂଆଦିଲ୍ଲୀ, ୬ ।୧୨(ଏଜେନ୍ସି): ଦିଲ୍ଲୀର ଟିକ୍ରି କଲାନ ଅଞ୍ଚଳରେ ଏକ ଦୋକାନରେ ନିଆଁ ଲାଗିବା ଫଳରେ ଶ୍ୱାସରୁଦ୍ଧ ହୋଇ ଏକ ଦମ୍ପତି ମୃତ୍ୟୁବରଣ କରିଛନ୍ତି । ଉତ୍ତରପ୍ରଦେଶର ଶାହାଜାନପୁର ୩୧ ବର୍ଷୀୟ ବିନିତ ଓ ତାଙ୍କ ୨୯ ବର୍ଷୀୟ ପତ୍ନୀ ରୀନା ନିଆଁରୁ ବର୍ତ୍ତିବା ପାଇଁ ଶଟରକୁ ପକାଇ ଦେଇଥିଲେ । କିନ୍ତୁ ବିଜୁଳି କରେଣ୍ଟ ଦ୍ୱାରା ଫସି ଯାଇଥିଲେ । ପ୍ରବଳ ଧୂଆଁ ଯୋଗୁଁ ଶ୍ୱାସରୁଦ୍ଧ ହେବା କାରଣରୁ ଦୁହେଁ ମୃତ୍ୟୁବରଣ କରିଛନ୍ତି ।

# ବିଶ୍ୱରେ ବ୍ୟାପୁଛି କର୍କଟ; ତୃତୀୟ ସ୍ଥାନରେ ଭାରତ

**ତମାଖୁ, ପ୍ରଦୂଷଣ, ଜୀବନଶୈଳୀ ହିଁ ମୁଖ୍ୟ କାରଣ**

ନୂଆଦିଲ୍ଲୀ, ୬ ।୧୨(ଏଜେନ୍ସି): ବିଶ୍ୱରେ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଭାରତ ଏହି କ୍ରମରେ ବିଶ୍ୱରେ ତୃତୀୟ ସ୍ଥାନରେ ରହିବା ଚିନ୍ତା ସୃଷ୍ଟି କରିଛି । ଗତବର୍ଷ ତୁଳନାରେ କର୍କଟ ରୋଗ ମାମଲାରେ ଯଥେଷ୍ଟ ବୃଦ୍ଧି ଘଟିଛି । ଭାରତରେ ଦ୍ରୁତଗତିରେ କର୍କଟ ବୃଦ୍ଧିପାଇବାରେ ଲାଗିଛି । ଲୋକସଭାରେ ସରକାର ଏନେଇ ଏକ ଚିନ୍ତାଜନକ ପରିସଂଖ୍ୟାନ ଉପସ୍ଥାପନ କରିଛନ୍ତି । ଅନ୍ତର୍ଜାତୀୟ କର୍କଟ ଗବେଷଣା ସଂସ୍ଥା ଗ୍ଲୋବାଲ କ୍ୟାନସର ଆଡଭାଇଜରୀ (ଆଇଏଆର୍‌ସି) ଦେଇଥିବା ସୂଚନା ଅନୁସାରେ ଭାରତରେ ୧୪, ୧୩, ୩୧୬ (ପ୍ରତି ଏକ ଲକ୍ଷ ଲୋକସଂଖ୍ୟାରେ ୯୮.୫) କର୍କଟ ମାମଲା ରହିଛି । କର୍କଟ ମାମଲା ସଂଖ୍ୟାରେ ଚୀନ ପ୍ରଥମ ସ୍ଥାନରେ ରହିଥିବା ବେଳେ ଆମେରିକା ଦ୍ୱିତୀୟ ସ୍ଥାନରେ ରହିଛି । ଚୀନ୍‌ରେ ୪୮, ୨୪, ୭୦୩ (ପ୍ରତି ଏକ ଲକ୍ଷରେ ୨୦୧.୬) ଓ ଆମେରିକାରେ ୨୩, ୮୦, ୧୮୯ (ପ୍ରତି ଏକ ଲକ୍ଷରେ ୩୬୭) କର୍କଟ ମାମଲା ଦେଖିବାକୁ ମିଳିଛି । ୨୦୨୦ରେ ଭାରତରେ ଆନୁମାନିକ ୧୩.୯୨ ଲକ୍ଷ କର୍କଟ ମାମଲା ଚିହ୍ନଟ ହୋଇଛି । ୨୦୨୪ରେ ଏହା ବୃଦ୍ଧି ପାଇ ୧୫.୩୩ ଲକ୍ଷରେ ପହଞ୍ଚିଛି । ଅର୍ଥାତ ମାତ୍ର ୫ ବର୍ଷ ମଧ୍ୟରେ ଏହି ମାମଲରେ ୧୦ ପ୍ରତିଶତ ବୃଦ୍ଧି ହୋଇଥିବା ଲକ୍ଷ୍ୟ କରାଯାଇଛି ।

ରାଜ୍ୟଗୁଡିକୁ ବିଚାର କଲେ ଛୋଟ ଛୋଟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ମାମଲା ଦ୍ରୁତଗତିରେ ବୃଦ୍ଧି ପାଇଛି । ତେବେ ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଓ ବିହାର ଭଳି ରାଜ୍ୟରେ କର୍କଟ ରୋଗୀଙ୍କ ସଂଖ୍ୟା ସବୁଠାରୁ ଅଧିକ ରହିଛି । କର୍କଟ ରୋଗୀ ସଂଖ୍ୟା ଉତ୍ତରପ୍ରଦେଶରେ ୨.୨୧, ମହାରାଷ୍ଟ୍ରରେ ୧.୨୭, ପଶ୍ଚିମବଙ୍ଗରେ ୧.୧୮ ଓ ବିହାରରେ ୧.୧୫ ଲକ୍ଷ ବୋଲି କୁହାଯାଇଛି । ସରକାରୀ ପରିସଂଖ୍ୟାନ ଅନୁଯାୟୀ ଡାମନରେ କର୍କଟ ମାମଲା ୩୯.୫୧ ପ୍ରତିଶତ ବୃଦ୍ଧି ପାଇଛି । ସେହିପରି ଏହା ଦାଦ୍ରା ଓ ନଗର ହାବେଳୀରେ ଏହା ୩୦.୦୯, ସିକ୍କିମରେ ୨୬.୦୬, ଲକ୍ଷାଦୀପରେ ୧୮.୫୨ ଓ ମଣିପୁରରେ ୧୮.୪୮ ପ୍ରତିଶତ ବୃଦ୍ଧି ପାଇଛି । ସେହିପରି ଦିଲ୍ଲୀ, ହାରିୟାଣା, ଝାଡଖଣ୍ଡ, ମଧ୍ୟପ୍ରଦେଶ ଓ କର୍ଣ୍ଣାଟକରେ ଏହି ମାମଲାରେ ୧୦ ପ୍ରତିଶତ ବୃଦ୍ଧି ହୋଇଛି ।

ତମାଖୁ ସେବନ, ପ୍ରଦୂଷଣ, ଦୈନନ୍ଦିନ ଜୀବନ ଶୈଳୀ କାରଣରୁ କର୍କଟ ବୃଦ୍ଧି ପାଇଛି ବୋଲି କୁହାଯାଇଛି । ୨୦୨୦ରୁ ୨୦୨୪ ମଧ୍ୟରେ ଏହି ମାମଲର ହାରରେ ବୃଦ୍ଧି ଦେଖିବାକୁ ମିଳିଛି । ପ୍ରତିବର୍ଷ ଲକ୍ଷ ଲକ୍ଷ ସଂଖ୍ୟାରେ ନୂଆ କର୍କଟ ରୋଗୀ ଚିହ୍ନଟ ହେଉଛନ୍ତି । ଏବେ ଏହା ଦେଶ ପାଇଁ ଏକ ବଡ଼ ତଥା ସ୍ଥାୟୀ ବିପଦ ଓ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି । ଆଗାମୀ କିଛି ବର୍ଷ ମଧ୍ୟରେ ଏଥିରେ ଆହୁରି ବୃଦ୍ଧି ଘଟିବ ବୋଲି ଆଶଙ୍କା କରାଯାଉଛି । କର୍କଟର ନିରାକରଣ ପାଇଁ ସ୍କାନିଂ, ଚିକିତ୍ସା ତଥା ଉପଚାର ଏବ ବ୍ୟାପକ ରଣନୀତିର ଆବଶ୍ୟକତା ରହିଛି ।




## ଟ୍ରମ୍ପଙ୍କୁ ପ୍ରଥମ ଫିଫା ଶାନ୍ତି ପୁରସ୍କାର

ୱାସିଂଟନ, ୬ ।୧୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଶେଷରେ ଏକ ଶାନ୍ତି ପୁରସ୍କାର ମିଳିଛି । ତାଙ୍କୁ ଶୁକ୍ରବାର ପ୍ରଥମ ଫିଫା ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଛି । ୨୦୨୬ ବିଶ୍ୱକପ୍ ଡ୍ରରେ ତାଙ୍କୁ ଏହି ପୁରସ୍କାରରେ ସମ୍ମାନୀତ କରାଯାଇଛି । ୱାସିଂଟନ ଡିସିରେ ୨୦୨୬ ଫିଫା ବିଶ୍ୱକପ୍ ପାଇଁ ଗ୍ରୁପର ଡ୍ର'ର ଆୟୋଜନ ହୋଇଥିଲା । ଏହି କାର୍ଯ୍ୟକ୍ରମର ଆରମ୍ଭରେ ଟ୍ରମ୍ପଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ପୂର୍ବରୁ ଟ୍ରମ୍ପ ନୋବେଲ ଶାନ୍ତିପାଇଁ ନିଜକୁ ହକଦାର ବୋଲି ଏକାଧିକ ବାର କହିଥିଲେ ଓ ଏଥିପାଇଁ ଅଭିଯାନ ମଧ୍ୟ ଚଳାଇଥିଲେ । ବିଶ୍ୱ ଫୁଟବଲ ପ୍ରଶାସନର ସର୍ବୋଚ୍ଚ ସଂସ୍ଥା ଫିଫା



ଯେବେଠାରୁ ଶାନ୍ତି ପୁରସ୍କାର ଦେବାକୁ ଘୋଷଣା କରିଥିଲା, ସେବେଠାରୁ ଟ୍ରମ୍ପ ଏହି ପୁରସ୍କାର ପାଇବେ ବୋଲି ଅନୁମାନ କରାଯାଉଥିଲା । ଫିଫା ଅଧ୍ୟକ୍ଷ ଜିଆନି ଇନଫାନଣ୍ଟିନୋ ଟ୍ରମ୍ପଙ୍କ ନିକଟତର ବୋଲି ଭଲଭାବେ ଜଣାଶୁଣା । ଗାଜାରେ ଯୁଦ୍ଧ ବିରତି ଲାଗୁ କରିବାରେ ଟ୍ରମ୍ପ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲେ । ତେଣୁ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ମିଳିବା ଉଚିତ ବୋଲି ଇନ୍‌ଫାଣ୍ଟିନୋ କହିଛନ୍ତି । ଉଲ୍ଲେଖଥାଉ କି, ଫିଫା ଗତ ନଭେମ୍ବରରେ ଫିଫା ଶାନ୍ତି ପୁରସ୍କାର ଦେବାକୁ ଘୋଷଣା କରିଥିଲା । ଟ୍ରମ୍ପଙ୍କୁ ଏହି ପୁରସ୍କାରର ପ୍ରଥମ ସଂସ୍କରଣ ସମ୍ମାନୀତ କରାଯାଇଛି । ପୁରସ୍କାର ପାଇବା ପରେ ଟ୍ରମ୍ପ ଖୁସି ଜାହିର କରିଛନ୍ତି । ଏହା ମୋ ଜୀବନର ଏକ ବଡ଼ ସମ୍ମାନ ବୋଲି ସେ କହିଛନ୍ତି । ପୁରସ୍କାର ବାବଦରେ ଇନଫାଣ୍ଟିନୋ ଟ୍ରମ୍ପଙ୍କୁ ଏକ ସୁନାର ଟ୍ରଫି ପ୍ରଦାନ କରିଥିଲେ । ଏଥିରେ ଟ୍ରମ୍ପଙ୍କ ନାମ ଖୋଦିତ ହୋଇଥିଲା । କେତୋଟି ହାତ ପୃଥିବୀକୁ ଧରି ରଖିଥିବାର ଏହି ଟ୍ରଫିରେ ଦେଖାଯାଇଛି ।

## ସୁଦାନ ସ୍କୁଲ୍‌ରେ ଡ୍ରୋନ୍ ଆକ୍ରମଣ, ୫୦ ମୃତ

ଖାର୍ତୁମ, ୬ ।୧୨(ଏଜେନ୍ସି): ଉତ୍ତରପୂର୍ବ ଆଫ୍ରିକୀୟ ଦେଶ ସୁଦାନର କାଲୋଗୀ ସହରରେ ଏକ ସ୍କୁଲ ଉପରେ ଡ୍ରୋନ ଦ୍ୱାରା ଆକ୍ରମଣ କରାଯାଇଛି । ଏଥିରେ ୫୦ଜଣ ମୃତ୍ୟୁବରଣ କରିଛନ୍ତି । ମୃତକଙ୍କ ମଧ୍ୟରେ ୩୩ଜଣ ଛୋଟପିଲା ସାମିଲ ରହିଛନ୍ତି । ସୁଦାନର ସିକ୍ୟୁରିଟି ଫୋର୍ସ ଆର୍‌ଏସ୍‌ଏଫ୍ ଏହି ଆକ୍ରମଣ କରିଛି ବୋଲି ଡାକ୍ତରଙ୍କ ଏକ ଦଳ କହିଛି । ଆହତଙ୍କୁ ଉଦ୍ଧାର କରିବାକୁ ଯାଇଥିବା ଲୋକଙ୍କ ଉପରେ ମଧ୍ୟ ଦ୍ୱିତୀୟଥର ପାଇଁ ଆକ୍ରମଣ କରାଯାଇଥିଲା । ଏହି ଅଞ୍ଚଳରେ ନେଟ୍‌ୱର୍କ ଓ ଫୋନ ସର୍ଭିସ ବନ୍ଦ ହେବା କାରଣରୁ ମୃତକଙ୍କ ସଂଖ୍ୟା ସମ୍ପର୍କରେ ସଠିକ ସୂଚନା ମିଳି ପାରିନାହିଁ । ମୃତ୍ୟୁ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି । ଗତ ଦୁଇବର୍ଷ ହେବ ଆରଏସ୍‌ଏଫ୍ ଓ ସୁଦାନ ସେନା ମଧ୍ୟରେ ଚାଲିଥିବା ସଂଘର୍ଷ କାରଣରୁ ଦେଶରେ ଗୃହଯୁଦ୍ଧ ଭଳି ସ୍ଥିତି ସୃଷ୍ଟି ହୋଇଛି ଓ ଏଥିରେ ଜନ ସାଧାରଣଙ୍କୁ ମୂଲ୍ୟ ଦେବାକୁ ପଡୁଛି । ୟୁନିସେଫ୍ ଏହି ଘଟଣାକୁ କଡ଼ା ନିନ୍ଦା କରିଛି । ସ୍କୁଲ୍‌ରେ ପିଲାଙ୍କ ମାରିବା ମାନବତାର ଉଲ୍ଲଂଘନ ବୋଲି ୟୁନିସେଫର ଅଧିକାରୀ ସେଲଡନ ୟେଟ୍ କହିଛନ୍ତି । କିଛିଦିନ ତଳେ ସୁଦାନ ସେନା ଆକ୍ରମଣରେ ପାଖାପାଖି ୪୮ ଲୋକ ମୃତ୍ୟୁବରଣ କରିଥିଲେ ଓ ଏନେଇ ସାରା ବିଶ୍ୱରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା ।

## ଦକ୍ଷିଣ ଆଫ୍ରିକା ହଷ୍ଟେଲରେ ଗୁଳିକାଣ୍ଡ; ୧୧ ମୃତ, ୧୪ ଆହତ

ଜୋହାନ୍ସବର୍ଗ, ୬ ।୧୨(ଏଜେନ୍ସି): ଦକ୍ଷିଣ ଆଫ୍ରିକାର ପ୍ରିଟୋରିଆରେ ଏକ ହଷ୍ଟେଲରେ ଶନିବାର ଗୁଳିକାଣ୍ଡ ହୋଇଛି । ଏଥିରେ ୧୧ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୪ ଜଣ ଆହତ ହୋଇଛନ୍ତି । ଏଥିରେ ୨୫ଜଣ ଲୋକଙ୍କୁ ଗୁଳି ମରାଯାଇଥିଲା ବୋଲି ପୁଲିସ କହିଛି । ସକାଳେ ହଷ୍ଟେଲ ଭିତରେ କିଛି ଲୋକ ମଦ୍ୟପାନ କରୁଥିବାବେଳେ ଏହି କାଣ୍ଡ ଘଟିଥିଲା । ମୃତକଙ୍କ ମଧ୍ୟରେ ୧୨, ୧୬ ଓ ୩ ବର୍ଷର ଛୋଟପିଲା ସାମିଲ ରହିଛନ୍ତି । ୩ ବର୍ଷର ପିଲାଟି ଏହି ଅବୈଧ ମଦ ବାରର ମାଲିକଙ୍କ ପୁଅ ବୋଲି କୁହାଯାଇଛି । ଏହି ମାମଲାରେ ଏପର୍ଯ୍ୟନ୍ତ କାହକୁ ଗିରଫ କରାଯାଇନାହିଁ ବୋଲି କୁହାଯାଇଛି । ଘଟଣାସ୍ଥଳରେ ୧୦ ଜଣ ମୃତ୍ୟୁବରଣ କରିଥିଲେ ଓ ଆଉଜଣେ ହସ୍ପିଟାଲରେ ପ୍ରାଣ ହରାଇଥିଲେ । ଏବେ ୧୪ ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଏବେ ଦକ୍ଷିଣ ଆଫ୍ରିକାରେ ଅବୈଧ ମଦବାର ସରକାରଙ୍କ ପାଇଁ ନୂଆ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଗତ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ଦେଶରେ ୧୧, ୯୭୫ଟି ଅବୈଧ ମଦବାରକୁ ବନ୍ଦ କରାଯାଇଛି ବୋଲି ସରକାରଙ୍କ ତରଫରୁ କୁହାଯାଇଛି ।

## ଇମ୍ରାନ ମାନସିକ ଅସୁସ୍ଥ: ପାକ୍ ସେନା

ଇସ୍‌ଲାମାବାଦ୍, ୬ ।୧୨(ଏଜେନ୍ସି): ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ମାନସିକ ରୁଗ୍ଣ ଅଛନ୍ତି ବୋଲି ପାକିସ୍ତାନ ସେନା କହିଛି । ଇଣ୍ଟର ସର୍ଭିସେସ୍ ପବ୍ଲିକ୍ ରିଲେସନ (ଆଇଏସ୍‌ପିଆର୍) ନିର୍ଦ୍ଦେଶକ ଲେଫ୍ଟନାଣ୍ଟ ଜେନେରାଲ ଅହମ୍ମଦ ସରିଫ ଚୌଧୁରୀ କହିଛନ୍ତି ଯେ, ଇମ୍ରାନ ଏବେ ରାଷ୍ଟ୍ରୀୟ ସୁରକ୍ଷା ପାଇଁ ବିପଦ । ସାମ୍ବାଦିକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସେ ଇମ୍ରାନକୁ ସମାଲୋଚନା କରିଥିଲେ । ସେ ଜାଣିଶୁଣି ସେନା ବିପକ୍ଷରେ ମିଛ ଗୁଜବ ପ୍ରଚାର କରିବାକୁ ପ୍ରୟାସ କରୁଛନ୍ତି । ସେ ଇମ୍ରାନଙ୍କ ଟୁଇଟ୍ ଦେଖାଇ ଏହି କଥା କହିଛନ୍ତି । ସେନାକୁ ରାଜନୀତି ଭିତରକୁ ନ ନେବାକୁ ଚୌଧୁରୀ ପରାମର୍ଶ ଦେଇଛନ୍ତି । ଇମ୍ରାନ ସମ୍ବିଧାନଠାରୁ ନିଜର ବ୍ୟକ୍ତିଗତ ଲାଭକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି । ସେ ନିଜକୁ ବହୁତ ବଡ଼ ଭାବୁଛନ୍ତି । ଯଦି ମୁଁ ନାହିଁ ତ, କିଛି ନାହିଁ ବୋଲି ଇମ୍ରାନ ଭାବୁଛନ୍ତି । ସେ ରାଷ୍ଟ୍ରୀୟ ସୁରକ୍ଷା ପାଇଁ ଏବେ ବିପଦ ସୃଷ୍ଟି କରିଛନ୍ତି ବୋଲି ଚୌଧୁରୀ କହିଛନ୍ତି ।

### ରାଜ୍ୟରେ ମାନବ ଚାଲାଣ ପ୍ରସଙ୍ଗକୁ ନେଇ ଉଦ୍‌ବେଗ

# ଗୃହରେ ଉପ-ମୁଖ୍ୟମନ୍ତ୍ରୀ ବିବୃତି ରଖିବାକୁ ବାଚସ୍ପତି ଦେଲେ ରୁଲିଂ

ଭୁବନେଶ୍ୱର,୬।୧୨(ସମିସ): ମାନବଚାଲାଣ ଓ ଶିଶୁ ନିର୍ଯାତନାକୁ ନେଇ ଶନିବାର ଶୂନ୍ୟକାଳରେ ଗୃହରେ ଉଦ୍‌ବେଗ ପ୍ରକାଶ କରିଛନ୍ତି ବିରୋଧୀ ବିଜେଡି ବିଧାୟକ। ରାଜ୍ୟରେ ଏଭଳି ମାନବଚାଲାଣ ଚାଲିଛି ଯାହା ବ୍ୟବସ୍ଥାର ବିକଳ ଚିତ୍ରକୁ ପଦାରେ ପକାଉଛି ବୋଲି ବିରୋଧୀ ଦଳ ମୁଖ୍ୟ ସଚେତିକା ପ୍ରମିଳା ମଲ୍ଲିକ କହିଛନ୍ତି।

ପ୍ରମିଳା କହିଲେ, ରାଉରକେଲାର ସେକ୍ଟର୍-୩ ଓ ୪ରୁ ନାବାଳିକାଙ୍କୁ ରାଜସ୍ଥାନରେ ବିକ୍ରି କରାଯାଇଛି। ସେଠାରେ ସେମାନଙ୍କୁ ଅକଥନୀୟ ନିର୍ଯାତନା ଦିଆଯାଉଛି। ଏହାକୁ ରୋକିବା ପାଇଁ କ'ଣ ନିୟମ ରହିଛି। ସରକାର ଏଥିପାଇଁ କିଛି ନିୟମ କରିଛନ୍ତି କି ବୋଲି ସେ ପ୍ରଶ୍ନ କରିଥିଲେ। ଏ ରାଜ୍ୟରେ ଶିଶୁମାନେ ବି ସୁରକ୍ଷିତ ନୁହେଁ। ନୀଳଗିରିର ଏକ ହଷ୍ଟେଲରେ ଜଣେ ଛାତ୍ରକୁ ଶିକୁଳିରେ ବାନ୍ଧି ଶିକ୍ଷକ ବାହାରକୁ ଚାଲିଗଲେ। ଏଯାଏ ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ଶିଶୁ ଉପରେ ଅତ୍ୟାଚାର ଯୋଗୁଁ ଭବିଷ୍ୟତ ପିଢ଼ି ସୁରକ୍ଷିତ ନୁହନ୍ତି। ୨୦୦୮-୦୯ ମସିହାରେ ତତ୍କାଳୀନ ରାଜ୍ୟ ସରକାର ଝିଅମାନେ ବାହାରକୁ ଯିବା ପାଇଁ ଏକ ସ୍ୱତନ୍ତ୍ର ନିୟମ ଆଣିଥିଲେ। ବାହାରକୁ ଯିବାକୁ ହେଲେ ତହସିଲଦାର, ସିଡିପିଓଙ୍କ ଅନୁମତି ଆଣିବାକୁ ସେତେବେଳେ ନିୟମ କରାଯାଇଥିଲା। ଏହି ନିୟମ ଏବେ ପାଳନ ହେଉଛି କି ନାହିଁ, ଶ୍ରୀମତୀ ମଲ୍ଲିକ ପ୍ରଶ୍ନ କରିଥିଲେ। ମାନବଚାଲାଣ, ମହିଳା-ଶିଶୁ ଚାଲାଣ ଓ ଅତ୍ୟାଚାର କିପରି ରୋକାଯାଇପାରିବ, ସେନେଇ ଗୃହରେ ଉପମୁଖ୍ୟମନ୍ତ୍ରୀ ବିବୃତି ରଖନ୍ତୁ। ଏନେଇ ବାଚସ୍ପତି ରୁଲିଂ ଦେବାକୁ ସେ ଦାବି କରିଥିଲେ।

ଏହାକୁ ଆଧାର କରି ବାଚସ୍ପତି ସୁରମା ପାଢ଼ୀ ଚଳିତ ଅଧିବେଶନ ଭିତରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏ ସମ୍ବନ୍ଧରେ ତର୍ଜମା କରି ଗୃହରେ ବିବୃତି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି, ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ ମଧ୍ୟ ରାଜ୍ୟରେ ଛାତ୍ରଛାତ୍ରୀଙ୍କ ଉପରେ ବଢୁଥିବା ନିର୍ଯାତନାକୁ ନେଇ ଗୃହରେ କ୍ଷୋଭ ପ୍ରକାଶ କରିଛନ୍ତି। ସେ କହିଥିଲେ, ନିକଟରେ କ୍ରମାଗତ ଭାବେ ଏ ସମ୍ପର୍କିତ ୩ଟି ଘଟଣା ସାମ୍ନାକୁ ଆସିଲାଣି। ଦଶପଲ୍ଲାରେ ଏକ ଘରୋଇ ସ୍କୁଲରେ ଜଣେ ଅଷ୍ଟମ ଛାତ୍ରଙ୍କୁ ଦଶମ ଛାତ୍ର ରାଗିଂ କରିଛନ୍ତି। ସ୍କୁଲକୁ ସରକାର ଦଣ୍ଡମୁକ୍ତ ଅଞ୍ଚଳ କହୁଥିବା ବେଳେ ଏହାକୁ ସୁନିଶ୍ଚିତ କରାଯାଉ ବୋଲି ସେ ଦାବି କରିଥିଲେ।

# ଗାନ୍ଧୀ ମାର୍ଗରେ ଗର୍ଜିଲେ ଏସ୍‌ଏସ୍‌ବି ଅଧ୍ୟାପକ

ଭୁବନେଶ୍ୱର, ୬।୧୨(ସମିସ): ସମାନ କାମକୁ ସମାନ ଦରମା ଦେଉନାହାନ୍ତି ସରକାର। ବାରମ୍ବାର ଦାବି କରୁଥିଲେ ମଧ୍ୟ କର୍ଣ୍ଣପାତ କରୁ ନାହାନ୍ତି। ସରକାରଙ୍କ ବୈମାତୃକ ମନୋଭାବକୁ ଆଉ ସହିବୁ ନାହିଁ, ନିର୍ଣ୍ଣାୟକ ଲଢ଼େଇ ଲଢ଼ିବୁ। ରାଜ୍ୟର ୪୮୮ ବର୍ଗ ବେସରକାରୀ ଅନୁଦାନପ୍ରାପ୍ତ କଲେଜରେ କାର୍ଯ୍ୟରତ ଏସ୍‌ଏସ୍‌ବି ଅଧ୍ୟାପକମାନେ ଏପରି ଭାବେ ଶନିବାର ବିଧାନସଭା ସମ୍ମୁଖରେ ନିଜର କ୍ଷୋଭ ବ୍ୟକ୍ତ କରିଛନ୍ତି।

- ■ 'ସମାନ କାମକୁ ସମାନ ଦରମା ଦିଅ'
- ■ ତ୍ୱରିତ ଦାବି ପୂରଣ ନ କଲେ +୨ ପରୀକ୍ଷା ବର୍ଜନ ଚେତାବନୀ

ରାଜ୍ୟ ଏସ୍‌ଏସ୍‌ବି ସଂଘ "ଓସଲା' ପକ୍ଷରୁ କୁହାଯାଇଛି ଯେ, କଲେଜରେ ଅଧ୍ୟାପନା କରୁଥିଲେ ମଧ୍ୟ ହାଇସ୍କୁଲ୍ ଶିକ୍ଷକଙ୍କ ପରି ଦରମା ପାଉଛନ୍ତି। ସରକାରୀ ମହାବିଦ୍ୟାଳୟର ଅଧ୍ୟାପକଙ୍କ ପରି ସମାନ କାର୍ଯ୍ୟ କରୁଛନ୍ତି। ହେଲେ ସେମାନଙ୍କୁ ପ୍ରାଧ୍ୟାପକର ମାନ୍ୟତା କିମ୍ବା ସେହି ଆଧାରରେ ଦରମା ପ୍ରଦାନ କରାଯାଉ ନାହିଁ। ଏହା ସେମାନଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ବୋଲି ଅଭିଯୋଗ କରିବା ସହ ତୁରନ୍ତ ସେମାନଙ୍କୁ ୬ହଜାର ଗ୍ରେଡ ପେ' ପ୍ରଦାନ କରିବାକୁ ଦାବି କରିଛନ୍ତି। ଏହାସହ ଘରଭଡ଼ା, ଅବସରକାଳୀନ ଗ୍ରାଚ୍ୟୁଇଟି ଓ ଅନ୍ୟାନ୍ୟ ସରକାରୀ ସୁବିଧା, ପ୍ରାଧ୍ୟାପକ ମାନ୍ୟତା, ଅଧ୍ୟାପିକାଙ୍କୁ ସ୍ୱତନ୍ତ୍ର ଛୁଟି ଏବଂ ତୁରନ୍ତ ପଦୋନ୍ନତି ଦେବା ପାଇଁ ସଂଘ ପକ୍ଷରୁ ମୋଟ୍ ୭ ଦଫା ଦାବିରେ ଆନ୍ଦୋଳନ କରାଯାଇଛି। ସଂଘର




କାର୍ଯ୍ୟକାରୀ ସଭାପତି ମାନସ କୁମାର ସାହୁ କହିଛନ୍ତି ଯେ ୧୯୮୯ରେ ନିଯୁକ୍ତ ଏସ୍‌ଏସ୍‌ବି ଅଧ୍ୟାପକଙ୍କୁ ସରକାରୀ କଲେଜ ଅଧ୍ୟାପକଙ୍କ ପରି ସମାନ ଦରମା ମିଳୁଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସେମାନଙ୍କ ଗ୍ରେଡ ପେ'କୁ କମାଇ ଦିଆଯାଇଛି। ଏଣୁ ସେମାନଙ୍କୁ ୬ହଜାର ଗ୍ରେଡ୍-ପେ' ପ୍ରଦାନ କରିବାକୁ ଦାବି କରିଛନ୍ତି। ସେମାନଙ୍କ ଦାବିକୁ ତୁରନ୍ତ ସମାଧାନ କରା ନ ଗଲେ ସେମାନେ ଯୁକ୍ତ ଦୁଇ ପରୀକ୍ଷା ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି। ଆନ୍ଦୋଳନରେ ସଂଘର ସମ୍ପାଦକ ଗୌରବ ଶର୍ମାଙ୍କ ସମେତ ଯୁଗ୍ମ ସମ୍ପାଦକ ତୁଳସୀ ରାଉତ, କୋଷାଧ୍ୟକ୍ଷ ଡ. ଗୟାଧର ମଲ୍ଲିକ ଏବଂ ଯୁଗ୍ମ କୋଷାଧ୍ୟକ୍ଷ ତଥାଗତ ରାଉତ ପ୍ରମୁଖ ବିକ୍ଷୋଭର ପରିଚାଳନା କରିଥିବାବେଳେ ବହୁ ଅଧ୍ୟାପକ ଅଧ୍ୟାପିକା ସାମିଲ ହୋଇଛନ୍ତି।

# ମୁଣ୍ଡ ଉପରେ ଚଢ଼ିଗଲା ଟ୍ରେଲର୍; ୨ ମୃତ

ବଣାଇଁ, ୬।୧୨(ସମିସ): ବଣାଇଁ ଉପଖଣ୍ଡ ଲହୁଣୀପଡ଼ା ଥାନା ଅଧୀନ ବାରକୋଟ ରାଜାମୁଣ୍ଡା ୧୪୩ ନମ୍ବର ଜାତୀୟ ରାଜପଥର ଗମଲେଇ ଛକ ନିକଟରେ ଏକ ଟ୍ରେଲର୍ ଧକ୍କାରେ ଦୁଇ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ଟିକ୍ରାପୋଷ ଗ୍ରାମର ଲକ୍ଷ୍ମୀଧର କିସାନ (୩୪) ଏବଂ ଝସକେତନ କିସାନ(୪୭)। ଦୁହେଁ ଏକ ବାଇକ୍‌ରେ ଗମଲେଇ ସାପ୍ତାହିକ ହାଟକୁ ଛେଳି କିଣିବାକୁ ଯାଉଥିଲେ। ଏହି ସମୟରେ ପଛପଟୁ ଲୁହାବିମ୍ ବୋଝେଇ ହୋଇଥିବା ଏକ ଟ୍ରେଲର୍ ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଉଭୟ ରାସ୍ତା ଉପରେ ଛିଟିକି ପଡ଼ିଥିବା ବେଳେ ଟ୍ରେଲରଟି ସେମାନଙ୍କ ମୁଣ୍ଡ ଉପରେ ମାଡ଼ି ଯାଇଥିଲା। ଲହୁଣୀପଡ଼ା ପୁଲିସ ପହଞ୍ଚି ଉଭୟଙ୍କ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନାକୁ ପଠାଇଛି। ପୁଲିସ୍ ଦୁର୍ଘଟଣା ଘଟାଇଥିବା ଟ୍ରେଲରକୁ ଜବତ କରିବା ସହ ଚାଳକକୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି।

# ନିଶାଡ଼ି ମା'କୁ ଠେଙ୍ଗାରେ ପିଟି ହତ୍ୟା

ମାଥିଲି, ୬।୧୨(ସମିସ): ମଦ ପିଇ ଘରେ ବିଶୃଙ୍ଖଳା କରିବାରୁ ମା'କୁ ଠେଙ୍ଗାରେ ପିଟିପିଟି ମାରିଦେଲା ସାନପୁଅ। ଏଭଳି ଏକ ଅଭାବନୀୟ ଘଟଣା ମାଲକାନଗିରି ଜିଲ୍ଲାର ମାଥିଲି ଥାନା ଅନ୍ତର୍ଗତ ପାଙ୍ଗାମ ପଞ୍ଚାୟତ ବଡାଗୁଡ଼ାରେ ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଗ୍ରାମର ଦାନେ ଭୁମିଆ। ସୂଚନାନୁଯାୟୀ, ଦାନେ ପ୍ରତିଦିନ ମଦ ପିଇ ଘରକୁ ଆସି ବିଶୃଙ୍ଖଳା ସୃଷ୍ଟି କରେ। ସାନପୁଅ ମତିସିଂହ ଭୁମିଆ(୨୨) ମା'କୁ ମଦ ନ ପିଇବା ପାଇଁ ବାରମ୍ବାର ବାରଣ କରିଆସୁଥିଲା। କିନ୍ତୁ ଦାନେ ଶୁଣୁନଥିଲା। ଆଜି ମଧ୍ୟ ଦାନେ ମଦ ପିଇ ଘରକୁ ଆସି ବିଶୃଙ୍ଖଳା ସୃଷ୍ଟି କରିବାରୁ ମା'-ପୁଅ ମଧ୍ୟରେ ବହୁ ସମୟ ଧରି ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ମତିସିଂହ ଘରେ ଥିବା ଏକ ଠେଙ୍ଗାରେ ପିଟିପିଟି ଦାନେଙ୍କୁ ହତ୍ୟା କରିଥିଲା। ମାଥିଲି ଥାନା ଅଧିକାରୀ ଦୀପାଞ୍ଜଳି ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ମତିସିଂହକୁ ଗିରଫ କରିଛି।

### ପୋଷା ନେଉଳ ହତ୍ୟାର ପ୍ରତିଶୋଧ

# ବୃଦ୍ଧଙ୍କୁ ଖଣ୍ଡାରେ ହାଣିଦେଲା ନାବାଳକ

କବିସୂର୍ଯ୍ୟନଗର,୬।୧୨(ସମିସ): ନେଉଳ ହତ୍ୟାର ପ୍ରତିଶୋଧ ନେବାକୁ ଯାଇ ବୃଦ୍ଧଙ୍କୁ ଖଣ୍ଡାରେ ହାଣି ମାରିଦେଲା ନାବାଳକ। ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ପଥରାପଲ୍ଲୀ ଗାଁରେ ଏଭଳି ଏକ ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, କୃଷ୍ଣଚନ୍ଦ୍ର ମହାନ୍ତି(୭୨)। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ନାବାଳକକୁ ଅଟକ ରଖିଛି।

ସୂଚନାନୁଯାୟୀ, କୃଷ୍ଣଚନ୍ଦ୍ର ଶୁକ୍ରବାର ଦୋକାନରୁ ଚିକେନ୍ କିଣି ଆଣି ରୋଷେଇ ପାଇଁ ଘରେ ରଖିଥିଲେ। ଏହି ସମୟରେ ପଡ଼ିଶା ଘରର ଏକ ପୋଷା ନେଉଳ ଆସି ଚିକେନ୍ ଖାଇ ଦେଇଥିଲା। ଏ ସଂପର୍କରେ କୃଷ୍ଣଚନ୍ଦ୍ର ପଡ଼ୋଶୀଙ୍କୁ ତାଗିଦ୍ କରିଥିଲେ। କିନ୍ତୁ ଶନିବାର ସକାଳେ ପୁଣି ନେଉଳଟି ବୃଦ୍ଧଙ୍କ ଘରେ ପଶିଥିଲା। କୃଷ୍ଣଚନ୍ଦ୍ର ତା' ଉପରକୁ ଏକ ଠେଙ୍ଗା ପକାଇଥିଲେ। ଏଥିରେ ନେଉଳଟିର ମୃତ୍ୟୁ ଘଟିଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ନେଉଳ ପୋଷିଥିବା ୧୫ବର୍ଷୀୟ ନାବାଳକ ମୁଣ୍ଡକୁ ପିତ୍ତ ଚଢ଼ି ଯାଇଥିଲା। ଘରେ ଥିବା ଏକ ଖଣ୍ଡା ଆଣି କୃଷ୍ଣଚନ୍ଦ୍ରଙ୍କ ମୁଣ୍ଡକୁ ହାଣି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କବିସୂର୍ଯ୍ୟନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। କୃଷ୍ଣଚନ୍ଦ୍ରଙ୍କ ବୋହୂ ନିବାସିନୀ ମହାନ୍ତିଙ୍କ ଏତଲା ଆଧାରରେ ପୁଲିସ ଏକ ମାମଲା ରୁଜୁକରି ନାବାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି।

# ବେକରେ ରଶି ବାନ୍ଧି ଗାଁ ଦାଣ୍ଡରେ ଘୋଷାଡ଼ିଲେ

ବାଲେଶ୍ୱର, ୬।୧୨ (ସମିସ): ଯୁବକଙ୍କ ବେକରେ ରଶି ଲଗାଇ ଗାଁ ଦାଣ୍ଡରେ ଘୋଷାଡ଼ିଲେ। ୧୦୦ କି ୨୦୦ ମିଟର ନୁହେଁ, ଦୀର୍ଘ ୨କିମିରୁ ଊର୍ଦ୍ଧ୍ୱ ବାଟ ସେମିତି ଘୋଷାଡ଼ି ଘୋଷାଡ଼ି ନେଲେ। ମଝିମଝିରେ ତାଙ୍କୁ ରାସ୍ତାରୁ ଉଠାଇ ମିଳିମିଶି ଗୋଇଠା, ବିଧା, ଚାପୁଡ଼ା ବି ମାରିଲେ। ସେତିକିରେ ମନ ଶାନ୍ତି ହେଲାନି ଯେ ଏପରି ଅକଥନୀୟ

### ଅଚେତ ଯୁବକଙ୍କୁ ଫାଣ୍ଡି ଆଗରେ ଫିଙ୍ଗିଦେଲେ

### ଭିଡିଓ ଭାଇରାଲ; ଥାନାରେ ମାମଲା



ନିର୍ଯାତନା ସହି ନପାରି ଚେତାଶୂନ୍ୟ ହୋଇଯିବା ପରେ ଯୁବକଙ୍କୁ ଫାଣ୍ଡି ଆଗରେ ଫିଙ୍ଗି ଦେଇ ଚାଲିଆସିଲେ। ବାଲେଶ୍ୱର ଜିଲ୍ଲା ସଦର ଥାନା ଅନ୍ତର୍ଗତ ପରିଖି ଫାଣ୍ଡି ଅଧୀନରେ ଘଟିଥିବା ଏଭଳି ଏକ ବର୍ବରୋଚିତ ଘଟଣା ବାଲେଶ୍ୱର ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଏହାର ଏକ ଭିଡିଓ ଏବେ ଜୋରସୋର୍‌ରେ ଭାଇରାଲ ହେବାରେ ଲାଗିଛି। ଏପରି ଅମାନୁଷିକ ନିର୍ଯାତନାର ଶିକାର ହୋଇଥିବା ଯୁବକଜଣଙ୍କ ହେଲେ, ପରିଖି ଅଞ୍ଚଳର ଦେବାଶିଷ ହାତୀ। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସର୍ଜରୀ ୱାର୍ଡରେ ଭର୍ତ୍ତି କରାଯାଇଛି। ହସ୍ପିଟାଲ ବେଡ୍‌ରେ ସେ ଏବେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏ ସଂପର୍କରେ ଦେବାଶିଷଙ୍କ ପତ୍ନୀ ସଦର ଥାନାରେ ଅଭିଯୋଗ କରିବାରୁ ପୁଲିସ ନମ୍ବର

### ମରିଗଲାଣି ମାନବିକତା

୫୭୪/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କିନ୍ତୁ ଏହି ଘଟଣାକୁ ୪ଦିନ ବିତିଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ପୁଲିସ କାହାରିକୁ ଗିରଫ କରିପାରିନାହିଁ।

ସୂଚନାନୁଯାୟୀ, ଗତ ୩ ତାରିଖ ଅପରାହ୍ଣ ସାଢ଼େ ୩ଟାରେ ପରିଖି ଅଞ୍ଚଳରେ ଏହି ଘଟଣା ଘଟିଥିଲା। ଏହାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଦେଖିବାକୁ ମିଳିଛି ଯେ କିଛି ଗ୍ରାମବାସୀ ଦେବାଶିଷଙ୍କ ବେକ ଓ ଦେହରେ ରଶି ବାନ୍ଧି ତାଙ୍କୁ ଗାଁ ଦାଣ୍ଡରେ ଘୋଷାଡ଼ି ଘୋଷାଡ଼ି ନେଉଛନ୍ତି। ମଝି ରାସ୍ତାରେ ତାଙ୍କୁ ବିଧା ଗୋଇଠା ମାରିବା ସହ ପୁଣି ତାଙ୍କୁ ବାଇକ୍‌ରେ ବସାଇ ନେଇ ଯାଉଛନ୍ତି। ଏହି ଘଟଣାର ପ୍ରକୃତ କାରଣ ଜଣାପଡ଼ି ନଥିବା ବେଳେ ଜମିଜମା ବିବାଦରୁ ଘଟିଥିବା କୁହାଯାଉଛି। କମ୍ ଦାମରେ ଜମି କିଣିବା ପାଇଁ ଗାଁର କିଛି ଲୋକ ଦେବାଶିଷଙ୍କୁ ବାଧ୍ୟ କରୁଥିଲେ। ସେ ରାଜି ନ ହେବାରୁ ତାଙ୍କ ଜମିକୁ ନଷ୍ଟ କରିବା ପରେ ତାଙ୍କୁ ଅମାନୁଷିକ ଭାବେ ଆକ୍ରମଣ କରିଥିଲେ। ପରେ ତାଙ୍କୁ ଅଚେତ ଅବସ୍ଥାରେ ପରିଖି ଫାଣ୍ଡି ସମ୍ମୁଖରେ ଛାଡ଼ି ପଳାଇ ଯାଇଥିଲେ।

ଏହି ଘଟଣାକୁ ନେଇ ଅତିରିକ୍ତ ଏସ୍‌ପି ଦିବ୍ୟଜ୍ୟୋତି ନାୟକ କହିଛନ୍ତି, ସଦର ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। କେଉଁ ପରିସ୍ଥିତିରେ ଓ କେଉଁମାନେ ଏହି ଘଟଣା ଘଟାଇଛନ୍ତି, ତାହାକୁ ନେଇ ଖୋଳତାଡ଼ ଚାଲିଛି। ଖୁବ୍‌ଶୀଘ୍ର ଅପରାଧୀମାନଙ୍କୁ ଧରାଯିବ। ସେହିପରି ଫାଣ୍ଡି ପରିସରରେ ଯୁବକଙ୍କୁ ନିସ୍ତୁକ ମାଡ଼ ମାରି ଫିଙ୍ଗିଦେଇ ପଳାଇବା ଘଟଣାକୁ ନେଇ ସ୍ଥାନୀୟ ପୁଲିସର ଭୂମିକା ଉପରେ ମଧ୍ୟ ତଦନ୍ତ କରାଯିବ। ଘଟଣାରେ ଯେଉଁମାନଙ୍କ ସମ୍ପୃକ୍ତି ରହିଛି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ହାତୀ ଆକ୍ରମଣରେ ଯୁବକ ମୃତ



କରଞ୍ଜିଆ/ଶୁକୃଳି, ୬।୧୨(ସମିସ): ଶନିବାର ହାତୀ ଆକ୍ରମଣରେ ଜଣେ ଯୁବକଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ, କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଜାମଦାପାଳ ଗ୍ରାମର ଜୁନା ନାଏକ(୨୩)। କରଞ୍ଜିଆ ବନଖଣ୍ଡ ଅଞ୍ଚଳରେ ଖାଦ୍ୟ ଅନ୍ୱେଷଣରେ ହାତୀମାନଙ୍କ ଚଳପ୍ରଚଳ ଜାରି ରହିଛି। ଶୁକ୍ରବାର ରାତିରେ ପାର୍ବତୀପୁର ଗ୍ରାମର ଆମ୍ବ ବଗିଚାକୁ ଜୁନା ଯାଇଥିବା ବେଳେ ହଠାତ ଏକ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ସହ ପାଦରେ ଦଳି ଦେଇଥିଲା। ଖବର ପାଇ ବନବିଭାଗ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଶୁକୃଳି ହସ୍ପିଟାଲରେ ଭର୍ତ୍ତି କରାଇଥିଲା। ଅବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ କେନ୍ଦୁଝର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

DSPL-398

ସତ୍ୟମେବ ଜୟତେ



**ସଶସ୍ତ୍ର ବାହିନୀ ପତାକା ଦିବସ ଅବସରରେ ବାର୍ତ୍ତା**

ସଶସ୍ତ୍ର ବାହିନୀ ପତାକା ଦିବସ ୨୦୨୫ ଡିସେମ୍ବର ୭ ତାରିଖରେ ପାଳନ ଅବସରରେ ମୁଁ ସଶସ୍ତ୍ର ବାହିନୀର ସମସ୍ତ ପଦାଧିକାରୀ ଏବଂ ପୂର୍ବତନ ସୈନିକ ଓ ସେମାନଙ୍କ ପରିବାରବର୍ଗଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭେଚ୍ଛା ଜଣାଉଛି ।

ସଶସ୍ତ୍ର ବାହିନୀ ସର୍ବଦା ଆମ ମାତୃଭୂମିର ସାର୍ବଭୌମତ୍ୱ ଏବଂ କ୍ଷେତ୍ରୀୟ ଅଖଣ୍ଡତାକୁ ରକ୍ଷା କରିବାରେ ସାହସ, ବୀରତ୍ୱ ଏବଂ ଦେଶପ୍ରେମ ପ୍ରଦର୍ଶନ କରିଛି । ଅନେକ ସାହସୀ ଏବଂ ବୀର ସୈନିକ ଆମ ଜାତିର ସେବାରେ ସେମାନଙ୍କର ସର୍ବୋଚ୍ଚ ବଳିଦାନ ଦେଇଛନ୍ତି । ଅପରେସନ୍ ସିନ୍ଦୁର ସମୟରେ ଆମର ସଶସ୍ତ୍ର ବାହିନୀ ପୁଣି ଥରେ ଅତୁଳନୀୟ ସମର୍ପଣ, ବୀରତ୍ୱ ଓ ନିଃସ୍ୱାର୍ଥପର ସେବା ପ୍ରଦର୍ଶନ କରିଛି, ଯାହା ଆମ ଲୋକଙ୍କ ହୃଦୟରେ ଏକ ବିଶେଷ ସ୍ଥାନ ଦାଖଲ କରିଛି । ସଶସ୍ତ୍ର ବାହିନୀ ପତାକା ଦିବସ ଆମକୁ ପତାକା ଦିବସ ପାଣ୍ଠିରେ ଦାନ କରି ସାହସୀ କର୍ମଚାରୀମାନଙ୍କ ସହିତ ଆମର ଏକତାକୁ ପ୍ରକାଶ କରିବାର ସୁଯୋଗ ପ୍ରଦାନ କରେ, ଯାହା ଯୁଦ୍ଧ ବିଧବା, ସହିଦଙ୍କ ସନ୍ତାନ, କର୍ତ୍ତବ୍ୟ ପାଳନ ସମୟରେ ଆହତ ହୋଇଥିବା ସାହସୀ ସୈନିକ ଏବଂ ପୂର୍ବତନ ସୈନିକଙ୍କ କଲ୍ୟାଣ ଏବଂ ପୁନର୍ବାସକୁ ସହାୟତା କରିବ ।

ଏହି ପବିତ୍ର ଅବସରରେ ମୁଁ ସମସ୍ତ ନାଗରିକଙ୍କୁ ଆହ୍ୱାନ କରୁଛି ଯେ ସେମାନେ ଏହି ମହାନ କାର୍ଯ୍ୟରେ ଉଦାରତାର ସହିତ ଯୋଗଦାନ କରିବାକୁ ଆଗେଇ ଆସନ୍ତୁ, ଯାହା ଆମର ଉତ୍ତମ ଭବିଷ୍ୟତ ପାଇଁ ସେମାନଙ୍କର ଜୀବନକୁ ବଳିଦାନ ଦେଇଥିବା ବୀର ସୈନିକଙ୍କ ପ୍ରତି ଆମର ସାମୂହିକ କୃତଜ୍ଞତା ଏବଂ ସମ୍ମାନର ଏକ ନିଦର୍ଶନ ହେବ ।

ଜୟ ହିନ୍ଦ୍ ।

(ହରି ବାବୁ କମ୍ଭମ୍ପାଟି)



**ବାର୍ତ୍ତା**

ସଶସ୍ତ୍ର ବାହିନୀ ପତାକା ଦିବସ ୭ ଡିସେମ୍ବର ୨୦୨୫ ଅବସରରେ ମୁଁ ରାଜ୍ୟର ସମସ୍ତ ସେବାରତ ତଥା ସେବାନିବୃତ୍ତ ସୈନିକ, ଯୁଦ୍ଧରେ ପ୍ରାଣବଳୀ ଦେଇଥିବା ଅମର ସୈନିକମାନଙ୍କ ପତ୍ନୀ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି ।

ଦେଶର ଅଖଣ୍ଡତା ଏବଂ ସାର୍ବଭୌମତ୍ୱ ଅକ୍ଷୁର୍ଣ୍ଣ ରଖିବା ପାଇଁ ଆମ ବୀର ସୈନିକମାନଙ୍କର ବଳିଦାନ ଓ ତ୍ୟାଗ ଅବିସ୍ମରଣୀୟ । ନିକଟରେ ହୋଇଥିବା ଅପରେସନ୍ ସିନ୍ଦୁର, ସେମାନଙ୍କର ସାହସ ଏବଂ ପ୍ରତିବଦ୍ଧତାର ଏକ ଉଜ୍ଜ୍ୱଳ ପ୍ରମାଣ । ସେମାନେ କେବଳ ଆମକୁ ବାହ୍ୟ ଶତ୍ରୁ କବଳରୁ ରକ୍ଷା କରନ୍ତି ନାହିଁ ବରଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏବଂ ଆଭ୍ୟନ୍ତରୀଣ ବିଶୃଙ୍ଖଳାକୁ ରୋକିବା ପାଇଁ ମଧ୍ୟ ଅମୂଲ୍ୟ ସେବା ପ୍ରଦାନ କରନ୍ତି । ମାତୃଭୂମିର ସୁରକ୍ଷା ପାଇଁ ଜୀବନ ଉତ୍ସର୍ଗ କରିଥିବା ବୀର ଶହୀଦ ମାନଙ୍କୁ ସ୍ମରଣ ଓ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା, ସେବାରତ ତଥା ସେବାନିବୃତ୍ତ ସୈନିକମାନଙ୍କ ପ୍ରତି ଆନ୍ତରିକ ସମ୍ମାନ ପ୍ରଦର୍ଶନ କରିବା ସହିତ ସେମାନଙ୍କ ପରିବାରବର୍ଗଙ୍କ କଲ୍ୟାଣ ଏବଂ ପୁନଃ ଥଇଥାନ ନିମନ୍ତେ ସହାୟତା ଓ ସହଯୋଗ ପ୍ରଦାନ କରିବା ଏହି ଦିବସ ପାଳନର ମହତ ଉଦ୍ଦେଶ୍ୟ ।

ଏହି ଶୁଭ ଅବସରରେ ସମଗ୍ର ରାଜ୍ୟବାସୀଙ୍କୁ "ସଶସ୍ତ୍ର ବାହିନୀ ପତାକା ଦିବସ ପାଣ୍ଠି"କୁ ମୁକ୍ତ ହସ୍ତରେ ଦାନ କରିବାକୁ ମୁଁ ଆହ୍ୱାନ କରୁଛି । ଆସନ୍ତୁ, ଆମେ ସମସ୍ତେ ଏକାଠି ହୋଇ ସେମାନଙ୍କ ବଳିଦାନକୁ ସମ୍ମାନ ଦେବା ଏବଂ ସେମାନେ ପ୍ରତିନିଧିତ୍ୱ କରୁଥିବା ସେବା ଏବଂ ଏକତାର ଭାବନାକୁ ବଜାଇ ରଖିବା ।

ଜୟ ହିନ୍ଦ୍ ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-12088/13/0006/2526

■ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ଚେତାବନୀ

# ବିସ୍ଫୋରକ ରୂପ ନେବ ଚାଷୀ ବିରୋଧୀ ଷଡ଼ଯନ୍ତ୍ର

ସମ୍ବଲପୁର, ୬।୧୨ (ସମିସ): ଚଳିତବର୍ଷ ଖରିଫ ଧାନ କ୍ରୟରେ ଅଚଳାବସ୍ଥା ଦେଖାଦେଇଛି। ମିଲର୍‌ମାନେ ଧାନ କିଣାବିକାକୁ ନିୟନ୍ତ୍ରଣ କରୁଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ବରଗଡ଼, ସମ୍ବଲପୁର, କଳାହାଣ୍ଡି ଓ ନୂଆପଡ଼ାରେ ମଣ୍ଡି ଖୋଲିଥିବା ବେଳେ ସମ୍ବଲପୁର ବ୍ୟତୀତ ଅନ୍ୟ ୩ ଜିଲ୍ଲାରେ ୧ କ୍ୱିଣ୍ଟାଲ ଧାନ ମଧ୍ୟ ଉଠିନାହିଁ। ଜିଲ୍ଲାଗୁଡ଼ିକରେ ମିଲର୍‌ମାନେ ଏପର୍ଯ୍ୟନ୍ତ ଚୁକ୍ତି କରିନାହାନ୍ତି। ସରକାର ମଧ୍ୟ ପି-ପାସ୍ ବ୍ୟବସ୍ଥା କରିନାହାନ୍ତି। ବହୁସଂଖ୍ୟାରେ ଚାଷୀଙ୍କ ଟୋକନ୍ ଇସ୍ୟୁ ହୋଇନାହିଁ। ପୁଣି, ଆସନ୍ତା ୯ ତାରିଖରୁ ଝାରସୁଗୁଡ଼ା ଓ ସୋନପୁର ଜିଲ୍ଲାରେ ମଣ୍ଡି ଖୋଲିବାକୁ ଯାଉଛି। ଏପରିସ୍ଥଳେ ଏକ ବିସ୍ଫୋରକ ସ୍ଥିତି ହେବାକୁ ଯାଉଛି। ଦୁଇ ତିନିଦିନ ମଧ୍ୟରେ ଯଦି ସରକାର ଟୋକନ୍ ଓ ଧାନ ବିକ୍ରି ପ୍ରକ୍ରିୟାକୁ ବ୍ୟବସ୍ଥିତ ନ କରନ୍ତି, ହଜାରହଜାର ସ୍ଥାନରେ ଚାଷୀ ରାସ୍ତାକୁ ଓହ୍ଲାଇବେ। ଏଥିଯୋଗୁଁ ଯେଉଁ ଅରାଜକତା ସୃଷ୍ଟି ହେବ, ସେଥିପାଇଁ ସରକାର ଦାୟୀ ରହିବେ। ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏପରି ଚେତାବନୀ ଦେଇଛି।

ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନଠାରେ ପୂର୍ବାହ୍ନରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସରକାରଙ୍କ ଅପାରଗତାକୁ ନେଇ ବର୍ଷିଛି ସମିତି। ସମିତି ଆବାହକ ଅଶୋକ ପ୍ରଧାନ କହିଥିଲେ ଯେ ଚାଷୀଙ୍କ ବିରୋଧରେ ଏହା ଏକ ବଡ଼ଧରଣର ଷଡ଼ଯନ୍ତ୍ର। ମାସେ ବିଳମ୍ବରେ ଧାନକିଣା ଆରମ୍ଭ ହେଲା। ସରକାର କ'ଣ ଜାଣିନାହାନ୍ତି ଯେ ଚାଷୀ ହାତରେ ଲକ୍ଷଲକ୍ଷ ବସ୍ତା ଧାନ ରହିଛି। ସରକାର ଏଭଳି ସ୍ଥିତି ନିଜେ ଉତ୍ପନ୍ନ କରିଛନ୍ତି। ଦୁଇ ତିନି ଦିନ ମଧ୍ୟରେ ଯଦି ନିଜ ଆଡ଼ୁ ସରକାର ଏହାକୁ ଠିକ୍ ନ କରନ୍ତି, ହଜାରହଜାର ସ୍ଥାନରେ ଚାଷୀ ରାସ୍ତାକୁ ଓହ୍ଲାଇବ। ସେତେବେଳେ ଚାଷୀ ଆଉ କାହାକୁ ନେତା ବୋଲି ମାନିବେ ନାହିଁ ବୋଲି ସେ ଚେତାଇ ଦେଇଛନ୍ତି।

# ରାଜ୍ୟରେ ମହାବାହୁଙ୍କର ୬୦,୪୨୬.୯୪୩ ଏକର ଜମି

ଭୁବନେଶ୍ୱର, ୬।୧୨(ସମିସ): ରାଜ୍ୟ ମଧ୍ୟରେ ୨୪ଟି ଜିଲ୍ଲାରେ ବନ୍ଦୋବସ୍ତ ରେକର୍ଡକୁ ଭିତ୍ତି କରି ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ୬୦ ହଜାର ୪୨୬.୯୪୩ ଏକର ପରିମିତ ଜମି ରହିଥିବାର ଚିହ୍ନଟ କରାଯାଇଛି। ତନ୍ମଧ୍ୟରୁ ୩୮ ହଜାର ୬୧.୮୯୨ ପରିମିତ ଜମିର ସଂଶୋଧିତ ସ୍ୱତ୍ୱଲିପି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ପ୍ରାପ୍ତ ହୋଇଛି। ବିଧାୟକ ସୁଦର୍ଶନ ହରିପାଲଙ୍କ ଅଣତାରକା ପ୍ରଶ୍ନର ଉତ୍ତରରେ ଉପରୋକ୍ତ ତଥ୍ୟ ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ବାହାରେ ଅନ୍ୟ ୬ଟି ପ୍ରଦେଶରେ ମହାପ୍ରଭୁଙ୍କର ୩୯୫.୨୫୨ ଏକର ପରିମିତ ଜମି ରହିଥିବାର ଚିହ୍ନଟ କରାଯାଇଛି। ବେଆଇନ ଭାବେ ଅବରୋଧ ହୋଇଥିବା ଶ୍ରୀଜିଉଙ୍କ ଜମିକୁ ଶ୍ରୀମନ୍ଦିର ପ୍ରଶାସନର କର୍ମଚାରୀ ଓ ଅଧିକାରୀମାନଙ୍କ ଦ୍ୱାରା ସରଜମିନ ତଦନ୍ତ ପୂର୍ବକ ଚିହ୍ନଟ କରାଯାଇଛି। ଓଡ଼ିଶା ମଧ୍ୟରେ ୭ଗୋଟି ଜିଲ୍ଲାରେ ଥିବା ଉକ୍ତ ୧୬୯.୮୬୧୬୭ ଏକର ପରିମିତ ଜମି ଉପରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଦ୍ୱାରା କରାଯାଇଥିବା ଅବରୋଧକୁ ଉଚ୍ଛେଦ କରାଯିବା ନିମନ୍ତେ ଶ୍ରୀ ଜଗନ୍ନାଥ ମନ୍ଦିର ଆଇନ-୧୯୫୫ର ଧାରା ୧୬-କ(୧) ଅନୁଯାୟୀ ୯୭୪ ଗୋଟି ବେଆଇନ ଅବରୋଧ ମକଦ୍ଦମା ସମ୍ପୃକ୍ତ ତହସିଲଦାରଙ୍କ ଇଜିଲାସରେ ଦାଏର କରାଯାଇଛି।

■ ହାଇକୋର୍ଟ ପକ୍ଷରୁ ବିଜ୍ଞପ୍ତି

# କ୍ୟାଟ୍ ରାୟକୁ ଚାଲେଞ୍ଜ କ୍ଷେତ୍ରରେ ମୂଳ ମାମଲାର ସମସ୍ତ ରେକର୍ଡ ସଂଲଗ୍ନ କରାଯିବ

କଟକ, ୬।୧୨ (ସମିସ): ବିଭିନ୍ନ ସମୟରେ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ୍(କ୍ୟାଟ)ର ରାୟକୁ ଚାଲେଞ୍ଜ କରି ହାଇକୋର୍ଟରେ ରୁଜୁ ହେଉଥିବା ଆବେଦନ ସହ ମୂଳ ମାମଲାର ସମସ୍ତ ରେକର୍ଡ ଓ ଦସ୍ତାବିଜ୍‌କୁ ସଂଲଗ୍ନ କରିବା ପାଇଁ ରେଜିଷ୍ଟ୍ରିକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଦ୍ୱାରା ଗତ ୧୪.୧୧.୨୦୨୫ ତାରିଖର ରାମଚନ୍ଦ୍ର ସାହୁ ବନାମ କେନ୍ଦ୍ର ସରକାର ମାମଲାରେ ମୂଳ ରେକର୍ଡ ଉପଲବ୍ଧ ନ ହେବାରୁ ଅଦାଲତ ସମୟ ଅପଚୟ ହୋଇଥିବା ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଥିଲେ। ଯେତେବେଳେ କ୍ୟାଟ୍‌ର ଚୂଡ଼ାନ୍ତ ଆଦେଶକୁ ହାଇକୋର୍ଟରେ ଚାଲେଞ୍ଜ କରାଯିବ, ସେତେବେଳେ ମୂଳ ମାମଲାର ସମସ୍ତ ରେକର୍ଡ ସଂଲଗ୍ନ କରିବା ସୁନିଶ୍ଚିତ କରିବା ପାଇଁ ରେଜିଷ୍ଟ୍ରିକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଟ୍ରିବ୍ୟୁନାଲ୍ ସମ୍ମୁଖରେ ଦାଖଲ ହୋଇଥିବା ସମସ୍ତ ଆବେଦନର ନକଲ ରିଟ୍ ପିଟିସନ୍ ସହ ସଂଲଗ୍ନ ହୋଇଥିବା ନିଶ୍ଚିତ କରୁଥିବା ଏକ ପ୍ରମାଣପତ୍ର ପ୍ରଦାନ କରାଯିବା ଆବଶ୍ୟକ ବୋଲି କୁହାଯାଇଛି। ଏହି ଆବଶ୍ୟକତା ପୂରଣ କରାଯାଇ ନଥିଲେ, ଏହାକୁ ଏକ ତ୍ରୁଟି ଭାବେ ବିବେଚନା କରାଯିବ ବୋଲି ହାଇକୋର୍ଟ ରେଜିଷ୍ଟ୍ରି ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି।

ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ଉଦ୍‌ଘାଟିତ

# ଭାଲେଣ୍ଟାଇନ ଡେ'କୁ ବୁକ୍ ଡେ' ଭାବେ ପାଳ: ପ୍ରତିଭା ରାୟ

## ପାଠକ ସଂଖ୍ୟା ବଢ଼ିଲେ ଲେଖକ ଓ କବି ଉତ୍ସାହିତ ହେବେ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୬।୧୨(ସମିସ): ମାନବ ଜାତିର ଇତିହାସରେ ଦୁଇଟି ବିସ୍ମୟକର ଘଟଣା ହେଉଛି ଅଗ୍ନି ଏବଂ ଭାଷା। ଭାଷା ମଣିଷ ଦ୍ୱାରା ଉଦ୍ଭାବିତ। ମଣିଷ ନିଜର ବିବେକ, ଚେତନା ଓ ଜ୍ଞାନ ଦ୍ୱାରା ଏହାକୁ ଉଦ୍ଭାବନ କରିଛି। ଆମ ସଂସ୍କୃତି ହେଉଛି ପୋଥିଗତ, ଜ୍ଞାନଗତ ଓ ବିବେକଗତ। ପୋଥି ହେଉଛି ଆମ ସବୁଠାରୁ ବଡ଼ବନ୍ଧୁ। ଆମ ଭିତରେ ଥିବା ଚେତନାକୁ ଜାଗ୍ରତ କରିଥାଏ ପୁସ୍ତକ। ତେଣୁ ପୁସ୍ତକକୁ ଉପହାର ରୂପେ ଗ୍ରହଣ କରିବା ଓ ପ୍ରଦାନ କରିବା ପାଇଁ ସମସ୍ତେ ସଂକଳ୍ପ ନିଅନ୍ତୁ। ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବରେ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସାରସ୍ୱତ ସାଧିକା ତଥା ଜ୍ଞାନପୀଠ ପୁରସ୍କାର ବିଜୟିନୀ ଡକ୍ଟର ପ୍ରତିଭା ରାୟ ଆଜି ଏହା କହିଛନ୍ତି। ଆଗାମୀ ଭାଲେଣ୍ଟାଇନ୍ ଡେ'କୁ ବୁକ୍ ଡେ' ଭାବେ ପାଳନ କରିବାକୁ ସେ ଏହି ଅବସରରେ ଯୁବପିଢ଼ିଙ୍କୁ ଆହ୍ୱାନ ଜଣାଇଥିଲେ।

କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଲେ ଯେ ଫୁଲଟିଏ




ମଉଳି ନଷ୍ଟ ହୋଇଯାଏ। କିନ୍ତୁ, ପୁସ୍ତକ ଆମର ଚେତନାକୁ ଜାଗ୍ରତ କରିଥାଏ। ତେଣୁ ଫୁଲଟିଏ ବଦଳରେ ପୁସ୍ତକ ଉପହାର ଦେବା ପାଇଁ ସମସ୍ତେ ସଂକଳ୍ପ ନିଅନ୍ତୁ। ଏହାଦ୍ୱାରା ପାଠକ ସଂଖ୍ୟା ବଢ଼ିବ। ଲେଖକ ମଧ୍ୟ ଉତ୍ସାହିତ ହେବେ ଏବଂ ଆମ ଓଡ଼ିଆ ଭାଷା ସାହିତ୍ୟରେ ଏକ ନୂଆ ସମ୍ଭାବନା ସୃଷ୍ଟି ହେବ।

କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ବାବୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କର୍ଣ୍ଣେଲ ଶରତ ମହାପାତ୍ରଙ୍କ 'ଅପରେସନ ସିନ୍ଦୂର', ଡକ୍ଟର ପଞ୍ଚାନନ ନାୟକଙ୍କ 'ଦେ', ବଦ୍ରି ମହାପାତ୍ରଙ୍କ 'ମୂର୍ଚ୍ଛିତ ମୋକ୍ଷ' ବିମଳା ସିଂଙ୍କ 'ଝରା ଶ୍ରାବଣ', ଦାଶ ବେନହୁରଙ୍କ 'ଓଡ଼ିଆ ଶିଶୁ ସାହିତ୍ୟ କିଛି ପର୍ଯ୍ୟାଲୋଚନା' ସମେତ ଓଡ଼ିଆ ଭାଷା ପ୍ରତିଷ୍ଠାନ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ବିଭିନ୍ନ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପ୍ରାରମ୍ଭରେ ସଂସ୍କୃତି ବିଭାଗର କମିଶନର ତଥା ଶାସନ ସଚିବ ଡ. ବିଜୟକେତନ ଉପାଧ୍ୟାୟ ସ୍ୱାଗତଭାଷଣ ଦେଇଥିବା ବେଳେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ ଧନ୍ୟବାଦ ଦେଇଥିଲେ।

ରାଜ୍ୟସଭାରେ ସାଂସଦ ମାନସଙ୍କ ପ୍ରଶ୍ନର ଉତ୍ତର ରଖିଲେ ବିଭାଗୀୟ ମନ୍ତ୍ରୀ

# ଏମ୍‌ଏସ୍‌ପିଠାରୁ କମ୍ ଦରରେ ଶସ୍ୟ ବିକ୍ରି ନେଇ ରିପୋର୍ଟ ନାହିଁ

ନୂଆଦିଲ୍ଲୀ, ୬।୧୨(ସମିସ): ୨୦୨୪-୨୫ ଫସଲ ଋତୁରେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଭିତ୍ତିରେ ଓଡ଼ିଶାରୁ ୯୩ ଲକ୍ଷ ୧୬ ହଜାର ୭୧୯ ମେଟ୍ରିକ ଟନ୍ ଶସ୍ୟ ସଂଗ୍ରହ ହୋଇଛି। ଏଥିରେ ସର୍ବାଧିକ ୯୨ ଲକ୍ଷ ୬୪ ହଜାର ମେଟ୍ରିକ୍ ଟନ୍ ଧାନ ରହିଥିବା ବେଳେ ୪୦ ହଜାର ମେଟ୍ରିକ୍ ଟନ୍ ରାଗି, ୧୦ ହଜାର ୩୧୨ ମେଟ୍ରିକ୍ ଟନ୍ ମୁଗ ଆଦି ରହିଛି। ରାଜ୍ୟସଭାରେ ସାଂସଦ ମାନସ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ ରାମନାଥ ଠାକୁର ଏହି ତଥ୍ୟ ଦେଇଛନ୍ତି।



ଗତବର୍ଷ ଓଡ଼ିଶାରୁ ୯୩ ଲକ୍ଷ ୧୬ ହଜାର ୭୧୯ ମେଟ୍ରିକ ଟନ୍ ଶସ୍ୟ ସଂଗ୍ରହ

ସାଂସଦ ଶ୍ରୀ ମଙ୍ଗରାଜ ତାଙ୍କ ପ୍ରଶ୍ନରେ ଗତ ତିନି ବର୍ଷ ମଧ୍ୟରେ ଓଡ଼ିଶାର କୃଷକମାନଙ୍କଠାରୁ ଏମ୍‌ଏସ୍‌ପି ଭିତ୍ତିରେ କ୍ରୟ କରାଯାଇଥିବା ଧାନ ଏବଂ ଅନ୍ୟାନ୍ୟ ଫସଲର ପରିମାଣ ବିଷୟରେ ଜାଣିବାକୁ ଚାହିଁଥିଲେ। ସେହିପରି କ୍ରୟ ବ୍ୟବଧାନ ହେତୁ କୃଷକମାନେ ଏମ୍‌ଏସ୍‌ପି ତୁଳନାରେ କମ୍ ଦରରେ ଶସ୍ୟ ବିକ୍ରି କରୁଥିବା ଖବର ଅଛି କି ବୋଲି ସେ ପ୍ରଶ୍ନ କରିଥିଲେ। ଯଦି ଏହା ହୋଇଥାଏ, ତେବେ ଏହାର ସମାଧାନ ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି, ତାହା ଜଣାଇବା ସହ ରାଜ୍ୟର ଆଦିବାସୀ ଏବଂ ଦୁର୍ଗମ ଜିଲ୍ଲାରେ କ୍ରୟକେନ୍ଦ୍ର ବୃଦ୍ଧି କରିବାକୁ ସରକାର ଯୋଜନା କରୁଛନ୍ତି କି ବୋଲି ପ୍ରଶ୍ନ କରିଥିଲେ।

ବିଭାଗୀୟ ମନ୍ତ୍ରୀ ତାଙ୍କ ଉତ୍ତରରେ କହିଛନ୍ତି, ଗତ ତିନି ବର୍ଷ ମଧ୍ୟରେ ଏମ୍‌ଏସ୍‌ପିରେ ଓଡ଼ିଶାର କୃଷକମାନଙ୍କଠାରୁ ବିଭିନ୍ନ ପ୍ରକାର ଶସ୍ୟ କ୍ରୟ କରାଯାଇଛି। ହେଲେ କ୍ରୟ ବ୍ୟବଧାନ ହେତୁ କୃଷକମାନେ ଏମ୍‌ଏସ୍‌ପି ତୁଳନାରେ କମ୍ ଦରରେ ଶସ୍ୟ ବିକ୍ରି କରୁଥିବା ନେଇ କୌଣସି ରିପୋର୍ଟ ହସ୍ତଗତ ହୋଇନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ଶ୍ରୀ ଠାକୁର କହିଛନ୍ତି, ଓଡ଼ିଶାରେ ଧାନ କ୍ରୟ ରାଜ୍ୟ ସରକାରଙ୍କ ଏଜେନ୍ସିଗୁଡ଼ିକ ଦ୍ୱାରା ବିକେନ୍ଦ୍ରୀକୃତ କ୍ରୟ ମୋଡ୍ (ଡିସିପି)ରେ କରାଯାଇଥାଏ। ରାଜ୍ୟ ସରକାର ଏବଂ ଏଜେନ୍ସିମାନଙ୍କ ଦ୍ୱାରା ସେମାନଙ୍କ ଆବଶ୍ୟକତା ଅନୁଯାୟୀ କ୍ରୟ କେନ୍ଦ୍ର ଖୋଲିଛନ୍ତି। ଓଡ଼ିଶା ସରକାରଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟର ଆଦିବାସୀ ଏବଂ ଦୁର୍ଗମ ଅଞ୍ଚଳରେ କ୍ରୟ କେନ୍ଦ୍ର ରହିଛି। କ୍ରୟର ଅଗ୍ରଗତି ଏବଂ ପରିମାଣ ଉପରେ ନଜର ରଖି ରାଜ୍ୟ ସରକାର କ୍ରୟ କେନ୍ଦ୍ର ସମ୍ବନ୍ଧରେ ଉପଯୁକ୍ତ ପଦକ୍ଷେପ ନେଇଥା'ନ୍ତି। ବର୍ତ୍ତମାନ ପିଏମ-ଆଶା ଯୋଜନା ଅଧୀନରେ 'ମୂଲ୍ୟ ସହାୟତା ଯୋଜନା' (ପିଏସଏସ) କେନ୍ଦ୍ରୀୟ ନୋଡାଲ ଏଜେନ୍ସି (ସିଏନଏ) ରାଜ୍ୟ ସରକାରଙ୍କ ସହ ସମନ୍ୱୟରକ୍ଷା କରି ପୂର୍ବ-ପଞ୍ଜିକୃତ କୃଷକମାନଙ୍କ ସୁବିଧାକୁ ବିଚାରକୁ ନେଇ ସେମାନଙ୍କଠାରୁ ଶସ୍ୟ କ୍ରୟ ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ କ୍ରୟ କେନ୍ଦ୍ର ଖୋଲିଛନ୍ତି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

କେନ୍ଦ୍ରମନ୍ତ୍ରୀ ରାଜ୍ୟସଭାରେ ପ୍ରଦାନ କରିଥିବା ତଥ୍ୟ ଅନୁଯାୟୀ, ୨୦୨୨-୨୩ରେ ଓଡ଼ିଶାରୁ ଏମ୍‌ଏସ୍‌ପିରେ ୭୯ ଲକ୍ଷ ୧୮ ହଜରା ୮୩ ମେଟ୍ରିକ ଟନ୍ ଶସ୍ୟ ସଂଗ୍ରହ କରାଯାଇଥିବା ବେଳେ ୨୦୨୩-୨୪ରେ ଏହା ୭୦ ଲକ୍ଷ ୯୪ ହଜାର ୧୫୫ ମେଟ୍ରିକ୍ ଟନ୍ ରହିଥିଲା। ୨୦୨୪-୨୫ରେ ଏହା ବୃଦ୍ଧି ପାଇ ୯୩ ଲକ୍ଷ ୧୬ ହଜାର ୭୧୯.୩୫ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି।

ବିଜେପିରେ ପ୍ରୟାସକାନ୍ତି ଓ ପ୍ରଣିତକାନ୍ତି ମିଶିବା ପ୍ରସଙ୍ଗ

# ଇଡି କେସ୍‌ରୁ ବଞ୍ଚିବାକୁ ବିଜେପିରେ ଯୋଗଦାନ: ବ୍ୟୋମକେଶ

ଭୁବନେଶ୍ୱର, ୬।୧୨(ସମିସ): ବିଜେପିରେ ପ୍ରୟାସକାନ୍ତି ସାମଲ ଓ ପ୍ରଣିତକାନ୍ତି ସାମଲ ମିଶିବା ପରେ କଡ଼ା ପ୍ରତିକ୍ରିୟା ରଖିଛନ୍ତି ଚାନ୍ଦବାଲିର ବିଜେଡି ବିଧାୟକ ବ୍ୟୋମକେଶ ରାୟ। ସେ କହିଛନ୍ତି ଯେ ବିଜେଡି ହେଉଛି ଦେଶର ସବୁଠାରୁ ବଡ଼ ଆଞ୍ଚଳିକ ଦଳ। ବିଜେଡି ଶାସନ ବେଳେ ଦଳ ପ୍ରୟାସକାନ୍ତିଙ୍କୁ ଭଣ୍ଡାରିପୋଖରୀ ଦାୟିତ୍ୱ ଦେଇଥିଲା। ପ୍ରୟାସକାନ୍ତି ବିଜେଡି ପାଇଁ ବ୍ଲକ ଅଧ୍ୟକ୍ଷ ହୋଇଥିଲେ। ଏବେ ବିଜେପିରେ ମିଶି ସେ ସ୍ୱାର୍ଥବାଦୀ କାମ କରିଛନ୍ତି। ବରପଦା



କଲେଜର ଇଡି ମାମଲାରୁ ବଞ୍ଚିବାକୁ ସେ ବିଜେପିରେ ମିଶିଛନ୍ତି। ବରପଦା କଲେଜକୁ ନେଇ ବିଜେପି ସହ ଡିଲ୍ ହୋଇଛି। ବିଜେପି ବରପଦା କଲେଜ ଘଟଣାକୁ ସବୁବେଳେ ବିରୋଧ କରୁଥିଲା, କିନ୍ତୁ ଆଜି କାହିଁକି ପ୍ରୟାସକାନ୍ତି ସାମଲଙ୍କୁ ମିଶାଇଲା ବୋଲି ଶ୍ରୀ ରାୟ ପ୍ରଶ୍ନ କରିଛନ୍ତି। ବରପଦା ଇଞ୍ଜିନିୟରିଂ କଲେଜ ମାମଲା ପାଇଁ ୨୦୨୪ ସାଧାରଣ ନିର୍ବାଚନରେ ପ୍ରଫୁଲ୍ଲ ସାମଲ ହାରିଥିଲେ। ଭଦ୍ରକବାସୀ ଭଲ ଭାବେ ଜାଣି ଗଲେଣି ଭଦ୍ରକ ଜିଲ୍ଲା ପାଇଁ ବିଜେପି କିଛି କରିପାରିବନି। କେବଳ କଥା କହି ଲୋକଙ୍କୁ ବିଜେପି ଭୁଆଁ ବୁଲାଉଛି। ଭଦ୍ରକବାସୀ ବିଜେପିକୁ ନାପସନ୍ଦ କରୁଛନ୍ତି। ଆଗାମୀ ଦିନରେ ବିଜେପି ସମଦଶା ଭୋଗିବ ବୋଲି ବ୍ୟୋମକେଶ କହିଛନ୍ତି।

# ନିଜକୁ ଜାଳିଦେଲେ ନାବାଳିକା ଛାତ୍ରୀ

ରାଉରକେଲା, ୬।୧୨ (ସମିସ): ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର ଥାନା ଅଧୀନ ଲାଞ୍ଜିବେର୍ଣ୍ଣା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ପ୍ରେମ ବ୍ୟାପାରକୁ କେନ୍ଦ୍ର କରି ଜଣେ ନାବାଳିକା ଛାତ୍ରୀ ନିଜ ଦେହରେ ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଛନ୍ତି। ନାବାଳିକାଙ୍କ ଶରୀରର ୯୦ ପ୍ରତିଶତ ପୋଡ଼ି ଯାଇଛି। ତାଙ୍କୁ ଅତି ଗୁରୁତର ଅବସ୍ଥାରେ ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ର ବର୍ଣ୍ଣ ୟୁନିଟ୍‌ରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥା ଅତି ସଙ୍କଟାପନ୍ନ ରହିଛି। ଅପରପକ୍ଷେ, ପରିବାରବର୍ଗ ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ପୁଲିସକୁ ଅନୁରୋଧ କରିଛନ୍ତି। ରାଜଗାଙ୍ଗପୁର ଥାନା ପୁଲିସ ଏହି ଘଟଣାରେ ସନ୍ଦେହ କରି ଜଣେ ଯୁବକକୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ଏହି ଘଟଣା ଜିଲ୍ଲାବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି। ସୂଚନାଯୋଗ୍ୟ, ଲାଞ୍ଜିବେର୍ଣ୍ଣା ଗାଁର ସମ୍ପୃକ୍ତ ନାବାଳିକାଜଣଙ୍କ ରାଜଗାଙ୍ଗପୁରରେ ଏକ ମହିଳା ମହାବିଦ୍ୟାଳୟର ଓଡ଼ିଆ ଅନର୍ସ ବିଭାଗର ଦ୍ୱିତୀୟ ବର୍ଷ ଛାତ୍ରୀ। ପରିବାରଲୋକଙ୍କ କହିବା କଥା, ଗତକାଲି ସେ ରାତି ୯ଟା ପର୍ଯ୍ୟନ୍ତ ଘରେ ପଢୁଥିଲେ। ପରେ ଖାଇପିଇ ଶୋଇବାକୁ ଯାଇଥିଲେ। ତାଙ୍କ ଚାଲିଚଳଣରେ କୌଣସି ଅସ୍ୱାଭାବିକତା ନଥିଲା। ତେବେ ରାତି ପ୍ରାୟ ୨ଟା ବେଳେ ହଠାତ୍ ନାବାଳିକାଜଣଙ୍କ ଚିତ୍କାର କରିଥିଲେ। ପରିବାରଲୋକ ତାଙ୍କ ଶୋଇବା ଘରକୁ ଯାଇ ଦେଖିବା ବେଳକୁ ସେ ହୁତୁହୁତୁ ହୋଇ ଜଳୁଥିଲେ। ପରିବାରଲୋକେ ନିଆଁକୁ ଲିଭାଇବା ସହ ତାଙ୍କୁ ଚିକିତ୍ସା ପାଇଁ ରାଉରକେଲା ଆଇଜିଏଚ୍‌ରେ ଭର୍ତ୍ତି କରାଇଥିଲେ। ତେବେ ତାଙ୍କୁ ଜଳେଇ ମାରିଦେବେ ବୋଲି ଜଣେ କିଏ ତାଙ୍କ ଝିଅକୁ ଫୋନରେ ଧମକ ଦେଇଥିଲେ ବୋଲି ପରିବାରଲୋକେ ଅଭିଯୋଗ କରିଛନ୍ତି। ରାଜଗାଙ୍ଗପୁର ଥାନା ପୁଲିସ ଏହି ଘଟଣା ପରେ ଜଣେ ବସ୍ ଖଲାସିକୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାଯାଇଛି।

■ ସୂଚନା ଅଧିକାର ଆଇନର ଉଲଙ୍ଘନ

# ଦୁଇ ଅତିରିକ୍ତ ତହସିଲଦାରଙ୍କୁ ୨୫ ହଜାର ଲେଖାଏଁ ଜରିମାନ

ଭୁବନେଶ୍ୱର,୬।୧୨(ସମିସ): ସୂଚନା ଅଧିକାର ଆଇନ ଉଲଙ୍ଘନ ମାମଲାରେ କେନ୍ଦ୍ରପଡା ଏବଂ ଡେରାବିଶ ତହସିଲ କାର୍ଯ୍ୟାଳୟର ଦୁଇ ପୂର୍ବତନ ଅତିରିକ୍ତ ତହସିଲଦାରଙ୍କୁ ୨୫ହଜାର ଟଙ୍କା ଜରିମାନେ ଦେବାକୁ ରାଜ୍ୟ ସୂଚନା ଆୟୁକ୍ତ ସୁଶାନ୍ତ କୁମାର ମହାନ୍ତି ନିର୍ଦ୍ଦେଶ ଦେଇଛନ୍ତି। ଉଭୟ ସୂଚନା ଅଧିକାର ଆଇନ୍‌ର ଉଲଙ୍ଘନ କରିବା ସହ ଆବେଦଶନକାରୀଙ୍କୁ ଠିକ୍ ସମୟରେ ତଥ୍ୟ ପ୍ରଦାନ କରି ନ ଥିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

୨୦୨୨ ମସିହାରେ କେନ୍ଦ୍ରପଡ଼ା ଜିଲ୍ଲାର ମନୋରଞ୍ଜନ ଜେନା ୩ଟି ପୃଥକ୍ ମାମଲାରେ ଡେରାବିଶ ବ୍ଲକର ସୂଚନା ଅଧିକାରୀ ତଥା ଅତିରିକ୍ତ ତହସିଲଦାରଙ୍କୁ ତଥ୍ୟ ମାଗିଥିଲେ। ହେଲେ ସେ ଠିକ୍ ସମୟରେ ତଥ୍ୟ ଦେଇ ନ ପାରିବାରୁ ସୂଚନା ଆୟୁକ୍ତଙ୍କୁ ଏଥିରେ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ଏହି ମାମାଲାରେ ଅତିରିକ୍ତ ତହସିଲଦାର ସୁଜିତ କୁମାର ସ୍ୱାଇଁଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ପରବର୍ତ୍ତୀ ସମୟରେ ସେ ଶୁଣାଣିରେ ଉପସ୍ଥିତ ହୋଇ ନ ଥିଲେ କିମ୍ବା ଏହାର ଉତ୍ତର ରଖି ନ ଥିଲେ। ଏଣୁ ରାଜ୍ୟ ସୂଚନା ଆୟୁକ୍ତ ଶ୍ରୀ ମହାନ୍ତି ଏଭଳି କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କେନ୍ଦ୍ରାପଡ଼ାର ପୂର୍ବତନ ଅତିରିକ୍ତ ତହସିଲଦାର ପ୍ରଦୀପ କୁମାର ସେଠିଙ୍କୁ ସମାନ ଅଭିଯୋଗରେ ୨୫ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ବର୍ତ୍ତମାନ ବିଞ୍ଝାରପୁର ତହସିଲର ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟରତ।

'ସକାଳ'ର ପଞ୍ଚମ ବାର୍ଷିକ
ସ୍ୱନକ୍ଷତ୍ର ଅବସରରେ
'ସକାଳ' ଏବଂ ନନ୍ଦିଘୋଷ ଟିଭି ପରିବାରକୁ
ଅନେକ ଅନେକ ଶୁଭକାମନା
କୋରୁକୋଣ୍ଡା ପଞ୍ଚାୟତ ସମିତି
ହିସାବ ରକ୍ଷକ, ତଥ୍ୟ ନିରୀକ୍ଷକ,
ମାଲକାନଗିରି

'ସକାଳ'ର ପଞ୍ଚମ ବାର୍ଷିକ
ସ୍ୱନକ୍ଷତ୍ର
ଅବସରରେ
'ସକାଳ' ଏବଂ ନନ୍ଦିଘୋଷ ଟିଭି
ପରିବାରକୁ
ଅନେକ ଅନେକ ଶୁଭକାମନା
ଜଣେ ଶୁଭେଚ୍ଛୁ, କଟକ

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁଷମା ସୁବୁଦ୍ଧି
ସ୍ୱାମୀ- ପ୍ରିୟନାଥ ସୁବୁଦ୍ଧି
ତମାଣ୍ଡୋ, ଭୁବନେଶ୍ୱର
ଆବିର୍ଭାବ - ୦୯.୦୮.୧୯୫୮
ତିରୋଧାନ - ୧୮.୧୨.୨୦୨୪
ଆପଣଙ୍କ ଅମର ଆତ୍ମାର ସଦଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତି ହେଉ, ସ୍ୱର୍ଗବାସ ଶାନ୍ତି ପ୍ରଦାୟକ ହେଉ ଏହାହିଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ - ହତଭାଗ୍ୟ ଯସ୍ମିନ୍ ଯୋଶେଫ, ଜୁଏଲ ଓ ସୁବୁଦ୍ଧି ପରିବାରବର୍ଗ
ସ୍ମୃତିସଭା
ଓରିସ୍ପ୍ଲାଏ ପରିସର ତମାଣ୍ଡୋ, ସନ୍ଧ୍ୟା ୭ ଘଟିକା

ଆମ୍ବେଦକରଙ୍କ ପୁଣ୍ୟତିଥିରେ ବର୍ଷିଲା କଂଗ୍ରେସ

# ବାବାସାହେବଙ୍କ ସମ୍ବିଧାନରେ 'ବସୁଧୈବ କୁଟୁମ୍ବକମ୍' ନିହିତ


ଭୁବନେଶ୍ୱର,୬।୧୨(ସମିସ): ଭାରତର ପ୍ରତ୍ୟେକ ଜୀବ ଓ ପ୍ରକୃତିକୁ ନେଇ ବାବା ସାହେବ ସମ୍ବିଧାନର ରଚନା କରିଛନ୍ତି। ଏହି ସମ୍ବିଧାନ ବସୁଧୈବ କୁଟୁମ୍ବକମ ଦ୍ୱାରା ପ୍ରଭାବିତ। ପୀଡ଼ିତଙ୍କ ଉତ୍‌ଥାନ ପଛୁଆବର୍ଗଙ୍କ ନ୍ୟାୟ ପାଇଁ ପ୍ରେରିତ। କିନ୍ତୁ ଦୁଃଖର କଥା ଏହି ମହାନ ସମ୍ବିଧାନକୁ ବିଜେପି ଖଣ୍ଡ ଖଣ୍ଡ କରି ଖତମ କରିବା ପାଇଁ ଚାହୁଁଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଶନିବାର ଭାରତୀୟ ସମ୍ବିଧାନର ପ୍ରଣେତା ଡଃ ଭିମ ରାଓ ଆମ୍ବେଦକରଙ୍କ ପୁଣ୍ୟତିଥି ଅବସରରେ କଂଗ୍ରେସ ଭବନ ପରିସରରେ ଆୟୋଜିତ 'ସାମାଜିକ ନ୍ୟାୟ ସମାବେଶ'ରେ ଶ୍ରୀ ଦାସ କହିଛନ୍ତି ଯେ ବର୍ତ୍ତମାନ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ସମ୍ମାନହାନୀ କରାଯାଉଛି। ଓଡ଼ିଶା ବିଧାନସଭାରେ ସାମ୍ବିଧାନିକ ରୂପେ ନିର୍ବାଚିତ ପ୍ରତିନିଧି ଗାନ୍ଧୀଙ୍କ ସମ୍ମାନହାନୀ କରିବାକୁ ପଛାଉ ନାହାନ୍ତି। ଏହା ଲୋକସଭାରେ ମଧ୍ୟ କରାଯାଉଛି। ଭୋଟ ଚୋରି ଦ୍ୱାରା ଗଣତାନ୍ତ୍ରିକ ଅଧିକାରର ଲୁଟ୍ କରାଯାଉଛି। ସମ୍ବିଧାନ ପ୍ରତ୍ୟେକ ବ୍ୟକ୍ତିର ବିକାଶ ପାଇଁ ଅଧିକାର ଦେଇଛି। ତେବେ କାହିଁକି ଆଜି ରାଜରାସ୍ତାରେ ଦଳ ଦଳ ହୋଇ ବିଭିନ୍ନ ଗୋଷ୍ଠୀ ଆନ୍ଦୋଳନରେ ବସିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସ୍ୱାଧୀନତା ପୂର୍ବରୁ ମହାତ୍ମା ଗାନ୍ଧୀ ସାମାଜିକ ନ୍ୟାୟ ଆନ୍ଦୋଳନ ଆରମ୍ଭ କରିଥିଲେ ବୋଲି କହିଛନ୍ତି। ଏହା ପରବର୍ତ୍ତୀ ସମୟରେ ଆମ୍ବେଦକରଙ୍କ ସମ୍ବିଧାନ, ସାମାଜିକ ନ୍ୟାୟ ପ୍ରଦାନ କରିଥିଲା। ଆଜି ଧର୍ମ, ଜାତିକୁ ନେଇ ଦେଶ ବିରୋଧୀ ଶକ୍ତି ଦେଶକୁ ଖଣ୍ଡ ଖଣ୍ଡ କରିବାକୁ ଯାଉଛନ୍ତି ବୋଲି ସେ କହିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଲେ, ଆମ୍ବେଦକର ଏକ ଗରିବ ପରିବାରରେ ଜନ୍ମ ହୋଇଥିଲେ ହେଁ ସମାଜର ପ୍ରତ୍ୟେକ ବର୍ଗର ସାମଗ୍ରିକ ଉନ୍ନତି ପାଇଁ ସ୍ୱର ଉତ୍ତୋଳନ କରିଛନ୍ତି।

## ମହାନ ସମ୍ବିଧାନକୁ ବିଜେପି ଖଣ୍ଡ ଖଣ୍ଡ କରି ଖତମ୍ କରିବାକୁ ଚାହୁଁଛି

ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଥିଲେ, ସାମାଜିକ ନ୍ୟାୟ ଆମ ହକ୍ ଏବଂ କେବଳ ସମ୍ବିଧାନ ଏହାର ନ୍ୟାୟ ଦେଇପାରିବ ବୋଲି ସେ କହିଥିଲେ। କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ ସମସ୍ତ ବର୍ଗର ଲୋକଙ୍କ ପାଇଁ ସମ୍ବିଧାନ ହୋଇଥିବା ନେଇ କହିବା ସହ ସାମାଜିକ ନ୍ୟାୟ ବିଷୟ ବିଧାନସଭାରେ କହିବାକୁ ସୁଯୋଗ ଦିଆଯାଉନାହିଁ ବୋଲି ଉଦ୍‌ବେଗ ପ୍ରକାଶ କରିଛନ୍ତି। ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ସାମାଜିକ ନ୍ୟାୟ ସକାଶେ କଂଗ୍ରେସକୁ ତୃଣମୂଳ ସ୍ତରକୁ ଯାଇ ସଚେତନତା ମାଧ୍ୟମରେ ଆନ୍ଦୋଳନ କରିବାକୁ ପଡିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବହୁ ବରିଷ୍ଠ କଂଗ୍ରେସ ନେତା ବକ୍ତବ୍ୟ ରଖିଥିଲେ।

# ଧରାପଡୁଛନ୍ତି ବନ୍ଧୁକ ସପ୍ଲାୟର୍ସ, ଗ୍ରାହକଙ୍କ ପତ୍ତା ମିଳୁନି

ଭୁବନେଶ୍ୱର, ୬।୧୨(ସମିସ): ରାଜ୍ୟରେ ବନ୍ଧୁକ କାରବାର ହୁ ହୁ ହୋଇ ବଢ଼ି ଚାଲିଛି। ଅଟୋମେଟିକ୍, ସେମି ଅଟୋମେଟିକ୍ ଠାରୁ ଆରମ୍ଭ କରି କାରବାଇନ୍ ଭଳି ବନ୍ଧୁକ ଅପରାଧିକ ଗୋଷ୍ଠୀ ନିଜ ପାଖରେ ରଖୁଛନ୍ତି। ଏହି ବନ୍ଧୁକକୁ ବ୍ୟବହାର କରି ଚୋରି, ଲୁଟ୍, ଡକାୟତି, ଛିନ୍‌ତାଇ ଏବଂ ହତ୍ୟା ଭଳି ଅପରାଧ ସଂଗଠିତ ହେଉଛି। ବାଲି ମାଫିଆ, ଖଣି ମାଫିଆ, ବହୁବଳି ଏବଂ କୋଟିପତି ନିଜ ନିଜ କ୍ଷେତ୍ରରେ ପତିଆରା ଜାହାର କରୁଛନ୍ତି। ଟୁଇନ୍ ସିଟି ପୁଲିସ କମିସନରଙ୍କ କହିବା ଅନୁଯାୟୀ ବିଗତ ୨ମାସ ମଧ୍ୟରେ ପୁଲିସ ୩୩ଟି ବନ୍ଧୁକ ଅପରାଧ ହେବା ପୂର୍ବରୁ ଜବତ କଲାଣି। ଏହି ଅଭିଯୋଗରେ ୫ ବନ୍ଧୁକ ସପ୍ଲାୟର୍ସ ଗିରଫ ହେଲେଣି। ହେଲେ ଏତେ ଭୟଙ୍କର ବନ୍ଧୁକ କାହାର ଆବଶ୍ୟକ ହେଉଛି। କେଉଁ ଉଦ୍ଦେଶ୍ୟରେ ଏହା ବ୍ୟବହାର ହୋଇଥାନ୍ତା। ବନ୍ଧୁକର ଗ୍ରାହକ କିଏ। ସେସବୁର ପତ୍ତା ଲଗାଇ ପାରୁନି କମିସନରେଟ୍ ପୁଲିସ। ଫଳରେ ବହୁ ସଂଖ୍ୟାରେ ଚୋରା ବନ୍ଧୁକକୁ ଏବେ ଅପରାଧୀ ଧରି ବୁଲୁଛନ୍ତି। ଏହି ବନ୍ଧୁକ ବଳରେ ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ଚାଲିଛନ୍ତି। ଏକ ତଥ୍ୟ ଅନୁଯାୟୀ ପୁଲିସ ବର୍ଷକରେ ୮୦ବନ୍ଧୁକ ଜବତ କଲାଣି। ୧୦ରୁ ଊର୍ଦ୍ଧ୍ୱ ସପ୍ଲାୟର୍ସଙ୍କୁ ଗିରଫ କଲାଣି। ହେଲେ ଅଧିକାଂଶ ମାମଲାରେ ଗ୍ରାହକଙ୍କ ପତ୍ତା ଲଗାଇପାରୁନି ପୁଲିସ। ଗ୍ରାହକଙ୍କ ଠିକଣା ମିଳିଲେ ବହୁ ଅପରାଧୀ ସାମ୍ନାକୁ ଆସିବେ ବୋଲି ମତ ପ୍ରକାଶ ପାଇଛି।



ଗତ ୧୫ ନଭେମ୍ବରରେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ୬ଟି ବନ୍ଧୁକ ଜବତ କରିଥିଲା। ଦୁଇ ଜଣ ଅନ୍ତରାଜ୍ୟ ବିହାରୀ ବନ୍ଧୁକ ସପ୍ଲାୟର୍ସ ଦିବ୍ୟାଂଶୁ କୁମାର ଏବଂ ଚନ୍ଦନ କୁମାର ବେଆଇନ୍ ବନ୍ଧୁକ କାରବାର ଅଭିଯୋଗରେ ଗିରଫ ହେଲେ। ଏମାନେ ପୁଲିସ ଆଗରେ ସ୍ୱୀକାର କରିଥିଲେ ଯେ ଭୁବନେଶ୍ୱରରେ ଗ୍ରାହକଙ୍କୁ ଏହି ବନ୍ଧୁକ ବିକ୍ରି କରିବାକୁ ଆଣିଛନ୍ତି। ଏମାନଙ୍କୁ ପୁଲିସ ଗିରଫ କରିବା ଦିନ ଦିନତମାମ୍ ଜେରା କଲା। ଏମାନେ ୧୦୦ରୁ ଊର୍ଦ୍ଧ୍ୱ ବନ୍ଧୁକ ରାଜ୍ୟରେ ବିକ୍ରି କରିଥିବା ସୂଚନା ମିଳିଥିଲା। ହେଲେ ଜେରା ବେଳେ ପୁଲିସ ଏତେ ଦୁର୍ବଳ ହୋଇଯାଇଥିଲା ଯେ ସପ୍ଲାୟର୍ସଙ୍କ ମୁହଁ ଖୋଲି ପାରିଲାନାହିଁ। ବନ୍ଧୁକର ଗ୍ରାହକ କିଏ। ସେସମ୍ପର୍କରେ ପତ୍ତା ଲଗାଇ ପାରିଲା ନାହିଁ। ଅଭିଯୁକ୍ତମାନେ କାହାକୁ ବିକ୍ରି କରିବାକୁ ଆଣିଥିଲେ। କାର୍ବାଇନ୍ ରାଇଫଲ ଭଳି ବନ୍ଧୁକ ଭୁବନେଶ୍ୱରରେ କାହାର ଆବଶ୍ୟକ ପଡ଼ିଥିଲା ସେମାନଙ୍କ ଠିକଣା ଯୋଗାଡ଼ କରବାରେ ପୁଲିସ ଫେଲ୍ ମାରୁଛି।

ଶନିବାର ମଧ୍ୟ ସମାନ ଘଟଣା ଘଟିଥିଲା। କମିସନରେଟ୍ ପୁଲିସ ୧୦ ପିସ୍ତଲ ଏବଂ ଗୋଟିଏ କାରବାଇନ୍ ଜବତ କରିଥିଲା। ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାର ଦୁଇ ଜଣ ବନ୍ଧୁକ ସପ୍ଲାୟର୍ସଙ୍କୁ ଗିରଫ କରିଥିଲା। ଏମାନେ ବ୍ରହ୍ମପୁରର ଏକ ଅପରାଧିକ ଗ୍ୟାଙ୍ଗକୁ ବନ୍ଧୁକ ବିକ୍ରି କରିଥାନ୍ତେ। ହେଲେ ବନ୍ଧୁକ କିଣିବା ଅଭିଯୋଗରେ ପୁଲିସ ଏପର୍ଯ୍ୟନ୍ତ କାହାରିକୁ ଗିରଫ କରିପାରି ନାହିଁ।

- ଜେରା ବେଳେ ଦୁର୍ବଳ ପଡ଼ିଯାଉଛି କମିସନରେଟ୍ ପୁଲିସ
- ସପ୍ଲାୟର୍ସଙ୍କ ମୁହଁରୁ କାଢ଼ିପାରୁନି ଗ୍ରାହକଙ୍କ ଠିକଣା

### ମାର୍କେଟରେ ୪୨ ମୌଜାର ଶହଶହ ବନ୍ଧୁକ

ମାର୍ଚ୍ଚ ମାସ ୧୩ ତାରିଖରେ କମିସନରେଟ୍ ପୁଲିସ ଅଞ୍ଚଳ ୪୨ ମୌଜାରେ ବେଆଇନ୍ ବିଦେଶୀ ବନ୍ଧୁକ କାରଖାନା ଠାବ ହୋଇଥିଲା। ଏକ ଫାର୍ମ ହାଉସର ଚାଳଘରେ ଚାଲିଥିବା ଏହି କାରଖାନାରୁ ମିଳିଥିଲା ୨୯ ବନ୍ଧୁକ। ମୋଟର, ଲେଦ୍, ୧୪ ସ୍ଲାଇଡର, ୧୫ ବାରେଲ୍। ଏଥିରେ ଉତ୍ତର ପ୍ରଦେଶ ହଜରତଗଞ୍ଜ ଅଞ୍ଚଳର ଏମ୍‌ଡି. ହୁସେନ୍ ଏବଂ ବିହାର ମୁଙ୍ଗେର ଅଞ୍ଚଳର ମହମ୍ମଦ କାଲୁ ଏବଂ ପଶ୍ଚିମବଙ୍ଗର ଏମ୍‌ଡି. ବୁଧୁଙ୍କୁ ଗିରଫ କରିଥିଲା। ଏମାନେ ବର୍ଷେରୁ ଅଧିକ ସମୟ ଧରି ବନ୍ଧୁକ କାରଖାନା ଚଳାଇଥିଲେ। ଏହି ବେଆଇନ୍ ଫ୍ୟାକ୍ଟ୍ରିରୁ ଶହ ଶହ ବନ୍ଧୁକ ପ୍ରସ୍ତୁତ ହୋଇଛି। ରାଜ୍ୟରେ ବହୁ ଅପରାଧୀ ଏହି ଫ୍ୟାକ୍ଟ୍ରିର ଗ୍ରାହକ। ହେଲେ ଗ୍ରାହକଙ୍କ ଠିକଣା ଯୋଗାଡ କରିବା ଏସ୍‌ଟିଏଫ୍ ପାଇଁ କଷ୍ଟକର ହୋଇଯାଇଛି।

### ଲାଇସେନ୍ସ ମିଳୁନି ବେଆଇନ୍ ବନ୍ଧୁକ କିଣୁଛନ୍ତି

ପୁଲିସ ଉପରେ ଭରସା ପାଉନି। ସରକାରଙ୍କ ଠାରୁ ବନ୍ଧୁକ ଲାଇସେନ୍ସ ବି ମିଳୁନି। ଜୀବନ ପ୍ରତି ସବୁ ବେଳେ ଭୟ ରହୁଛି। ସୁନା, ଟଙ୍କା କିଏ ନେଇଯିବ ତାହାକୁ ନେଇ ଆଶଙ୍କା ସୃଷ୍ଟି ହେଉଛି। ଏଣୁ କୋଟିପତିମାନେ ବେଆଇନ୍ ବନ୍ଧୁକ କିଣୁଛନ୍ତି।

### ପାଣିକୋଇଲି ଜୁଏଲାରୀ ସପ୍ ମାଲିକଙ୍କୁ ହତ୍ୟାରେ ୪୨ ମୌଜା ବନ୍ଧୁକର ବ୍ୟବହାର

୪୨ ମୌଜା ବନ୍ଧୁକ କାରଖାନା ଲିଙ୍କ ଖୋଜୁ ଖୋଜୁ ଏମ୍‌ଡି. ଆସଲମ୍ ଏସ୍‌ଟିଏଫ୍ ହାତରେ ଧରାପଡ଼ିଥିଲେ। ପରେ ତଦନ୍ତରୁ ଜଣାପଇଥିଲା ପାଣିକୋଇଲି ଜୁଏଲାରୀ ସପ୍ ମାଲିକଙ୍କୁ ହତ୍ୟାରେ ଏହି ବନ୍ଧୁକ ବ୍ୟବହାର କରାଯାଇଥିଲା। ସେହିପରି ସମ୍ବଲପୁର ଗୋଲ୍ଡ ଲୋନ୍ କାର୍ଯ୍ୟାଳୟ ସମ୍ମୁଖ ହତ୍ୟାକାଣ୍ଡରେ ମଧ୍ୟ ଏହି ବନ୍ଧୁକ ବ୍ୟବହାର କରାଯାଇଥିଲା।

### ବନ୍ଧୁକ କିଣୁଛନ୍ତି ବ୍ରାଉନ୍‌ସୁଗର ସପ୍ଲାୟର୍ସ, ଡକାୟତ

ଡାକାୟତଙ୍କ ପରେ ଏମାନଙ୍କ ବ୍ରାଉନ୍‌ସୁଗର ସପ୍ଲାୟର୍ସ, ଡାକାୟତଙ୍କ ପାଖରେ ଏମାନଙ୍କ ବନ୍ଧୁକ ଚାହିଦା କାହିଁରେ କଣ। ରାଜ୍ୟର ନିଶା କାରବାର ନେଟ୍‌ୱାର୍କ ଏମାନଙ୍କ ବନ୍ଧୁକ ସହାୟତରେ ରାଜ୍ୟରେ ବର୍ତ୍ତମାନ ସବୁଠାରୁ ସକ୍ରୀୟ। ଅବଶ୍ୟକ ହେଲେ ଏହି ବନ୍ଧୁକରେ ପୁଲିସକୁ ବି ଗୁଳି ଚଳାଇବାକୁ ପଛାଉ ନାହାନ୍ତି। ପୁଲିସ ଗ୍ରାହକଙ୍କ ନାଆ ଜାଣି ପାରିଲେ ବହୁ ସଂଖ୍ୟାରେ ବ୍ରାନ୍ସୁଗର ବେପାରୀ ଗିରଫ ହୋଇପାରିବେ।

### କ୍ରାଇମ୍ ସିଣ୍ଡିକେଟ୍ ପାଖରେ ବି ପହଞ୍ଚି ପାରୁନି ପୁଲିସ

ରାଜ୍ୟରେ ବେଆଇନ୍ ବନ୍ଧୁକ ବିକ୍ରି କାରବାରକୁ ଏକ କ୍ରାଇମ୍ ସିଣ୍ଡିକେଟ୍ ପରିଚାଳିତ କରୁଛି। ଏମାନଙ୍କ ବିନା ଅନୁମତିରେ ବଡ଼ ଧରଣର ବନ୍ଧୁକ ବ୍ୟବସାୟ ଅସମ୍ଭବ। ଏହି ସିଣ୍ଡିକେଟ୍‌କୁ ଉତ୍ତର ଭାରତ ଗ୍ୟାଙ୍ଗ ଅପରେଟ୍ କରୁଛି। ରାଜ୍ୟର ୩ରୁ ୪ ଜଣ ଲୋକ ସଦସ୍ୟ ରହିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ହେଲେ ପୁଲିସ ହାତରେ ଧରାପଡୁଛନ୍ତି କେବଳ ବନ୍ଧୁକ ସପ୍ଲାୟର୍ସ। କ୍ରାଇମ୍ ସିଣ୍ଡିକେଟ୍‌ର ସଦସ୍ୟଙ୍କ ପାଖରେ ପହଞ୍ଚିବା ଦୂରର କଥା ବନ୍ଧୁକ ମହଜୁଦ ରଖୁଥିବା ଡିଲରଙ୍କ ପାଖରେ ବି ପୁଲିସ ପହଞ୍ଚି ପାରୁନି।

ସେହିପରି ସେପ୍ଟେମ୍ବର ମାସରେ ମଧ୍ୟ ସ୍ପେଶଲ କ୍ରାଇମ୍ ୟୁନିଟ୍ ୧୦ବନ୍ଧୁକ ଜବତ କରିଥିଲା। ଭୋରୁ ଭୋରୁ ଜଗତସିଂହପୁର ଜିଲ୍ଲାର ଶେଖ୍ ନଦିମ୍ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା। ନଦିମ୍‌ଙ୍କ ଏହି ବନ୍ଧୁକଗୁଡ଼ିକୁ କିଛି ଅପରାଧିକ ଗୋଷ୍ଠୀକୁ ବିକ୍ରି କରିଥାନ୍ତେ। ହେଲେ କାହାକୁ ବିକ୍ରି କରିଥାନ୍ତା ତାହାର ପତ୍ତା ଲଗାଇ ପାରିଲା ନାହିଁ।

# ବାପା ଓ ପତ୍ନୀକୁ ଆକ୍ରମଣ କରି ଗିରଫ



ବାଲିଅନ୍ତା, ୬।୧୨ (ସମିସ): ବାଲିଅନ୍ତା ଥାନା ପୁଲିସ ଆଜି ପତ୍ନୀ ଓ ବାପାକୁ ଆକ୍ରମଣ ମାମଲାରେ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲା କୋଠ ସାହି, ଅଣ୍ଡିଲୋ ଗ୍ରାମର ରଞ୍ଜିତ ଭୋଇ (୩୩)। ରଞ୍ଜିତ ବିରୋଧରେ ତାଙ୍କର ସ୍ତ୍ରୀ ନମିତା ଭୋଇ ଅଭିଯୋଗ କରିଥିଲେ।

ସୂଚନାଯୋଗ୍ୟ ଯେ, ଗୁରୁବାର ରାତି ପ୍ରାୟ ୮ଟା ସମୟରେ ଅଭିଯୋଗକାରିଣୀ ନମିତାଙ୍କ ସ୍ୱାମୀ ରଞ୍ଜିତ ଭୋଇ ଅତ୍ୟଧିକ ମଦ୍ୟପାନ କରିବା ପରେ ଘରକୁ ଫେରିଥିଲେ ଏବଂ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେବା ସହିତ ହତ୍ୟା କରିବା ଉଦ୍ଦେଶ୍ୟରେ ଏକ ଛୁରୀରେ ଆକ୍ରମଣ କରିଥିଲେ। ଅଭିଯୋଗକାରିଣୀଙ୍କ ଶ୍ୱଶୁର ଶିବ ଭୋଇ ହସ୍ତକ୍ଷେପ କରି ତାଙ୍କୁ ଏକ ପାଖକୁ ଟାଣି ନେଇଥିଲେ, ଯାହା ଫଳରେ ଛୁରିଟି ତାଙ୍କ ମୁଣ୍ଡ ବଦଳରେ ଦ୍ୱାରବନ୍ଧରେ ବାଜିଥିଲା। ଏଥିରେ ନମିତା ଅଳ୍ପକେ ବର୍ତ୍ତି ଯାଇଥିଲେ। ତା'ପରେ ଅଭିଯୁକ୍ତ ତାଙ୍କ ବାପାଙ୍କୁ ଟାଣି ନେଇ ଆକ୍ରମଣ କରିଥିଲେ। ଫଳରେ ସେ ଚେତାଶୂନ୍ୟ ହୋଇଯାଇଥିଲେ ଏବଂ ନମିତାଙ୍କ କେଶକୁ ଟାଣି ପିଟିଥିଲେ। ସ୍ଥାନୀୟ ବାସିନ୍ଦାମାନେ ହସ୍ତକ୍ଷେପ କରି ସେମାନଙ୍କୁ ଉଦ୍ଧାର କରିଥିଲେ। ଆହତ ଶ୍ୱଶୁର ବୋହୁଙ୍କୁ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିଲା। ଅଭିଯୋଗକାରୀଙ୍କୁ ଲୁହା ନିର୍ମିତ କଟୁରୀ (ଛୁରି) ସାହାଯ୍ୟରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ। ତଦନ୍ତ ସମୟରେ ଅଭିଯୁକ୍ତକୁ ଗିରଫ କରାଯାଇଥିଲା। ଲୁହା ନିର୍ମିତ କଟୁରି, ତାଙ୍କ ହେପାଜତରୁ ଜବତ କରାଯାଇଥିଲା। ପଚରାଉଚରା ସମୟରେ, ସେ ଆକ୍ରମଣରେ ତାଙ୍କର ସମ୍ପୃକ୍ତି ସ୍ୱୀକାର କରିଥିଲେ।

# ସୁନା ଚେନ୍ ଲୁଟେରାକୁ ୧୫ ମାସ ସଶ୍ରମ କାରାଦଣ୍ଡ

● ଅନ୍ୟ ଜଣେ ଏବେ ବି ଫେରାର

ଭୁବନେଶ୍ୱର, ୬।୧୨ (ସମିସ): ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଘଟିଥିବା ଏକ ସୁନା ଚେନ ଲୁଟ ମାମଲାର ରାୟ ଆଜି ପ୍ରକାଶ ପାଇଛି। ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାରପତି (ଚତୁର୍ଥ) ସୋମେଶ ସୌମ୍ୟଜିତ ପଣ୍ଡା ମାମଲାର ବିଚାରକରି ଆସାମୀ ରଜତ କୁମାର ନନ୍ଦ ଓରଫ ରିଙ୍କୁକୁ ୧୫ ମାସର ସଶ୍ରମ କାରାଦଣ୍ଡର ଶୁଣାଇଛନ୍ତି। ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତ ଏବେବି ଫେରାର ରହିଥିବା ବେଳେ ତା ନାମରେ ଗିରଫ ପରୱାନା ଜାରି କରାଯାଇଛି।

ପୁଲିସ ସୂଚନା ଅନୁସାରେ, ଗତବର୍ଷ ଜୁନ୍ ମାସ ୧ ତାରିଖ ଭୋରରୁ ବମିଖାଲର କାଜଲ ଜାମୁଆର କଟକ ରୋଡରେ ପ୍ରାତଃଭ୍ରମଣ କରୁଥିଲେ। ସେ ନାରାୟଣୀ ମୋଟର୍ସ ନିକଟରେ ପାଇଥିବା ବେଳେ ରଜତ ଓ ତାର ସହଯୋଗୀ ବାଇକରେ ଆସି ତାଙ୍କ କାଜଲଙ୍କ ବେକରୁ ମଙ୍ଗଳସୂତ୍ର ଛଡ଼ାଇ ନେଇଯାଇଥିଲେ। କାଜଲ ଏନେଇ ଅଭିଯୋଗ କରିବା ପରେ ଲକ୍ଷ୍ମୀସାଗର ଥାନା ପୁଲିସ କେସ୍ ନଂ - ୩୦୭/୨୪ ରେ ଦଫା ୩୯୨ ଆଇପିସି ଲଗାଇ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ଏସ୍‌ଆଇ ଅମିତ ସେନାପତି ରଜତକୁ ଗିରଫ କରିବା ସହ ଚାର୍ଜସିଟ୍ ଦାଖଲ କରିଥିଲେ।

ଅଦାଲତ ଘଟଣା ସହିତ ସମ୍ପୃକ୍ତ ୪ ଜଣ ସାକ୍ଷୀ ଓ ୧୨ଟି ଦସ୍ତାବିଜ ଆଧାରରେ ମାମଲାର ବିଚାର କରି ମାମଲାର ବିଚାରକରି ଦୋଷୀ ସାବ୍ୟସ୍ତ କରିଛନ୍ତି। ସହକାରୀ ପବ୍ଲିକ୍ ପ୍ରୋସିକ୍ୟୁଟର ନିରଞ୍ଜନ ବେହେରା ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରିଥିଲେ।

# ଦୁଇ ଗଞ୍ଜେଇ ବେପାରୀଙ୍କୁ ୨୦ବର୍ଷ ଜେଲ୍

## ରାଜ୍ୟର ଷଷ୍ଠ ମାମଲା ଯେଉଁଥିରେ ସର୍ବାଧିକ ସଜା

ଭୁବନେଶ୍ୱର, ୬।୧୨(ସମିସ): ଦୁଇ ଆନ୍ତଃରାଜ୍ୟ ଗଞ୍ଜେଇ ବେପାରୀଙ୍କୁ ୨୦ବର୍ଷ ସଜା। କୌଣସି ଏନ୍‌ଡିପିଏସ୍ ମାମଲାରେ ୨୦ବର୍ଷ ସଶ୍ରମ କାରଦଣ୍ଡ ସର୍ବାଧିକ ସଜା ହୋଇଥାଏ। ଏହି ମାମଲା ରାଜ୍ୟର ଷଷ୍ଠ ମାମଲା ଯେଉଁଥିରେ କୋର୍ଟ ଅପରାଧୀମାନଙ୍କୁ ଏନ୍‌ଡିପିଏସ୍ ମାମଲାରେ ସର୍ବାଧିକ ୨୦ବର୍ଷ ସଶ୍ରମ କାରଦଣ୍ଡ ଶୁଣାଇଛନ୍ତି। ଭୁବନେଶ୍ୱର ସ୍ଥିତ ୨ୟ ଅତିରିକ୍ତ ଜିଲ୍ଲା ଜଜ୍‌ଙ୍କ କୋର୍ଟ ଶନିବାର ଏହି ସଜା ଶୁଣାଇଛନ୍ତି। ସଜା ପାଇଥିବା ଅନ୍ତଃରାଜ୍ୟ ଗଞ୍ଜେଇ ବେପାରୀ ହେଲେ ଉତ୍ତର ପ୍ରଦେଶ ରାଜ୍ୟର ବିଜନୋର୍ ଜିଲ୍ଲାର ଅନିଲ କୁମାର ଏବଂ ଦିଲ୍ଲୀ ଜନତା ମାର୍କେଟ ଅଞ୍ଚଳର ଗଣେଶ ଶାହା। ଏକ ଟ୍ରକ୍ ଯୋଗେ ୮ଶହ କେଜି ଗଞ୍ଜେଇ ଚାଲାଣ କରୁଥିବା ବେଳେ ୨୦୨୨ ମସିହାରେ ଏସ୍‌ଟିଏଫ୍ ଏମାନଙ୍କୁ ଗିରଫ କରିଥିଲା। ଏମାନଙ୍କୁ ୨୦ବର୍ଷ ସଜା ସହ ୧ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେଶ ଆଉ ଏକ ବର୍ଷ ଅଧବକ ସଜା କାଟିବାକୁ ହେବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଏସ୍‌ଟିଏଫ୍ ସୂଚନା ମୁତାବକ, ଗତ ୨୦୨୨ ମସିହା ଜୁନ୍ ୨୬ ତାରିଖରେ ଏହି ଦୁଇ ଆନ୍ତଃରାଜ୍ୟ ଗଞ୍ଜେଇ ବ୍ୟବସାୟୀ ଓଡ଼ିଶାରୁ ଏକ ଆଇଚର ଟ୍ରକ୍‌ରେ ଉତ୍ତର ପ୍ରଦେଶ ଏବଂ ଦିଲ୍ଲୀକୁ ଗଞ୍ଜେଇ ଚାଲାଣ କରୁଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏସ୍‌ଟିଏଫ୍ ତମାଣ୍ଡୋ ଥାନା ଅନ୍ତର୍ଗତ ଗୋହିରା ଛକ ନିକଟରେ ଏସ୍‌ଟିଏଫ୍ ଟ୍ରକ୍ ଟିକୁ ଅଟକାଇ ଦେଇଥିଲା। ଯାଞ୍ଚ ବେଳେ ଜଣପଡ଼ିଥିଲା କଣ୍ଟେନରରେ ଏକ ଗୁପ୍ତ ଚ୍ୟାମ୍ବର ରହିଛି। ଯେଉଁଥିରେ ଉପରୋକ୍ତ ଦୁଇ ଗଞ୍ଜେଇ ବ୍ୟବସାୟୀଙ୍କ କବଜାରେ ୮୦୬ କୋଜି ଗଞ୍ଜେଇ ଜବତ କରାଯାଇଥିଲା। ଏହାପରେ ଏସ୍‌ଟିଏଫ୍ ଅନିଲ ଏବଂ ଗଣେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗଞ୍ଜେଇର ମାନ ଯାଞ୍ଚ କରିବାକୁ ଏସ୍‌ଟିଏଫ୍ ଜବତ ଗଞ୍ଜେଇ ସାମ୍ପୁଲକୁ ରସୁଲଗଡ଼ସ୍ଥିତ ଏସ୍‌ଏଫ୍‌ଏସ୍‌ଏଲ୍‌କୁ ପଠାଇଥିଲା। ପରୀକ୍ଷା ପରେ ଜଣାପଡ଼ିଥିଲା ଜବତ ଗଞ୍ଜେଇ ସ୍ୱତନ୍ତ୍ର ଗଞ୍ଜେଇ ଗଛରୁ ପ୍ରସ୍ତୁତ କରାଯାଇଛି। ଯାହା ମୂଲ୍ୟ ମାର୍କେଟରେ ମିଳୁଥିବା ଗଞ୍ଜେଇ ଠାରୁ ବହୁ ଅଧିକ। ଟ୍ରାଏଲ୍ ବେଳେ ୧୨ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ଏହାସହ ଦସ୍ତାବିଜ କୋର୍ଟରେ ଦାଖଲ କରାଯାଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ରଶ୍ମି ରଞ୍ଜନ ବ୍ରହ୍ମା ପରିଚାଳନା କରୁଥିଲା ବେଳେ ଇନ୍‌ସ୍ପେକ୍ଟର ମନୋଜ ସେଠୀ ଏହି ମାମଲାର ତଦନ୍ତ କରୁଥିଲେ।

### ଗାଡ଼ି ମାଲିକଙ୍କୁ ପାଇଲାନି ଏସ୍‌ଟିଏଫ୍

୨୦୨୨ ମସିହାରେ ମାମଲା ଆରମ୍ଭ ହେଲା। ଦୁଇ ଅଭିଯୁକ୍ତ ଗିରଫ ହୋଇ ଜେଲ୍ ଗଲେ। ଏହାର ଟ୍ରାଏଲ୍ ଆରମ୍ଭ ହେଲା। ଅଭିଯୁକ୍ତମାନଙ୍କୁ କୋର୍ଟ ୨୦ବର୍ଷ ସଜା ବି ଶୁଣାଇ ଦେଲେ। ହେଲେ ଫେରାର୍ ଗାଡି ମାଲିକଙ୍କୁ ଏସ୍‌ଟିଏଫ୍ ଆଜି ପର୍ଯ୍ୟନ୍ତ ଗିରଫ କରି ପାରିଲା ନାହିଁ। ଏହି ମାମଲା ଏପର୍ଯ୍ୟନ୍ତ ଖୋଲା ରହିଛି। ଏସ୍‌ଟିଏଫ୍ ଗାଡି ମାଲିକଙ୍କୁ ଗିରଫ କରିବା ପରେ ମାମଲା ବନ୍ଦ ହେବ।

# ଫେସ୍‌ବୁକରେ ଅଭିନେତ୍ରୀ ମୌସୁମୀଙ୍କୁ ଅଶ୍ଳୀଳ ଇଙ୍ଗିତ

ଭୁବନେଶ୍ୱର, ୬।୧୨ (ସମିସ): ସାମାଜିକ ଗଣମାଧ୍ୟମରେ ଅଭିନେତ୍ରୀ ମୌସୁମୀଙ୍କୁ ଅଶ୍ଳୀଳ ଇଙ୍ଗିତ ହେଉଥିବା ନେଇ ଅଭିଯୋଗ ହୋଇଛି। ବିରଞ୍ଚିନାରାୟଣ ପତି ନାମକ ବ୍ୟକ୍ତି ତାଙ୍କୁ ଅଶ୍ଳୀଳ ଫଟୋ ପଠାଇବା ସହ ଫେଭର ମାଗୁଛନ୍ତି। ଏନେଇ ମୌସୁମୀ ନାୟକ ଆଜି ଚନ୍ଦକା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ବିରଞ୍ଚି ଗତ ସେପ୍‌ଟେମ୍ବର ମାସ ୭ ତାରିଖ ଦିନ ମୌସୁମୀଙ୍କୁ ଫେସବୁକ ମାଧ୍ୟମରେ ନଗ୍ନ ଫଟୋ ପଠାଇଥିଲେ। ସାମାଜିକ ଗଣମାଧ୍ୟମରେ ତାଙ୍କ ଉପରେ ନଜର ରଖିବା ସହ ଅଶ୍ଳୀଳ ମେସେଜ କରିଥିଲେ। ନଗ୍ନ ଫଟୋ ପଠାଇ ମୌସୁମୀଙ୍କ ଠାରୁ ଫେଭର ମାଗୁଥିଲେ। ମୌସୁମୀ କୌଣସି ଉତ୍ତର ଦେଉନଥିବା ବେଳେ ସେ ବାରମ୍ବାର ମେସେଜ କରି ଆସୁଥିଲେ। ଥାନାର ଦ୍ୱାରସ୍ଥ ହେଲେ ପରିଣାମ ଭୟଙ୍କର ହେବ ବୋଲି ଧମକ ଦେଇଥିଲେ। ସୋସିଆଲ ମିଡିଆରେ ବାରମ୍ବାର ଅନୁସରଣ ଯୋଗୁଁ ମୌସୁମୀ ନିଜକୁ ଅସୁରକ୍ଷିତ ମଣିଛନ୍ତି। ଏନେଇ ସେ ଚନ୍ଦକା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ୫୬୮/୨୫ ରେ ମାମଲା ରୁଜୁ କରିଛି। ବିରଞ୍ଚିନାରାୟଣ ପୋଡକାଷ୍ଟ କରୁଥିବା ଜଣେ ମହିଳାଙ୍କ ବାପା ହୋଇଥିବା ବେଳେ ସେ ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡିକାଲରେ ଚାକିରି କରିଥିବା ନେଇ ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି।

# ଲୁଟ୍ ଅଭିଯୋଗରେ ୩ ଗିରଫ

ଭୁବନେଶ୍ୱର, ୬।୧୨ (ସମିସ): ଲୁଟ୍ କରିଥିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି କମିସନରେଟ ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଚିନ୍ତାମଣିଶ୍ୱର ଅଞ୍ଚଳର ପ୍ରସନ୍ନ ବେହେରା (୨୪), ସୁବ୍ରତ ସାହୁ (୧୯) ଓ ୟୁନିଟ୍ ୬ ନାରାୟଣୀ ବସ୍ତିର ରାଜେଶ ଦିଗାଲ (୨୦)।

ପୁଲିସ ସୂଚନା ଅନୁଯାୟୀ, ଗତକାଲି ପ୍ରାତଃ ସମୟରେ ରାମଚନ୍ଦ୍ର ବେହେରା ଭୁବନେଶ୍ୱର ରେଲୱେ ଷ୍ଟେସନରୁ ଓଲ୍ଡାଇ ସାଇ ମନ୍ଦିର ଓ ଷ୍ଟେସନ ମଝିରେ ଚାଲି ଚାଲି ଯାଉଥିଲେ। ସେହି ସମୟରେ ପ୍ରସନ୍ନ, ସୁବ୍ରତ ଓ ସହଯୋଗୀ ତାଙ୍କୁ ଆକ୍ରମଣ କରି ମୋବାଇଲ୍ ଫୋନ୍ ଓ ମନିପର୍ସ ଛଡ଼ାଇ ନେଇଥିଲେ। ଆକ୍ରମଣରେ ରାମଚନ୍ଦ୍ରଙ୍କ ମୁଣ୍ଡରେ ରକ୍ତାକ୍ତ ଆଘାତ ଲାଗିଥିଲା। ଏନେଇ ସେ ଲକ୍ଷ୍ମୀସାଗର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ଚିନ୍ତାମଣିଶ୍ୱର ପୋଖରୀ ନିକଟରୁ ପ୍ରସନ୍ନ ଓ ସୁବ୍ରତକୁ ଗିରଫ କରି ମୋବାଇଲ ଫୋନ ଜବତ କରିଥିଲା। ସେହିପରି ଗତକାଲି ସନ୍ଧ୍ୟାରେ ଚିନ୍ମୟ ପ୍ରଧାନ ପ୍ରିୟଦର୍ଶିନୀ ମାର୍କେଟରେ ବୁଲାବୁଲି କରୁଥିବା ବେଳେ ରାଜେଶ ତାଙ୍କ ପ୍ୟାଣ୍ଟ ପକେଟରୁ ମୋବାଇଲ ଫୋନ ଚୋରିକରି ନେଇଥିଲା। ଏନେଇ ଚିନ୍ମୟ ଅଭିଯୋଗ କରିବା ପରେ ନୂଆପଲ୍ଲୀ ଥାନା ପୁଲିସ ରାଜେଶକୁ ଗିରଫ କରି ମୋବାଇଲ ଫୋନ ଜବତ କରିଥିଲା।

# କ୍ରିକେଟ୍‌ପ୍ରେମୀଙ୍କ ପାଇଁ ସ୍ୱତନ୍ତ୍ର 'ଆମ ବସ୍'ସେବା

ଭୁବନେଶ୍ୱର: ୬।୧୨(ସମିସ): ଆସନ୍ତା ୯ ତାରିଖରେ ହେବାକୁ ଯାଉଛି ଭାରତ ବନାମ ଦକ୍ଷିଣ ଆଫ୍ରିକା ଟି-୨୦ ଆନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍। କଟକ ବାରବାଟୀ ଷ୍ଟାଡିୟମ୍‌ରେ ହେବାକୁ ଥିବା କ୍ରିକେଟ୍ ମ୍ୟାଚ୍‌କୁ ଦୃଷ୍ଟିରେ ରଖି କ୍ରୁଟ୍ ପକ୍ଷରୁ ସ୍ୱତନ୍ତ୍ର ବସ୍ ସେବା ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ଏକାଧିକ ସ୍ଥାନରୁ ଚଳାଚଳ ହେବାକୁ ଥିବା ଏହି ସଟଲ୍ ବସ୍ ସେବା ନିର୍ଦ୍ଦିଷ୍ଟ ସ୍ଥାନରୁ ଆରମ୍ଭ ହୋଇ କଟକ ବାରବାଟୀ ଷ୍ଟାଡିୟମ ଯାଏଁ ଗଡ଼ିବ। କଟକ ରେଳ ଷ୍ଟେସନରୁ ସିଏନ୍‌ବିଟି ଏବଂ ବାରବାଟୀ ଷ୍ଟାଡିୟମ ଅଞ୍ଚଳରେ ଜନଗହଳିର ବାସ୍ତବ ପରିସ୍ଥିତିକୁ ଆଧାର କରି ବସ୍ ଚଳାଚଳର ବ୍ୟବସ୍ଥା ହେବ। ମ୍ୟାଚ୍ ପୂର୍ବରୁ ଅପରାହ୍ଣ ୪ଟାରେ କଟକ ରେଳ ଷ୍ଟେସନ୍‌ରୁ ସଟଲ୍ ସେବା ଆରମ୍ଭ ହେବ। ମ୍ୟାଚ୍ ଶେଷ ପରେ, ଟ୍ରାଫିକ୍ ଭିଡ଼କୁ ଦୃଷ୍ଟିରେ ରଖି ବାରବାଟୀ ଷ୍ଟାଡିୟମ୍‌ରୁ ସଟଲ୍ ବସ୍ ସେବା ଜାରୀ ରହିବ। ବାରବାଟୀ ଷ୍ଟାଡିୟମ୍‌ରୁ କଟକ ରେଳଷ୍ଟେସନ୍‌କୁ ଯିବା ପାଇଁ ପ୍ରାଥମିକ ସଟଲ୍ ରୁଟ୍ ହେଉଛି, ଗଡ଼ଗଡ଼ିଆ ଘାଟ, ଚହଟା ଘାଟ, ସତୀଚୌରା, ଜୁଡିସିଆଲ୍ ଏକାଡେମୀ, ସିଏନବିଟି, ବାଦାମବାଡି, ଲିଙ୍କ ରୋଡ୍ ଏବଂ ଓଏମପି ଛକ। ଏହି ରୁଟ୍ ମଧ୍ୟ ଦେଇ ବସ୍‌ଗୁଡିକ ରେଳଷ୍ଟେସନ୍ ଯାଏଁ ଚଳାଚଳ କରିବ। ସଟଲ୍ ସେବାର ନିର୍ଦ୍ଧାରିତ ଭଡ଼ା ୨୦ ଟଙ୍କା ରହିବ। ଭୁବନେଶ୍ୱରରୁ ଯାତ୍ରା କରୁଥିବା ଦର୍ଶକମାନଙ୍କ ପାଇଁ ମ୍ୟାଚ୍ ଶେଷ ପରେ ଦୁଇଟି ଅସ୍ଥାୟୀ ସ୍ୱତନ୍ତ୍ର ରୁଟ୍ ପରିଚାଳନା ହେବ। ରୁଟ୍ ୦୧: ବାରବାଟୀ ଷ୍ଟାଡିୟମରୁ ବିଏସଏବିଟି ବରମୁଣ୍ଡା। ଏହା ଜୁଡିସିଆଲ୍ ଏକାଡେମୀ, ନନ୍ଦନକାନନ ଏବଂ ଜୟଦେବ ବିହାର ଦେଇ ଚଳାଚଳ ହେବ। ଏହିପରି ରୁଟ୍ ୦୨ ବାରବାଟୀ ଷ୍ଟାଡିୟମରୁ ଭୁବନେଶ୍ୱର ରେଳଷ୍ଟେସନ୍। ଏହା ସିଏନବିଟି, ଲିଙ୍କ ରୋଡ୍, ଜାତୀୟ ରାଜପଥରେ ଚଳାଚଳ କରିବ। ଉଭୟ ରୁଟ୍ ପାଇଁ ଏକ ନିର୍ଦ୍ଧାରିତ ଫ୍ଲାଟ୍ ମୂଲ୍ୟ ୪୦ ଟଙ୍କା ରହିବ ଏବଂ ବସ୍‌ଗୁଡିକ ପ୍ରତି ୨୦-ମିନିଟ୍ ଅନ୍ତରରେ ଚଳାଚଳ ହେବ। ଏହି ସ୍ୱତନ୍ତ୍ର ସେବା ବ୍ୟତୀତ, ବର୍ତ୍ତମାନ ପରିଚାଳିତ ଆମ ବସ୍ ରୁଟ୍‌ଗୁଡିକ ମଧ୍ୟ ଭୁବନେଶ୍ୱର ଏବଂ କଟକ ମଧ୍ୟରେ ପୂର୍ବଭଳି ଚାଲୁ ରହିବ। ଏହି ରୁଟ୍‌ଗୁଡିକ ସିଏନବିଟି, ଜୁଡିସିଆଲ୍ ଏକାଡେମୀ, ବାରବାଟୀ ଷ୍ଟାଡିୟମ ଏବଂ କଟକ ରେଳଷ୍ଟେସନ ଭଳି ପ୍ରମୁଖ ସ୍ଥାନଗୁଡିକରେ ସହଜରେ ପହଞ୍ଚି ହେବ। ରୁଟ୍ ୧୦ ମନୁ ବିଶ୍ୱବିଦ୍ୟାଳୟ- ଭୁବନେଶ୍ୱର ବିମାନବନ୍ଦର, ରୁଟ୍ ୧୫ ସିଏନବିଟି - ଉତ୍କଳ ହସ୍ପିଟାଲ, ରୁଟ୍ ୧୬ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ - ଭୁବନେଶ୍ୱର ରେଳଷ୍ଟେସନ, ରୁଟ୍ ୧୭ ବାରବାଟୀ ଷ୍ଟାଡିୟମ - ଭୁବନେଶ୍ୱର ବିମାନବନ୍ଦର, ରୁଟ୍ ୧୮ ଜଗତପୁର - ବିଏସଏବିଟି, ବରମୁଣ୍ଡା, ରୁଟ୍ ୧୯ ମହାନଦୀ ବିହାର- ଏମ୍ସ, ରୁଟ୍ ୮୨ ଏସିବି ମେଡିକାଲ- ଭୁବନେଶ୍ୱର ବିମାନବନ୍ଦର ରୁଟ୍ ଗୁଡ଼ିକରେ ମଧ୍ୟ ଦୈନନ୍ଦିନ ଭଳି ଯାତ୍ରୀମାନଙ୍କୁ ଯାତାୟାତ ସେବା ଜାରୀ ରହିବ। କଟକ ଜିଲ୍ଲା ମଧ୍ୟରେ ସଂଯୋଗ ସୁବିଧା ପ୍ରଦାନ କରିବା ପାଇଁ ରୁଟ୍ ୮୧ (ବାରବାଟୀ ଷ୍ଟାଡିୟମ୍‌ରୁ ସାଲେପୁର), ରୁଟ୍ ୮୬ (ଚହଟା ଘାଟରୁ କଟକ ରେଳଷ୍ଟେସନ୍), ଏବଂ ରୁଟ୍ ୮୮- ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରୁ ଏସସିବି ମେଡିକାଲ୍, ଜୁଡିସିଆଲ୍ ଏକାଡେମୀ, ସିଏନବିଟି ଏବଂ ଦୋଳମୁଣ୍ଡାଇ ମଧ୍ୟ ଦେଇ ଚଳାଚଳ କରିବ। ରିଅଲ୍-ଟାଇମ୍ ସେବା ଅପଡେଟ୍ ପାଇଁ ଯାତ୍ରୀମାନଙ୍କୁ ଆମ ବସ୍ ମୋବାଇଲ୍ ଆପ୍ ଏବଂ କ୍ରୁଟ ସୋସିଆଲ୍ ମିଡିଆ ହ୍ୟାଣ୍ଡେଲ୍?ଗୁଡିକୁ ଅନୁସରଣ କରିବାକୁ କ୍ରୁଟ୍ ପକ୍ଷରୁ ସୂଚନା ଜାରୀ କରାଯାଇଛି।

# ପ୍ରତି ସୋମବାର ବିଏମ୍‌ସି, ବିଡିଏ ଓ ସ୍ମାର୍ଟସିଟିର ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୬।୧୨(ସମିସ): ଏଣିକି ପ୍ରତି ସୋମବାର ଦିନ ବିଏମସି, ବିଡିଏ ଓ ସ୍ମାର୍ଟସିଟିର ଅଭିଯୋଗ ଶୁଣାଣି ମିଳିତ ଭାବେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମୁଖ୍ୟାଳୟରେ ଅନୁଷ୍ଠିତ ହେବ। ବିଭିନ୍ନ ମାଧ୍ୟମରେ ଅଭିଯୋଗ କରିଥିବା ବ୍ୟକ୍ତି ବିଶେଷ ଅନୁଷ୍ଠାନଙ୍କୁ ଅନୁରୋଧ, ସେମାନେ ସୋମବାର ସକାଳ ୧୦ ଘଟିକାରେ ବିଏମ୍‌ସି କାର୍ଯ୍ୟାଳୟରେ ଉପସ୍ଥିତ ରହି ନିଜ ନିଜର ଅଭିଯୋଗ ଦାଖଲ ଶୁଣାଣିରେ ଅଂଶ ଗ୍ରହଣ କରିପାରିବେ।

TPCODL
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

TP CENTRAL ODISHA DISTRIBUTION LIMITED
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha 751007

NOTICE INVITING TENDER: NIT No: TPCODL/2025-26/NIT/13

Bids are invited from eligible bidders for the following tenders:

| Sl. No | Tender Enquiry No. | Tender Description |
|---|---|---|
| 1 | TPCODL/P&S/2025-26/ 1000007382 | One Year RC for supply of 630KVA, 11/0.4 KV Compact Substation |
| 2 | TPCODL/CCG/2025-26/ 1000007464 | Rate Contract for deploying IT Helpdesk & Field Support Assistants at TPSODL & TPWODL |
| 3 | TPCODL/P&S/2025-26/ 1000007118 | Two Year RC for Hiring Agency for Transformer repair service at DT workshop,Choudwar. |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website https://www.tpcentralodisha.com. All tenders will be available on TPCODL website.Future communication / corrigendum to tender documents, if any, shall be available on TPCODL website.It is suggested to track aforesaid website for said NIT details.

LITTLE ANGELS PUBLIC SCHOOL
Affiliated to C.B.S.E , Delhi. Affi. No. : 1530146 , School No. : 15407 Dr Mund Lane , Barpali
ADMISSION OPEN
Pre - Nursery to Std. XI (Science)
HURRY ! Limited Seats



25% OF THE TOTAL SEATS IN ENTRY LEVEL IS RESERVED UNDER RTE ACT.2009.
8260606959 INFO@ANGELS.AC.IN ANGELS.AC.IN



# ଶୀତର ତାପମାତ୍ରା



ପ୍ରଦୀପ ନାୟକ

ଖବରକାଗଜ ହାତରେ ଧରି ସକାଳ ଚା' ପିଉପିଉ ଅନିମେଷ କହିଲେ – "ରାତିର ତାପମାତ୍ରା ଆହୁରି ଚାରିଡିଗ୍ରୀ ତଳକୁ ଖସିଲା। ତା'ମାନେ ଆଜି ଶୀତ ହେବ। କିଛି ଗୋଟେ ଘୋଡ଼ି ହେବାକୁ ପଡ଼ିବ। ନହେଲେ ଚଳିବ ନାହିଁ।"

ଠାକୁରଘର ବାସନ ମାଜୁମାଜୁ କେଜାଣି କାହିଁକି ପତ୍ନୀ ରତ୍ନା ଟିକେ ହସିଦେଲେ। ଯଦିଓ ତାଙ୍କର ଏଇ ହସଟି ଥିଲା ଶବ୍ଦହୀନ ତଥାପି ତାଙ୍କ ଆଡ଼ ଚାହାଣିକୁ ଏଡ଼େଇ ଯାଇ ପାରିନଥିଲା।

ଅନିମେଷଙ୍କ କଥାର କିଛି ଉତ୍ତର ମିଳିଲା ନାହିଁ ପତ୍ନୀଙ୍କଠାରୁ। ଚା'ର ଶେଷ ଢୋକ ନେଇ ବସିବା ଜାଗାରୁ ଉଠିବାର ଉପକ୍ରମ କରୁକରୁ ସେ କହିଲେ – "ଜଣାପଡୁଛି ଆଜି ଖରା ହେବ। ଆଲମିରାରୁ କମ୍ବଳ ବାହାର କରିଦେବ। ଆଉ ମୋ ସୋଏଟର୍ ବି ବାହାର କରି ଟିକେ ଖରାରେ ପକାଇଦେବ।"

କମ୍ବଳ କଥା ଶୁଣି ରତ୍ନା ଏମିତି ଏକ ତେରେଛା ଚାହାଣି ଅନିମେଷଙ୍କ ଆଡ଼େ ଫିଙ୍ଗିଲେ, ଯେମିତି ସେ ତାଙ୍କ ଉପରେ ଦୟା କରୁଛନ୍ତି।

ଟିପୟ ଉପରେ ଖବରକାଗଜ ରଖିଦେଇ ଅନିମେଷ ରତ୍ନାଙ୍କ ରଖିଥିବା ସକାଳ ସଉଦା ଚିଠା ଆଉ ବ୍ୟାଗ୍ ଧରି ବାହାରିଲେ ବଜାର।

"ଶୁଣ ବଜାରକୁ ନୂଆ କୋବି ଆସିବଣି, ଗତଥର ପରି କୋଲଡ଼ଷ୍ଟୋର କୋବି ଆଣିବନି। ଗ୍ରୀନ୍ମଟର୍, ଗାଜର, ବିନ୍ସ ଅଳ୍ପ ଆଣିବ। ଆଗକୁ ଦାମ କମିବ ବୁଝିଲ।"

ଗ୍ୟାରେଜରୁ ଗାଡ଼ି ବାହାରକରି ଅନିମେଷ ପୁଣିଥରେ ମନେ ପକାଇଦେଲେ – "ଖରା ଟିକେ ଆସିଲାଣି। ଭୁଲିବ ନାହିଁ।"

ଅନିମେଷ ବଜାର ବାହାରିଗଲା ବେଳେ ତାଙ୍କ ଯିବା ବାଟକୁ ଚାହିଁ ପୁଣି ଥରେ ଏକ ରହସ୍ୟମୟ ହସ ଖେଳିଗଲା ରତ୍ନାଙ୍କ ଓଠରେ।

ରାତି ଖାଇବା ସାରି ବିଛଣାକୁ ଯାଇ କମ୍ବଳ ଖୋଜିଲେ ଅନିମେଷ। ରୋଷେଇଘରକୁ ଶୁଭିଲା ପରି ପଚାରିଲେ – "କମ୍ବଳ ବାହାର କଲନି କି ? ଆଜି କ'ଣ ଖାଲି ଦେହରେ ଶୋଇହେବ! ପାହାନ୍ତାକୁ ତ ବହୁତ ଶୀତ ଲାଗିବ।"

ରୋଷେଇଘର ବନ୍ଦ କରି, ଶୋଇବା ଘର ଲାଇଟ୍ ଲିଭେଇ ବିଛଣା ଉପରକୁ ଆସିଲେ ରତ୍ନା। ହାଲକା ନୀଳ ରଙ୍ଗର ଆଲୁଅ ନାମକୁ ମାତ୍ର ପହଁରୁଚି ଘର ଭିତରେ।

ଅନିମେଷଙ୍କ ପାଖକୁ ଲାଗି ଆସି ରତ୍ନା ଟିକେ ଦୁଷ୍ଟାମିଭରା ଚାହାଣିରେ ସ୍ୱାମୀଙ୍କ ମୁହଁକୁ ଚାହିଁଲେ। କହିଲେ – "କମ୍ବଳ ବାହାର କରିଥିଲି। ଛାତ ଉପରେ ଶୁଖେଇ ଥିଲି ଯେ, ହେଲେ ଆଣିବାକୁ ଭୁଲିଯାଇଛି।"

-"ଓହଃ। ରାତିରେ ଆଜି ବିନା କମ୍ବଳରେ ଶୋଇହେବ ଟି?"

ରତ୍ନା କହିଲେ – "ହଁ ସେମିତି ଲାଗୁଛି ତ। କହିବତ ଯାଇ ନେଇ ଆସିବି!"

ଅନିମେଷ କିନ୍ତୁ କିଛି ଉତ୍ତର ଦେଲେ ନାହିଁ।

-"ସକାଳେ କହୁଥିଲ ତାପମାତ୍ରା କୁଆଡ଼େ ଖସୁଛି। ହଇଓ... ତାପମାତ୍ରା ଚାରିଡିଗ୍ରୀ ଖସୁ କି ହିମାଙ୍କ ଉପରକୁ ବଢୁ, ଶୀତକୁ ଟିକେ ଏନଜୟ କରିବ ନା ନାହିଁ। ଦେଖୁଚି ମଣିଷ ସବୁବେଳେ ପ୍ରକୃତି ଛଡ଼ା ହୋଇଯାଉଛି।"

ଅନିମେଷ କହିଲେ –" ମାନେ ?"

-"ମାନେ ଆଉ କ'ଣ ! ବର୍ଷା ହେଲେ ଛତା ଖୋଜ, ଖରା ହେଲେ ଛାଇ ଖୋଜ, ଶୀତ ହେଲେ ସୋଏଟର୍ ଖୋଜ। ସବୁବେଳେ ଚାଲିଛି। ତାହେଲେ ପ୍ରକୃତିକୁ କେମିତି ଉପଭୋଗ କରିବ! ପ୍ରକୃତିଠୁ ଦିନକୁ ଦିନ ଆମେ ଦୂରକୁ ଚାଲି ଯାଉନାହାନ୍ତି କି ? ଆଜି କମ୍ବଳ ତା' ଜାଗାରେ ଥାଉ। ଯଦି ତମକୁ ପାହାନ୍ତାରେ ଶୀତ ଲାଗେ ମୁଁ ପାଖରେ ଅଛି ନା !"

ଅନିମେଷଙ୍କ ଦେହକୁ ଲାଗି ଆସିଥିବା ରତ୍ନାଙ୍କ ଦେହରୁ ସେ ଅନୁଭବ କରୁଥିଲେ... "କାଇଁ ତାପମାତ୍ରା ତଳକୁ ଖସିଛି କେଉଁଠି!!" ■

ବନ୍ଧପଡ଼ା, ମଦନପୁର,
କେନ୍ଦ୍ରାପଡ଼ା
ମୋ: ୮୯୧୭୩୭୦୨୨୭

## ଜୟ ଭାରତ



କୃଷ୍ଣ କୁମାର ମହାନ୍ତି

ମୁଁ ନଥିବା ଭାରତର ଅନାଗରିକତାକୁ ନେଇ
ଠିଆ ହୋଇଛି ଏକ୍ଲା
ଦେଶଠୁ ଦୂରରେ।
ଦଶାଠୁ ଦୂରରେ।
ଦାସଠୁ ଦୂରରେ।

ମୋ ହାତରେ ଅଛି ଅଠର ବର୍ଷିଆ ଅଧିକାର
ମୋ ପାଦରେ ଅଛି ସ୍ୱଦେଶୀ ଶକ୍ତି
ମୋତେ କୁଆଡ଼େ ଡାକୁଛ ହୋ ସର୍କାର୍ !
ମୁଁ ଆଜି ହିଁ କରୁଛି ତମକୁ ଅନ୍‌ଫ୍ରେଣ୍ଡ୍।

ଦାନା ଫିଙ୍ଗି ଦେଇ ମୋତେ
କବଳିତ କରିବ ଭାବନା
ମୁଁ ସେଇ ଭୋକିଲା ଚଢ଼େଇ ନୁହଁ କି
ତମେ ଚତୁର ଶିକାରୀ।

ଦେଶଭକ୍ତିରେ ଦୋଦୋଚିହ୍ନା ଦିଶେ ତମ ମୁହଁ
ଉଦ୍‌ବାସ୍ତୁଙ୍କ ପିଠିରୁ ଝରୁଥିବା
ଝାଳବିନ୍ଦୁରେ ଝୋଳ କରି
ହାପୁଡୁଥାଅ ତୁମେ ମଣିଷ ରକ୍ତ
ଦେଶ ଦେଖିନଥିବା
ଗୋଟେ ନୂଆ ଦୟ ନେଇ ମୁଁ ପହଞ୍ଚିଛି ଆଜି।

ଯାଅ ଯାଅ ହୋ ସର୍କାର୍
ତମକୁ ଆଜିଠୁ କରୁଛି ମୁଁ ଅନ୍-ଫଲୋ

ଆଉ ଶୁଭିବ ନାହିଁ ତମ ଅଧିନାୟକର ସ୍ୱର
ଯିବା ଆସିବା ବାଟରେ ତମେ ଭେଟିବ ନାହିଁ
ସେଇ ଜନଗଣମନକୁ
ଦେଶର ମୁଖା ପିନ୍ଧି ପ୍ରତିଟି ମଣିଷ
ଏଣିକି ଓହ୍ଲେଇ ଦେବେ ତମ ଦେହରୁ
ଜୟ ଭାରତର ମିଛ ପୋଷାକ।

ଥୟ ଧର ସର୍କାର୍ ଥୟ ଧର। ■

କଳିଙ୍ଗ ନଗର
ବାଲେଶ୍ୱର-୭୫୬୦୦୧
ମୋ: ୭୦୦୮୮୪୫୯୨୦



## ଚୈତ୍ର ମାସ ଆସେ



ଶିଶିର ନାୟକ


ତମେ ମୋତେ ଭଲପାଅ ବୋଲି
ଚୈତ୍ର ମାସ ଆସେ

ସକାଳୁ ପୁଅକୁ ସ୍କୁଲ ଛାଡ଼ି ଫେରିଲା ବେଳେ
ଆଣି ଥାଏ କ୍ଷୀର ଓ ବୋଉର ପାନ
ଫଗୁଣର ଫସଲରେ ବାସୁଥାଏ ତୁମ ପଣତ
ତର ତର ହେଇ ଅଫିସ୍ ବାହାରିବା ବେଳେ
ଟିଭି କହୁଥାଏ ଆଜି ଭାରତ ବନ୍ଦ
ସବୁ ଅଣାୟତ୍ତ

ସନ୍ଧ୍ୟା ଆସି ଅଫିସ୍ ଛୁଏଁ
ନୂଆ ଭଳିଆ ସହର ଚେଇଁ ଉଠେ
ରୂପାଲି ଛକ ରୁପା ପରି ଦିଶେ

ଫେରୁ ଫେରୁ କି ପବନ !
ଭୁଲି ହୋଇଯାଏ
ଢେର ଲୋକଙ୍କ ବାକ୍ୟଛନ୍ଦ

ପୁଅ ସହ ବାଲକୋନୀରେ
ଠିଆ ହେଲାବେଳେ
ହଂସପାଳ ଛକରୁ ଅନେଇ ଥାଏ
କେତେ ବଡ଼ ଜହ୍ନ
ଭୁଲେଇ ଦିଏ ଅଫିସ୍‌ର ଚୁଗୁଲି ଜଞ୍ଜାଳ



ତାରା ଫୁଟେ କୁଆଡ଼େ କୁଆଡ଼େ
ଲୁହ ପୋଛେ ଖୁଡ଼ୀ କାନିରେ
ପ୍ରତିଦିନ ପୁଅର ମୁହଁ ଦେଖି ବଞ୍ଚେ
ଧାନ ପାଚୁଥାଏ ବିଲରେ

ଅଭ୍ୟସ୍ତ ଘରକରଣାରେ
ଲିଭି ଯାଉଥାଏ ବିଭେଦ ରେଖା
ନୂଆ ପ୍ରଜାପତିଟିଏ ଉଡ଼ି ବୁଲୁଥାଏ
ତୁମ ଅଭିମାନରେ
ମହୁ ଟିକେ ଖୋଜି ଖୋଜି
ଦିନ ସବୁ ସରିଯାଉଥାଏ


ତୁମେ ମୋତେ ଭଲପାଅ ବୋଲି
ଚୈତ୍ର ମାସ ଆସେ ■

ମୋ : ୯୯୩୭୪୯୦୬୪୭

## ପୁସ୍ତକ ଓ ପତ୍ରିକା ପରିଚୟ

### ବରଫ ଚାଦର ତଳେ ଚାରି ମାସ

ବିରଞ୍ଚି ନାରାୟଣ ତ୍ରିପାଠୀ






ଶାନ୍ତିସେନା ପବ୍ଲିକେଶନ୍ସ, ଜଗତସିଂହପୁର
ପ୍ରଥମ ପ୍ରକାଶନ: ୨୦୨୫
ମୂଲ୍ୟ: ୨୫୦ ଟଙ୍କା

କାନାଡ଼ା ଭ୍ରମଣର ନିଆରା ଅନୁଭୂତିକୁ ନେଇ ପ୍ରକାଶ ପାଇଛି ବିରଞ୍ଚି ନାରାୟଣ ତ୍ରିପାଠୀଙ୍କ 'ବରଫ ଚାଦର ତଳେ ଚାରି ମାସ' ପୁସ୍ତକ। ଏହି ଭ୍ରମଣ କାହାଣୀ ପୁସ୍ତକରେ 'ଆମ୍‌ଷ୍ଟର୍‌ଡାମ୍‌ର ଆନି', 'ମଂଟ୍ରିଲ୍‌ର ନିକୋ', 'ବାଥ୍‌ରୁମ୍‌ରେ ହଟହଟା ଯୋଗ', 'ଗୁଣ୍ଡୁଚି ସହ ଏକ ଅଳସ ଅପରାହ୍ନ', 'ବିନା ଫୁଲରେ ଠାକୁର ପୂଜା', 'ଭିତର ଗରମ ବାହାରେ ଥଣ୍ଡା', 'କିଚେନ୍ ଚଟାପଟ', 'ବରଫ ଜଙ୍ଗଲରେ ଜବରଦସ୍ତ ଥଣ୍ଡା', 'ଲାଇବ୍ରେରୀ ବୁଲା', 'ଜଙ୍ଗଲ ଜନ୍ତୁଙ୍କ ଗହଣରେ ଦିନଟିଏ', 'ଶୀତ ପହଁରା', 'ମ୍ୟୁଜିୟମ୍ ମ୍ୟୁଜିକ୍', 'ବରଫ ବର୍ଷାରେ ମାର୍କେଟ ବୁଲା', 'ଇତିହାସ ଭବନରେ ଦିନେ', 'କାନାଡ଼ାର ଲୋକ ସଂସ୍କୃତି', 'ପାର୍ଲାମେଣ୍ଟ ଭବନରେ', 'କାନାଡ଼ାରେ ଶେଷଦିନ' ଆଦି ଆଲେଖ୍ୟରେ ଲେଖକ ତ୍ରିପାଠୀ କାନାଡ଼ାରେ ରହଣି ସମୟରେ ନିଜସ୍ୱ ଅନୁଭବ ଓ ଅନୁଭୂତିକୁ ମର୍ମସ୍ପର୍ଶୀ ଭାବେ ବର୍ଣ୍ଣନା କରିଛନ୍ତି। ଏହା କେବଳ ଏକ ଭ୍ରମଣ କାହାଣୀ ପୁସ୍ତକ ନୁହେଁ, ପାଠକ ଏହି ପୁସ୍ତକରେ କାନାଡ଼ାର ସଂସ୍କୃତି, ପରମ୍ପରା, ଚାଲିଚଳଣି, ପ୍ରାକୃତିକ ପରିବେଶ, ଦର୍ଶନୀୟ ସ୍ଥାନଗୁଡ଼ିକ ସଂପର୍କରେ ମଧ୍ୟ ଜାଣିବାକୁ ପାଇବେ। କାନାଡ଼ା ବୁଲିବା ପାଇଁ ଏହି ପୁସ୍ତକଟି ମାର୍ଗଦର୍ଶନ କରିବ ନିଶ୍ଚୟ। ■

### ସାହିତ୍ୟ ପ୍ରାଣ ସୁରେନ୍ଦ୍ର ମହାନ୍ତି

ସୌମ୍ୟରଞ୍ଜନ ଭୂୟାଁ





ସାଇ ଯମୁନା ପବ୍ଲିକେଶନ୍ସ
ଝାଞ୍ଜିରୀ ମଙ୍ଗଳା, କଟକ- ୯
ପ୍ରଥମ ପ୍ରକାଶନ: ୨୦୨୫
ମୂଲ୍ୟ: ୧୦୦ ଟଙ୍କା

ବିଶିଷ୍ଟ କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତିଙ୍କୁ ନେଇ ସୌମ୍ୟରଞ୍ଜନ ଭୂୟାଁଙ୍କ ରଚିତ 'ସାହିତ୍ୟ ପ୍ରାଣ ସୁରେନ୍ଦ୍ର ମହାନ୍ତି' ପୁସ୍ତକ ପ୍ରକାଶ ପାଇଛି। ଏହି ପୁସ୍ତକରେ ସୁରେନ୍ଦ୍ର ମହାନ୍ତିଙ୍କ ଜୀବନ ଓ କୃତି ସଂପର୍କରେ ସଂକ୍ଷେପରେ ଆଲୋଚନା କରାଯାଇଛି। 'ପିଲାଦିନ/ବାଲ୍ୟଶିକ୍ଷା', 'ସାମ୍ବାଦିକତା ଜୀବନ', 'ସାରସ୍ୱତ ଜୀବନ', 'ସାହିତ୍ୟିକ ସୁରେନ୍ଦ୍ର', 'ଚର୍ଚ୍ଚିତ ପୁସ୍ତକ', 'ଗାଳ୍ପିକ ସୁରେନ୍ଦ୍ର', 'ପ୍ରାବନ୍ଧିକ ଓ ସାହିତ୍ୟ ସମାଲୋଚକ', 'ନାଟ୍ୟକାର ସୁରେନ୍ଦ୍ର ମହାନ୍ତି', 'ଆତ୍ମଜୀବନୀକାର ସୁରେନ୍ଦ୍ର', 'ଭ୍ରମଣ ବୃତ୍ତାନ୍ତ ରଚୟିତା', 'ରାଜନୈତିକ ଜୀବନ' ଆଦି ଆଲୋଚନାଗୁଡ଼ିକରେ ସୁରେନ୍ଦ୍ର ମହାନ୍ତିଙ୍କ ପିଲାଦିନଠାରୁ ଆରମ୍ଭ କରି ସାରସ୍ୱତ ସାଧନା ସଂପର୍କରେ ବର୍ଣ୍ଣନା ରହିଛି। ଏକାଧାରରେ ଥିଲେ ସେ ଜଣେ ପ୍ରାବନ୍ଧିକ, ଗାଳ୍ପିକ, ଔପନ୍ୟାସିକ, ନାଟ୍ୟକାର, ଭ୍ରମଣ ବୃତ୍ତାନ୍ତ ରଚୟିତା। ସେହିପରି ସାମ୍ବାଦିକତା ଓ ରାଜନୀତି କ୍ଷେତ୍ରରେ ମଧ୍ୟ ସେ ଥିଲେ ବେଶ୍ ପରିଚିତ। ଲେଖକ ସୌମ୍ୟରଞ୍ଜନ ଏହି ପୁସ୍ତକରେ ସୁରେନ୍ଦ୍ରଙ୍କ ଜୀବନ, ସାହିତ୍ୟ, ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଛନ୍ତି। କଥାକାର ସୁରେନ୍ଦ୍ର ମହାନ୍ତିଙ୍କ ସଂପର୍କରେ ଜାଣିବା ପାଇଁ ଏହା ଏକ ଉପାଦେୟ ପୁସ୍ତକ। ■

### ଶୋଭନା

ସଂପାଦକ : ବିଧୁଭୂଷଣ ପଟ୍ଟନାୟକ





କ୍ୱାର୍ଟର ନଂ:୨ଆର୍‌ଏ-୬୦,
ରୋଡ୍-୭
ୟୁନିଟ୍- ୯, ଭୁବନେଶ୍ୱର-୨୨
ମୂଲ୍ୟ :୪୦ ଟଙ୍କା

ବିଧୁଭୂଷଣ ପଟ୍ଟନାୟକଙ୍କ ସଂପାଦନାରେ 'ଶୋଭନା'ର ନଭେମ୍ବର ସଂଖ୍ୟା ପ୍ରକାଶ ପାଇଛି। ଏହି ସଂଖ୍ୟାଟି ଅନୁବାଦ ବିଶେଷ ଭାବରେ ପ୍ରକାଶ ପାଇଛି। ରସ୍କିନ୍ ବଣ୍ଡଙ୍କ 'ପ୍ରତୀକ୍ଷା' ଗପକୁ ସୁଭାଷ ଶତପଥୀ, କେତୁ ବିଶ୍ୱନାଥ ରେଡ୍ଡୀଙ୍କ 'ପଛପଟରୁ ଶିକାର'କୁ ବଙ୍ଗାଳୀ ନନ୍ଦ, ଅନୱର ମିର୍ଜାଙ୍କ 'ସତସତିକା ସକାଳ'କୁ ସୁକୋମଳ ଦାଶ, ଲଙ୍ଗ ଜିନ୍‌ହୁଆଙ୍କ 'ଉଇଲୋ ପତ୍ର ଉଡୁଥିଲା ଆଉ ପଡୁଥିଲା'କୁ ଇନ୍ଦୁଲତା ମହାନ୍ତି, ଅନୁରାଧା ରାମାନନ୍ଦଙ୍କ 'ପ୍ରାର୍ଥନା'କୁ ମନୋରମା ରଥ ଓଡ଼ିଆ ଭାଷାରେ ଅନୁବାଦ କରିଛନ୍ତି। ଏହି ସବୁ ଅନୁବାଦ ଗପରେ ମୂଳ କାହାଣୀ, ଚରିତ୍ର, ଭାବକୁ ଅକ୍ଷୁଣ୍ଣ ରଖିବାକୁ ଅନୁବାଦକମାନେ ପ୍ରୟାସ କରିଛନ୍ତି। ଯାହା ଫଳରେ ଗପଗୁଡ଼ିକର ମୌଳିକତାକୁ ପାଠକମାନେ ଅନୁଭବ କରିପାରିବେ। ସେଭଳି ନିରାକାର ଦାସଙ୍କ 'ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି', ଅର୍ଚ୍ଚିତା ଦାସଙ୍କ 'ଶ୍ମଶାନ' ଆଦି କବିତା ହୃଦୟସ୍ପର୍ଶୀ ହୋଇଛି। ସେହିପରି 'ମିଡିଆ ଜଗତର ଆଶା ଲିତିଶା', 'ପଞ୍ଚଜନ୍ୟ ଅସୁରର ପ୍ରତ୍ୟାବର୍ତ୍ତନ', 'ଆୟୁର୍ବେଦରେ ଶଙ୍ଖ' ଆଦି ଲେଖାଗୁଡ଼ିକ ମଧ୍ୟ ଭଲ ହୋଇଛି। ଶୋଭନାର ଏହି ସଂଖ୍ୟାଟି ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■





# "ମୁଁ ଜୀବନରୁ ସତ୍ୟ ଓ ଅର୍ଥ ଖୋଜିବାକୁ ଲେଖେ"



ସୂର୍ଯ୍ୟ ମିଶ୍ର

ନୃତ୍ୟ କରିବା, ଚିତ୍ର ଆଙ୍କିବା, ଗାଇବା ଏବଂ ସ୍ଥାପତ୍ୟ ନିର୍ମାଣ ପରି ସୃଜନକର୍ମ ପାଇଁ ମୋର ଦକ୍ଷତା ନାହିଁ ବୋଲି ସମ୍ଭବତଃ ମୁଁ ଲେଖିଲି। କ୍ରମେ କ୍ରମେ ଲେଖିବାକୁ ହିଁ ଗୁରୁତ୍ୱ ଦେଲି, ତେଣୁ ଲେଖିଲି। କାରଣ ଅନ୍ୟଗୁଡ଼ିକ ମୋ ଦେଇ ହେଲା ନାହିଁ। ସେ ବିଶେଷ ସର୍ଜନ ପ୍ରତିଭା ମୋର ନାହିଁ। ବ୍ୟକ୍ତିଗତ ଜୀବନଚର୍ଯ୍ୟା ସାଙ୍ଗକୁ ସମାଜଜୀବନରେ ସଂଘଟିତ ଅନେକ ଘଟଣା ମୋତେ ଆଚ୍ଛନ୍ନ କରେ। ବେଳେବେଳେ ଆବେଗ ପ୍ରତାଡ଼ିତ ହୋଇ ଲେଖେ। ମୋ ଆଗରେ, ମୋର ଗୋଚରରେ କେତେଗୁଡ଼ାଏ ମର୍ମାନ୍ତିକ, ପୀଡ଼ାଦାୟକ ଓ ଭାବ ଉଦ୍ଦୀପକ ଘଟଣା ଯେମିତି: ଜନଆନ୍ଦୋଳନ, ନାରୀ ହତ୍ୟା ଓ ଦୁଷ୍କର୍ମ, ଗୁଳି, ଧ୍ୱଂସଲୀଳା କି ଦୁର୍ବଳ ଉପରେ ଅତ୍ୟାଚାର, ବିସ୍ଥାପନ, ଅନୈତିକ ଓ ବେଆଇନ ବ୍ୟବହାର, ଭ୍ରଷ୍ଟାଚାର, ଦୁର୍ନୀତି ଆସେ। ସେତେବେଳେ ବିଫଳତା ଓ ଅସହାୟତା କୂଳ ଲଂଘେ ଓ ମୁଁ ଲେଖିବାକୁ ମନ କରେ। ପୁଣି, ଅନେକ ସମୟରେ ମାନବିକତାର ବିଜୟ ଓ ସଫଳତା ମଧ୍ୟ ମୋତେ ଉଲ୍ଲସିତ କରେ। ନିରବତା ଭିତରେ ମୋତେ କୋଳାହଳ ଆକ୍ରାନ୍ତ କରେ। ସେଥିରେ ଥାଏ କୋଉ ସ୍ତ୍ରୀ ଲୋକର କାନ୍ଦଣା କି କେଉଁ ଅସହାୟର ବୁକୁଫଟା ଚିତ୍କାର। କେଉଁଠି ଜଳିଯିବା ତ କେଉଁଠି ବନ୍ଧୁକର ଗୁଳି। ଆର୍ତ୍ତ ମଣିଷଙ୍କ ଶୋଭାଯାତ୍ରା କି କୋଉ ଜନଆନ୍ଦୋଳନରେ ଗର୍ଜନ। ଏତେଗୁଡ଼ାଏ କୋଳାହଳ ଭିତରୁ ମୁଁ ଗୋଟେ ବୈଚାରିକତା ବା ମୂଳକଥାକୁ ଫେରେ। ସେତେବେଳେ ସେତକ ମୂଳକଥା ମୋର ଲେଖାର ଉପାଦାନ ପାଲଟିଯାଏ।

ବୈଚାରିକତା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଗୋଟାଏ ବିଚାରକୁ ନେଇ ଆଦର୍ଶ କି ଯଥାର୍ଥ ଗଢ଼ି ତୋଳାଯାଏ। ବୈଚାରିକତା କଥା ଆସିଲେ ବୌଦ୍ଧିକତା ପହଞ୍ଚେ। ପ୍ରତ୍ୟକ୍ଷ ଦୃଷ୍ଟି, ଅନୁଭବ ଓ ତଦ୍ଜନିତ ନିଆରା ଉପଲବ୍ଧି ବଳରେ ମୁଁ ସେ ବିଚାରକୁ ଆପଣାଏ, ଆଗ୍ରହ ରଖେ, ସେଥିପାଇଁ ବାମାବାଦ କି ନାରୀ ଅନ୍ତର୍ମନର କଥା କି ଦଳିତ ବିମର୍ଶ ଆଡ଼କୁ ଲେଖା ଇଙ୍ଗିତ କଲେ ମୋର ଯାଏଆସେ ନାହିଁ। ମୁଁ ଜାଣେ, ମୋର ତଥାକଥିତ ବ୍ରାହ୍ମଣ-ବହପ କି ସଂସ୍କାର ଅବା ଛଳ-ନୈତିକତାର କୌଣସି ମୂଲ୍ୟ ନାହିଁ। ସେତେବେଳେ ଗୋଟାଏ ବିଚାରର ଯଥାର୍ଥତା ଉପରେ ମୋର ଭରସା ଆସେ। ମୁଁ ପରମ୍ପରାକୁ ମଧ୍ୟ ପ୍ରଶ୍ନ କରେ, ପ୍ରତିବାଦ ଜଣାଏ, ଦ୍ରୋହ ଡାକେ।

ମୋତେ ଲାଗେ, ଗୋଟିଏ ଲାଞ୍ଛନାର ପରିବେଶରେ ମୁଁ ବଞ୍ଚିଛି। ଅପ୍ରାପ୍ତି, ବେଦନାବୋଧ ଓ ଅସନ୍ତୁଷ୍ଟିର ଗୁଡ଼ାଏ ପାହାଚ ମୋ ଆଗରେ ଉଭା ହୁଅନ୍ତି। ମୁଁ ସେଗୁଡ଼ାକ ଭାଙ୍ଗି ଚୂର୍ମାର କରିବାକୁ ଚାହେଁ। କିନ୍ତୁ କୌଣସି କଳାତ୍ମକତା କି ଶବ୍ଦର କାରିଗରୀ ସେ ପାହାଚ ଭାଙ୍ଗିବାରେ ବିଶେଷ ସହଯୋଗ କରିବେନି, କେବଳ ଉସ୍କାଇବା କିମ୍ବା ଉତ୍ସାହିତ କରିବା ବ୍ୟତୀତ। ସେମିତି କାମ ପାଇଁ ମୁଁ ଲେଖେ, ସେଇଟା କ୍ଷେତ୍ର ଉପରେ ଅସ୍ତ୍ର ଭାବରେ କାମ କରିବ ନାହିଁ ଜାଣି ମଧ୍ୟ। କିନ୍ତୁ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକ ବି ଅଛନ୍ତି। ସେମାନେ ମୋ'ଠାରୁ ଅଧିକ ଶକ୍ତିଶାଳୀ ଓ ପ୍ରଭାବୀ ହୋଇପାରନ୍ତି। ସେମାନଙ୍କ ପ୍ରତି ମୋର ସମ୍ମାନ ବି ରହିଛି। ସେମାନଙ୍କ ପାଇଁ ବି ଲେଖେ।

ଏବେ ଲେଖା ପ୍ରାୟତଃ ରାଜନୈତିକ। ସେସବୁର ପ୍ରାସଙ୍ଗିକତା ମଧ୍ୟ ସ୍ୱୀକାର୍ଯ୍ୟ। କଳାର ମଧ୍ୟ ରାଜନୀତି ଅଛି। ଆମ ଚାରିଦିଗରେ ବୈଷମ୍ୟ, ଅନାଚାର, ଯୁଦ୍ଧ, ସଂଘର୍ଷ, ସଂଶୟ, ସ୍ୱେଚ୍ଛାଚାର, ଶାସକର ଅତ୍ୟାଚାର-ନିର୍ଯାତନା-ଶୋଷଣ ଓ ମୂଲ୍ୟବୋଧର ଅବକ୍ଷୟ। ମୋର ବି ବିବେକ ଅଛି, ଭିନ୍ନତା ତ ଅଛି, ବିରୋଧାଭାସ ଅଛି, ବିଦ୍ରୋହ ଓ ପ୍ରତିବାଦ ବି ଅଛି। ପ୍ରତି ଲେଖା ଗୋଟାଏ କଥାବାର୍ତ୍ତାର କିୟଦଂଶ। ପୂର୍ଣ୍ଣାଙ୍ଗ ନଚେତ ଆଂଶିକ। ନିଜ ସହିତ, ଅନ୍ୟ ସହିତ, ଈଶ୍ୱରଙ୍କ ସହିତ ନହେଲେ ସାରା ସଂସାର ସହିତ। ଅନନ୍ତକୋଟି ଦୃଶ୍ୟ ଆତଯାତ ହେଉଛନ୍ତି ମୋ' ଭିତରେ ଓ ବାହାରେ। ଚିତ୍ର, ଚରିତ୍ର, ଘଟଣା, ସ୍ଥାନ ଓ ପରିବେଶର ଗୋଟାଏ ବିପୁଳ ପୃଥ୍ୱୀ ମୋ ଆଗରେ ଉଭା ହୋଇଛି। ରହସ୍ୟ, ଅଲୌକିକତା ଓ ମାୟା ମଧ୍ୟ ବେଳେବେଳେ ମୋତେ ଆଚ୍ଛନ୍ନ କରେ। ସେତେବେଳେ ଗୋଟେ ଅନ୍ଧାରୁଆ ସୁଡ଼ଙ୍ଗରେ ପଶି ଚେନାଏ ଆଲୁଅ ଦେଖିବାର ପ୍ରୟାସକୁ ଲାଳନ କରିବାକୁ ପଡ଼େ। କିନ୍ତୁ ଈଶ୍ୱରଙ୍କୁ ଡାକି ସମାଧାନ ମିଳେନି, କେବଳ କହିବା କଥା। ଈଶ୍ୱର, ପ୍ରକୃତି, ତଥାକଥିତ ଧର୍ମ କି କୃତ୍ୟଙ୍ଗ ଇତ୍ୟାଦି ମୋର ପ୍ରଶ୍ନର ଉତ୍ତର ଦେଇପାରନ୍ତି ନାହିଁ। କିନ୍ତୁ ସେମାନଙ୍କୁ ବି ପ୍ରଶ୍ନ କରିବାକୁ ମୁଁ ଲେଖେ।

କେତେ କଥାରେ ମୋର ସୂକ୍ଷ୍ମ ଚେତନା ଉଲ୍ଲସିତ ହେଉଛି, ଆନ୍ଦୋଳିତ ହେଉଛି, ଖୁସି ହେଉଛି ତ କେବେ ଦୀର୍ଘଶ୍ୱାସ ଛାଡୁଛି। ଯେତେବେଳେ ବିଫଳତା ମୋତେ ଜଳଜଳ ଦିଶୁଛି, ସେତେବେଳେ ମୋର ପ୍ରଶ୍ନାକୁଳତା ବଢ଼ି ଚାଲିଛି। ମୋର ବ୍ୟକ୍ତିସତ୍ତା ସବୁ ସହିଯାଇ ପାରେ, କିନ୍ତୁ ଲେଖକୀୟ ସତ୍ତା ସମ୍ଭାଳି ପାରୁନି। ସେ ଉଦ୍ଗୀରଣ କରେ, ବୋମା ପରି ଫୁଟେ, ବିଚାର କରିବାକୁ ଇଚ୍ଛା କରେ, ସଂଘର୍ଷ ପାଇଁ ସମ୍ମତି ଦିଏ। ମୋର ଲେଖକୀୟ ସତ୍ତା ସେତେବେଳେ ବ୍ୟକ୍ତିସତ୍ତାକୁ ପ୍ରଶ୍ନ କରେ। ଈଶ୍ୱରଙ୍କ ନହେଲେ ବ୍ୟବସ୍ଥା କି ସମଧର୍ମାମାନଙ୍କ ସମର୍ଥନ ଆଶା କରେ। ମୋ ଲେଖକୀୟ ସତ୍ତାକୁ ମୁଁ ଶୁଦ୍ଧ ଓ ସ୍ୱଚ୍ଛ କରିବାକୁ ଚାହେଁ।

ମୋ ଲେଖକୀୟ ସତ୍ତାର ସ୍ୱପ୍ନ, କ୍ଷତ ଓ ବିସ୍ମୟ ଥାଏ। ସମକାଳୀନ ପରିବେଶରେ ଦିଗନ୍ତ ଯେମିତି ଧୂମାଭ, ଆଶାଗୁଡ଼ିକ ମଳିନ, ଅସହାୟତାର ଓ ବିଶ୍ୱାସଭଙ୍ଗର ରାଜୁତି। ମୁଁ ସେମିତିରେ ବିସ୍ମିତ ହୁଏ। କ୍ଷତଗୁଡ଼ିକର ପୁରୁଣା ଥଲଥଲ ଦେହରେ ମଲମ ଲଗାଇବାକୁ ଭାବେ। ଶରଗୁଡ଼ାକରେ ଆଶାର ଅଠା ଲଗାଇ ଲମ୍ବା କରେ, ସେଇ ଯୋଖା ଶରଗୁଡ଼ିକୁ ଲକ୍ଷ୍ୟବିଦ୍ଧ ହେବାକୁ ପ୍ରବର୍ତ୍ତାଏ। ବିଫଳ ହେଲେ ମଧ୍ୟ ବାରମ୍ବାର ଚେଷ୍ଟା କରିବାକୁ ଆଗ୍ରହ କରେ। ସେଇଟା ମୋ ଅସ୍ତିତ୍ୱର ଲକ୍ଷଣ।

ମୁଁ ବଞ୍ଚୁଥିବା ଜୀବନ ମତେ ଲାଗେ ବିପନ୍ନ। ଭାବୁଥିବା ଜୀବନ ଆଗରେ ଅବଶ୍ୟ ଏହି ବଞ୍ଚିବାର ଜୀବନ ସାନ। ସେଥିପାଇଁ ଜୀବନଠାରୁ ଲେଖା ବଡ଼ ହୋଇପାରିବନି ବୋଲି ଜାଣି ମଧ୍ୟ ମୁଁ ଭାବୁଥିବା ଜୀବନର ଅଙ୍ଗ ଭାବରେ ବଞ୍ଚୁଥିବା ଜୀବନକୁ ସତ୍ୟଶୀଳ ଓ ଅର୍ଥପୂର୍ଣ୍ଣ ଭାବରେ ଗତିଶୀଳ କରାଇବାକୁ ଚାହେଁ। ସେଥିପାଇଁ ମୁଁ ଲେଖେ।

ଏକାଧିକ କଥାରେ ମୋର ମନ ଘାଣ୍ଟିହୁଏ, ଉଖାରିବାକୁ ଆଗ୍ରହ ଆସେ, ହୃଦୟର ସବୁ ବୁଝାମଣା ଦେଇ ଅନ୍ୟର ସୂକ୍ଷ୍ମ ଚେତନାର ଦର୍ଜା ଦେଇ ପଶିବାକୁ ମନ ଲୋଡ଼େ। ସେତେବେଳେ ଲେଖାର ମଞ୍ଜି ମିଳିଯାଏ। ଗୋଟାଏ ବିଦ୍ୟୁତ ଲେଖା ପରି ସେ ମୋ ଭିତରେ ଉଜ୍ଜ୍ୱଳତା ଭରିଦିଏ। ଭିତର ଦର୍ପଣରେ ତା'ର ଛବି ଜଳଜଳ ଦିଶେ। ଯଦି ମୁଁ ସେତେବେଳେ ଉଦାସୀନ ରହେ, ସେ ମଞ୍ଜିଟି ମରେ ଓ ଲେଖା ଆତ୍ମହତ୍ୟା କରେ। ମୁଁ ନିଜକୁ ଆତତାୟୀ ମନେ କରେ। ଅନ୍ୟ ପକ୍ଷରେ, ଅସ୍ତିତ୍ୱର ଭାଙ୍ଗି ଯାଉଥିବା ଅଂଶକୁ ପୁଣି ମରାମତି କରିବାକୁ ବହୁ ସମୟ ଲାଗିଯାଏ। ଅସ୍ତିତ୍ୱ ନିର୍ମାଣରେ ମନୋନିବେଶ କଲେ ପୁଣି ନୂଆ ବାଗରେ ଅଚାନକ ଗୋଟେ ଲେଖାର ଜିଭ ଲେଉଟେ, କେତେବେଳେ ଲାଗେ କରିବା କଠିନ।

ଲେଖିଲାବେଳେ ମୁଁ ଯେମିତି ନିଜର ଆତ୍ମାର ନିକଟତର ହେଉଥାଏ। କହିବାକୁ ଗଲେ ନିଜ ଭିତରକୁ ପଶୁଥାଏ। କୋରି କୋରି ପଶୁଥାଏ। ଭିତର ଝରକାସବୁ ଖୋଲୁଥା'ନ୍ତି। ଖୋଲା ପବନ ଓ ଫର୍ଚ୍ଚା ଆକାଶ ମିଳୁଥାଏ। ସେତେବେଳେ ମୋ ବ୍ୟକ୍ତିସତ୍ତା କର୍ତ୍ତୃତ୍ୱ ହରାଇ ସାରିଥାଏ। ମୋ ବିଚାରରେ ମୁଁ ସତ୍ୟକୁ ଖୋଜୁଥାଏ। ସେଥିପାଇଁ ଯୁକ୍ତି କରେ, ଅବଶ୍ୟ କାବ୍ୟିକ ଯୁକ୍ତି। ବାସ୍ତବତା ଓ କଳ୍ପନାର ଏକ ଅଜବ ମିଶ୍ରଣ।

ମୋର ଲେଖାରେ ସାଧାରଣ ଜୀବନର ପ୍ରେମ, ଦୁଃଖ, ଭୟ, ହତାଶା, ପରାଜୟ ଓ ସ୍ୱପ୍ନଭଙ୍ଗ ତ ଥାଏ, ପୁଣି ପ୍ରତିବାଦ, ପ୍ରଶ୍ନ, ବିରୋଧ, ତଥାକଥିତ ଜାତି ଓ ଧର୍ମ ପ୍ରତି ବିଦ୍ରୂପ ବି ରହେ। ତେବେ 'କୌଣସି ପ୍ରସଙ୍ଗ କବିତା ପାଇଁ ଅସ୍ପୃଶ୍ୟ ନୁହେଁ।' ବୋଲି ରହିଥିବା ସତ୍ୟଟି ଜାଣି ମଧ୍ୟ ମୁଁ 'ସବୁ'କୁ ନେଇ ଲେଖାରେ ଥୋଇପାରେ ନାହିଁ।

ମୁଁ ଅନ୍ୟକୁ ଭଲ ପାଇବାକୁ ଲେଖେ, ଭଲ ଲାଗିବାକୁ ଲେଖେ। ଆଶା ଓ ସମ୍ଭାବନାର ଦିଗନ୍ତଗୁଡ଼ିକୁ ସଂପ୍ରସାରିତ କରିବାକୁ ଲେଖେ। ନିଜେ ଅନ୍ଧାରରୁ ଆଲୁଅ ଆଡ଼କୁ ଯିବା ପାଇଁ ଲେଖେ। ନିଜ ବ୍ୟକ୍ତିସତ୍ତାରୁ ଲେଖକୀୟ ସତ୍ତାକୁ ଯାତ୍ରା କରିବାକୁ ଲେଖେ। ସମସ୍ତ ପାପ ବିନାଶନ ଉଦ୍ଦେଶ୍ୟରେ ତୀର୍ଥଯାତ୍ରା ପରି ଲେଖେ। ଗୋଟାଏ ସଂଶୋଧିତ, ଆଲୋକିତ ଓ ସଂପ୍ରୀତିମୟ ଭବିଷ୍ୟତ କଥା ଭାବି ଲେଖେ। ବାଲ୍ମିକୀ ଓ ବ୍ୟାସଙ୍କ ରଚିତ ମହାକାବ୍ୟର ନାୟକ ଈଶ୍ୱର ହୋଇଥିବାବେଳେ ସେ ଲେଖା ବିଶ୍ୱବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ସୁରକ୍ଷିତ ଓ ଆଦୃତ ହୋଇ ରହିଛି ବୋଲି ଜାଣି ମଧ୍ୟ ଲେଖେ। ଈଶ୍ୱର ନହୋଇ ଜଣେ ମଣିଷ ଭାବେ ପରିଚୟ ଦେବାକୁ ମୁଁ ଲେଖେ। ମୋ ସମୟର ମହତ୍ତମ ଆକୁତି ଓ ମହତ୍ତର ସମ୍ଭାବନାଗୁଡ଼ିକୁ ଉଜାଗର କରିବାକୁ ଲେଖେ। ବିବିଧ ସଂଶୟକୁ ଘଷି ଘଷି ତରଳାଇବାକୁ ଲେଖେ। ■

ବି. ୧୦୯, ସିଟି ଏନକ୍ଲେଭ
ଗାୟତ୍ରୀ ବିହାର, ସୁନ୍ଦରପଦା
ଭୁବନେଶ୍ୱର- ୭୫୧୦୦୨

# ଯାତ୍ରୀଙ୍କୁ ଶୋଷଣ କରୁଛି ଇଣ୍ଡିଗୋ

- ସଙ୍କଟରେ ବି ଚଳାଇଛି ଲୁଟ୍‌ର ଖେଳ
- ଏକଚାଟିଆ ନୀତିର କୁପ୍ରବାହ ଭୋଗୁଛନ୍ତି ଲୋକେ

ନୂଆଦିଲ୍ଲୀ, ୬।୧୨ (ଏଜେନ୍ସି): ବିମାନ ଯାତ୍ରା ପାଇଁ ପ୍ରସ୍ତୁତ ଯାତ୍ରୀଙ୍କ ମନରେ ସଂଶୟ ଏବଂ ଭୟ ସୃଷ୍ଟି ହୋଇଛି। ବିମାନ ଉଡ଼ାଣ କରିବ ନା ବିମାନବନ୍ଦରରେ ଅପେକ୍ଷା କରି ଫେରିବାକୁ ହେବ ତାହା ଯାତ୍ରୀଙ୍କୁ ଆଶଙ୍କିତ କରୁଛି। ଏୟାରଲାଇନର ଆପ୍‌ରେ ବିମାନ ଅନ୍‌ଟାଇମରେ ତଥା ଠିକ୍ ସମୟରେ ଛାଡ଼ିବ ବୋଲି ବାର୍ତ୍ତା ଆସୁଛି। ଏହା ଦେଖି ଯାତ୍ରୀ ଘରୁ ବାହାରୁଛନ୍ତି। ବିମାନବନ୍ଦରରେ ପହଞ୍ଚି ଲମ୍ବା ଧାଡ଼ିରେ ଛିଡ଼ା ହୋଇ ସୁରକ୍ଷା ଯାଞ୍ଚ କରାଉଛନ୍ତି। କିନ୍ତୁ ବୋର୍ଡିଂ ଫାଟକ ସାମ୍ନାରେ ପହଞ୍ଚିବା ମଧ୍ୟରେ ଠିକ୍ ସମୟରେ ଛାଡ଼ିବାକୁ ଥିବା ବିମାନକୁ ଅଚାନକ ବାତିଲ କରିଦିଆଯାଉଛି। ଜଣେ କି ଦୁଇ ଜଣ ନୁହଁନ୍ତି, ଗତ ୫ ଦିନରେ ଇଣ୍ଡିଗୋର ହଜାର ହଜାର ଯାତ୍ରୀଙ୍କ ସହ ଏପରି ହୋଇଛି। ଟିକଟ ବାବଦ ଅର୍ଥକୁ ସମ୍ପୂର୍ଣ୍ଣ ନ ଫେରାଇବା ପାଇଁ କମ୍ପାନୀ ଏପରି କରୁଛି। ଅନ୍ୟପଟେ ଇଣ୍ଡିଗୋ ଜାଣିଶୁଣି ଏହି ବିପର୍ଯ୍ୟୟ ସୃଷ୍ଟି କରିଥିବା ଅଭିଯୋଗ ହେଉଛି। ନୂଆ ଏଫଡିଟିଏଲ ନିୟମକୁ ପ୍ରତ୍ୟାହାର ତଥା କୋହଳ କରିବା ପାଇଁ ଏହା ଇଣ୍ଡିଗୋର ସୁଚିନ୍ତିତ ଷଡ଼ଯନ୍ତ୍ର ବୋଲି କୁହାଯାଉଛି।

ରିପୋର୍ଟ ଅନୁଯାୟୀ, ନୂଆ କର୍ମଚାରୀ ନିଯୁକ୍ତି ପାଇଁ କମ୍ପାନୀ ପାଖରେ ୯ ମାସ ସମୟ ଥିଲା। କିନ୍ତୁ କମ୍ପାନୀ ସରକାରଙ୍କ ଉପରେ ଚାପ ପକାଇବା ପାଇଁ ଜାଣିଶୁଣି ଉଡ଼ାଣ ପ୍ରଭାବିତ କରିଥିଲା। ଏହି ଅଭିଯୋଗକୁ ନେଇ ସାମାଜିକ ଗଣମାଧ୍ୟମରେ ଖୁବ୍ ଚର୍ଚ୍ଚା ହେଉଛି। ବିଶେଷଜ୍ଞଙ୍କ ଅନୁଯାୟୀ, ଦୀର୍ଘ ଦିନ ହେଲା ଦେଶର ଘରୋଇ ବିମାନ ସେବାରେ ଇଣ୍ଡିଗୋର ଏକାଧିକାର ରହିଛି। ଯଦି କୌଣସି ଏୟରଲାଇନ ପାଖରେ ଅଂଶଧନ ୬୦% ଥାଏ ତେବେ ଉଦ୍ୟୋଗରେ ସ୍ଥିରତା କମ୍ପାନୀର କାର୍ଯ୍ୟକ୍ଷମତା ଉପରେ ନିର୍ଭର କରୁଛି। ଏହା ସାରା ଦେଶ ଉପରେ ପ୍ରଭାବ ପକାଇଥାଏ। ଏବେ ଭାରତ ଏହାର ଫଳ ଭୋଗୁଛି। ଏହାକୁ ପରିଚାଳନା ସଙ୍କଟ ନୁହେଁ, ବରଂ ନୀତିଗତ ବିଫଳତା କୁହାଯିବ। ପରୋକ୍ଷରେ ଏହି କମ୍ପାନୀ ଏପରି କରି ନିଷ୍ପତ୍ତି ନେବା ପ୍ରକ୍ରିୟା ଉପରେ ଚାପ ପକାଉଛି। ଏଭଳି ଅବ୍ୟବସ୍ଥାରେ ବି କମ୍ପାନୀ ଯାତ୍ରୀଙ୍କୁ ଲୁଟିବାକୁ ଭୁଲୁ ନାହିଁ। ମାନସିକ ଉତ୍ପୀଡ଼ନ ଦେବା ସହିତ ଖୋଲାଖୋଲି ଭାବେ ଲୁଟ୍ ଚଳାଇଛି। ଯାତ୍ରୀଙ୍କୁ ଟିକଟ ଅର୍ଥ ଫେରସ୍ତ ନ କରିବା ପାଇଁ ଇଣ୍ଡିଗୋ ଅଭିନବ ଉପାୟ ଅବଲମ୍ବନ କରୁଛି। ନିୟମ ଅନୁଯାୟୀ, ଯଦି ଏୟରଲାଇନ ନିଜେ ବିମାନ ରଦ୍ଦ କରେ ଏବଂ ଯାତ୍ରୀଙ୍କୁ ଆଗୁଆ ସୂଚନା ଦିଏ ତେବେ ଶତ ପ୍ରତିଶତ ଅର୍ଥ ଫେରାଇବାକୁ ପଡ଼ିଥାଏ। କିନ୍ତୁ ଯଦି ଯାତ୍ରୀ ଭୟରେ କିମ୍ବା ବିଳମ୍ବରେ ନିଜେ ଟିକଟ ବାତିଲ କରନ୍ତି ତେବେ ବାତିଲ ବାବଦ ଦେୟ କାଟି ଦିଆଯାଇଥାଏ। ଇଣ୍ଡିଗୋ ଯାତ୍ରୀଙ୍କୁ ଅନ୍ଧାରରେ ରଖି ଏହାର ଲାଭ ଉଠାଉଛି। ଅନୁକମ୍ପା ରାଶି ସଞ୍ଚୟ ପାଇଁ ମଧ୍ୟ ଖେଳ ଚାଲିଛି। ବିମାନ ଦୁଇ ଚ । ରି ଘଣ୍ଟା ବିଳମ୍ବ ହେଲେ ଖାଦ୍ୟ ଦେବାକୁ ପଡ଼େ। ରାତି ବିମାନ ୬ ଘଣ୍ଟାରୁ ଅଧିକ ବିଳମ୍ବ ହେଲେ ହୋଟେଲ ଦେବାକୁ ପଡ଼ିଥାଏ। ଏଥିପାଇଁ ଇଣ୍ଡିଗୋ ୨ ଘଣ୍ଟା ବିଳମ୍ବ ଦେଖାଇ ପରେ ୪ ଘଣ୍ଟା କରିଥାଏ। ଶେଷରେ ଯାତ୍ରୀ ସ୍ଥିତି ଆଗରେ ହାର ମାନିବାରୁ ବିମାନ ବାତିଲ କରିଦେଇଥାଏ।

## ଇଣ୍ଡିଗୋ ସେୟାର ୭% ହ୍ରାସ ; ୧୬ ହଜାର କୋଟି କ୍ଷତି

ମୁମ୍ବାଇ, ୬।୧୨ (ଏଜେନ୍ସି): ଦେଶରେ ଜାରି ବିମାନ ସଙ୍କଟ ମଧ୍ୟରେ ଇଣ୍ଡିଗୋର ମୂଳ କମ୍ପାନୀ 'ଇଣ୍ଟରଗ୍ଲୋବ ଆଭିଏସନ'କୁ ଜୋରଦାର ଝଟ୍‌କା ଲାଗିଛି। ଗତ ଚାରି ଦିନରେ ଏହି କମ୍ପାନୀର ସେୟାର ୭ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। ଏୟାର ଲାଇନ ହଜାର ହଜାର ଉଡ଼ାଣ ରଦ୍ଦ କରିଦେବାରୁ ଏହି ସ୍ଥିତି ସୃଷ୍ଟି ହୋଇଛି। ବିଏସ୍‌ଇରେ ଏହାର ସେୟାର ଗତ ଚାରି ଦିନ ମଧ୍ୟରେ ୭.୨୩ ପ୍ରତିଶତ ହ୍ରାସ ପାଇଛି। କେବଳ ଶୁକ୍ରବାର ଏହା ୧.୨୨ ପ୍ରତିଶତ ହ୍ରାସ ପାଇ ୫,୩୭୧.୩୦ ଟଙ୍କାରେ ବନ୍ଦ ହୋଇଥିଲା। କାରବାର ସମୟରେ ଏହା ୩.୨୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଥିଲା। ସେହିପରି ଏନଏସଇରେ ଏହାର ସେୟାର ୧.୨୭ ପ୍ରତିଶତ ହ୍ରାସ ପାଇ ୫.୩୬୭.୫୦ ଟଙ୍କାରେ ବନ୍ଦ ହୋଇଥିଲା। ଗତ ଚାରି ଦିନରେ ମୋଟ ଏହା ୭.୩୦ ପ୍ରତିଶତ ହ୍ରାସ ପାଇଛି। ଗତ ୧ ତାରିଖରୁ ଏ ପର୍ଯ୍ୟନ୍ତ କମ୍ପାନୀର ବଜାର ମୂଲ୍ୟ ୧୬.୧୯୦.୬୪ କୋଟି ହ୍ରାସ ପାଇ ୨,୦୭, ୬୪୯.୧୪ କୋଟି ଟଙ୍କା ରହିଛି।

## ଇଣ୍ଡିଗୋ ବିଭ୍ରାଟ
## ୩ ଦିନରେ ୭୫ଟି ସ୍ୱତନ୍ତ୍ର ଟ୍ରେନ୍ ଚାଲିବ

ନୂଆଦିଲ୍ଲୀ, ୬।୧୨ (ଏଜେନ୍ସି): ଇଣ୍ଡିଗୋ ବିମାନ ବାତିଲ ହେବା ଦ୍ୱାରା ଯାତ୍ରୀ ବହୁଳ ଭାବେ ପ୍ରଭାବିତ ହୋଇଛନ୍ତି। ଅନେକ ବିମାନବନ୍ଦରରେ ହଜାର ହଜାର ଯାତ୍ରୀ ଅପେକ୍ଷା କରି ରହିଛନ୍ତି। ଯାତ୍ରୀଙ୍କ ସୁବିଧା ପାଇଁ ଭାରତୀୟ ରେଳବାଇ ବଡ଼ ପଦକ୍ଷେପ ନେଇଛି। ଦୀର୍ଘ ଦୂରଗାମୀ ଟ୍ରେନରେ ପ୍ରାୟ ଶହେଟି ଅଧିକ ବଗି ସଂଯୋଗ କରିବା ପରେ ଅନେକ ମାର୍ଗର ସ୍ୱତନ୍ତ୍ର ଟ୍ରେନ ଚଳାଇବାକୁ ଘୋଷଣା କରାଯାଇଛି। ଯାତ୍ରୀଙ୍କ ଚାହିଦା ପୂରଣ ପାଇଁ ସାରା ଦେଶରେ ୭୫ଟି ସ୍ୱତନ୍ତ୍ର ଟ୍ରେନ ଚଳାଇବାକୁ ନିଷ୍ପତ୍ତି ନିଆଯାଇଛି। ଯାତ୍ରାକୁ ସୁଗମ ଏବଂ ପ୍ରଭାବିତ ଯାତ୍ରୀଙ୍କୁ ଆଶ୍ୱସ୍ତି ଦେବ ପାଇଁ ଆଗାମୀ ତିନି ଦିନ ଯାଏଁ ଏହି ଟ୍ରେନ ଚାଲିବ। ଏଥିପାଇଁ ବୁକିଂ ଆରମ୍ଭ ହୋଇଯାଇଛି। ଉଭୟ ଅନ୍‌ଲାଇନ ଏବଂ ଅଫଲାଇନରେ ଯାତ୍ରୀ ଏହି ଟିକଟ ବୁକ୍ କରିପାରିବେ। ମଧ୍ୟ ରେଳବାଇ ୧୪ଟି ସ୍ୱତନ୍ତ୍ର ଟ୍ରେନ ଘୋଷଣା କରିଛି। ଏଗୁଡ଼ିକ ପୁନେରୁ ବେଙ୍ଗାଲୁରୁ, ପୁନେରୁ ଦିଲ୍ଲୀ ଏବଂ ମୁମ୍ବାଇରୁ ଦିଲ୍ଲୀ ମଧ୍ୟରେ ଚାଲିବ। ସେହିପରି ପଶ୍ଚିମ ରେଳବାଇ ଭିୱାନୀରୁ ମୁମ୍ବାଇ, ମୁମ୍ବାଇରୁ ଶକୁରବସ୍ତି ସହିତ ୭ଟି ସ୍ୱତନ୍ତ୍ର ଟ୍ରେନ ଚଳାଇବ।

## ବଜେଟ ପୂର୍ବରୁ 'କଷ୍ଟମ ସିଷ୍ଟମ' ବଦଳାଇବେ ସରକାର

ନୂଆଦିଲ୍ଲୀ, ୬।୧୨ (ଏଜେନ୍ସି): ଆୟ କର ଏବଂ ଜିଏସ୍‌ଟି ପରେ କେନ୍ଦ୍ର ସରକାର ସୀମା ଶୁଳ୍କ ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ କରିବାକୁ ଯାଉଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଶନିବାର ଏହି ଘୋଷଣା କରିଛନ୍ତି। ବାଣିଜ୍ୟ ଏବଂ ବ୍ୟବସାୟ ପାଇଁ ନିୟମ ଗୁଡ଼ିକୁ ସରଳ କରିବା ପାଇଁ ସରକାର ଏହି ସଂସ୍କାର ଆଣିବାକୁ ଯାଉଛନ୍ତି। ଗତ ଦୁଇ ବର୍ଷରେ ଶୁଳ୍କ ହାର ଧିରେ ଧିରେ ହ୍ରାସ କରାଯାଇଛି। ଅଧିକ ଟିକସ ଲାଗୁଥିବା ସାମଗ୍ରୀ ଉପରେ ଏବେ ନଜର ରଖାଯାଇଛି। ଏହା ଅର୍ଥନୀତିକୁ ମଜବୁତ କରିବ। ସ୍ୱଚ୍ଛତା ବଢ଼ିବ ଏବଂ ନିୟମ ପାଳନକୁ ସରଳ କରାଯିବ। 'କଷ୍ଟମ ସିଷ୍ଟମ' ଏଭଳି ଏକ ସଂଗଠନ ଯାହା ଶୁଳ୍କ ସଂଗ୍ରହ ଏବଂ ସାମଗ୍ରୀର ଆମଦାନୀ-ରପ୍ତାନୀକୁ ପରିଚାଳନା କରିଥାଏ। ଏଥିରେ ଯାନବାହନ, ବ୍ୟକ୍ତିଗତ ସମ୍ପତ୍ତି ଏବଂ ବିପଦପୂର୍ଣ୍ଣ ସାମଗ୍ରୀର ନିୟନ୍ତ୍ରଣ ବି ସାମିଲ ରହିଛି। ଅର୍ଥମନ୍ତ୍ରୀ କହିଛନ୍ତି ଯେ ଏବେ ଏହି ବ୍ୟବସ୍ଥା ଜଟିଳ ରହିଛି। ତେଣୁ ଲୋକେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରକ୍ରିୟାକୁ ଦ୍ରୁତ ଏବଂ ସ୍ୱଚ୍ଛ କରିବା ପାଇଁ ନିୟମକୁ ସରଳ କରାଯିବ। ନୂଆ ନିୟମ 'ୱାର୍ଲ୍ଡ କଷ୍ଟମସ ଅର୍ଗାନାଇଜେସନ'ର ମାନ ସହ ସମାନ୍ତର ରହିବ। ବଜେଟ ପୂର୍ବରୁ ଏହି ସିଷ୍ଟମକୁ ସମ୍ପୂର୍ଣ୍ଣ ଭାବେ ବଦଳାଇ ଦିଆଯିବ। ଏହାକୁ ଲୋକଙ୍କ ପାଇଁ ବୋଝ କରାଯିବ ନାହିଁ। ନିୟମରେ ପାରଦର୍ଶିତା ରହିବ। 'ଫେସଲେସ ଆସେସମେଣ୍ଟ' ପ୍ରକ୍ରିୟାକୁ ସୀମା ଶୁଳ୍କରେ ବ୍ୟବହାର କରାଯିବ।

## ଅଙ୍ଗନବାଡ଼ି କେନ୍ଦ୍ରରେ ବେଦାନ୍ତ ଆଲୁମିନିୟମର 'ଶିଶୁ ସଞ୍ଜୀବନୀ'

ଭୁବନେଶ୍ୱର, ୬।୧୨ (ସମିସ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ କାଶୀପୁର ଏବଂ ଭବାନୀପାଟଣାର ୨୫ଟି ଅଙ୍ଗନବାଡି କେନ୍ଦ୍ରରେ ଶିଶୁ 'ସଞ୍ଜୀବନୀ' ନାମକ ଏକ ପୁଷ୍ଟିକର ପରିପୂରକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛି । ଶିଶୁଙ୍କ କଲ୍ୟାଣ ପ୍ରତି ଏହା ବେଦାନ୍ତର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହା ମାଧ୍ୟମରେ ୩ରୁ ୬ ବର୍ଷ ବୟସର ୬୦୦ରୁ ଅଧିକ ପିଲା ଉପକୃତ ହେଉଛନ୍ତି। ଜାତୀୟ ଦୁଗ୍ଧ ବିକାଶ ବୋର୍ଡ ଦ୍ୱାରା ବିକଶିତ ଶିଶୁ ସଞ୍ଜୀବନୀ ଆଇସିଏମ୍‌ଆର୍-ଏନ୍‌ଆଇଏନ୍ ନିର୍ଦ୍ଦେଶାବଳୀ ଅନୁଯାୟୀ ଅତ୍ୟାବଶ୍ୟକ ପୋଷକ ତତ୍ତ୍ୱରେ ଭରପୂର। ଅଙ୍ଗନବାଡି କର୍ମୀଙ୍କ ଜରିଆରେ ନିରାପଦ ଏବଂ ନିୟମିତ ପୁଷ୍ଟିକର ଖାଦ୍ୟ ଗ୍ରହଣକୁ ଏହା ସୁନିଶ୍ଚିତ କରିଥାଏ। ପିଲାମାନଙ୍କ ପୁଷ୍ଟିକର ମୂଳଦୁଆକୁ ଶୈଶବରୁ ସୁଦୃଢ଼, ଅପପୁଷ୍ଟି ହ୍ରାସ ଏବଂ ସାମଗ୍ରିକ ବିକାଶକୁ ସମର୍ଥନ ଏହାର ଉଦ୍ଦେଶ୍ୟ। ଏହା ବେଦାନ୍ତର ଫ୍ଲାଗସିପ୍ କାର୍ଯ୍ୟକ୍ରମ 'ନନ୍ଦ ଘର'କୁ ପରିପୂରକ କରୁଛି। ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟର ସହଭାଗିତାରେ ଅନିଲ



ଅଗ୍ରୱାଲ ଫାଉଣ୍ଡେସନର ପକ୍ଷରୁ ୨୦୧୫ ରେ ଏହା ଆରମ୍ଭ ହୋଇଥିଲା। କେବଳ ଓଡ଼ିଶାରେ ୫୩୧ଟି ନନ୍ଦ ଘର ରହିଛି। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଏହି ପଦକ୍ଷେପ ଶୈଶବ ପୋଷଣକୁ ମଜବୁତ ଏବଂ ସାମଗ୍ରିକ ଗୋଷ୍ଠୀ ବିକାଶକୁ ସମର୍ଥନ ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ବେଦାନ୍ତର ଏହି ପ୍ରୟାସକୁ ରାୟଗଡ଼ାର କାଶୀପୁର ଶିଶୁ ବିକାଶ କାର୍ଯ୍ୟକ୍ରମ ଅଧିକାରୀ ଜ୍ୟୋତ୍ସ୍ନା ବାରିକ୍ ବେଶ୍ ପ୍ରଶଂସା କରିଛନ୍ତି।


**AFFIDAVIT**

By virtue of an affidavit sworn before The Executive Magistrate, Khordha, NO- 3199, dated 02-12-2025 I, **GURUBARI DEI**, W/o Harihara Sahoo Permanent resident of At/Po- Thanapalli, Via- Baghamari, Ps- Begunia, Dist- Khordha, State- Odisha, PIN- 752061, declare that I have changed my name from **GUREI DEI** (Old name) to **GURUBARI DEI** (New name), Henceforth, I shall be known as **GURUBARI DEI** for all purposes.

Sd-( GURUBARI DEI )

**AFFIDAVIT**

By virtue of an affidavit sworn before the Notary Public, Sonepur, dtd.05.12.2025,I, Nidhu Kheti, R/o- Village- Sarangapali, P.O. Bankighirdi, P.S. Binka, Dist. Subarnapur, Odisha, hereby declare that my name has been wrongly recorded as Shiva Dahari Mahakur in my Aadhaar Card. My correct name is NIDHU KHETI. Henceforth, I shall be known as **NIDHU KHETI** for all official purposes.

**AFFIDAVIT**

By virtue of an affidavit sworn before the Notary Public, Sonepur, dtd.05.12.2025, I, Ananta Banachhor, R/o Village Sarangapali, P.O. Bankighirdi, P.S. Binka, Dist. Subarnapur, Odisha, hereby declare that my name has been wrongly recorded as Prem Vishnu Sagar in my Aadhaar Card. My correct name is ANANTA BANACHHOR. Henceforth, I shall be known as **ANANTA BANACHHOR** for all purposes.

**VEHICLE FOR SALE**

HYUNDAI I20, Model - 2022, Registration No-OD-02-BW-9059, in as is where is condition,Contact: M/S Sundaram Finance Limited, BHUBANESWAR RETAIL BRANCH, Ph:9437575689, within 7 days

**AFFIDAVIT**

By virtue of an affidavit sworn before Zahir Mohommad, Notary Dhenkanal, dtd.06.12.2025, I, Ravindra Jaishwar, resident of Aumoreera Bhawan, House No. 227, 1st Floor, Ward No. 21, Station Bazar, PO–Dhenkanal R.S., PS–Town, Dist.–Dhenkanal have changed my name from Ravindrakumar Rajendraprasad Jaishwar to Ravindra Jaishwar. Henceforth, I shall be known as **RAVINDRA JAISHWAR** for all purposes.

**AFFIDAVIT**

By virtue of an affidavit In The Court Of Executive Magistrate, Komna, dtd.04.12.2025, I, Sri Dhanurjya Rana, S/o- Manbodh Rana, resident of Village Nuagaon, P.O. Nuagaon, P.S. Komna, Dist. Nuapada, Odisha, hereby declare that I have changed my daughter's name from Gayatri Rana to Jasmin Rana. Henceforth, she shall be known as **JASMIN RANA** for all purposes.

Sd/- Sri Dhanurjya Rana

**AFFIDAVIT**

I, Rekha Devi Sahu, W/o-Nanda Kishore Sahu, resident of At/po-Gadagovindapur, Ps-K.Nuagam, Dist-Ganjam, PIN-761011, Odisha declared by this affidavit No-A/1626, dtd-29/12/2023 that now onwards I shall be known as **REKHA SAHU** for all future purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated-06/12/2025. I, **Sialdei Sikha** (new name), formerly called as **Jialadei Shikha** (old name), W/o- Madhubana Shikha, permanent resident of AT- Chikili, PO- Madiguda, PS- Kegaon, Dist- Kalahandi, (Odisha), PIN- 766036 now residing at the same place declare that I have changed my name from **Jialadei Shikha to Sialdei Sikha.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I shall be known as **Sialdei Sikha** (new name) for all future purposes.

**Sialdei Sikha**

**AFFIDAVIT**

By virtue of an affidavit before The Notary Public, Titilagarh, on dated- 06/12/2025. I, **Laxman Sahu** (Applicant name) S/o- Debendra Sahu, permanent resident of At- Sargiguda (Ram Mandir Road), PO/PS- Titilagarh, Dist- Balangir, (Odisha), PIN- 767033 declare that I have changed my minor daughter's name from **Monalisa Sahu** (old name) To **Payal Sahu** (new name). Henceforth, she shall be known as **Payal Sahu** (new name) for all purposes.

**Laxman Sahu**

**VEHICLE FOR SALE**

MARUTI SUPER CARRY, Model - 2023, Registration No-OD-02-CF-3923, in as is where is condition, Contact: M/S Sundaram Finance Limited, BHUBANESWAR RETAIL BRANCH, Ph:9437575689 within 7 days

**AFFIDAVIT**

By virtue of an affidavit (CF No. 02, dtd- 05/12/2025) sworn before the Executive Magistrate, Padampur. I, Narayan Banchhor, S/o Rajkumar Banchhor, permanent & current resident of AT/Po Paikmal, PS- Paikmal, Dist- Bargarh, PIN- 768039, Odisha declare that I have changed my name from Narayan Banchhor to Narayana Banchhor. Henceforth, I shall be known as **Narayana Banchhor** (new name) for all purposes.

**AFFIDAVIT**

I YOUSHNARANI BISOI, W/o- SURESH CHANDRA BISOI, resident of At/Po- Chitra, Ps- Kotpad, Dist.- Koraput - 764056, Odisha declare by this Affidavit No.2772, Dated- 05/12/2025, that now onwards I shall be known as **JYOSNA RANI BISOI** for all future purpose.

**OFFICE OF THE NOTIFIED AREA COUNCIL, DHARMAGARH, DIST-KALAHANDI, PIN-766015**

C-1682 'e'-Procurement NOTICE

Bid Identification No. DHM / 03 / 2025-26

The Executive Officer on behalf of Dharmagarh NAC invites tenders in Single Cover System. Bid documents consisting of specification, the Schedule of Quantities and the set of terms and conditions of contract and other necessary documents can be seen on the Govt. Website i.e. **https://tendersodisha.gov.in**

1. Number of Civil works: **05 (Five) numbers**
2. Estimated Costs: **2.21 Lakh to 11.58 Lakh**
3. Period of completion: As per NIT
4. Date and time of availability of the bid documents in the portal: **From 3.00 P.M. of 04.12.2025 to 05.00 P.M. of 17.12.2025**
5. Last Date/ Time for receipt of bids in the portal: **05.00 PM of 17.12.2025**
6. Bids will be opened on: **11.00 AM of Dt. 19.12.2025**
7. Name and address of the officer inviting bid: **Executive Officer, Dharmagarh NAC**

Sd/- Executive Officer
Dharmagarh NAC

OIPR-13163/11/0019/2526

B-783

E-mail ID: eerbngpur@yahoo.com
Tel & Fax -06858-222833 (O)

GOVERNMENT OF ODISHA
OFFICE OF THE SUPERINTENDING ENGINEER, NABARANGPUR (R&B) DIVISION, NABARANGPUR

**e-Procurement Notice**

Bid Identification No. S.E (R&B)-23/2025-26/NGP
No. 6618/Date 29.11.2025

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e www.tendersodisha.gov.in.

| | | |
|---|---|---|
| 1. | Name of the Work | : Civil Construction Work as mentioned in DTCN |
| 2. | No. of Work | : 01 No. |
| 3. | Estimated Cost | : Rs. 60.90 Lakhs |
| 4. | Period of completion | : 3 Calendar of Months |
| 5. | Date & Time of Bidding | : From 11.00 hours of 09.12.2025. Upto 16.00 hours of 23.12.2025. |
| 6. | Last date & time for receipt of bids in portal | : 16.00 hours of 23.12.2025. |
| 7. | Bids received online shall be opened on | : 11.00 hours of 24.12.2025. |
| 8. | Name and address of the officer inviting Bid | : Superintending Engineer, Nabarangpur(R&B)Division, Nabarangpur |

Further details can be seen from the www.tendersodisha.gov.in

Superintending Engineer
Nabarangpur (R&B) Division

OIPR-34143/11/0016/2526

**କେନ୍ଦ୍ରାପଡା ପୌରପରିଷଦ, କେନ୍ଦ୍ରାପଡା**

୫ମ ବାର୍ଷିକ ଉତ୍ସବ-୨୦୨୫" ପାଳନ ଅବସରରେ କେନ୍ଦ୍ରାପଡା ପୌର ପରିଷଦ ତାହାର ସମସ୍ତ କର ଦାତା ଓ ପୌରାଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଂଗେ ସଂଗେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ ନିମନ୍ତେ ଅନୁରୋଧ କରୁଛି ।

ନିବେଦନ

୧. ସହରର ସ୍ୱଚ୍ଛତା ଓ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ବ୍ୟାଟେରୀ ଚଳିତ ଅଳିଆ ଗାଡ଼ିରେ ଶୁଖିଲା ଓ ଓଦା ଅଳିଆ ଅଲଗା ଅଲଗା କରି ଦିଅନ୍ତୁ । ଦିନକୁ ୨ ଥର ଆପଣଙ୍କ ଅଂଚଳକୁ ଏହି ଗାଡି ଅଳିଆ ସଂଗ୍ରହ ନିମନ୍ତେ ଯାଉଛି । ଅଳିଆ ସଂଗ୍ରହ ଗାଡି ଯିବା ପୂର୍ବରୁ କିମ୍ବା ପରେ ରାସ୍ତା ଉପରେ ଘରର ଅଳିଆ ପକାନ୍ତୁ ନାହିଁ ।
୨. ରାସ୍ତା ଅବରୋଧ କରି ଇଟା, ଗୋଡି , ମାଟି କିମ୍ବା ବାଲି ରଖନ୍ତୁ ନାହିଁ।
୩. ପ୍ଲାଷ୍ଟିକ ଜରି, ଥରମୋକୁଲ (ସୋଲ ) ଗିନା , ଥାଳି ଓ କାଗଜ ନିର୍ମିତ ଚା କପ ବ୍ୟବହାରକୁ ନିଷିଦ୍ଧ କରାଯାଇଛି ।ଏସବୁ ବ୍ୟବହାର କରୁଥିବାର ଦେଖାଗଲେ, ଆଇନ ଅନୁଯାୟୀ ଦଣ୍ଡିତ ହେବେ । ଏଣୁ ଏ ସବୁ ବ୍ୟବହାର ନ କରି ସହରକୁ ସୁନ୍ଦର ରଖିବାରେ ସାହାଯ୍ୟ କରନ୍ତୁ ।
୪. ସ୍ୱଚ୍ଛ ଭାରତ ଅଭିଯାନ (ସହରାଞ୍ଚଳ) ଯୋଜନା ବର୍ଜ୍ୟବସ୍ତୁ ପରିଚାଳନା ଅଧିନିୟମ ୨୦୧୬ ଉପବିଧି ୧୫ ଅନ୍ତର୍ଗତ ଆଇନ ଭାଗ ୬ ଅନୁଯାୟୀ ୟୁଜର ଫି ସଂଗ୍ରହ ନିମନ୍ତେ ଉଲ୍ଲେଖ ରହିଛି, ଯାହାକୁ ସ୍ୱଚ୍ଛ ସାଥି , ସୁପର ଭାଇଜର , ସ୍ୱଚ୍ଛ କର୍ମୀଙ୍କ ମାସିକ ପ୍ରୋତ୍ସାହନ ରାଶି, ବୈଭବକେନ୍ଦ୍ରର ରକ୍ଷଣାବେକ୍ଷଣ ସହିତ ସଫେଇ ନିମନ୍ତେ ଖର୍ଚ୍ଚ କରାଯିବାର ବ୍ୟବସ୍ଥା ଅଛି। ଏଣୁ ଅନୁରୋଧ ଧାର୍ଯ୍ୟ ୟୁଜର ଫି କୁ ପୌରସଂସ୍ଥା ର କର୍ମଚାରୀଙ୍କ ନିକଟରେ ପୈଠ କରି ପୌରପରିଷଦର ଉନ୍ନତିରେ ସାମିଲ ହୁଅନ୍ତୁ ।
୫. ନୂତନ ବାସଗୃହ, ଦୋକାନ ଗୃହ ଆଦି ନିର୍ମାଣ କରିବା ପୂର୍ବରୁ ପୌରସଂସ୍ଥାର ଗୃହର ନକ୍ସା ଅନୁମୋଦନ କରି ନିଅନ୍ତୁ ।ଯଦି ପୂର୍ବରୁ ପୌର ସଂସ୍ଥା ର ବିନା ଅନୁମୋଦନ ଘର ନିର୍ମାଣ କରିସାରିଛନ୍ତି , ଆଗାମୀ ଦିନରେ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ହେବାକୁ ଥିବା ସର୍ବକ୍ଷମା ଯୋଜନାରେ ଗୃହର ନକ୍ସା ଓ ପ୍ଲାନ ଅନୁମୋଦନ କରି ନିଅନ୍ତୁ ।

ଶ୍ରୀଯୁକ୍ତ ଅଜିତ ନାରାୟଣ ପ୍ରସାଦ ଗିରି, ନିର୍ବାହୀ ଅଧିକାରୀ
ଆକବରୀ ଖାତୁନ, ଉପାଧ୍ୟକ୍ଷା
ଶ୍ରୀମତୀ ସରିତା ସାହୁ, ଅଧ୍ୟକ୍ଷା

CAD-2586

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍‌ଡିଂ,
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା 23467 /ଭୁ.ଉ.କ.,ଭୁବନେଶ୍ୱର ତା 28.11.2025 ରିଖ
KNM-1571/93

ସୂଚନା

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କଳିଙ୍ଗ ନଗର ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ମୌଜା-ଘାଟିକିଆ, ଭୁବନେଶ୍ୱର ଅନ୍ତର୍ଗତ **MIG** ପ୍ଲଟ୍ ନଂ-**K-7-556** କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୫୧୪୪/ଏ.ଏଲ୍, ତା-୦୯.୦୮.୨୦୦୦ ରିଖ ଅନୁଯାୟୀ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ନିତ୍ୟାନନ୍ଦ ସ୍ୱାଇଁ, ପିତା–ସ୍ୱର୍ଗତ ଦୟନ୍ଧୁଧର ସ୍ୱାଇଁ, ଗ୍ରାମ-ଶେକଦା, ପୋଷ୍ଟ-କସର୍ଦା, ଥାନା–ନିଆଳି, ଜିଲ୍ଲା–କଟକ, ଓଡିଶାଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା ।

ଆବଣ୍ଟନଗ୍ରାହୀ ନିତ୍ୟାନନ୍ଦ ସ୍ୱାଇଁ ଗତ ତା-୦୩.୦୪.୨୦୨୦ ରିଖରେ ମୃତ୍ୟୁ ବରଣ କରିଅଛନ୍ତି । (**Death certificate Registration No. D-2020:21-00699-00304** dated 30.04.2020.

**Legal heir certificate Misc.Case No. E-LHC/2020/31431 dated 26.10.2020** ଅନୁଯାୟୀ ନିତ୍ୟାନନ୍ଦ ସ୍ୱାଇଁଙ୍କର ଉତ୍ତରାଧିକାରୀ (୧) ଅଜୟ କୁମାର ସ୍ୱାଇଁ (ପୁତ୍ର), (୨) ଧନଞ୍ଜୟ ସ୍ୱାଇଁ (ପୁତ୍ର) ଓ ମନୋରଞ୍ଜନସ୍ୱାଇଁ (ପୁତ୍ର) ଅଟନ୍ତି ।

ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀମାନେ ଉକ୍ତ ପ୍ଲଟ୍‌ର ମାଲିକାନା ସତ୍ୱ ସେମାନଙ୍କନାମରେ ଉତ୍ତରାଧିକାରୀ ସୂତ୍ରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ପ୍ଲଟ୍‌ର ମାଲିକାନାସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବାପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର(୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀସୂତ୍ରେ ପରିବର୍ତ୍ତନ ଆଇନ୍ ଅନୁଯାୟୀ ସଂପାଦନ କରାଯିବ ।

ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13033/11/0411/2526

OFFICE OF THE SECRETARY
**BAPUJEE SPECIAL SCHOOL, BARGARH**
(Regd. No. S.B.L.-2978-141 of 1991-92)
At/Po/Dist.: Bargarh-768028 (Odisha)
Email: phsbg@gmail.com, Contact No.: 94380-08599

**WANTED**

Advertisement No. 2194, Dated. 06.12.2025

Applications are invited from desirable candidates for temporary recruitment on contractual basis for vacant posts of Teaching & Non-Teaching posts of this School under Grant-in-Aid fold of SSEPD, Department, Govt. of Odisha. The detailed advertisement can be seen on the website of Bargarh district i.e. **www.bargarh.odisha.gov.in**. No application will be considered after due date.

The prescribed application form along with all relevant documents scanned into a Single PDF file must be sent by email only to the Secretary, Bapujee Special School to the **e-mail id: phsbg@gmail.com** on or before **5.30 P.M. of Dt. 22.12.2025.** Application received through any other means shall not be accepted.

Age will be relaxed as per ORV Act. The posts are temporary. Salary will be paid as per **Govt. in SSEPD Deptt., Govt. of Odisha vide Resolution No. 6408/SSEPD/Dt. 03.09.2016** after approval of Govt. Date & Time of Interview will be communicated by post/E-mail to the candidates.

**Contact Enquiry: 94397-54131 / 76810-43445**

Sd/- Secretary
Bapujee Special School, Bargarh

**OFFICE OF THE MUNICIPAL COUNCIL: JEYPORE**
Phone No. : 06854-231098, e-Mail: ulbjeypore@gmail.com
Letter No. 5093 Date 05.12.2025

Advertisement for Expression of Interest (EOD) for selection of Self-help groups for O&M of SUH under Jeypore Municipality

Jeypore Municipality invites Expression of Interest (EoI) in the prescribed format (Annexure-I & II) in sealed cover from the intending SHGS/ALFs for O&M of SUH.

| Sl NO | Particulars | Details |
|---|---|---|
| 1 | availability of the EOI document and the term and conditions | Download from www.jeyporemunicipality.in |
| 2 | EOI availability on website, Starting date, and time | 06.12.2025, 10.00 AM |
| 3 | Last date and time of submission of EOI | 20.12.2025, 05.00 PM |
| 4 | Start date and time of opening EOI and venue | At the chamber of the executive officer of Jeypore municipality |

➤ The authority reserves the right to reject any or all the EOIs without assigning any/reason thereof.
➤ Any change, correction/corrigendum in respect of the above shall be placed on the website.

Executive Officer,
Jeypore Municipality

OIPR-13079/11/0074/2526 C-1704

C-1584

**ପୌର ପରିଷଦ, ଖୋରଧା**

ଦୈନିକ ଓଡ଼ିଆ ଖବର କାଗଜ "ସକାଳ"ର ପ୍ରତିଟି ଖବର ଖୋରଧା ତଥା ଓଡ଼ିଶାର ଜନସାଧାରଣଙ୍କ ନିକଟରେ ବେଶ୍ ପ୍ରିୟଭାଜନ ହୋଇପାରିଛି । ୫ମ ବାର୍ଷିକ ଉତ୍ସବ ପାଳନ ପରିପ୍ରେକ୍ଷୀରେ ଖୋରଧା ପୌର ପରିଷଦ ଓ ଜନସାଧାରଣଙ୍କ ତରଫରୁ ଏହାର ଉତ୍ତରୋତ୍ତର ଉନ୍ନତି ଓ ଦୀର୍ଘ ସଫଳତା କାମନା କରୁଅଛି ।

ରିଙ୍କ୍ୱାନା କଅକବ୍, (ଓ.ପ୍ର.ସେ.)
ନିର୍ବାହୀ ଅଧିକାରୀ
ପୌର ପରିଷଦ, ଖୋରଧା

OIPR-13082/11/0047/2526

NATIONAL HEALTH MISSION

**ZILLA SWASTHYA SAMITI, SUNDARGARH**
OFFICE OF THE CDM & PHO CUM DMD,SUNDARGARH
DPMU,NHM
E-mail : hrd.nhmsundargarh@gmail.com E-570

Notice No.4452/DPMU/NHM/2025, Date 04.12.2025

**NOTICE – CONTRACTUAL APPOINTMENT**

In pursuant to the advertisement no 185/NHM/Sundargarh Dated 10/01/2025, the final database and compliance of objections received from the candidates with reference to the notice no 3721/DPMU/NHM/2025 Dated - 18/10/2025 & 4009/DPMU/NHM/2025 Dated 01/11/2025 for different posts under NHM are uploaded in the district website www.sundargarh.odisha.gov.in for information of the candidates.

The schedule of further process of recruitment is also uploaded for information of the shortlisted candidates. The shortlisted candidates are required to attend the Written Test/Computer Test/Viva-Voce Test as admissible for different post as per the schedule date, time and venue without fail. No personal correspondence will be made in this regard. Any changes in the schedule of process will be communicated in due time.

CDM & PHO cum DMD
Sundargarh

OIPR-10100/11/0035/2526

ADMISSION NOTICE-2025-26

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

Campus:
262, Puranpadhan, Balakati, Bhubaneswar

Mob. 7019799641, 7978608747
9853801459
Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

'ସକାଳ' ଖବରକାଗଜର
୫ମ ସ୍ୱନକ୍ଷତ୍ର ପାଳନ ଅବସରରେ ହାର୍ଦ୍ଦିକ
ଅଭିନନ୍ଦନ ଓ ସାଦର ଶୁଭେଚ୍ଛା ଜଣାଉଛୁ

**ଆସିକା କେନ୍ଦ୍ର ବହୁମୁଖୀ ସମବାୟ ସମିତି ଲିଃ.**
ମୁଖ୍ୟ କାର୍ଯ୍ୟାଳୟ, ଆସିକା, ଗଞ୍ଜାମ, ଓଡିଶା

ଶ୍ରୀ କାର୍ତ୍ତିକେଶ୍ୱର ପରିଡା, ସଭାପତି
ଶ୍ରୀମତୀ ମାମି ପଣ୍ଡା, ଉପ-ସଭାପତି
ଶ୍ରୀ ନୃସିଂହ ପ୍ରସାଦ ପଣ୍ଡା, ସଂପାଦକ
ଶ୍ରୀ ଅଲେଖନାଥ ପ୍ରଧାନ, ଭାରାପ୍ରାପ୍ତ ସଂପାଦକ

ପରିଚାଳନା ପରିଷଦ ସଦସ୍ୟ ବୃନ୍ଦ :
ଶ୍ରୀ ସୂର୍ଯ୍ୟନାରାୟଣ ପ୍ରଧାନ, ଶ୍ରୀ ମନୋଜ କୁମାର ପ୍ରଧାନ,
ଶ୍ରୀ ନାର୍ସୁ ନାୟକ, ଶ୍ରୀ ରବିନ୍ଦ୍ର କୁମାର ସାମଲ,
ଶ୍ରୀ ଭଗବାନ ବେହେରା, ଶ୍ରୀ କେ, ସନ୍ତୋଷ କୁମାର ପାତ୍ର,
ଶ୍ରୀ ଅଶ୍ୱିନି କୁମାର ବିଷୋୟୀ, ଶ୍ରୀ ତାରିଣୀ ଚରଣ ଦାଶ,
ଶ୍ରୀମତୀ ନିରୂପମା ନାୟକ, ଶ୍ରୀ ଇଂ ସଚିଦାନନ୍ଦ ରାଉତ,
ଶ୍ରୀ କେ. ଚିତ୍ରସେନ ରେଡ୍ଡି, ଶ୍ରୀମତୀ ସୁଜତା ଉପାଧ୍ୟାୟ,
ଶ୍ରୀମତୀ ରିଙ୍କି ପୋଲାଇ

## ଭିତ୍ତିପ୍ରସ୍ତରକୁ ପୂରିଲା ୬ ମାସ; ହୋଇପାରୁନି ନିର୍ମାଣ

# ରାସ୍ତା ପାଇଁ ରାସ୍ତାରୋକ, ଉତ୍ତେଜନା



- ଭିଙ୍ଗାରପୁର-କୁରାଙ୍ଗ ପ୍ରଧାନ ଗ୍ରାମ୍ୟ ଉନ୍ନୟନ ରାସ୍ତା ମରାମତି ଦାବି
- ବିଭାଗୀୟ ଯନ୍ତ୍ରୀଙ୍କ ପାଇଁ ବିଳମ୍ବ ହେଉଥିବା ଅଭିଯୋଗ

ବାଲିଅନ୍ତା, ୬।୧୨(ସମିସ): ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁର-କୁରାଙ୍ଗ ପ୍ରଧାନ ଗ୍ରାମ ଉନ୍ନୟନ ବିଭାଗ ମୁଖ୍ୟ ରାସ୍ତା ଭିତ୍ତିପ୍ରସ୍ତରକୁ ଏହା ମଧ୍ୟରେ ୬ ମାସ ବିତିଗଲାଣି। ହେଲେ ରାସ୍ତା ନିର୍ମାଣ କାର୍ଯ୍ୟ ଆଗେଇ ପାରୁ ନାହିଁ। ରାସ୍ତା ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ନେଇ ସ୍ଥାନୀୟ ଅଞ୍ଚଳରେ ଘୋର ଅସନ୍ତୋଷ ଦେଖାଦେଇଛି। ଗ୍ରାମ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଏବଂ ନିର୍ବାହୀ ଯନ୍ତ୍ରୀଙ୍କ ଚରମ ଅବହେଳା ଯୋଗୁଁ ରାସ୍ତା ନିର୍ମାଣରେ ଚରମ ଅବହେଳା ହେଉଥିବା ଅଭିଯୋଗ ହେଉଛି। ଏହାର ପ୍ରତିବାଦରେ ଭିଙ୍ଗାରପୁର ପଞ୍ଚାୟତ ଅଞ୍ଚଳରେ ଅସନ୍ତୋଷ ଦାନା ବାନ୍ଧିଛି। ଶନିବାର ଶତାଧିକ ମହିଳା ଓ ପୁରୁଷ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିଥିଲେ। ଗ୍ରାମପଞ୍ଚାୟତ ଅଫିସ-ଗୋପୀନାଥ ମନ୍ଦିର ସଂଲଗ୍ନ ଭିତ୍ତିଫଳକ ନିକଟରେ ରାସ୍ତା ଅବରୋଧ କରିଥିଲେ। ପୂର୍ବାହ୍ନ ୧୦ଟା ସମୟରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିଥିଲେ। ହେଲେ ଗ୍ରାମ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ଓ ନିର୍ବାହୀଯନ୍ତ୍ରୀଙ୍କ ଦେଖା ମିଳିନଥିଲା। ଗ୍ରାମ ଉନ୍ନୟନ ବିଭାଗର କୌଣସି ଅଧିକାରୀ ଘଟଣାସ୍ଥଳରେ ନ ପହଞ୍ଚିବାକୁ କେନ୍ଦ୍ର କରି ଭୀଷଣ ଉତ୍ତେଜନା ଦେଖା ଦେଇଥିଲା। ଗ୍ରାମବାସୀ ଟାୟାର ଜାଳି ରାସ୍ତାରୋକ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଗାଡି ମଟର ଦୀର୍ଘ ସମୟ ଧରି ଅଟକି ରହିଥିଲା। ଲୋକେ ଯାତାୟାତ କ୍ଷେତ୍ରରେ ବଡ଼ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଅପରପକ୍ଷରେ ବିଧାୟକ ଓ ସାଂସଦଙ୍କ ମଧ୍ୟରେ ବିବାଦ ଯୋଗୁଁ ରାସ୍ତା ନିର୍ମାଣ କାର୍ଯ୍ୟ ଆଗେଇ ପାରୁନଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଖବର ପାଇ ବାଲିଅନ୍ତା ଥାନା ଅଧିକାରୀ ଅନୀଲ କୁମାର ପରିଡ଼ା ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା। ସୂଚନା ଅନୁସାରେ ଗତ ଜୁନ ମାସରେ ଭିଙ୍ଗାରପୁର - କୁରାଙ୍ଗ ରାସ୍ତାର ସାଂସଦ ଅପରାଜିତା ଷଡ଼ଙ୍ଗୀ, ବିଧାୟକ ନବ କିଶୋର ମଲ୍ଲିକ, ଭିଙ୍ଗାରପୁର ସରପଞ୍ଚ ହୃଷୀକେଶ ବେହେରା, ଜିଲ୍ଲା ପରିଷଦ ସଭ୍ୟ ମଙ୍ଗରାଜ ବେହେରା ଓ ସମିତି ସଭ୍ୟ ଗଗନ ବିହାରୀ ସାହୁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଗୋପୀନାଥ ମନ୍ଦିର ଠାରୁ ପ୍ରାଚୀ ବ୍ରିଜ ପର୍ଯ୍ୟନ୍ତ ୩ କିମି ବିଶିଷ୍ଟ ଉକ୍ତ ରାସ୍ତା ନବୀକରଣ ନେଇ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ୩ କୋଟି ୬୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏଥିରେ ଉଭୟ ପାର୍ଶ୍ୱ ରାସ୍ତା ଅଢେଇ ଫୁଟ ଲେଖାଏଁ ପେଭର ବ୍ରିକ ପକାଯିବ। ମଝିରେ ୧୦ ଫୁଟ ରାସ୍ତା କଂକ୍ରିଟ ଉପରେ ପେଭର ବ୍ରିକ ପକାଯିବ। ହେଲେ ଠିକାଦାର ଉଭୟ ପାର୍ଶ୍ୱ ରାସ୍ତା ଜେସିବି ଲଗାଇ ତାଡି ଦେଇଛି। ଉଭୟ ପାର୍ଶ୍ୱ ରାସ୍ତାରେ ଗର୍ତ୍ତ ଯୋଗୁଁ ଗାଡିମଟର ଚଳାଚଳରେ ବଡ଼ ଅସୁବିଧା ହେଉଛି। ଫଳରେ ଲୋକମାନେ ଯାତାୟତ କ୍ଷେତ୍ରରେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗାଡି ମଟର ପରସ୍ପରକୁ ଅତିକ୍ରମ କରିବା ବେଳେ ବାଇକ, ସାଇକେଲ ଆରୋହୀ ଓ ପଥଚାରୀ ଦୁର୍ଘଟଣାର ଶିକାର ହେଉଛନ୍ତି। ଏନେଇ ଆଜି ସ୍ଥାନୀୟ ଅଞ୍ଚଳରେ ଭୀଷଣ ଉତ୍ତେଜନା ଦେଖା ଦେଇଥିଲା। ଲୋକେ ରାସ୍ତା ଅବରୋଧ କରି ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଦାବି କରିଥିଲେ। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବା ନେଇ ଅଞ୍ଚଳବାସୀ ଦାବି କରିଛନ୍ତି।

## ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ-୨ରେ ଏଆରଟି ସେଣ୍ଟର ଉଦ୍‌ଘାଟିତ

ଭୁବନେଶ୍ୱର, ୬।୧୨(ସମିସ): ଓଡ଼ିଶାରେ ଜନସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବାର ଉଦ୍ଦେଶ୍ୟ ନେଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ କ୍ୟାମ୍ପସ-୨ ଫୁଲନଖରାରେ ଏକ ନୂତନ ଆଣ୍ଟିରେଟ୍ରୋଭାଇରାଲ ଟ୍ରିଟମେଣ୍ଟ (ଏଆରଟି) ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶାର ପ୍ରଥମ ଘରୋଇ ମେଡିକାଲ୍ କଲେଜ ହସ୍ପିଟାଲ ଭାବେ ଆଇଏମ୍ଏସ ଆଣ୍ଡ ସମ ହସ୍ପିଟାଲ ୨ରେ ଏହି ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ଉପଲବ୍ଧ ହେବ। ଏଚ୍‌ଆଇଭି ଏଡ୍‌ସ ଭଳି ଜଟିଳ ସମସ୍ୟାରେ ପୀଡ଼ିତ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟ ସେବା ଓ ସାହାଯ୍ୟ ସହଯୋଗ ଯୋଗାଇ ଦେବା ଲକ୍ଷ୍ୟ ନେଇ ଷ୍ଟେଟ ଏଡ୍‌ସ ସେଲ୍‌ଫ ଏବଂ ଓଡ଼ିଶା ଷ୍ଟେଟ୍ ଏଡ୍‌ସ କଣ୍ଟ୍ରୋଲ ସୋସାଇଟି (ଓଏସ୍ଏସିଏସ୍)ର ମିଳିତ ସହଯୋଗରେ ସମ୍ ହସ୍ପିଟାଲ-୨ରେ ଏହି କେନ୍ଦ୍ର ଆରମ୍ଭ କରାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଷ୍ଟେଟ ଏଡ୍‌ସ ସେଲ୍‌ଫର ଯୁଗ୍ମ ନିର୍ଦ୍ଦେଶକ ଡ. ଅରବିନ୍ଦ ଯୋଗଦେଇ ମଲ୍ଟିସ୍ପେଶିଆଲିଟି ହସ୍ପିଟାଲ୍‌ଗୁଡ଼ିକରେ ଏଚ୍‌ଆଇଭି ଏଡ୍‌ସ ସ୍ୱାସ୍ଥ୍ୟ ସେବାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରି ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ୍-୨, ଷ୍ଟେଟ ଏଡ୍‌ସ ସେଲ୍‌ଫ ଏବଂ ଓଏସ୍ଏସିଏସ୍ ମଧ୍ୟରେ ସହଭାଗିତାରେ କାର୍ଯ୍ୟ କରାଇବା ସହ ଏହି ଚିକିତ୍ସା ସହଜ ସାପେକ୍ଷ ସ୍ଥିର ଏବଂ କଳଙ୍କମୁକ୍ତ କରାଇବା ଆବଶ୍ୟକ ବୋଲି କହିଥିଲେ। ରାଜ୍ୟକୁ ଏଚ୍‌ଆଇଭି ମୁକ୍ତ କରିବାରେ ଏହି ପଦକ୍ଷେପ ଖୁବ ଗୁରୁତ୍ୱପୂର୍ଣ୍ଣ ବୋଲି ଡ. ଅରବିନ୍ଦ କହିଥିଲେ। ଏହି ଅବସରରେ ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍-୨ର ଆଡିସ୍‌ନାଲ୍ ମେଡିକାଲ୍ ସୁପରିଟେଣ୍ଡେଣ୍ଟ ଡାକ୍ତର ତାପସୀ ପତି, ହସ୍ପିଟାଲ୍‌ର ଡେପୁଟି ମେଡିକାଲ୍ ସୁପରିନଟେଣ୍ଡେଣ୍ଟ ଡ. ସମନ୍ୱୟ ଗୋଚ୍ଛାୟତ ଯୋଗଦେଇ ଏହି ସେଣ୍ଟରକୁ କାର୍ଯ୍ୟକ୍ଷମ କରିବା ଦିଗରେ ହସ୍ପିଟାଲ ପୂର୍ଣ୍ଣମାତ୍ରାରେ ପ୍ରସ୍ତୁତ ବୋଲି କହିଥିଲେ। ଶେଷରେ ହସ୍ପିଟାଲ୍‌ର ନର୍ସିଂ ସୁପରିଟେଣ୍ଡେଣ୍ଟ କମଳିନୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ମିତାଲି ଚିନ୍ମାରାଙ୍କୁ ସୁର ତରଙ୍ଗ ଶୀର୍ଷ ସମ୍ମାନ

ଭୁବନେଶ୍ୱର, ୬।୧୨(ସମିସ): ସୁର ତରଙ୍ଗର ୩୨ତମ ବାର୍ଷିକ ଉତ୍ସବ ଆସନ୍ତା ୧୯ରେ ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହେବ। ଅଧ୍ୟାପିକା ତଥା ବିଶିଷ୍ଟ କଣ୍ଠଶିଳ୍ପୀ ଡ. ମିତାଲି ଚିନ୍ମାରାଙ୍କୁ ସୁର ତରଙ୍ଗ ଶୀର୍ଷ ସମ୍ମାନ ପ୍ରଦାନ କରାଯିବ। ବିଶିଷ୍ଟ କଣ୍ଠଶିଳ୍ପୀ ସ୍ୱର୍ଗତ ଶ୍ରୀକାନ୍ତ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'ସ୍ମୃତିରେ ଶ୍ରୀକାନ୍ତ' ପରିବେଷଣ କରାଯିବ। ଏଥିରେ ସ୍ୱର୍ଗତ ଶ୍ରୀକାନ୍ତଙ୍କ ନବୀନ ଏବଂ ପ୍ରବୀଣ କଣ୍ଠଶିଳ୍ପୀ ଚିରସବୁଜ ସଙ୍ଗୀତକୁ ପରିବେଷଣ କରିବେ ବୋଲି ଅନୁଷ୍ଠାନର ସଭାପତି ସମୀର ମହାନ୍ତି, କାର୍ଯ୍ୟକାରୀ ସଭାପତି ବିଧୁଭୂଷଣ ନାୟକ ଓ ମୁଖ୍ୟ ସଂଯୋଜକ ପ୍ରିୟରଞ୍ଜନ ମହାନ୍ତି ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

## ଓୟୁଟିଆରର ପ୍ରଥମ ଅନ୍ତଃସଂସ୍ଥା କୁଇଜ୍ 'ବେଦାଙ୍ଗ'

ଭୁବନେଶ୍ୱର, ୬।୧୨(ସମିସ): ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ (ଓୟୁଟିଆର) ରେ ଆୟୋଜିତ ପ୍ରଥମ ଅନ୍ତଃସଂସ୍ଥା କୁଇଜ୍ ପ୍ରତିଯୋଗିତା 'ବେଦାଙ୍ଗ' କାର୍ଯ୍ୟକ୍ରମ ଶେଷ ହୋଇଯାଇଛି। ଓୟୁଟିଆର କୁଇଜିଙ୍ଗ ସମାଜ 'ସିଇଟି କ୍ୱିଜିଟ୍' ଦ୍ୱାରା ଆୟୋଜିତ ଏହି ଅଣ୍ଡର୍-୨୫ ପ୍ରତିଯୋଗିତାକୁ ଜାତୀୟ ଖ୍ୟାତିସମ୍ପନ୍ନ କୁଇଜ୍‌ମାଷ୍ଟର ନମନ ଜୈନ ସଞ୍ଚାଳନା କରିଥିଲେ। ଓଡ଼ିଶାର ବିଭିନ୍ନ ନାମଜାଗ୍ରତ ଶିକ୍ଷାନୁଷ୍ଠାନ, ଆଇଆଇଟି ଭୁବନେଶ୍ୱର, ଆଇଆଇଟି ଖଡ଼ଗପୁର, ଆଇଆଇଟି ହାଇଦରାବାଦ, ଏନ୍‌ଆଇଟି ରାଉରକେଲା, ନାଇଜର୍, କିଆଇଟି, ରେଭେନ୍ସା, ଏସ୍‌ସିବି ମେଡିକାଲ୍ କଲେଜ୍, ଏସ୍‌ଓଏ, ବିଜେବି ଆଦିରୁ ମୋଟ ୧୧୩ଟି ଦଳରେ ପ୍ରାୟ ୨୫୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରାଥମିକ ପର୍ଯ୍ୟାୟ ପରେ ଶ୍ରେଷ୍ଠ ୬ଟି ଦଳ ଫାଇନାଲ୍‌ରେ ପହଞ୍ଚି ଏସ୍‌ସିବି ମେଡିକାଲ୍ କଲେଜ୍‌ର ପ୍ରତୀକ ଅଗ୍ରୱାଲ ଓ ଅଶିଷ ନାୟକ ୫ ହଜାର ଟଙ୍କା ନଗଦ ପୁରସ୍କାର ସହ ବିଜେତା ହୋଇଥିଲେ। ନାଇଜରର ଓ ଏଫ୍‌ଏମ୍ ମେଡିକାଲ୍ କଲେଜ୍‌ର ରବମିତ ଦାସ ଏବଂ ସାହିଲ ନାୟକ ୩ ହଜାର ଟଙ୍କା ସହ ପ୍ରଥମ ରନର୍ସ୍‌ଅପ୍ ଏବଂ ଆଇଆଇଟି ଖଡ଼ଗପୁରର ସାଗର ଚନ୍ଦନ ଓ ଅଶୁତୋଷ ସେଠୀ ୨ ହଜାର ଟଙ୍କା ସହ ଦ୍ୱିତୀୟ ରନର୍ସଅପ୍ ହୋଇଛନ୍ତି। ଓୟୁଟିଆର ଉପାଚାର୍ଯ୍ୟ ପ୍ରଫେସର ବିଭୂତି ଭୂଷଣ ପାଣିଗ୍ରାହୀ, ରେଜିଷ୍ଟ୍ରାର ଡ଼. ସୁଭାଶିଷ ମିଶ୍ର ଆଦିଙ୍କ ଉପସ୍ଥିତି ଥିଲେ।

## ଫୁଲ, ସ୍ୱସ୍ତିଙ୍କୁ ୨୦୨୫ ଦୂରଦର୍ଶୀ କ୍ରୀଡ଼ା ସମ୍ମାନ



ଭୁବନେଶ୍ୱର, ୬।୧୨ (ସମିସ): ମହିଳା ଦୃଷ୍ଟିହୀନ ବିଶ୍ୱକପ୍ ଚାମ୍ପିଅନ ଦଳର ସଦସ୍ୟ ଫୁଲ ସୋରେନ ଓ ଅନ୍ତର୍ଜାତୀୟ ସାଇକେଲ ଚାଳିକା ସ୍ୱସ୍ତି ସିଂଙ୍କ ସମେତ ଏକାଧିକ କ୍ରୀଡ଼ା ବ୍ୟକ୍ତିତ୍ୱ, କ୍ରୀଡ଼ା ସଂଗଠନ ଓ କ୍ରୀଡ଼ା ସାମ୍ବାଦିକଙ୍କୁ ୧୫ତମ ଦୂରଦର୍ଶୀ କ୍ରୀଡ଼ା ସମ୍ମାନ ପ୍ରଦାନ କରାଯାଇଛି। ଭୁବନେଶ୍ୱର ଗୀତଗୋବିନ୍ଦ ସଦନଠାରେ ଆୟୋଜିତ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ଚେସ୍ ଗୁରୁ ସତ୍ୟରଞ୍ଜନ ପଟ୍ଟନାୟକ, ପାରା କ୍ରୀଡ଼ାବିତ୍ ସୁଚିତ୍ରା ପରିଡ଼ା, ସତ୍ୟମ ବିଶୋୟୀ, ଜୟକୃଷ୍ଣ ପରିଡ଼ା, ଲଳିତ ରଞ୍ଜନ ସାହୁ, ଭଗବାନ ରେଡ୍ଡୀ, ନିବେଦିତା ଜଗନ୍ନାୟକ, ରଞ୍ଜିତ ଚାନ୍ଦ୍, ମହମ୍ମଦ୍ ଜାଫର ଇକବାଲ, ଅବିନାଶ ମହାନ୍ତି, ଦିବ୍ୟାଙ୍ଗ ଦିବ୍ୟଜ୍ୟୋତି ପ୍ରଧାନ, ଥବିର ନାୟକ, ମାମା ନାୟକ, ଶୁଭଲକ୍ଷ୍ମୀ ବଳ ଓ ସୁଶାନ୍ତ କୁମାର ରାଉତଙ୍କୁ ସମ୍ମାନିତ କରାଯାଇଥିଲା। କୁଶପଲ୍ଲା ଫୁଟବଲ ସଂଘ, କିସ୍ ଓ କିଓ୍ ମହିଳା ଫୁଟବଲ ଦଳ ଓ ପାରାମାଉଣ୍ଟ ସ୍ପୋର୍ଟିଂକୁ ମଧ୍ୟ ସମ୍ମାନିତ କରାଯାଇଥିଲା।

ଦୂରଦର୍ଶୀ ସମ୍ପାଦକ ଦୁର୍ଗା ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ଭୁବନେଶ୍ୱର ମେୟର ସୁଲୋଚନା ଦାସ୍, ଅର୍ଥନୀତିଜ୍ଞ ରାଜୀବ ଶେଖର ସାହୁ, ଓଡ଼ିଶା ଚେସ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ବିଭୁତି ଭୂଷଣ କର, ରକ୍ଷକ ନାୟକ, ପ୍ରସନ୍ନ ବିଶୋୟୀ ବିଜେତାମାନଙ୍କୁ ଦୂରଦର୍ଶୀ କ୍ରୀଡ଼ା ସମ୍ମାନ ପ୍ରଦାନ କରିଥିଲେ। ଜଗନ୍ନାଥ ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ।

## ରୁଡ୍‌ସେଟ ପ୍ରତିଷ୍ଠାନକୁ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ନିର୍ଦ୍ଦେଶକଙ୍କ ପରିଦର୍ଶନ



ଭୁବନେଶ୍ୱର, ୬।୧୨(ସମିସ): ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ନିର୍ଦ୍ଦେଶକ (ଦକ୍ଷତା ବିକାଶ) ସନ୍ତୋଷ କୁମାର ତିୱାରି ଶୁକ୍ରବାର ଭୁବନେଶ୍ୱରସ୍ଥିତ କାନାରା ବ୍ୟାଙ୍କ ଦ୍ୱାରା ପରିଚାଳିତ ରୁଡସେଟ ପ୍ରତିଷ୍ଠାନ ପରିଦର୍ଶନରେ ଆସିଥିଲେ। ଏହି ଗସ୍ତ ସମୟରେ ସେ ରୁଡସେଟରେ ଚାଲୁଥିବା ମହିଳା ବିୟୁଟି ପାର୍ଲର ଓ ବ୍ୟାଙ୍କ ମିତ୍ର ତାଲିମ ନେଉଥିବା ୭୦ଜଣ ଗ୍ରାମୀଣ ମହିଳା ତାଲିମାର୍ଥୀଙ୍କ ସହ ତାଲିମ ଓ ତା'ପରର ଭବିଷ୍ୟତ କର୍ମପନ୍ଥା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି ସଭାକୁ ଓଡ଼ିଶା ରାଜ୍ୟର ଆରସେଟି କଣ୍ଟ୍ରୋଲର ସୂର୍ଯ୍ୟ ପ୍ରସାଦ ମିଶ୍ର ଓ ରୁଡସେଟ ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରିୟବ୍ରତ ପରିଡ଼ା ପରିଚାଳନା କରିଥିଲେ। ଏହି ସଭାରେ ରୁଡସେଟ ପ୍ରତିଷ୍ଠାନ ଭୁବନେଶ୍ୱରର ବରିଷ୍ଠ ପ୍ରଶିକ୍ଷକ ଦୀପକ ବ୍ରହ୍ମା, ପ୍ରଶିକ୍ଷକ ରଜତ ଶତପଥୀ, ପ୍ରଣିତା ପଣ୍ଡା ଓ ସ୍ମୃତି ରଞ୍ଜନ ନାୟକ ଉପସ୍ଥିତ ଥିଲେ।

## ଡାକ୍ତର ମୋହିତ ଦାସ ସ୍ମାରକୀ ବାସ୍କେଟବଲ୍ ଟୁର୍ଣ୍ଣାମେଣ୍ଟ

ଭୁବନେଶ୍ୱର, ୬।୧୨ (ସମିସ): ଡାକ୍ତର ମୋହିତ ଦାସଙ୍କ ସ୍ମୃତିରେ ଭୁବନେଶ୍ୱର କଳିଙ୍ଗବିହାରସ୍ଥିତ ବିଡିଏମ୍ ବାସ୍କେଟବଲ୍ ଏକାଡେମିରେ ଚାଲିଥିବା ଦୁଇଦିନିଆ ମୋହିତ ଦାସ ସ୍ମାରକୀ ବାସ୍କେଟବଲ୍ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ କଟକ, ଭୁବନେଶ୍ୱର ଏବଂ ରାଉରକେଲାରୁ ୬ଟି ମହିଳା ଦଳ ଏବଂ ୨୨ଟି ପୁରୁଷ ଦଳ ଅଂଶଗ୍ରହଣ କରିଥିଲେ। ପୁରୁଷ ବିଭାଗରେ ଭୁବନେଶ୍ୱରରୁ ୟଙ୍ଗ ବ୍ଲଡ ଟିମ୍, କଟକରୁ ଟେରିଫିକ ଟେରର୍, ଭୁବନେଶ୍ୱରରୁ ଡବ୍ଲୁଏ ବୋଲର୍ସ ଅଂଶଗ୍ରହଣ କରିଥିଲେ। ସେହିପରି ମହିଳା ବିଭାଗରେ କଟକରୁ ଆଭେଞ୍ଜର୍ସ, ଭୁବନେଶ୍ୱରରୁ ଭାଇପର୍ସ, ସିଭି ରମଣ ଗ୍ଲୋବାଲ ୟୁନିଭରସିଟି ଦଳ ଅଂଶଗ୍ରହଣ କରିଥିଲେ। ଅବସରପ୍ରାପ୍ତ ମେଜର ମାଳି ଏବଂ ଏକାଡେମୀର ସଦସ୍ୟମାନେ ଟୁର୍ଣ୍ଣାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।

## ମହାତ୍ମାଗାନ୍ଧୀଙ୍କ ଅପମାନ ପ୍ରତିବାଦରେ ସତ୍ୟାଗ୍ରହ

# ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ରାମଧୂନ ଗାଇଲେ ଗାନ୍ଧିବାଦୀ

ଭୁବନେଶ୍ୱର, ୬।୧୨(ସମିସ): ରାଷ୍ଟ୍ରପିତା ମହାତ୍ମାଗାନ୍ଧୀଙ୍କ ବିରୋଧରେ ରାଜ୍ୟ ବିଧାନସଭା ର ଚଳିତ ଅଧିବେଶନରେ ନୀଳଗିରି ବିଧାୟକ ଏକ ଅଶାଳୀନ ଆଉ ଅସତ୍ୟ ତଥ୍ୟ ପରିବେଷଣ କରି ରାଜ୍ୟ ତଥା ରାଷ୍ଟ୍ରକୁ ନିନ୍ଦିତ କରିବା ପ୍ରସଙ୍ଗରେ ଆଜି ମହାତ୍ମା ଗାନ୍ଧୀ ପାର୍କ, ଜନତା ମୈଦାନ, ଭୁବନେଶ୍ୱର ଠାରେ ଗାନ୍ଧୀ ବିଚାର ଅଭିଯାନ ତଥା ଅନ୍ୟାନ୍ୟ ନାଗରିକ ସଂଗଠନ ମାନଙ୍କର ମିଳିତ ଆୟୋଜନରେ ଏକ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଛି।




ଏହି କାର୍ଯ୍ୟକ୍ରମରେ ଗାନ୍ଧୀ ବିଚାର ଅଭିଯାନର ଆବାହକ ମଣ୍ଡଳ ତରଫରୁ ସର୍ବସେବା ସଂଘର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଗୌରାଙ୍ଗ ଚନ୍ଦ୍ର ମହାପାତ୍ର, ମାନବାଧିକାର ପ୍ରବକ୍ତା ମନୋଜ ଜେନା, ଲେଖକ ଓ ସ୍ତମ୍ଭକାର ପ୍ରହଲ୍ଲାଦ ସିଂ, ଉତ୍କଳ ସର୍ବୋଦୟ ମଣ୍ଡଳ ଅଧ୍ୟକ୍ଷ ମିହିର ପ୍ରତାପ ଦାସ, ଗାନ୍ଧୀ ସ୍ମାରକ ନିଧିର କେନ୍ଦ୍ରୀୟ ଟ୍ରଷ୍ଟି ବିଶ୍ୱଜିତ ରାୟ, ବିଜେଡି ବିଧାନସଭାର ଉପମୁଖ୍ୟ ନେତା ପ୍ରସନ୍ନ ଆଚାର୍ଯ୍ୟ, ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ ଭକ୍ତ ଚରଣ ଦାସ, ସିପିଆଇ ଏମ ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ ଓ ବରିଷ୍ଠ ନେତା ସନ୍ତୋଷ ଦାସ, ଜମେଶ୍ୱର ସାମନ୍ତରାୟ, ସିପିଆଇ ଏମଲ ର ନେତା ମହେନ୍ଦ୍ର ପରିଡ଼ା, ମହାନଦୀ ବଞ୍ଚାଓ ଅନ୍ଦୋଳନ ର ଆବାହକ ସୁଦର୍ଶନ ଦାସ, ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟାଦ ସଙ୍ଘ ର ସମ୍ପାଦକ ବିଜୟ ତ୍ରିପାଠୀ, ଓଡ଼ିଶା ନାଗରିକ ସମାଜ ର ଉପ ସଭାପତି ଇଂ ଲଳିତ ମୋହନ ପଟ୍ଟନାୟକ, ଓଡ଼ିଶା ଅଭିଭାବକ ମହାସଂଘର ଅଧ୍ୟକ୍ଷ ବାସୁଦେବ ଭଟ୍ଟ, ସହ ଅଧ୍ୟକ୍ଷ ପ୍ରସନ୍ନ ବିଷୋୟୀ, ଏକତା ପରିଷଦର ଆବାହକ ବିଜୟ ପ୍ରଧାନ, ବରିଷ୍ଠ ଅଧିବକ୍ତା ଜୟନ୍ତ ଦାସ, ଓଡ଼ିଆ ଅସ୍ମିତା ଅଭିଯାନର ଆବାହକ ରବି ବେହେରା, ମହିଳା ଆତ୍ମ ନିର୍ଭର ଅଭିଯାନର ଅଧ୍ୟକ୍ଷା ଡଃ ରୀନା ରାଉତରାୟ, ସହିଦ ସ୍ମୃତି ପରିଷଦ ର ଆବାହକ ପ୍ରମେଶ ମହାନ୍ତି, ସର୍ବୋଦୟ କର୍ମୀ ପ୍ରିୟଦର୍ଶିନୀ ଦାସ, ସବ୍‌ୱେହା ବେଗମ, କିଶୋର ପ୍ରହରାଜ, ବାବାଜୀ ଶଙ୍କର ପ୍ରସାଦ, ବେବେକାନନ୍ଦ ବିଶ୍ୱାଳ, ଶରତ ସାମଲ, ମିଲି ସାହୁ, ବବିନା ମହାରଣା, ଫୁଲମାଳ ସେଠୀ, ବାସନ୍ତୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ. ସତ୍ୟାଗ୍ରହରେ ସୂତ୍ର ଯଜ୍ଞ ଆଉ ସର୍ବ ଧର୍ମ ପ୍ରାର୍ଥନା ସହ ରାମଧୁନ ଗାନ କରାଯାଇ ଥିଲା ।

## ମୋ ସଂଗ୍ରହାଳୟରେ କ୍ରିକେଟ୍ ଖେଳାଳିଙ୍କ ଜୀବନୀ

ଭୁବନେଶ୍ୱର, ୬।୧୨(ସମିସ): ସମରଞ୍ଜନଙ୍କ ମୋ ସଂଗ୍ରହାଳୟରେ ବିଭିନ୍ନ ପ୍ରକାରର ସାମଗ୍ରୀ ରହିଛି। ଯାହାକି ଛୋଟପିଲାଙ୍କ ଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ତେବେ ଆସନ୍ତା ୯ ତାରିଖରେ କଟକରେ ଆୟୋଜିତ ହେବାକୁ ଥିବା ଭାର-ଦକ୍ଷିଣ ଆଫ୍ରିକା ଟି-୨୦ ପାଇଁ ସମସ୍ତଙ୍କ ମଧ୍ୟରେ ଦେଖିବାକୁ ମିଳିଛି କ୍ରିକେଟ୍ କ୍ରେଜ୍। ଏହି ସମୟରେ ପୁଣି ଥରେ ଚର୍ଚ୍ଚାକୁ ଆସିଛି ମୋ ସଂଗ୍ରହାଳୟ। କାରଣ ଏହି ସଂଗ୍ରହାଳୟରେ କ୍ରିକେଟକୁ ନେଇ ବିଭିନ୍ନ ଖେଳାଳି ମାନଙ୍କ ଡାକଟିକଟ, ସ୍ୱତନ୍ତ୍ର ଲଫାପା, କ୍ରିକେଟ ଚିତ୍ର ରହିଥିବା ମୁଦ୍ରା, ଦିଆସିଲି ଖୋଳ, ଖେଳାଳି ମାନଙ୍କ ଦସ୍ତଖତ ଥିବା ଟି-ସାର୍ଟ, କ୍ରିକେଟ ବଲ୍ ଓ ବ୍ୟାଟ୍ ସ୍ଥାନ ପାଇଛି। କେବେଳ ସେତିକ ନୁହେଁ ବିଭିନ୍ନ ଦେଶର ଖେଳାଳି ମାନଙ୍କ ଉପରେ ଜୀବନୀ ପୁସ୍ତକ ଗୁଡ଼ିକ ମଧ୍ୟ ଏଠାରେ ସ୍ଥାନୀତ ହୋଇଛି। ଯଥା: ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର, ଲିଟଲ ମାଷ୍ଟର ସୁନିଲ ଗାଭାସ୍କର, ଗ୍ୟାରି ଗୋବର୍ଣ୍ଣ, ଇଆନ ବୋଥମ, ଡେନିଶ ଲିଲି, ସହିଦ ଆଫ୍ରୀଦି, ସନଥ ଜୟସୁରିୟା, ସ୍ୟାଲ୍ୟୁଟ ଟୁ ଲିଜେଣ୍ଡ ଏମ୍ଏସ୍ ଧୋନି, କ୍ରିକେଟ ସମ୍ରାଟ ଆଦି ଲୋକପ୍ରିୟ ପୁସ୍ତକ ସ୍ଥାନ ପାଇଛି। ଏଇ ସବୁ ଜୀବନୀ ପୁସ୍ତକକୁ ପଢ଼ିବା ପାଇଁ ବିଭିନ୍ନ ସ୍କୁଲ ର ଛାତ୍ରଛାତ୍ରୀ ମାନେ ମୋ ସଂଗ୍ରହାଳୟରେ ଭିଡ଼ ଜମାଇଥିବା ଦେଖିବାକୁ ମିଳିଛି। ତେବେ ଏନେଇ ମୋ ସଂଗ୍ରହାଳୟର ପ୍ରତିଷ୍ଠାତା ସମରଞ୍ଜନ ମହାନ୍ତି କହିଛନ୍ତି, ମୋର ଖେଳ ପ୍ରତି ଦୁର୍ବଳ। ରହିଥିବାରୁ ମୁଁ ଖେଳ ସହ ଜଡ଼ିତ ବିଭିନ୍ନ ସାମଗ୍ରୀ କୁ ମୋ ସଂଗ୍ରହାଳୟରେ ସ୍ଥାନ ଦେଇଛି। ହେଲେ ଏଥର ମୋ ଦ୍ୱାରା ସଂଗୃହୀତ କେଳାଳିଙ୍କ ଜୀବନୀ ପୁସ୍ତକ ପଢ଼ିବାକୁ କ୍ରିକେଟପ୍ରେମୀଙ୍କ ସହ ଛାତ୍ରଛାତ୍ରୀ ମାନେ ବେଶ୍ ଆନନ୍ଦ ପ୍ରକାଶ କରିଛନ୍ତି।

## ମହତାବଙ୍କ ଜୟନ୍ତୀରେ ଜାତୀୟ ଆଲୋଚନାଚକ୍ର

ଭୁବନେଶ୍ୱର, ୬।୧୨(ସମିସ): ଡ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ଅବସରରେ ନିମାପଡ଼ା ସାହିତ୍ୟ ସଂସଦ ଆନୁକୂଲ୍ୟରେ ସଂସ୍କୃତି ବିଭାଗର ସହାୟତା ଏବଂ ଓଡିଆ ଗବେଷଣା କେନ୍ଦ୍ରର ସହଭାଗିତାରେ ମଧୁସୂଦନ ନଗରସ୍ଥିତ ଜାତୀୟ ଅଭିଲେଖାଗାର ସଭାଗୃହରେ ଦୁଇଦିନିଆ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡିଆ ଉତ୍କର୍ଷ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ଚଣ୍ଡିପ୍ରସାଦ ନନ୍ଦ, ଝଙ୍କାରର ସମ୍ପାଦକ ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକ ମୁଖ୍ୟବ୍ୟକ୍ତା ଭାବେ ଯୋଗ ଦେଇଥିଲେ। ସଭାର ଅଧ୍ୟକ୍ଷତା ପ୍ରଫେସର ବସନ୍ତ କୁମାର ପଣ୍ଡା କରିଥିବା ବେଳେ ନିମାପଡ଼ା ସାହିତ୍ୟ ସଂସଦର ସଭାପତି ଆଡଭୋକେଟ୍ ଶୁଭେନ୍ଦୁ କୁମାର ରାଉତରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶତାୟୁ ସମାଜସେବୀ ତଥା ପୂର୍ବତନ ବିଧାୟକ ପଦ୍ମଚରଣ ନାୟକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। 'ସାହିତ୍ୟ ଓ ଇତିହାସ: ମହତାବଙ୍କ ବ୍ୟକ୍ତିତ୍ୱର ଅନ୍ୟାନ୍ୟ ଦିଗ' ଶୀର୍ଷକ ଆଲୋଚନାରେ ସ୍ତମ୍ଭକାର ପ୍ରହଲ୍ଲାଦ ସିଂହ, ଅଧ୍ୟାପିକା ଡ. ଚିନ୍ମୟୀ ମହାପାତ୍ର, ଡ. କୁଞ୍ଜବିହାରୀ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ସରି ଆସୁଛି ଟ୍ରଲି ଯୁଗ; ଚିନ୍ତାରେ ଚାଳକ

ଭୁବନେଶ୍ୱର, ୬।୧୨(ସମିସ): 'ଏ ଟ୍ରଲି ବାଲା ଯିବୁ କି' ଆଗକୁ ଆଉ ଏମିତି କିଛି କହିବାକୁ ପଡ଼ିବନି। କି ଟିଣ ବେଲ୍‌ର ଟ୍ରିଂ ଟ୍ରିଂ ସ୍ୱର ଆଉ ଶୁଣିବାକୁ ମିଳିବନି। ସରି ଆସୁଛି ଟ୍ରଲି ଯୁଗ। କିଛି ଦିନ କିମ୍ବା କିଛି ବର୍ଷ ପରେ ଇତିହାସ ପାଲଟିବ ଟ୍ରଲି। ରାଜଧାନୀରେ କାଁ ଭାଁ କେଉଁଠି ରିକ୍ସା ଥିବା ବେଳେ ଟ୍ରଲି କିଛି ମାତ୍ରାରେ ରହିଛି। ରାଜଧାନୀରେ ଟ୍ରଲିରେ ମଣିଷ ବଦଳରେ ସାମଗ୍ରୀ ବୁହାଯାଉଛି। ହେଲେ ଏବେଠାରୁ ଯୁବପିଢ଼ିମାନେ ଟ୍ରଲିକୁ ଟାଣିବାକୁ ପସନ୍ଦ କରୁନାହାନ୍ତି। ଆଗକୁ ଏହି ଟ୍ରଲି ବଞ୍ଚି ରହିବ କି ନାହିଁ ବୋଲି ଟ୍ରଲି ଚାଳକମାନେ ଚିନ୍ତା ପ୍ରକଟ କରିଛନ୍ତି।



## କେମିତି ଚଳିବ ହଜାରେ ପରିବାର

ବର୍ତ୍ତମାନ ରାଜଧାନୀରେ ୧ ହଜାରରୁ ଅଧିକ ଟ୍ରଲି ରହିଛି। ଏହି ଟ୍ରଲି ବେପାରୀମାନେ ରାଜ୍ୟର ବିଭିନ୍ନ ସହରରୁ ଆସି ଟ୍ରଲି ଟାଣି ନିଜର ପରିବାରର ଗୁଜରାଣ ମେଣ୍ଟାଉଛନ୍ତି। ଆଉ ଏହି ବେପାରୀଙ୍କ ମଧ୍ୟରେ ଅଧାରୁ ଅଧିକାଂଶ ବୟସ୍କ ଲୋକ ରହିଛନ୍ତି। ହେଲେ ସେମାନଙ୍କ ପରେ ଆଗକୁ ଟ୍ରଲି ଚଲେଇବାକୁ ଯୁବପିଢ଼ିଙ୍କ ଆଗ୍ରହ ନାହିଁ। ଯେଉଁଥିପାଇଁ ଟ୍ରଲି ଆସ୍ତେ ଆସ୍ତେ ଅଲୋଡ଼ା ହୋଇପଡ଼ିଲାଣି। କଟକ ବାଙ୍ଗିରୁ ଆସି ୨୦ ବର୍ଷ ହେଲଣି ଟ୍ରଲି ଟାଣୁଥିବା ବିରଞ୍ଚି ସେଠୀ କୁହନ୍ତି ସାରା ଦିନ ଟ୍ରଲି ଟାଣିଲେ ୩ ଶହ କି ୪ ଶହ ଟଙ୍କା ମିଳୁଛି। ଏତିକି ଟଙ୍କାରେ ଭଡ଼ା ଘରେ ରହିବା କଷ୍ଟ। ଘରେ ସ୍ତ୍ରୀ ଆଉ ଝିଅ ଅଛନ୍ତି। ବୟସ ବି ଗଡ଼ିଲାଣି ଟ୍ରଲି ଆଉ ଚଲେଇ ହଉନି ଏଥିପାଇଁ ଟଲିକୁ ବିକିଦେବି ନହେଲେ ଭାଙ୍ଗି ଦେବି ବୋଲି କୋହଭରା କଣ୍ଠରେ କହିଛନ୍ତି।

ଏହିପରି ମଧ୍ୟ ଗଞ୍ଜାମରୁ ଆସି ନାକାଗେଟ୍ ପାଖରେ ରହୁଥିବା ରତ୍ନାକାର ନାଏକ କୁହନ୍ତି ଏବର ପିଲାମାନେ ଟ୍ରଲି ପ୍ରତି ଆଉ ମନ ବଳଉନାହାନ୍ତି। ଟ୍ରଲି ଚଲେଇବାକୁ ବି ଆଉ ବଳ ପାଉନାହିଁ। କେତେ ବା ପଇସା ଏଥିରୁ ରୋଜଗାର ହେଉଛି। ନିଶା ଖାଇବାକୁ ବି ପଇସା ଅଣ୍ଟୁନି। ମନ ବୁଝୁନି ଟିକେ ଚଲେଇବା କଥା ବୋଲି ସେ କହିଛନ୍ତି। କେବଳ ରତ୍ନାକର କି ବିରଞ୍ଚି ନୁହନ୍ତି ଏହିମାନଙ୍କ ପରି ରାଜମହଲ, କଳ୍ପନା, ରେଳ ଷ୍ଟେସନ, ରସୁଲଗଡ଼, ବମିଖାଲ ଆଦି ଅଞ୍ଚଳରେ ରହୁଥିବା ଟ୍ରଲିବାଲାଙ୍କର ମଧ୍ୟ ସମାନ ପରିସ୍ଥିତି।

ଏ ହେଉଛ ଟ୍ରଲି ବାଲାଙ୍କ ଜୀବନ। ଅନେକ ଦେହର କଷ୍ଟକୁ ଉପଶମ କରିବା ପାଇଁ ଏମାନେ ନିଶାର ଆଶ୍ରୟ ନିଅନ୍ତି। କିନ୍ତୁ ବିଡ଼ମ୍ବନା ହେଲେ ଯୁଗ ଦେଇ ଏମାନେ ନିଜକୁ ଉତାରି ନାହାନ୍ତି କି ଏମାନଙ୍କୁ ହାତ ଧରି କେହି ସମ୍ଭବତଃ ପ୍ରଚେଷ୍ଟା କରିନାହାନ୍ତି। ଆଜିବି ଟ୍ରଲି ଟାଣିଲେ ଏମାନଙ୍କ ପରିବାରର ଚୁଲି ଜଳୁଛି। କିନ୍ତୁ ଏବେ ଆର୍ଟିଫିସିଆଲ୍ ଟିଣ୍ଟିଲିଜେନ୍ସ ଯୁଗ ସହିତ ଯାହା ବି ଏବେ ଜିନିଷ ମଗେଇବ ୫ ମିନିଟ୍‌ରେ ଆସି ଘରେ ପହଞ୍ଚୁଛି। ଏଥିସହିତ ବିଭିନ୍ନ ସାମଗ୍ରୀ ନେବା ପାଇଁ ମାଳମାଳ ଡ଼ାଲା ଅଟୋ ରହିଥିବା ବେଳେ ସେଠାରେ ଟ୍ରଲିକୁ କିଏ ଆଉ କାହିଁକି ପଚାରିବେ। ଆଉ ଯୁବପିଢ଼ି କିଏ କାହିଁକି ଏ ୫ଜି ଯୁଗରେ ଟ୍ରଲି ଟାଣିବାକୁ ପସନ୍ଦ କରିବେ ବୋଲି କିଛି ଟ୍ରଲି ବେପାରୀମାନେ କହିଛନ୍ତି।

# ଗଛ କିଣିବା ପୂର୍ବରୁ ବାସ୍ତୁ ବିଚାର

- ଗଛର ଦାମ୍ ରହିଛି ଦେଢ଼ଶହରୁ ଦୁଇ ହଜାର ଟଙ୍କା
- ବେଙ୍ଗାଲୁରୁ, ହିମାଞ୍ଚଳ ଓ କୋଲକାତାରୁ ଆସୁଛି ଗଛ



ଭୁବନେଶ୍ୱର, ୬।୧୨(ସମିସ): ବର୍ତ୍ତମାନ ସମୟରେ ନିଜ ଘରକୁ ସଜ୍ଜିତ କରିବା ଓ ଆକର୍ଷଣୀୟ କରିବା ପାଇଁ ଲୋକଙ୍କ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ଚାଲିଲାଣି। ସେଥିପାଇଁ ନିଜ ବାଲକୋନି, ଡ୍ରଇଂ ରୁମ୍ ଓ ଡାଇନିଂକୁ ବେଶ୍ ଆକର୍ଷଣୀୟ କରିବାରେ ଲାଗି ପଡ଼ିଛନ୍ତି। ଅଧିକ ଦାମ ହେଲେ ସୁଦ୍ଧା ଏହି ସବୁ ଗଛ କିଣିବାକୁ ଲୋକେ ପଛାଉନାହାନ୍ତି। ବିଶେଷକରି ଘରକୁ ଶାନ୍ତି, ଧନର ପ୍ରତୀକ ଏବଂ ରାଶି ଅନୁଯାୟୀ ମାନୁଥିବା କେତେକ ଗଛକୁ ଲୋକେ ଅଧିକ କିଣୁଥିବା ଦେଖିବାକୁ ମିଳୁଛି। ନିଜ ଘରର ବାସ୍ତୁ ଓ ରାଶିକୁ ସୁହାଇଲାଭଳି ଗଛର ଚାହିଦା ଆଗ ଅପେକ୍ଷା ବଢୁଥିବା ପରିଲକ୍ଷିତ ହେଉଛି।

ଘରକୁ ସଜାଇବାର ବିଭିନ୍ନ ମାଧ୍ୟମ ରହିଛି। ସେଥିମଧ୍ୟରୁ ଗଛ ଅନ୍ୟତମ। ହେଲେ ସେହି ଗଛ ଯେତେବଳେ ବାସ୍ତୁ ଓ ଏବଂ ଘରର ଶାନ୍ତି ପ୍ରଦାନ କରିଥାଏ, ସେତେବେଳେ ତାର ଚାହିଦା ଏବଂ ଆବଶ୍ୟକତା ବଢ଼ିଯାଇଥାଏ। ଠିକ ସେହିପରି ଏବେ ରାଜଧାନୀରେ ମଧ ବାସ୍ତୁ ଗଛର ଚାହିଦା ବଢୁଥିବା ଦେଖିବାକୁ ମିଳୁଛି। ମୁଖ୍ୟତଃ ଶୀତ ଦିନରେ ଏହି ଗଛ ସବୁ ଅଧିକ ବିକ୍ରି ହେଉଛି। ଯେଉଁଥିରେ ଇନ୍‌ଡୋର ଏବଂ ଆଉଟଡୋର ପ୍ଲାଣ୍ଟ ଉଭୟ ରହୁଛି ବୋଲି ଦୋକାନୀ କହିଥିଲେ। ରାଶି ଅନୁଯାୟୀ ଗଛର ନାମଗୁଡିକ ହେଲା ମେଷ ରାଶି ପାଇଁ ରକ୍ତ ଚନ୍ଦନ, ବୃଷ ପାଇଁ ଛତିଆନ, ମିଥୁନ ରାଶି ପାଇଁ ପଣସ ଗଛ, କର୍କଟ ପାଇଁ ଫଣପଣା, ସିଂହ ରାଶି ପାଇଁ ବେଲ, କନ୍ୟା ପାଇଁ ଆମ୍ବ ଏବଂ ସ୍ନେକ ପ୍ଲାଣ୍ଟ, ଜେଡ ଜେଡ ପ୍ଲାଣ୍ଟ, ତୁଳା ପାଇଁ ବଉଳ, ପିସ ଲିଲି ଏବଂ ରବର ପ୍ଲାଣ୍ଟ, ବିଛା ପାଇଁ ଖଇର, ଧନୁ ପାଇଁ ଅଶ୍ୱସ୍ଥ, ମକର ପାଇଁ ଶିଶୁ ଗଛ, କୁମ୍ଭ ପାଇଁ ସମି ଏବଂ ମୀନ ପାଇଁ ବର ଗଛ ଶୁଭ ବୋଲି ବିଶ୍ୱାସ ରହିଛି। ସେହିଭଳି ବାସ୍ତୁ ପାଇଁ ମନି ପ୍ଲାଣ୍ଟ, ବାମ୍ବୋ ପ୍ଲାଣ୍ଟ, ଆଲୋଭେରା, ଏରିକା ପାମ, ପିସ ଲିଲି, ଗିଲୋଇ ଏବଂ ଲେମନ ଗ୍ରାସ ରହିଛି। ଏହି ସମସ୍ତ ଗଛର ମୂଲ୍ୟ ୧୫୦ ଟଙ୍କାରୁ ଆରମ୍ଭ ହୋଇ ଦୁଇ ହଜାର ପର୍ଯ୍ୟନ୍ତ ରହିଛି। ଏ ନେଇ ୟୁନିଟ୍ - ୩ରେ ନିଜର ପ୍ଲାଣ୍ଟ ସପ୍ କରିଥିବା ପ୍ରକାଶ କୁହନ୍ତି କିଛି ଗଛ ଆଖପାଖ ଅଞ୍ଚଳରୁ ସଂଗ୍ରହ କରୁଥିବାବେଳେ ଆଉ କିଛି ଗଛ ବେଙ୍ଗାଲୁରୁ, ପୁନେ, ହିମାଞ୍ଚଳ ଓ କୋଲକାତାରୁ ଆସୁଛି। ଗତ କିଛିବର୍ଷ ହେବ ରାଜଧାନୀବାସୀଙ୍କ ମଧ୍ୟରେ ବାସ୍ତୁ ଏବଂ ରାଶି ଅନୁଯାୟୀ ଗଛ କିଣିବା ଅଧିକ ପରିଲକ୍ଷିତ ହେଉଛି। ଏହା ବ୍ୟତୀତ ବାମ୍ବୋ ପ୍ଲାଣ୍ଟ, ଏରିକା ପାମ, ପିସ ଲିଲି ଏବଂ ଜେଡ ଜେଡ ପ୍ଲାଣ୍ଟର ଅଧିକ ଚାହିଦା ଥିବା ସେ କହିଥିଲେ।

ସେହିପରି ବାସ୍ତୁବିତ୍ ଲକ୍ଷ୍ମୀଧର ସାହୁଙ୍କ ମତରେ ବାସ୍ତୁ ଉପରେ ଗଛର ପ୍ରଭାବ ନିଶ୍ଚିତ ଭାବେ ରହି ଆସିଛି। ଏହା ଜୀବନଶୈଳୀ ଉପରେ ପଭାବ ପକାଇଥାଏ। ତେଣୁ ଲୋକମାନେ ରାଶି ଏବଂ ବାସ୍ତୁ ଦେଖି ଗଛ କିଣୁଛନ୍ତି। ସଠିକ ଦିଗରେ ଗଛ ଲାଗିଲେ ଏହା ଫଳପ୍ରଦ ହୋଇଥାଏ। ନ ଚେତ୍ ଓଲଟା ପ୍ରଭାବ ଦେଖିବାକୁ ମିଳେ। ଘରର ଶାନ୍ତି ଏବଂ ସମୃଦ୍ଧି, ସ୍ୱାସ୍ଥ୍ୟ ଏବଂ ପାଇଁ ଲୋକ ଏହି ଗଛ ସବୁ ଘରେ ଲଗାଇବାକୁ ଏବେ ଅଧିକ ମନ ବଳାଉଛନ୍ତି।

## ଗାଁରେ ବଞ୍ଚିଛି ସଂସ୍କୃତି ଓ ପରମ୍ପରା

ପିଲାଦିନେ ଗାଁର ବଡ଼ ବରଗଛ ଓହଳରେ ଦୋଳି ଖେଳଠୁ ଗାଁ ପଡ଼ିଆରେ କ୍ରିକେଟ ଖେଳ। ସାଙ୍ଗସାଥୀ ମିଶି ଗାଁ ବୁଲା ସହ ପର୍ବପର୍ବାଣିରେ ସମସ୍ତଙ୍କ ଘରେ ପିଠାଖିଆ ଭଳି ସ୍ମୃତି ଯେତେବେଳେ ମନେ ପଡ଼ିଯାଉଛି, ସତେ ଲାଗେ ଯେପରି ସେ ଦିନଗୁଡ଼ାକୁ ପୁଣି ବଞ୍ଚୁଛି। ଗାଁ କେବଳ ଏକ ସ୍ଥାନ ନୁହଁ ବରଂ ସେଠି ସବୁ ନିଜ ଆପଣାର ଲାଗନ୍ତି। ସେଇ ମୋ ଗାଁ, ଯେଉଁଠି କଟିଛି ମୋ ପିଲାଦିନ।

ସିଏ ଯେଉଁଠି ରୁହନ୍ତୁ ନା କାହିଁକି ଗାଁ ସବୁବେଳେ ତାଙ୍କ ସହ ରହିଥିବ ବୋଲି କହୁଥିବା ବ୍ୟକ୍ତି ହେଲେ କୃଷ୍ଣ କେଶବ ସାହୁ। କର୍ମମୟ ଜୀବନ ସିନା ରାଜଧାନୀ ଟାଣି ଆଣିଛି ହେଲେ ନିଜକୁ ଏବେ ବି ସେ ଗାଁ ସହ ଯୋଡି ରଖିଛନ୍ତି ବୋଲି କୁହନ୍ତି। ରାଜଧାନୀର ଡମଣା ଅଞ୍ଚଳ ବର୍ତ୍ତମାନ ତାଙ୍କ ଠିକଣା ପାଲଟିଛି ହେଲେ ଗଞ୍ଜାମ ଜିଲ୍ଲାର ବାଲକୃଷ୍ଣପୁର ହେଉଛି ତାଙ୍କ ଗାଁ। ଏଠାରେ ନିଜର ଏକ ଛୋଟିଆ ବ୍ୟବସାୟ ଆରମ୍ଭ କରି ଚଳାଉଛନ୍ତି। ଭୁବନେଶ୍ୱରରେ ସେ ନଅରୁ ଦଶ ବର୍ଷ ହେବ ରହିଲେଣି। କିନ୍ତୁ ଗାଁ ପରିବେଶଠୁ ଆରମ୍ଭକରି ସେଠାକାର ଲୋକ ଏବଂ ଖାଇବାକୁ ସେ ଆଜିବି ଝୁରି ହୁଅନ୍ତି। କାରଣ ସିଏ ଏକ ସ୍ଥାନ ନୁହଁ ବରଂ ସେଠି ଭାଇ ବନ୍ଧୁ କୁଟୁମ୍ବଙ୍କୁ ସାଙ୍ଗରେ ନେଇ ଚଳୁଥିବା ଏକ ସ୍ନେହଭରା ଠିକଣା। ହେଲେ ସହରରେ କେବଳ ସାଙ୍ଗସାଥୀ ଭାବ ଯାହା ରହିଛି। ସେ ବି କାଁ ଭାଁ ଦେଖିବାକୁ ମିଳେ। ଗାଁ ର ଚଳଣି ସହରଠାରୁ ଢେର ଅଲଗା। ସେଠାରେ ସବୁଜ ପରିବେଶ, ବିଲ ବାଡି, ପୋଖରୀ ଦେଖି ମନ ଶାନ୍ତି ହେଉଥିବାବେଳେ ଏଠାରେ କେବଳ ମାଳ ମାଳ କୋଠାବାଡି ଆଉ ଗାଡିର କେଁ କାଁ ଶବ୍ଦ ମନକୁ ଅସ୍ଥିର କରି ପକାଏ। ପ୍ରତି ଗାଁ ରେ ରହିଛି ନିଜର ପଣିଆ। କାରଣ ସେଠାରେ ରହିଛି ଆମ ପରିଚୟ। ଯେଉଁଠି ଗାଁ, ପରିବାର ନାମରେ ଲୋକ ଚିହ୍ନନ୍ତି। ସେଠି ରହୁଥିବା ଲୋକ ସହରଠୁ ଢେର ପରିଶ୍ରମି ଏବଂ ଅଳ୍ପ ଆୟରେ ବି ଖୁସିରେ ରୁହନ୍ତି। ସହରୀ ମନ କିନ୍ତୁ ସବୁବେଳେ ଅସ୍ଥିର। ଆମ ଗାଁ ରତନେଇ ଠାକୁରାଣୀ ମନ୍ଦିର ଏବଂ ରାଧାକୃଷ୍ଣ ମନ୍ଦିରରେ ପ୍ରତିଦିନ ଗାଁର ବରିଷ୍ଠ ମାନେ ବସି ଆଧ୍ୟାତ୍ମିକ ଚର୍ଚ୍ଚା କରନ୍ତି। ଗାଁ ମଝି ଚାନ୍ଦିନୀ ଉପରେ ଭଲ ମନ୍ଦ ଆଲୋଚନା ହୁଏ। ହେଲେ ଏଠି ସେସବୁ ପାଇଁ କାହା ପାଇଁ ସମୟ ନାହିଁ। ଠାକୁରାଣୀ ଯାତ୍ରା ସେଠାରେ ବହୁ ପ୍ରସିଦ୍ଧ। ଛୋଟ ପିଲାମାନେ ପାଠ ପଢ଼ା ସହ କିପରି ଆଧ୍ୟାତ୍ମିକ କଥା ଶୁଣିବେ, ସଂସ୍କୃତି ପରମ୍ପରାକୁ ଜାଣିବେ ଶିଖାଯାଏ। ହେଲେ ସହରରେ ପିଲାମନଙ୍କୁ ସେସବୁ ପାଇଁ ସମୟର ଅଭାବ। ତେଣୁ ଗାଁରେ ହିଁ ପ୍ରକୃତ ପିଲାଦିନ ଗଢି ହୋଇଥାଏ ବୋଲି ମୋର ବିଶ୍ୱାସ ରହିଛି।



ଆମେ ଗାଁରୁ ଆସିଛୁ

## ବିଜେଡି ପକ୍ଷରୁ ବରପୁତ୍ରଙ୍କ ପୁଣ୍ୟତିଥି




ଭୁବନେଶ୍ୱର, ୬।୧୨(ସମିସ): ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ଭାରତ ରତ୍ନ ବାବା ସାହେବ ଭୀମରାଓ ଆମ୍ବେଦକର ଓ ବିପ୍ଳବୀ ସହିଦ ଜୟୀ ରାଜଗୁରୁଙ୍କ ପୁଣ୍ୟତିଥି ଶନିବାର ପାଳିତ ହୋଇଯାଇଛି। ଏଜି ଛକ ତଥା ବିଧାନସଭା ପ୍ରକୋଷ୍ଠ ନିକଟରେ ଅବସ୍ଥିତ ତାଙ୍କ ପୂର୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ସଂଯୋଜନା କରିଥିଲେ। ପ୍ରାଧ୍ୟାପକ ପୃଥ୍ୱିରାଜ ପ୍ରତାପ ସିଂ, ଅଶ୍ୱିନୀ ପଟ୍ଟନାୟକ, ଦିପ୍ତିମୟୀ ରାୟ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ଗଣେଶ ବିଷୋୟୀ, ସାଗର ଦଳେଇ, ନଗେନ୍ କୁମାର ନାୟକ, ବଂଶୀଧର ବସ୍ତିଆ, ଯଜ୍ଞ ପ୍ରସାଦ ସାବତ, ବିଜୟ କୁମାର ସାହୁ ପ୍ରମୁଖ ଯୋଗଦାନ କରି ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଓଏମ୍‌ସି କର୍ମଚାରୀଙ୍କୁ ମିଳୁନି ପେନ୍‌ସନ

ଭୁବନେଶ୍ୱର, ୬।୧୨(ସମିସ): ୧୯୫୬ ମସିହାରେ ଖଣି ନିଗମର ପ୍ରତିଷ୍ଠା ହେବା ପରେ ୧୯୮୯ ମସିହାରେ କର୍ମଚାରୀମାନେ ଅବସର ନେବା ଆରମ୍ଭ କଲେ। ସେମାନଙ୍କ ଗୁହାରି ଅଧ୍ୟକ୍ଷ ହୃଦୟଙ୍ଗମ କରି କର୍ମଚାରୀମାନଙ୍କୁ ସରକାରୀ ପେନସନ ଦେବାକୁ ସ୍ଥିର କରି ଖଣି ନିଗମ ବୋର୍ଡରେ ପ୍ରସ୍ତାବ ଦେଲେ। ସରକାର ଓସ୍‌ଏଫ୍‌ବି, ଓପିଟିଏସ୍‌ଏଲ୍, ଓପିସିବି, ଏସଡବ୍ଲୁଏବି, ଉତ୍କଳ ବିଶ୍ୱବିଦ୍ୟାଳୟ, ଓଏଚ୍‌ପିସିକୁ ସରକାର ପିଏଫ୍ ବଦଳରେ ପେନସନ ଦେଲେ। ଅଥଚ ଖଣି ନିଗମ କର୍ମଚାରୀଙ୍କ କ୍ଷେତ୍ରରେ ସରକାର ପଛଘୁଞ୍ଚା ଦେଲେ। ବାଧ ହୋଇ ଖଣି ନିଗମର ଶହ ଶହ କର୍ମଚାରୀ ନ୍ୟାୟାଳୟର ଆଶ୍ରୟ ନେଲେ। ଉଚ୍ଚନ୍ୟାୟାଳୟ ୨୦୧୯ ମସିହାରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ପେନସନ ଦେବାକୁ ରାୟ ଦେଲେ କିନ୍ତୁ ସରକାର ଏ ରାୟକୁ ଚାଲେଞ୍ଜ କରି ଦୁଇ ଥର କୋର୍ଟ ଦ୍ୱାରସ୍ଥ ହୋଇଛନ୍ତି। ଗତ ୨୦୨୫ ମସିହା ମଇ ୧୩ ତାରିଖରେ ଅଦାଲତ ପୁଣି ବିଚାର କରି ସରକାରଙ୍କୁ ଖଣି ନିଗମ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଯେକୌଣସି ପ୍ରକାରେ ସରକାରୀ ପେନସନ ଦେବାକୁ ନିର୍ଦ୍ଦେଶ ଦେଲେ। ତଥାପି ଓଏମସି ସରକାରଙ୍କ ଦ୍ୱାରା ଗୋଲଡ୍ କ୍ୟାଟେଗୋରିର ମାନ୍ୟତାପ୍ରାପ୍ତ ଏବଂ ସରକାରଙ୍କ ନିୟମ ଅନୁଯାୟୀ ପେନସନ ପାଇବା ପାଇଁ ହକଦାର ହୋଇଥିବା ସହ ଉଚ୍ଚନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ପେନ୍‌ସନ ମିଳୁ ନାହିଁ। ଓଏମସି ପ୍ରତିବର୍ଷ ପ୍ରାଏ ୧୦ହଜାର କୋଟିରୁ ଅଧିକ ଲାଭ କରୁଥିବା ସତ୍ତ୍ୱେ ସରକାର ଏହାର କର୍ମଚାରୀଙ୍କ ସାମାଜିକ ସୁରକ୍ଷା ପ୍ରତି ଗୁରୁତ୍ୱ ଦେଉ ନାହାନ୍ତି। ତେଣୁ ସରକାର ତୁରନ୍ତ ପେନସନ ଦେବାର ବ୍ୟବସ୍ଥା କରନ୍ତୁ ବୋଲି ଦାବି ହେଉଅଛି।

## ସମ୍ ନର୍ସିଂ କଲେଜ ପକ୍ଷରୁ ଆନ୍ତର୍ଜାତିକ କର୍ମଶାଳା

ଭୁବନେଶ୍ୱର, ୬।୧୨(ସମିସ): ଉତ୍ତମ ସ୍ୱାସ୍ଥ୍ୟ ସେବା ଏବଂ ଏ ଦିଗରେ ଉତ୍କର୍ଷତା ହାସଲ ନିମନ୍ତେ ସାମାଜିକ ଓ ମାନବିକ ଦୃଷ୍ଟିକୋଣରୁ ଗବେଷଣାର ଆବଶ୍ୟକତା ରହିଛି ବୋଲି ଆଇଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଡ. ଆଶିଷ ଘୋଷ କହିଛନ୍ତି। ସୋଆ ପରିଚାଳିତ ସମ୍ ନର୍ସିଂ କଲେଜ ପକ୍ଷରୁ ଆୟୋଜିତ 'ଏଭିଡେନ୍ସ ବେସ୍‌ଡ ପ୍ରାକ୍ଟିସ୍ ଆଣ୍ଡ ଇନୋଭେସନ ଇନ୍ ହେଲ୍‌ଥ କେୟାର ରିସର୍ଚ୍ଚ: ଅପ୍ଟିମାଇଜିଂ କ୍ୱାଲିଟି ଆଣ୍ଡ ଏକ୍ସିଲେନ୍ସ' ଶୀର୍ଷକ ଅନ୍ତର୍ଜାତୀୟ କର୍ମଶାଳାରେ ପ୍ରଫେସର ଘୋଷ ଯୋଗଦେଇ ରୋଗୀକୁ କଷ୍ଟମୁକ୍ତ କରିବା ନେଇ ଚିକିତ୍ସା ଆବଶ୍ୟକ ବୋଲି କହିଥିଲେ। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବହୁ ବିଷୟକ ଦୃଷ୍ଟିକୋଣରୁ ସମନ୍ୱିତ ପ୍ରୟାସ ଆବଶ୍ୟକ ବୋଲି ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡିଚରଣ ରଥ, ଏସଏଚଏସ୍‌ଆରସି, ଓଡ଼ିଶାର ଟିମ୍ ଲିଡର ଡ. ଦୀନବନ୍ଧୁ ସାହୁ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ସମ୍ମିଳନୀରେ ୧୩ଟି ସାଇନ୍‌ଟିଫିକ୍ ସେସନ୍, ୮୭ଟି ଓରାଲ ପେପର ଏବଂ ୭ ଟି ପୋଷ୍ଟର ଉପସ୍ଥାପନ କରାଯାଇଥିବା ବେଳେ ଓଡ଼ିଶା ତଥା ଓଡ଼ିଶା ବାହାରର ବିଭିନ୍ନ ନର୍ସିଂ କଲେଜରୁ ୭୬୩ ଜଣ ପ୍ରତିନିଧି ଯୋଗ ଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ତଥା ରେଜିଷ୍ଟ୍ରାର ପ୍ରଫେସର ବିଭୁତି ଭୂଷଣ ପ୍ରଧାନ, ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର ଡ. ପୁଷ୍ପରାଜ ସାମନ୍ତସିଂହାର ପ୍ରମୁଖ ଯୋଗଦେଇଥିଲେ।



## ଖୁବ୍‌ଶୀଘ୍ର ପ୍ରେକ୍ଷାଳୟକୁ ଆସିବ 'ଚକ୍ରାନ୍ତ'

ଭୁବନେଶ୍ୱର, ୬।୧୨(ସମିସ): ଖୁବ୍‌ଶୀଘ୍ର ପ୍ରେକ୍ଷାଳୟକୁ ଆସିବାକୁ ଯାଉଛି ଚଳଚ୍ଚିତ୍ର 'ଚକ୍ରାନ୍ତ'। ଲକ୍ଷେଶ୍ୱର ପ୍ରଡକ୍ସନ ବ୍ୟାନର୍‌ରେ ପ୍ରସ୍ତୁତ ତଥା ସୌରଭ ପାଢ଼ୀଙ୍କ ପ୍ରଯୋଜିତ ଏହି ନୂଆ ଓଡ଼ିଆ ଚଳଚ୍ଚିତ୍ରରେ ନାୟିକା ଭୂମିକାଙ୍କ ସହ ନାୟକ ଶୁଭାଶିଷ ଶର୍ମା ଓରଫ୍ ମଣ୍ଟୁ ନଜର ଆସିବେ। ତେବେ ପ୍ରଥମ ଥର ପାଇଁ ଖଳନାୟକ ଭାବେ ନାବାଗତା ଅଭିନେତା ଶୁଭମ୍ ପାଢ଼ୀଙ୍କୁ ମଧ ଦେଖିବାକୁ ପାଇବେ ଦର୍ଶକ। ଖୁବ୍ କମ୍ ବୟସରୁ ଖଳନାୟକ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଚଳଚ୍ଚିତ୍ରରେ ନିଜକୁ ସାମିଲ କରି ଏକ ଗୁରୁ ଦାୟିତ୍ୱ ମୁଣ୍ଡକୁ ନେଇଛନ୍ତି। ବର୍ତ୍ତମାନ ସମୟରେ ଓଡ଼ିଆ ସିନେମାରେ ଅନେକ ବରିଷ୍ଠ ଅଭିନେତା ଖଳନାୟକ ଚରିତ୍ରରେ ଅଭିନୟ କରୁଥିବା ବେଳେ ପ୍ରଥମ କରି ଶୁଭମ୍ ଏଭଳି ଏକ ଗୁରୁ ଦାୟିତ୍ୱରୁ ନିଜର ଓଲିଉଡ ଯାତ୍ରା ଆରମ୍ଭ କରିଛନ୍ତି। ଅଡ଼ଶପୁର ସ୍ୱୟଂଶାସିତ କଲେଜରେ ଯୁକ୍ତ ୩ରେ ପାଠ ପଢୁଥିବା ଶୁଭମଙ୍କ ପାଇଁ ଏହି ଚରିତ୍ର ନିଶ୍ଚିତ ଭାବେ ଏକ ଚ୍ୟାଲେଞ୍ଜ ହୋଇଥିବା ବେଳେ ତାଙ୍କ ଅଭିନୟକୁ ଦର୍ଶମାନେ ନିଶ୍ଚୟ ପସନ୍ଦ କରିବେ ବୋଲି କହିଛନ୍ତି। ତେବେ ସିନେମାର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଭାର ପିନୁ ନାୟକ ନେଇଥିବା ବେଳେ କାହାଣୀ ରଚନା ଦିଶା ପାଢ଼ୀ ଏବଂ ସଂଳାପ ରଚନା କରିଛନ୍ତି ଜିତେନ୍ଦ୍ର କୁମାର ବରାଳ। ଏଥିରେ ଅଭିନେତା ଅଶ୍ରୁମୋଚନ ମହାନ୍ତି, ହରିହର ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ଧରିତ୍ରୀ ଖଣ୍ଡୁଆଳ, ସୁରଭି, ସୌମ୍ୟ ଶତପଥୀ, ସୁମନ ମହାନ୍ତି ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।



ଖଳନାୟକ ଚରିତ୍ରରେ ନୂଆ ଚେହେରା ଶୁଭମ୍

## ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଜୟୀ ରାଜଗୁରୁ ଓ ଆମ୍ବେଦକରଙ୍କ ସ୍ମୃତିଚାରଣ

ଭୁବନେଶ୍ୱର, ୬।୧୨(ସମିସ): ପୁଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ରାଜ୍ୟ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଭାରତ ସ୍ୱାଧୀନତା ସଂଗ୍ରାମର ପ୍ରଥମ ସହିଦ ଜୟୀ ରାଜଗୁରୁଙ୍କ ୨୧୯ତମ ବଳିଦାନ ଦିବସ ଓ ସମ୍ବିଧାନ ପ୍ରଣେତା ଭୀମ ରାଓ ଆମ୍ବେଦକରଙ୍କ ୬୯ ତମ ସ୍ମୃତିଚାରଣ ଦିବସ ପାଳିତ ହୋଇଯାଇଛି। ଏଜି ଛକସ୍ଥିତ ପ୍ରତିମୂର୍ତ୍ତି ସ୍ଥଳରେ ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ବିଧାୟକ ବାବୁ ସିଂ, ବରିଷ୍ଠ ଶିକ୍ଷାବିତ କାମଦେବ ମହାପାତ୍ର, କଟକଜିଲା ପୁଜ୍ୟପୂଜା ସଂସ୍କୃତି ସଂସ୍କୃତି ସୁରକ୍ଷା ଅଭିଯାନ ସଭାପତି କବି ସୁନୀଲ କୁମାର ମିଶ୍ର, ପ୍ରମୁଖ ଉପସ୍ଥିତ ରହି ଜୟୀ ରାଜଗୁରୁଙ୍କ ଆଦମ୍ୟ ବୀରତ୍ୱ, ସାହସ ଦେଶପ୍ରେମର ପଟାନ୍ତର ନାହିଁ ବୋଲି ସ୍ମୃତିଚାରଣ ପୂର୍ବକ ମତବ୍ୟକ୍ତ କରିଥିଲେ। ଆଜିର ଯୁବପିଢ଼ି ମହାପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅତିଥି ମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ଅଭିଯାନର ମୁଖପାତ୍ର ଅରବିନ୍ଦ ତ୍ରିପାଠୀ, ଅମିତ ପାତାଳ ସିଂ ପରିଚାଳନା କରିଥିଲେ।

## ସହିଦ ଜୟୀ ରାଜଗୁରୁଙ୍କ ଶ୍ରାଦ୍ଧଦିବସ



ଭୁବନେଶ୍ୱର, ୬।୧୨(ସମିସ): ଜୟୀ ରାଜଗୁରୁ ବୀର ପାଇକ ଜାତି ଭିତରେ ଦେଶପ୍ରେମର ଭାବନା ଉଦ୍ରେକ କରି ନିଜ ଅଞ୍ଚଳର ସୁରକ୍ଷା ପାଇଁ ଇଂରେଜମାନଙ୍କ ବିରୋଧରେ ଶସ୍ତ୍ର ଉଠାଇବାକୁ ଯେଉଁ ଉଦ୍ୟମ ଆରମ୍ଭ କରିଥିଲେ ତାହା ଆଜି ବି ଇତିହାସରେ ସ୍ୱର୍ଣ୍ଣାଧରରେ ଲିପିବଦ୍ଧ ହୋଇରହିଛି। ଜୟୀ ରାଜଗୁରୁଙ୍କ ସାଧୁତା, ଦେଶପ୍ରେମ, ସଚ୍ଚୋଟତା ଏବଂ ବୀରତ୍ୱ ଆଜି ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ବୋଲି ମତବପ୍ରକାଶ ପାଇଛି। ଶନିବାର ସହିଦ ଜୟୀ ରାଜଗୁରୁଙ୍କ ଶ୍ରାଦ୍ଧଦିବସ ଅବସରରେ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ବାବୁ ସିଂ, ସଂସ୍କୃତି ବିଭାଗ ଶାସନ ସଚିବ ଡ. ବିଜୟକେତନ ଉପାଧ୍ୟାୟ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ ବିଶିଷ୍ଟ ବ୍ୟକ୍ତି ପ୍ରମୁଖ ବିଧାନସଭା ପାଶ୍ୱବର୍ତ୍ତୀ ସହିଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣପୂର୍ବକ ସ୍ମୃତିଚାରଣ କରିଥିଲେ। ଏହାସହ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏଜି ଛକସ୍ଥିତ ସହିଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରାଯାଇଥିଲା।

## ଓସେନ ସ୍କୁଲ୍‌ରେ ବିଜ୍ଞାନ ମେଳା

ନନ୍ଦନକାନନ, ୬।୧୨(ସମିସ): ପଟିଆ ଷ୍ଟେସନ ରୋଡ୍ ନିକଟରେ ଥିବା ଓସେନ ପବ୍ଲିକ ସ୍କୁଲରେ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଆଇଟି ପ୍ରଫେଶନାଲ ତଥା ସାମାଜିକ କର୍ମୀ ଗୋପାଳ କୃଷ୍ଣ ଦାସ ଯୋଗଦେଇଥିଲେ। ସ୍କୁଲର ନିର୍ଦ୍ଦେଶିକା ଶୁଭ୍ରାଞ୍ଜଳି ମଲ୍ଲିକ ପରିଚାଳକ ଗୋପାଳ କୃଷ୍ଣ ବାଡ଼ତ୍ୟା, ଅଧକ୍ଷା ସାଗରୀକା ଧଳ, ଉପାଧକ୍ଷା ସସ୍ମିତା ଶଙ୍ଖୁଆ, ପ୍ରିୟଦର୍ଶିନୀ ଦାସ, ସଙ୍ଗୀତା ପତି, ପ୍ରତିଭା ରାଣୀ ପଣ୍ଡା, ରୂପାରାଣୀ ପାତ୍ର, ଚିନ୍ମୟୀ ଦେବତା, ସୋନାଲି ଶୁଚିସ୍ମିତା ନାଥ, ଇତିଶ୍ରୀ ରାଉତ, ମାମୁନି ଭଞ୍ଜ, ସୌମ୍ୟାଶ୍ରୀ ରାଉତ, ସ୍ମୃତିରେଖା ପରିଡ଼ା ପ୍ରମୁଖ ମେଳାକୁ ସଞ୍ଚାଳନ କରିଥିଲେ।

## ଶ୍ରୀ ବିନାୟକ କନ୍‌ସେପ୍ଟ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ



ଭୁବନେଶ୍ୱର, ୬।୧୨(ସମିସ): ଶ୍ରୀ ବିନାୟକ କନ୍‌ସେପ୍ଟ ସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ମମ୍‌ତାଜ ଅଲ୍ଲୀ ଉଚ୍ଚ ବିଦ୍ୟାଳୟର ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଗତ ଦୁଇଦିନ ଧରି ଛାତ୍ରଛାତ୍ରୀମାନେ ଲଙ୍ଗଜମ୍ପ, ହାଇଜମ୍ପ, ଖୋଖୋ, ସର୍ଟପୁଟ୍, ଡ଼ିସକସ ଭଳି ଖେଳରେ ଭାଗନେଇ ଭଲ ପ୍ରଦର୍ଶନୀ କରିଥିଲେ। ସ୍କୁଲର ଅଧ୍ୟକ୍ଷ ଆଦିତ୍ୟ ପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଅହଫାଜ୍ ଅହମଦ୍ ଓ ଜୀବ ବିଜ୍ଞାନ ଅଧ୍ୟାପିକା ସଙ୍ଗୀତା ପାଣିଗ୍ରାହୀ କ୍ରୀଡ଼ା ପରିଚାଳନା କରିଥିଲେ। ବାଳକ ବିଭାଗରେ ପରମେଶ୍ୱର ମାଝୀ ଓ ବାଳିକା ବିଭାଗରେ ଶେଫାଳୀ ନାୟକ ଚଳିତ ବର୍ଷ ପାଇଁ ଆଥେଲେଟିକ୍ ଚାମ୍ପିଆନ୍ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷା ବିକାଶ ସମିତି ଓଡ଼ିଶାର ସମ୍ପାଦକ ତଥା ଅଭିଜ୍ଞ ଶିକ୍ଷକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ଉପସ୍ଥିତ ରହିଥିଲେ। ଶ୍ରୀ ବିନାୟକ ଗ୍ରୁପ୍‌ର ନିର୍ଦ୍ଦେଶକ ସଞ୍ଜୟରାଜ କ୍ରୀଡ଼ା ପ୍ରତିଯୋଗୀଙ୍କ ସମେତ ସ୍କୁଲର କର୍ମକର୍ତ୍ତାଙ୍କୁ ପ୍ରଶଂସା କରିଥିଲେ।

'ଆମେ କେଉଁଠି-ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ' ଶୀର୍ଷକ ଆଲୋଚନାଚକ୍ର

## 'ରାଜନୈତିକ ନେତୃତ୍ୱ ମାନସିକ ଦାରିଦ୍ର୍ୟରୁ ମୁକ୍ତ ହେବା ଦରକାର'

ଭୁବନେଶ୍ୱର, ୬।୧୨(ସମିସ): ଦେଶ ଓ ରାଜ୍ୟର ନେତୃତ୍ୱ ନେଉଥିବା ବ୍ୟକ୍ତିବିଶେଷ, ସଂସ୍ଥା କିମ୍ବା ଦଳ ମାନସିକ ଦାରିଦ୍ର୍ୟରୁ ମୁକ୍ତ ନ ହେଲେ ସମାଜକୁ ସଠିକ୍ ଦିଗଦର୍ଶନ ଦେଇପାରିବ ନାହିଁ। ବର୍ତ୍ତମାନ ସମୟ ମାନସିକ ଦାରିଦ୍ର୍ୟରୁ ମୁକ୍ତ ହେବାର ପ୍ରକୃଷ୍ଟ ସମୟ ବୋଲି ଡ. ଅରୁଣ କୁମାର ସାହୁ ମତ ପ୍ରକାଶ କରିଛନ୍ତି। ଶନିବାର ବୁଦ୍ଧ ମନ୍ଦିରରେ ସାମାଜିକ ନ୍ୟାୟ ସାମ୍ମୁଖ୍ୟ ଅନୁକୂଲ୍ୟରେ ଅନୁଷ୍ଠିତ 'ଆମେ କେଉଁଠି-ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ' ଶୀର୍ଷକ ଆଲୋଚନାଚକ୍ରରେ ଶ୍ରୀ ସାହୁ ବକ୍ତବ୍ୟ ରଖି ସାମ୍ପ୍ରତିକ ସ୍ଥିତିର ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ବିଷୟରେ ଏକାଧିକ ଉପାଦେୟ ତଥ୍ୟ ପ୍ରଦାନ କରିବା ସହ ରାଜନୀତି ସବୁ ନିୟନ୍ତ୍ରଣ କରେ। କେତେକ ଭାବନ୍ତି, ରାଜନୀତିରୁ ସେମାନେ ଦୂରରେ। ହେଲେ ରାଜନୀତି ପରୋକ୍ଷ ଓ ପ୍ରତ୍ୟକ୍ଷରେ ସମାଜର ସବୁ ଜିନିଷ ନିୟନ୍ତ୍ରଣ କରିଥାଏ। ତେଣୁ ଜନଗଣ ଅଜ୍ଞାନତା ହିଁ ଭ୍ରଷ୍ଟ ରାଜନେତାଙ୍କ ଶକ୍ତି ହୋଇଛି। ବ୍ୟବସ୍ଥା ଏପରି ହୋଇଗଲାଣି ଭଲ ଲୋକ ଆଉ ନିର୍ବାଚିତ ହୋଇ ପାରୁନାହାନ୍ତି। ସରକାରୀ ଅଫିସର ଚରିତ୍ର ବଦଳି ଗଲାଣି। ଯିଏ ଭୋଟ ଦିଏ ସିଏ ଜାଣିନି, ତା' ଭୋଟର ମୂଲ୍ୟ କେତେ? ଅନୁରୂପ ଭାବେ ଯିଏ ଭୋଟ ପାଉଛି ସେ ଜାଣୁନାହିଁ ଭୋଟର ମୂଲ୍ୟ କ'ଣ ? ରାଜନୈତିକ ନେତୃତ୍ୱ ଆଜି ଆତ୍ମ କୈନ୍ଦ୍ରିକ ହୋଇଯାଇଛି ବୋଲି ଶ୍ରୀ ସାହୁ କହିଥିଲେ। ବର୍ତ୍ତମାନର ନିର୍ବାଚନ ପ୍ରକ୍ରିୟା ଉପରେ ସେ ପ୍ରଶ୍ନ ଉଠାଇଥିଲେ। ଆମେ ଓଡ଼ିଶା ବାସୀ ଆଗେଇଛେ। କିନ୍ତୁ ସେତେ ମାତ୍ରାରେ ନୁହେଁ। ଆମ ସମ୍ପଦର ସୁବିନିଯୋଗ କରିପାରି ନାହେଁ। ସେଥିପାଇଁ ଆମ ରାଜନୈତିକ ନେତୃତ୍ୱଙ୍କ ଦୂରଦୃଷ୍ଟି ହିଁ ଦାୟୀ। ପ୍ରାକ୍ ସ୍ୱାଧିନତା ସମୟରେ ଜାପାନ, ଜର୍ମାନ, ଚୀନ, ଆବୁଧାବି କେଉଁ ଅବସ୍ଥାରେ ଥିଲା। ଆମଠୁ କମ୍ ସମ୍ପଦ ଥାଇ ସେମାନେ କାହିଁକି ଆଗେଇ ଗଲେ। ଓଡ଼ିଶା ପରିପ୍ରେକ୍ଷୀରେ ଅର୍ଥନୈତିକ ସ୍ୱାଧିନତା କାହିଁକି ଦରକାର। ସେ ସମୟରେ ବିଜୁ ପଟ୍ଟନାୟକଙ୍କ ଆର୍ଥିକ ସ୍ୱାଧିନତା ଦାବି ଆଜି ଅଧିକ ପ୍ରାସଙ୍ଗିକ। କମ୍ ସମୟରେ ଅଧିକ ରୋଜଗାର, ପ୍ରସିଦ୍ଧି ପାଇବାର ଇଚ୍ଛା ଆମକୁ ମାରି ଦେଉଛି। ଉଚିତ୍ ପରିଶ୍ରମ ଉଚିତ ପ୍ରଚେଷ୍ଟା ହିଁ ଦୀର୍ଘମିଆଦୀ ସଫଳତା ଆଣିଦେବ। ଯୁବ ସମାଜ ନିଶାଗ୍ରସ୍ତ, ଜୁଆ ଖେଳୁଛନ୍ତି ଯୋଗ୍ୟତାଭିତ୍ତିକ ନିଯୁକ୍ତି ନାହିଁ। ଶିକ୍ଷା ଓ ସ୍ୱାସ୍ଥ୍ୟର ଘରୋଇକରଣ ହୋଇ ଚାଲିଛି। ବିଶ୍ୱ ଶିକ୍ଷା ମାନଚିତ୍ରରେ ଆମ ଶିକ୍ଷାନୁଷ୍ଠାନର ସ୍ଥାନ ନଗଣ୍ୟ। ସମାଜରେ ଆଜି ବି ଜାତି ଓ ଧର୍ମ ଭିତିକ ବିଭାଜନ ରାଜନୀତି ଚାଲୁଛି। କିଛି ଅଯୋଗ୍ୟ ଲୋକ ନିଜ ଭାବମୂର୍ତ୍ତୀ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ସ୍ୱାଧିନତା ନାଁରେ ଆଜି ନିଆରା ଢଙ୍ଗରେ ସମସ୍ତେ ପରାଧିନ। ତୁଳନା ଶ୍ରେଷ୍ଠ ସହ ହେବା ଆବଶ୍ୟକ ବୋଲି ଶ୍ରୀ ସାହୁ କହିଥିଲେ। କାର୍ଯ୍ୟକ୍ରମକୁ ସାମ୍ମୁଖ୍ୟର ଆବାହକ ଚିଦାନନ୍ଦ ଜେନା ପରିଚାଳନା କରିଥିଲେ। ଆମ୍ବେଦକରଙ୍କ ଜୀବନୀ ଉପରେ ଛାତ୍ରନେତ୍ରୀ ସଂଘମିତ୍ରା ଜେନା ବକ୍ତବ୍ୟ ରଖିଥିଲେ। ଯୁବ ସଂଗଠକ ବଦ୍ରି ନାରାୟଣ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନେ ମଧ୍ୟରେ କାର୍ଯ୍ୟକ୍ରମରେ ଅମିତ ଅଭିଜିତ ସାମଲ, ବେଣୁଧର ବିଶ୍ୱାଳ, ସାହିଲ ସାହାଣୀ ପ୍ରମୁଖ ସହଯୋଗ କରିଥିଲେ।



**ଗୃହରେ ଚିତ୍ରକୋଣ୍ଡା ବିଧାୟକଙ୍କ ଉଦ୍‌ବେଗ**

# ସ୍ୱାଭିମାନ ଅଞ୍ଚଳରେ ଗଛଛାଇ, କୁଡ଼ିଆ ଘରେ ପଢୁଛନ୍ତି ପିଲା

- ୧୮୦ ଅଙ୍ଗନବାଡ଼ି କେନ୍ଦ୍ରରୁ ୬୧ଟିର ନିଜସ୍ୱ ଘର ନାହିଁ
- ପିଏମ୍-ଜନମନରେ ୯୦ଟିକୁ ମିଳିଛି ଅନୁମୋଦନ: ମନ୍ତ୍ରୀ
- ବିଧାୟକ ଜାଗା ଚିହ୍ନଟ କଲେ ହେବ ଗୃହ ନିର୍ମାଣ
- ୨୦୧୫୦ ଅଙ୍ଗନବାଡ଼ି କେନ୍ଦ୍ରର ନାହିଁ ନିଜସ୍ୱ ଘର

ଭୁବନେଶ୍ୱର,୬।୧୨(ସମିସ): ରାଜ୍ୟ ସରକାର ମିନି ଅଙ୍ଗନବାଡ଼ିରୁ ଅଙ୍ଗନବାଡି, ସକ୍ଷମ ଅଙ୍ଗନବାଡ଼ି, ଶିଶୁ ବାଟିକା କଥା କହୁଛନ୍ତି। ମାତ୍ର ସ୍ୱାଭିମାନ ଅଞ୍ଚଳରେ ପିଲାମାନେ ଗଛ ଛାଇ, କୁଡ଼ିଆ ଘରେ ପାଠ ପଢୁଛନ୍ତି। ସ୍ୱାଭିମାନ ଅଞ୍ଚଳ ଚିତ୍ରକୋଣ୍ଡାରେ ୧୮୦ଟି ଅଙ୍ଗନବାଡ଼ି କେନ୍ଦ୍ର ଥିବାବେଳେ ୬୧ଟିରେ ନିଜସ୍ୱ ଗୃହ ନାହିଁ। ଶନିବାର ଶୂନ୍ୟକାଳରେ ଏନେଇ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ କ୍ଷୋଭ ପ୍ରକାଶ କରିଛନ୍ତି।

ବିଧାନସଭାର ଶୀତକାଳୀନ ଅଧିବେଶନର ଆଜି ପ୍ରଶ୍ନକାଳରେ ସଦସ୍ୟ ଶ୍ରୀ ଖିଲ ଅତିରିକ୍ତ ପ୍ରଶ୍ନ ମାଧ୍ୟମରେ ଏନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଅଙ୍ଗନବାଡ଼ି ଘର ନିର୍ମାଣ କେବେ ସମ୍ପୂର୍ଣ୍ଣ ହେବ ବୋଲି ପଚାରିଥିଲେ। ମୂଳ ପ୍ରଶ୍ନକର୍ତ୍ତା ଭାବେ ସଦସ୍ୟ ରମେଶ ଚନ୍ଦ୍ର ବେହେରା ରାଜ୍ୟରେ କେତୋଟି ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ,୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟ ସରକାର କେତୋଟି ନୂଆ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ଏବଂ ଅସମ୍ପୂର୍ଣ୍ଣ ଘର ନିର୍ମାଣ ପାଇଁ ରାଜ୍ୟ ସରକାର ଅନୁଦାନ ପ୍ରଦାନ କରିବେ କି ବୋଲି ପ୍ରଶ୍ନ କରିଥିଲେ।

ଏହାର ଉତ୍ତରରେ ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ ଯେ ରାଜ୍ୟରେ ୨୦୧୫୦ ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଘର ନାହିଁ। ଯଦି କୌଣସି ଅଞ୍ଚଳରେ ଅଙ୍ଗନବାଡି ଘର ନିର୍ମାଣାଧୀନ ଅବସ୍ଥାରେ ରହିଛି ଏବଂ ଏହାକୁ ସମ୍ପୂର୍ଣ୍ଣ କରିବା ପାଇଁ ଅର୍ଥର ଆବଶ୍ୟକତା ହେଉଛି, ସେନେଇ ନିର୍ଦ୍ଦିଷ୍ଟ ତଥ୍ୟ ଦେଲେ ବିଭାଗ ଅର୍ଥ ପ୍ରଦାନ କରିବ। ୨୦୨୫-୨୬ରେ ୧୦୨୦୦ ଅଙ୍ଗନବାଡି ଘର ନିର୍ମାଣ ପାଇଁ ଆର୍ଥିକ ବ୍ୟବସ୍ଥା କରାଯାଉଥିବା ସେ ସୂଚନା ପ୍ରଦାନ କରିଥିଲେ। ସେହିପରି ଅତିରିକ୍ତ ପ୍ରଶ୍ନକର୍ତ୍ତାଙ୍କ ଉତ୍ତରରେ ଶ୍ରୀମତୀ ପରିଡ଼ା କହିଥିଲେ ଯେ ରାଜ୍ୟରେ ପିଭିଜିଟି ଅଞ୍ଚଳରେ ପିଏମ୍-ଜନମନ ଯୋଜନା ଅଧୀନରେ ୧୩ଟି ଜିଲ୍ଲା ପାଇଁ ୯୦ଟି ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ପାଇଁ କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିଛନ୍ତି। ପ୍ରତ୍ୟେକ ଅଙ୍ଗନବାଡି କେନ୍ଦ୍ର ପାଇଁ ୧୨ ଲକ୍ଷ ଟଙ୍କାର ଅନୁଦାନ ମିଳିଛି। ତେଣୁ ବିଧାୟକ ଯେତେ ଶୀଘ୍ର ପ୍ରସ୍ତାବ ଏବଂ ଗୃହ ନିର୍ମାଣ ପାଇଁ ଜାଗା ଦେବେ, ସେତେ ଶୀଘ୍ର ଅଙ୍ଗନବାଡି ଗୃହ ନିର୍ମାଣ ହେବ ବୋଲି ଶ୍ରୀମତୀ ପରିଡ଼ା କହିଥିଲେ।

ସଦସ୍ୟ ପ୍ରଦୀପ ସାହୁ ତାଙ୍କ ନିର୍ବାଚନମଣ୍ଡଳୀରେ ପୂର୍ବରୁ ୫ ଲକ୍ଷ ଟଙ୍କା ଏବଂ ୭ ଲକ୍ଷ ଟଙ୍କା ଅନୁଦାନପ୍ରାପ୍ତ କେତେକ ଅଙ୍ଗନବାଡି କେନ୍ଦ୍ର ଅସମ୍ପୂର୍ଣ୍ଣ ଅବସ୍ଥାରରେ ରହିଥିବା ଦର୍ଶାଇଥିଲେ। ଏଥିପାଇଁ ଅନୁଦାନ ବ୍ୟବସ୍ଥା ସମ୍ପର୍କରେ ଶ୍ରୀ ସାହୁ ପ୍ରଶ୍ନ କରିଥିଲେ। ଉତ୍ତରରେ ଉପମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୦୯-୧୦ରେ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ଦିଆଯାଉଥିଲା। ପରେ ୨୦୧୬-୧୭ରେ ଏହାକୁ ୭ ଲକ୍ଷ ଏବଂ ୨୦୨୨-୨୩ରେ ଏହାକୁ ୧୨ ଲକ୍ଷ ଟଙ୍କାକୁ ବୃଦ୍ଧି କରାଗଲା। ଏବେ ଆମେ ଅଙ୍ଗନବାଡି ଗୃହ ନିର୍ମାଣ ପାଇଁ ୧୫ ଲକ୍ଷ ଟଙ୍କା ଅନୁଦାନ ଦେବାକୁ ବ୍ୟବସ୍ଥା ହୋଇଛି। ଆଗକୁ ଏହି ଅନୁଦାନ ୨୫ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଁ ବିଭାଗ ନିକଟରେ ପ୍ରସ୍ତାବ ରହିଛି। ତେବେ ଯେଉଁଠାରେ ଅର୍ଥଭାବ କାରଣରୁ ଅଙ୍ଗନବାଡି ଗୃହ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ, ସେଠାରେ ବିଧାୟକମାନେ ସିଡିପିଓମାନଙ୍କୁ ଅବଗତ କରାଇଲେ ବିଭାଗ ଆର୍ଥିକ ଅନୁଦାନ ଯୋଗାଇ ଦେବ। ସେହିପରି ୨୦୨୪-୨୫ରେ ୫୦୫୬ଟି ଅଙ୍ଗନବାଡିକୁ ସକ୍ଷମ ଅଙ୍ଗନବାଡିକୁ ପରିବର୍ତ୍ତିତ କରାଯାଉଥିବା ବେଳେ ପ୍ରତ୍ୟେକ ସକ୍ଷମ ଅଙ୍ଗନବାଡିର ଭିତ୍ତିଭୂମି ଉନ୍ନୟନ ପାଇଁ ଅତିରିକ୍ତ ୮୪ ହଜାର ଟଙ୍କା ଯୋଗାଇ ଦିଆଯାଉଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ନିଯୁକ୍ତ ହେବେ ଓଡ଼ିଆ ଶିକ୍ଷକ

- ୩୧୪ ଲାଇବ୍ରେରିଆନ୍ ପଦକୁ ଉଚ୍ଛେଦ କଲା ଗଣଶିକ୍ଷା ବିଭାଗ
- ଗ୍ରନ୍ଥାଗାରିକ ଚାକିରି ନ ଦେଲେ, ପାଠ୍ୟକ୍ରମ ବନ୍ଦ କରନ୍ତୁ ସରକାର: ଆଶାୟୀ

ଭୁବନେଶ୍ୱର, ୬।୧୨(ସମିସ): ରାଜ୍ୟର ସମସ୍ତ ୩୧୪ ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ରେ ନିଯୁକ୍ତ ହେବେ ଓଡ଼ିଆ ଶିକ୍ଷକ। ପ୍ରତି ଓଏଭିରେ ଜଣେ ଲେଖାଏଁ ଓଡ଼ିଆ ପ୍ରଶିକ୍ଷିତ ସ୍ନାତକ ଶିକ୍ଷକ (ଟିଜିଟି) ନିଯୁକ୍ତି ପାଇଁ ନୂତନ ପଦ ସୃଷ୍ଟି ହୋଇଛି। ପୂର୍ବରୁ ଥିବା ଲାଇବ୍ରେରିଆନ୍ ପଦକୁ ଉଚ୍ଛେଦ କରି ଓଡ଼ିଆ ଶିକ୍ଷକ ପଦ ସୃଷ୍ଟି କରାଯାଇଛି। ଏ ସମ୍ପର୍କରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରମୁଖ ମହାଲେଖାକାର (ଏଜି)ଙ୍କୁ ଅବଗତ କରାଯାଇଛି।

ଲାଇବ୍ରେରିଆନ୍ ପଦ ଉଚ୍ଛେଦ କରିବା ପରେ ଆଶାୟୀମାନେ ଅସନ୍ତୋଷ ଝାଡିଛନ୍ତି। ଓଡ଼ିଶା ଲାଇବ୍ରେରୀ ମୁଭମେଣ୍ଟ (ଓଏଲ୍ଏମ୍) ଆବାହକ ସୁନୀଲ କୁମାର ମିଶ୍ର କହିଛନ୍ତି ଯେ ସରକାରଙ୍କୁ ଦେଢ଼ ବର୍ଷ ବିତିଥିଲେ ମଧ୍ୟ ନୂତନ ନିଯୁକ୍ତି ପାଇଁ ଆଶାନୁରୂପ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ନୂତନ ପଦ ସୃଷ୍ଟି କରିବା ପରିବର୍ତ୍ତେ ପୁରୁଣା ପଦକୁ ଉଚ୍ଛେଦ କରିବାରେ ସରକାର ଅଧିକ ମନୋନିବେଶ କରୁଛନ୍ତି। ଓଏଭିର ୩୧୪ ଗ୍ରନ୍ଥାଗାରିକ ପଦ ବିଲୁପ୍ତ କରାଯିବାରୁ ଦୀର୍ଘ ବର୍ଷ ଧରି ଗ୍ରନ୍ଥାଗାରିକ ଆଶାୟୀମାନେ ନିରାଶ ହୋଇଛନ୍ତି। ବାରମ୍ବାର ଆନ୍ଦୋଳନ ଓ ଦାବି ସତ୍ତ୍ୱେ ସେମାନଙ୍କୁ ନିଯୁକ୍ତି ନ ଦେଇ ସମ୍ପୂର୍ଣ୍ଣ ପଦକୁ ଉଚ୍ଛେଦ କରିବା ନିଷ୍ପତ୍ତି ସେମାନଙ୍କୁ ବ୍ୟଥିତ କରିଛି। ଗ୍ରନ୍ଥାଗାରିକ ପଦ ରହିବା ସହ ନୂତନ ଭାବେ ଓଡ଼ିଆ ଶିକ୍ଷକ ପଦ ସୃଷ୍ଟି କରାଯାଇ ପାରିଥାନ୍ତା। ହେଲେ ସରକାର ସେପରି ନ କରି ସିବିଏସ୍‌ଇ ନିୟମକୁ ଉଲଂଘନ କରୁଛନ୍ତି। ଅପରପକ୍ଷରେ ସେ ଆହୁରି କହିଛନ୍ତି ଯେ ଯଦି ସରକାରଙ୍କ ଗ୍ରନ୍ଥାଗାରିକ ପଦ ପୂରଣ କରିବାର ଆନ୍ତରିକତା ନାହିଁ, ତେବେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ "ଗ୍ରନ୍ଥାଗାର ବିଜ୍ଞାନ' ବିଷୟକୁ ଉଠାଇ ଦିଅନ୍ତୁ। ଅନ୍ୟଥା ଲାଇବ୍ରେରୀ ସାଇନ୍ସ ପଢୁଥିବା ମେଧାବୀଙ୍କ ଭବିଷ୍ୟତ ଅନ୍ଧକାର ହୋଇଯିବ ଓ ଏଥିପାଇଁ ସରକାର ହିଁ ପ୍ରତ୍ୟକ୍ଷ ଭାବେ ଦାୟୀ ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି।

- କଂଗ୍ରେସ ବିଧାୟକ ଦଳ ନେତାଙ୍କ କ୍ଷୋଭ

# ପେସା ଆଇନ ଲାଗୁରେ ଟାଳଟୁଳ ନୀତି

**ତୁରନ୍ତ ଲାଗୁ ନହେଲେ ସାରା ଓଡ଼ିଶାରେ ଆନ୍ଦୋଳନକୁ ଓହ୍ଲାଇବେ ଆଦିବାସୀ**

ଭୁବନେଶ୍ୱର,୬।୧୨(ସମିସ): ରାଜ୍ୟରେ ନୂଆ ସରକାର ଆସିବା ପରେ ପ୍ରଥମ ବିଧାନସଭା ଅଧିବେଶନରେ ରାଜ୍ୟରେ ପେସା ଆଇନ ଲାଗୁ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ସରକାର। ମାତ୍ର ଏଯାଏଁ ପେସା ଆଇନ ଲାଗୁ ହୋଇପାରିଲା ନାହିଁ। ରାଜ୍ୟରେ ମୁଖ୍ୟମନ୍ତ୍ରୀ, ଆଦିବାସୀ ବିଭାହର ମନ୍ତ୍ରୀ ଆଦିବାସୀ ସମ୍ପ୍ରଦାୟରୁ ଆସୁଛନ୍ତି। ମାତ୍ର ପେସା ଆଇନ ଲାଗୁ କରିବାକୁ ସରକାର କଣ ପାଇଁ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ଆଜି ଶୂନ୍ୟକାଳରେ ପ୍ରଶ୍ନ ଉତ୍ଥାପନ କରିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ। ପେସା ଆଇନ ଲାଗୁ ନହେଲେ ସାରା ଓଡ଼ିଶାରେ ଆଦିବାସୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସେ ଚେତାବନୀରେ କହିଛନ୍ତି।

ଶୂନ୍ୟକାଳରେ ଉପରୋକ୍ତ ପ୍ରସଙ୍ଗକୁ ଉତ୍ଥାପନ କରି ଶ୍ରୀ କାଡାମ କହିଲେ ଯେ ରାଜ୍ୟରେ ଆଦିବାସୀମାନେ ଜଙ୍ଗଲ, ଜମି ଓ ପାଣି ଉପରୁ ନିଜର ଅଧିକାର ହରାଇ ବସିଛନ୍ତି। ଏକାଧିକ ବହୁରାଷ୍ଟ୍ରୀୟ କମ୍ପାନୀ ଆଦିବାସୀ ଆଦିବାସୀ ଅଞ୍ଚଳରେ ଶିଳ୍ପ ସ୍ଥାପନ କରୁଛନ୍ତି। ବିରୋଧୀ ଥିବାବେଳେ ବିଜେପି, ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଏନେଇ ବ୍ୟାପକ ସ୍ୱର ଉତ୍ତୋଳନ କରୁଥିଲେ। ମାତ୍ର ସରକାରକୁ ଆସିବା ପରେ ସେମାନଙ୍କ ସ୍ୱର ଧିମେଇ ଯିବାର କାରଣ କଣ ବୋଲି ଶ୍ରୀ କାଡାମ ପ୍ରଶ୍ନ କରିଥିଲେ। ସରକାର ନିଜକୁ ଲୋକଙ୍କ ସରକାର କହିଛନ୍ତି। ତାହେଲେ ଆଦିବାସୀ କଣ ରାଜ୍ୟର ଲୋକ ନୁହନ୍ତି। ବିଜେପି ଯୋଦନା ଆଦିବାସୀଙ୍କୁ ଶୋଷଣ ନୁହେଁତ ବୋଲି ଏବେ ସାଧାରଣରେ ଆଶଙ୍କା ବଢ଼ିଲାଣି। ତୁରନ୍ତ ମୁଖ୍ୟମନ୍ତ୍ରୀ ଆଦିବାସୀଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ। ଆଦିବାସୀ ବର୍ତ୍ତମାନ ସୁପ୍ତ ଅବସ୍ଥାରେ ଅଛନ୍ତି। ସେମାନେ ଜାଗ୍ରତ ହେଲ କେହି ସମ୍ଭାଳିପାରିବେନି ବୋଲି ଶ୍ରୀ କାଡାମ କହିଥିଲେ।

**ଏଏନ୍ଏମ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ସରକାରଙ୍କ ଉପରେ ବର୍ଷିଲା ବିଜେଡି**

# ୧୮ ମାସରେ ୧୮ ରୁ ଊର୍ଦ୍ଧ୍ୱ ପରୀକ୍ଷା ବାତିଲ

- ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା କରିବାରେ ରାଜ୍ୟ ସରକାର ସଂପୂର୍ଣ୍ଣ ବିଫଳ
- ପ୍ରଶ୍ନପତ୍ର ପ୍ରଘଟକୁ ରୋକିବା ପାଇଁ ସରକାର ଆଣିଥିବା ଆଇନ ଶୀତଳ ଭଣ୍ଡାରରେ

ଭୁବନେଶ୍ୱର,୬।୧୨(ସମିସ): ଏଏନଏମ ପ୍ରଶ୍ନପତ୍ର ପ୍ରଘଟ ଓ ଶେଷ ମୁହୂର୍ତ୍ତରେ ଏହି ପରୀକ୍ଷା ବାତିଲ ହେବାକୁ ନେଇ ବିଜୁ ଜନତା ଦଳ ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ରାଜ୍ୟରେ ତ୍ରୁଟିଶୂନ୍ୟ ପରୀକ୍ଷା କରାଇବାରେ ରାଜ୍ୟ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି କହିଛନ୍ତି।




ଶ୍ରୀ ସାହୁ କହିଥିଲେ ଯେ ରାଜ୍ୟରେ ବିଜେପି କ୍ଷମତାସୀନ ହେବାର ୧୮ ମାସରେ ଅଠରରୁ ଉଦ୍ଧ୍ୱର୍ ପରୀକ୍ଷା ବାତିଲ ହୋଇଛି, ଯାହା ରାଜ୍ୟ ସରକାରଙ୍କ ବିଫଳତା ଓ ଅପାରଗତାକୁ ପଦାରେ ପକାଉଛି । ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ରାଜ୍ୟ ବିଜେପି ସରକାର ଏକ ନୂତନ କୀର୍ତ୍ତିମାନ ସ୍ଥାପିତ କରିଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ରାଜ୍ୟ ସରକାରଙ୍କ ଏହି ୧୮ ମାସ କେବଳ ପ୍ରଚାର ସର୍ବସ୍ୱ ହୋଇଛି। ରାଜ୍ୟର ଯୁବବର୍ଗ ଚାକିରିଟିଏ ହାସଲ କରିବା ଲକ୍ଷ୍ୟରେ ଅକ୍ଳାନ୍ତ ପରିଶ୍ରମ କରି ପରୀକ୍ଷା ହଲରେ ପହଁଚିଲା ବେଳକୁ ପରୀକ୍ଷା ବାତିଲ ହୋଇଯାଉଛି। ମାତ୍ର ସରକାର ନିଜ ପ୍ରଚାର ଏବଂ ନିଜ ପିଠି ନିଜେ ଥାପୁଡ଼େଇବାରେ ବ୍ୟସ୍ତ ଅଛନ୍ତି। ପରୀକ୍ଷା ବିଭ୍ରାଟକୁ ରୋକିବା ପାଇଁ ସରକାର ଗୋଟିଏ ଆଇନ ଆଣିଥିଲେ । ଏହି ଆଇନ କେଉଁଠି ଅଛି, ତାର ସ୍ଥିତି କଣ କେହି ଜାଣି ନାହାନ୍ତି । ବାରମ୍ବାର ପରୀକ୍ଷା ବାତିଲ ହେବା ଦ୍ୱାରା ରାଜ୍ୟର ଯୁବବର୍ଗ ଏ ସରକାରକୁ ଆଗାମୀ ଦିନରେ ଉଚିତ ଜବାବ ଦେବେ। ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ କହିଥିଲେ ଯେ ବିଜେପିର ବରିଷ୍ଠ ନେତା ମାନେ ଓଡ଼ିଶାକୁ ୟୁପି ମଡେଲ କରିବାକୁ ଚାହୁଁଛନ୍ତି। ମାତ୍ର ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଓଡ଼ିଶା ଏବେ ବିହାରକୁ ଟପିବାକୁ ବସିଲାଣି । ବିଜେପି ଓଡ଼ିଶାକୁ ଏକ ନମ୍ବର ରାଜ୍ୟ କରିବ ବୋଲି କହିଥିଲା । ଓଡ଼ିଶା କେଉଁଥିରେ ଏକ ନମ୍ବର ସ୍ଥାନ ହାସଲ କରୁ କି ନକରୁ, ବିଜେପି ସରକାରଙ୍କ ଦ୍ୱାରା ପ୍ରଶ୍ନପତ୍ର ପ୍ରଘଟ କ୍ଷେତ୍ରରେ ନିଶ୍ଚିତ ଭାବେ ଏକ ନମ୍ବର ସ୍ଥାନ ହାସଲ କରିବ । ରାଜ୍ୟର ଯୁବ ଛାତ୍ର ବର୍ଗଙ୍କୁ ବାରମ୍ବାର ହତାଶ କରୁଥିବା ଏହି ସରକାରଙ୍କୁ ରାଜ୍ୟର ଯୁବ ବର୍ଗ ବରଦାସ୍ତ କରିବେ ନାହିଁ। ବିଜୁ ଯୁବ ଓ ଛାତ୍ର ଜନତା ଦଳ ରାଜ୍ୟର ଯୁବ ବର୍ଗଙ୍କ ସ୍ୱର ହେବ ଓ ଅତି ଶୀଘ୍ର ରାଜରାସ୍ତାକୁ ଓହ୍ଲାଇବ ବୋଲି କହିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିମାନ ଭଡ଼ା...

ସରକାର ଧାର୍ଯ୍ୟ କରିଥିବା ନୂଆ ଭଡ଼ା ଅନୁଯାୟୀ, ଏବେ ୫୦୦ କିମି ପର୍ଯ୍ୟନ୍ତ ଯାତ୍ରା ଲାଗି ସର୍ବାଧିକ ୭୫୦୦ ଟଙ୍କା, ୫୦୦ରୁ ୧୦୦୦ କିମି ପାଇଁ ୧୨୦୦୦ ଟଙ୍କା, ୧୦୦୦-୧୫୦୦ କିମି ପର୍ଯ୍ୟନ୍ତ ୧୫୦୦୦ ଟଙ୍କା ଏବଂ ୧୫୦୦ କିମିରୁ ଅଧିକ ଯାତ୍ରା ପାଇଁ ସର୍ବାଧିକ ୧୮ ହଜାର ଟଙ୍କା ଭଡ଼ା ରଖାଯାଇଛି। ତେବେ ଏଥିରେ 'ବିଜ୍‌ନେସ କ୍ଲାସ' ଏବଂ 'ଉଡ଼ାନ' ବିମାନ ସାମିଲ ନାହିଁ। ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ସ୍ଥିତି ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ଜାରି ରହିବ। ଟିକଟ ମୂଲ୍ୟରେ ଅନିୟମିତତା ରୋକିବା, ବଜାର ମୂଲ୍ୟରେ ସ୍ଥିରତା ଏବଂ ସଙ୍କଟରେ ଫସିଥିବା ଯାତ୍ରୀଙ୍କୁ ଶୋଷଣରୁ ମୁକ୍ତିଦେବା ଲାଗି ଏହି ପଦକ୍ଷେପ ନିଆଯାଇଛି। ଏହି ନୂଆ ଭଡ଼ା ଅନ୍‌ଲାଇନ ଏବଂ ଅଫ୍‌ଲାଇନ ଉଭୟ ପ୍ଲାଟଫର୍ମ ପାଇଁ ଧାର୍ଯ୍ୟ ହୋଇଛି। ନିୟମ ଉଲ୍ଲଙ୍ଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସରକାର ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଇଣ୍ଡିଗୋ ଭାରତରେ ଦିନକୁ ପ୍ରାୟ ୨୨୦୦ ବିମାନ ଉଡ଼ାଣ କରିଥାଏ। ତେବେ ଗତ ୫ ଦିନ ହେଲା ଦିନକୁ ପ୍ରାୟ ହଜାରେ ବିମାନ ବାତିଲ କରିଦିଆଯାଉଛି। ଏଥିଯୋଗୁଁ ବିମାନ ଟିକଟ ମୂଲ୍ୟ ୧୦ ଗୁଣ ବୃଦ୍ଧି ପାଇଛି। ଆଜି ଦିଲ୍ଲୀରୁ ବେଙ୍ଗାଲୁରୁର ସବୁଠାରୁ ଶସ୍ତା ବିମାନର ଭଡ଼ା ୪୦ ହଜାର ଟଙ୍କାରୁ ଅଧିକ ଥିଲା। ଆଉ କିଛି କମ୍ପାନୀ ଏଥିପାଇଁ ୮୦ ହଜାର ଟଙ୍କା ନେଉଥିଲେ। ସେହିପରି ଦିଲ୍ଲୀ-ମୁମ୍ବାଇ ବିମାନର ସର୍ବନିମ୍ନ ଭଡ଼ା ୩୬, ୧୦୭ ଟଙ୍କା ରହିଥିବାବେଳେ ସର୍ବାଧିକ ୫୬ ହଜାର ଟଙ୍କା ରହିଛି। ଏହା ବ୍ୟତୀତ ଦିଲ୍ଲୀ-ଚେନ୍ନାଇ ବିମାନ ଭଡ଼ା ୬୨ ହଜାର ଟଙ୍କାରୁ ୮୨ ହଜାର ଟଙ୍କା ପର୍ଯ୍ୟନ୍ତ ପହଞ୍ଚି ଯାଇଛି। ପାଇଲଟ ଏବଂ କ୍ରୁ ସଦସ୍ୟଙ୍କ ଅଭାବ ଜନିତ ସମସ୍ୟାରେ ପୀଡ଼ିତ ଇଣ୍ଡିଗୋ ମାର୍କେଟ ସେୟାର ଭାରତରେ ୬୪.୨ ପ୍ରତିଶତ ରହିଛି। ସେହିପରି ଏୟାର ଇଣ୍ଡିଆର ୧୩.୬ ପ୍ରତିଶତ, ଏୟାର ଇଣ୍ଡିଆ ଏକ୍ସପ୍ରେସର ୬.୩ ପ୍ରତିଶତ, ଆକାଶ ଏୟାରର ୫ ପ୍ରତିଶତ, ସ୍ପାଇସଜେଟ୍‌ର ୨ ପ୍ରତିଶତ ରହିଛି।

### କାହିଁକି ସଙ୍କଟ...

ପଦାରେ ପଡ଼ି ଯାଇଥିଲା। ଇଣ୍ଡିଗୋ ପାଇଲଟଙ୍କ ସଂଖ୍ୟା ମଧ୍ୟ ବଢ଼ାଇ ନ ଥିଲା। ସରକାର ନିୟମ ପାଳନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏହାର କାର୍ଯ୍ୟକାରିତା ପ୍ରତି ସେତେ ଧ୍ୟାନ ଦେଇ ନ ଥିଲେ। ଫଳରେ ଅବ୍ୟବସ୍ଥା ସୃଷ୍ଟି ହୋଇଥିଲା। ଏଥିପାଇଁ ଯାତ୍ରୀଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଲା।

ବିମାନ ସୁରକ୍ଷା ପାଇଁ ଅଣାଯାଇଥିବା ଏହି ନିୟମ ପ୍ରଥମେ ୨୦୨୪ ଜୁନ୍‌ରେ ଲାଗୁ ହେବାର ଥିଲା। କିନ୍ତୁ ସେତେବେଳେ ଇଣ୍ଡିଗୋ ଏବଂ ଅନ୍ୟ ଏୟାରଲାଇନ୍ସଙ୍କ ବିରୋଧ ଯୋଗୁଁ ଏହାକୁ ଘୁଞ୍ଚାଇ ଦିଆଯାଇଥିଲା। ନୂଆ ନିୟମ ପାଇଁ ଅଧିକ କ୍ରୁ ସଦସ୍ୟଙ୍କ ଆବଶ୍ୟକତା ପଡ଼ିବ ବୋଲି କୁହାଯାଇଥିଲା। ତେଣୁ ଏହାକୁ ପର୍ଯ୍ୟାୟକ୍ରମେ ଲାଗୁ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଡିଜିସିଏ ଚଳିତ ବର୍ଷ ଜୁଲାଇ ୧ରୁ ନଭେମ୍ବର ୧ ମଧ୍ୟରେ ଦୁଇଟି ପର୍ଯ୍ୟାୟରେ ଏହି ନିୟମ ଲାଗୁ କରିଥିଲା। ବିନା କୌଣସି ସମସ୍ୟାରେ ଇଣ୍ଡିଗୋ ପ୍ରଥମ ପର୍ଯ୍ୟାୟ ନିୟମ ଲାଗୁ କରିଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଗଭୀର ପ୍ରଭାବିତ ହୋଇଥିଲା। 'ରେଡ୍ ଆଇ' ଉଡ଼ାଣରେ କ୍ରୁ ବ୍ୟବହାର ସ୍ତର ମଧ୍ୟ ହ୍ରାସ କରାଯାଇଥିଲା। ଗତ ୧ ତାରିଖରେ ନୂଆ ନିୟମ ଲାଗୁ ହୋଇଥିଲା। ଏହିଠାରୁ ହିଁ ଆରମ୍ଭ ହୋଇଥିଲା ସମସ୍ୟା। ୨ ତାରିଖରେ ଯୋଜନାର ଅଭାବ ସାରା ନେଟୱର୍କ ଉପରେ ପଡ଼ିଥିଲା। କର୍ମଚାରୀ ଅଭାବରୁ ଅନେକ ଉଡ଼ାଣ ବାତିଲ କରିଦିଆଯାଇଥିଲା। ୩-୪ ତାରିଖରେ ସମସ୍ୟା ବଡ଼ ସଙ୍କଟରେ ପରିଣତ ହୋଇଥିଲା। ପ୍ରମୁଖ ମେଟ୍ରୋ ସହରଗୁଡ଼ିକରେ ବିମାନ ଉଡ଼ାଣ ବାତିଲ କରିଦିଆଯାଇଥିଲା। ଯାତ୍ରୀଙ୍କୁ ଘଣ୍ଟା ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥିଲା। ୫-୬ ତାରିଖରେ କେନ୍ଦ୍ର ସରକାର ନିୟମ ପାଳନରୁ ଇଣ୍ଡିଗୋକୁ ସାମୟିକ ଆଶ୍ୱସ୍ତି ଦେଇଥିଲେ। ଏହି ସହିତ ମାମଲାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ଟିକଟ ମୂଲ୍ୟ ଅହେତୁକ ବୃଦ୍ଧି ପାଉଥିବାରୁ କେନ୍ଦ୍ର ଏଥିରେ ଲଗାମ ଲଗାଇବା ପାଇଁ ଦର ଧାର୍ଯ୍ୟ କରିଛି।

### ପଞ୍ଚମ ଦିନରେ...

ଫେରୁଥିବା ଦେଖାଯାଉଛି। ଯୋଜନାବଦ୍ଧ ଭାବେ ଇଣ୍ଡିଗୋ ଏଭଳି କରୁଥିବା ଅଭିଯୋଗ ହେଉଛି। ୫ ମାସ ତଳେ ନୂଆ ନିୟମ ଲାଗୁ ନେଇ ସୂଚନା ଦିଆଯାଇଥିବାବେଳେ ଇଣ୍ଡିଗୋ କାହିଁକି କର୍ମଚାରୀଙ୍କ ସଂଖ୍ୟା ବଢ଼ାଇଲା ନାହିଁ ବୋଲି ଏବେ ପ୍ରଶ୍ନ ଉଠୁଛି। ନୂଆ ନିୟମକୁ ନେଇ ସରକାରଙ୍କ ଉପରେ ଚାପ ପକାଇବା ପାଇଁ ଭାରତୀୟ ବଜାରରେ ସିଂହଭାଗ ରଖିଥିବା ଏହି କମ୍ପାନୀ ଜାଣିଶୁଣି ଯାତ୍ରୀଙ୍କୁ ହଇରାଣ କରୁଥିବା କୁହାଯାଉଛି। ଏହି କମ୍ପାନୀର ମନମୁଖି କାର୍ଯ୍ୟକଳାପ ପାଇଁ ୧୦ ହଜାରରୁ ଅଧିକ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। ୪ ଦିନରେ ୨ ହଜାରରୁ ଅଧିକ ବିମାନ ବାତିଲ କରିଦିଆଯାଇଥିବାବେଳେ ଦିନକୁ ୫୦୦ରୁ ଅଧିକ ଉଡ଼ାଣ ବିଳମ୍ବିତ ରହିଛି। ଏହି ମହାବିଭ୍ରାଟକୁ ନେଇ କେନ୍ଦ୍ର ସରକାର ଇଣ୍ଡିଗୋର ସିଇଓ ପିଟର ଏଲବର୍ସଙ୍କୁ ପଦରୁ ହଟାଇବା ପାଇଁ ଯୋଜନା କରୁଥିବା ସୂଚନା ମିଳୁଛି।

ଦୀର୍ଘ ମାସ ହେଲା ନୂଆ ନିୟମ ଲାଗୁ କରିବା ପାଇଁ ସୂଚନା ଦିଆଯାଇଥିଲେ ବି ଇଣ୍ଡିଗୋ କାହିଁକି ଏହାକୁ ପାଳନ କରିବାରେ ବିଫଳ ହେଲା ତାହା ଜାଣିବାକୁ ବି ଯାଞ୍ଚ ଜାରି ରହିଛି। ଅନ୍ୟ ବିମାନ କମ୍ପାନୀଗୁଡ଼ିକ ଠିକ୍‌ରେ ପରିଚାଳନା କରୁଥିବା ଇଣ୍ଡିଗୋ ଏଭଳି ବିଭ୍ରାଟ ପଛରେ କିଛି ନିହିତ ସ୍ୱାର୍ଥ ରହିଥିବା କୁହାଯାଉଛି। ସୂଚନା ଅନୁଯାୟୀ, ଇଣ୍ଡିଗୋ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସରକାର ପ୍ରସ୍ତୁତି କରୁଛନ୍ତି। ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ଶନିବାର ସନ୍ଧ୍ୟାରେ ଇଣ୍ଡିଗୋ ଅଧିକାରୀଙ୍କୁ ସମନ କରିଛି। ଭାରତୀୟ ବଜାରେ ଦୁଇ ତୃତୀୟାଂଶ ମାର୍କେଟ ସେୟାର ଥିବା ଏହି କମ୍ପାନୀ ଉପରେ ବିପୁଳ ଜୋରିମାନା ଲଗାଇବାକୁ ମଧ୍ୟ ବିଚାର କରାଯାଉଛି।

ଅନ୍ୟପକ୍ଷରେ ଯାତ୍ରୀଙ୍କ ସମସ୍ୟା କମ୍ ହେବାର ନା ଧରୁନି। ବିମାନବନ୍ଦରରେ ଯାତ୍ରୀଙ୍କ ଗହଳି ଲାଗି ରହିଛି। ଏଠାରେ ଚାପା ବିଶୃଙ୍ଖଳା ସୃଷ୍ଟି ହୋଇଛି। ଅନେକ ବିମାନବନ୍ଦରରେ ଯାତ୍ରୀ ହଙ୍ଗାମା କରିଛନ୍ତି। ବିମାନକୁ ଅପେକ୍ଷା କରି ରହିଥିବା ଲୋକେ ତଳେ ଶୋଇ ରାତି କାଟୁଛନ୍ତି। ବିମାନ ବାତିଲ ହୋଇଥିବାରୁ ବେଙ୍ଗାଲୁରୁ, କୋଲକାତା ବିମାନବନ୍ଦରରେ ଯାତ୍ରୀ କାନ୍ଦୁଥିବା ଦେଖାଯାଇଛି। ଅନ୍ୟ ଜଣେ ଯାତ୍ରୀଙ୍କ ସହ ଆସିଥିବା ବିଲେଇ ମଧ୍ୟ ଅପେକ୍ଷା କରି କରି ବିରକ୍ତି ହୋଇଯାଇଥିବାର ଭିଡିଓ ଭାଇରାଲ ହେବାରେ ଲାଗିଛି। ସେହିପରି ଲକ୍ଷ୍ନୌ ବିମାନବନ୍ଦରରେ ଧାଡ଼ିରେ ଛିଡ଼ା ହେବାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ବିବାଦ ହୋଇଛି। ଅହମଦାବାଦ ବିମାନବନ୍ଦରରେ ସକାଳ ୬ଟା ସୁଦ୍ଧା ୧୯ ଟି ବିମାନ ବାତିଲ ହୋଇଥିବାରୁ ଲୋକେ ଧାଡ଼ିରେ ଛିଡ଼ା ହୋଇ ଚିଡ଼ଚିଡ଼ା ହୋଇଥିବା ଦେଖାଯାଉଛି। ବିକଳ୍ପ ବିମାନ ମିଳୁ ନ ଥିବାରୁ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

### ବାରମ୍ବାର ପରୀକ୍ଷା...

ଅଦାଲତ ବାତିଲ କରିଦେଇଛନ୍ତି। ତେଣୁ ରାଜ୍ୟରେ ଏପରି ବାରମ୍ବାର ପରୀକ୍ଷା ବିଭ୍ରାଟ ଓ ଅନିୟମିତତାକୁ ନେଇ ନବୀନ ଗଭୀର କ୍ଷୋଭ ପ୍ରକାଶ କରିବା ସହ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ କହିଛନ୍ତି ଯେ ପିଲାଙ୍କ ସ୍ୱପ୍ନ କେତେ ଆଉ ଭାଙ୍ଗିବ, କେତେ ଆଉ ପିଲାଙ୍କ ଭବିଷ୍ୟତ ସହ ଖେଳାଯିବ? ପରୀକ୍ଷା ପରେ ପରୀକ୍ଷା ବାତିଲ ହେବା, ସ୍ଥଗିତ ହେବା ବିଜେପି ସରକାରର ଅପାରଗତାକୁ ଦର୍ଶାଉଛି। ୧୮ ମାସର ସରକାରରେ ପାଖାପାଖି ୧୮ଟି ନିଯୁକ୍ତି ପରୀକ୍ଷା ବାତିଲ ହେଲାଣି। ଏଥିରୁ ସରକାର କ'ଣ ଦର୍ଶାଇବାକୁ ଚାହୁଁଛନ୍ତି। ରାଜ୍ୟର ପିଲାମାନଙ୍କ ଆଶା ଓ ସ୍ୱପ୍ନ କ'ଣ ଏପରି ଧୂଳିସାତ୍ ହେଉଥିବ ବୋଲି ନବୀନ ପ୍ରଶ୍ନ କରିଛନ୍ତି। ତେଣୁ ସରକାର ଏଥିପ୍ରତି ସଜାଗ ହୁଅନ୍ତୁ, ରାଜ୍ୟର ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସମସ୍ତ ପରୀକ୍ଷା ଯେପରି ନିୟମିତ ଏବଂ ସ୍ୱଚ୍ଛତାର ସହ ହେବ, ତାହା ସୁନିଶ୍ଚିତ କରନ୍ତୁ ବୋଲି ନବୀନ ଆହ୍ୱାନ ଦେଇଛନ୍ତି।

### ଓଡ଼ିଶା ହେବ...

ଶକ୍ତି ଉପରେ ଗୁରୁତ୍ୱ ଦିଆଯାଇ ଏହାକୁ ଏକ ଘରୋଇ ଶିଳ୍ପ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ କେନ୍ଦ୍ର ନୂତନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଯୋଗଦେଇ ନବୀକରଣୀୟ ଶକ୍ତିରେ ଓଡ଼ିଶାର ପ୍ରଗତି ନିମନ୍ତେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଇଥିଲେ। ରାଜ୍ୟ ପାଇଁ ଦେଢ଼ଲକ୍ଷ ସୂର୍ଯ୍ୟଘର ଅନୁମୋଦନ ଘୋଷଣା କରିଥିଲେ। ଏହାଦ୍ୱାରା ରାଜ୍ୟର ୭/୮ ଲକ୍ଷ ଲୋକ ଉପକୃତ ହେବେ। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସଂପନ୍ନ ନେତୃତ୍ୱରେ ଭାରତର ସୌରଶକ୍ତି କ୍ଷମତା ୨୦୧୪ରେ ୨.୮ ଗିଗାୱାଟରୁ ବର୍ତ୍ତମାନ ୧୩୦ ଗିଗାୱାଟକୁ ବୃଦ୍ଧି ପାଇଛି। ଓଡ଼ିଶାକୁ ଅକ୍ଷୟ ଶକ୍ତିର ହବ୍ ପାଇଁ ଖସଡ଼ା ପ୍ରସ୍ତୁତ ହୋଇଛି। ସୋଲାର୍ ପ୍ୟାନେଲ ଲଗାଇ ଶକ୍ତି ଉତ୍ପାଦନ କିଭଳି ହେବ, ତାହା ଯୋଜନା କରାଯାଇଛି। ଗ୍ରୀନ୍-ଏନର୍ଜି ଉତ୍ପାଦନରେ ତାମିଲନାଡୁ ଓ ଗୁଜୁରାଟ ପରେ ତୃତୀୟ ସ୍ଥାନରେ ରହିବ ଓଡ଼ିଶା। ଏଠାରେ ବିସ୍ତୀର୍ଣ୍ଣ ବେଳାଭୂମି ଥିବାରୁ ଗ୍ରୀନ୍ ହାଇଡ୍ରୋଜନ୍ ହବ୍ ହୋଇପାରିବ। ଗୋପାଳପୁର ଓ ପାରାଦୀପ ଗ୍ରୀନ୍ ହାଇଡ୍ରୋଜେନ୍ ଉତ୍ପାଦନର ହବ୍ ହେବ ବୋଲି କହିଥିଲେ। ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ସାର୍ ଟୋନି ବ୍ଲେୟାର ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ସମାରୋହକୁ ସମ୍ବୋଧିତ କରି କହିଥିଲେ, ଯେତେବେଳେ ଗୋଟିଏ ସରକାର କାର୍ଯ୍ୟ କରେ ସେତେବେଳେ ଶକ୍ତି ପରିବର୍ତ୍ତନ ସଫଳ ହୁଏ ନାହିଁ, କିନ୍ତୁ ଯେତେବେଳେ ସମୟ ସହିତ ଅନେକ ସରକାର ସମାନ ଦିଗରେ କାର୍ଯ୍ୟ କରନ୍ତି, ସେତେବେଳେ ଶକ୍ତି କ୍ଷେତ୍ରରେ ପରିବର୍ତ୍ତନ ଉଦ୍ୟମ ସଫଳ ହୁଏ। ଏହା ହିଁ ଜିଇଏଲ୍ଏସ୍‌ର ଉଦ୍ଦେଶ୍ୟ।

ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ସ୍ୱାଗତ ଭାଷଣ ଦେଇ କହିଥିଲେଯେ ୨୦୩୦ସୁଦ୍ଧା ଆମେ ଶିଳ୍ପ ଏବଂ କୃଷିରେ ନବୀକରଣୀୟ ଶକ୍ତି ବ୍ୟବହାର କରି ବ୍ୟାପକ ପରିବର୍ତ୍ତନ ପାଇଁ ଲକ୍ଷ୍ୟ ରଖିଛୁ। ଏହି ଅବସରରେ ଦିଲ୍ଲୀର ଶକ୍ତି ମନ୍ତ୍ରୀ ଆଶିଷ ସୁଦ, ରାଜସ୍ଥାନର ଶକ୍ତିମନ୍ତ୍ରୀ ହୀରାଲାଲ ନାଗର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା, ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ଟୋନି ବ୍ଲେୟାର ଇନ୍‌ଷ୍ଟିଚ୍ୟୁଟ୍ ଫର ଗ୍ଲୋବାଲ୍ ଚେଞ୍ଜର ବରିଷ୍ଠ ଶକ୍ତି ପରାମର୍ଶଦାତା ପିଅରେ ନୋଏଲ, ଆଇଆଇଟି କାନପୁରର ସେଣ୍ଟର ଫର ଏନର୍ଜି ରେଗୁଲେସନ୍ ଆଣ୍ଡ ଏନର୍ଜି ଆନାଲିଟିକ୍ସ ଲ୍ୟାବର ମୁଖ୍ୟ ପ୍ରଫେସର ଅନୁପ ସିଂହ ପ୍ରମୁଖ ମଞ୍ଚାସୀନ ଥିଲେ।

### ରାଜଧାନୀରେ ବନ୍ଧୁକ...

ଏକ ବ୍ୟାଗ୍‌ରେ ପୁଲିସ ନଜର ପଡ଼ିଥିଲା। ଏହି ବ୍ୟାଗ୍‌ରୁ ବାହାରିଥିଲା ଏକାଧିକ ବନ୍ଧୁକ। ଏତେ ବନ୍ଧୁକ ଦେଖି ପୁଲିସ ଟିମ୍ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲା। ଜେରା ବେଳେ ଜଣାପଡ଼ିଥିଲା ଯେ ସେମାନେ ଝାଡ଼ଖଣ୍ଡ ଏବଂ ବିହାର ମୁଙ୍ଗେରରୁ ବନ୍ଧୁକ ଆଣିଛନ୍ତି। ସେମାନଙ୍କୁ ଜେରା କରି ରାଜ୍ୟରେ ଚାଲୁଥିବା ବନ୍ଧୁକ ନେଟ୍‌ୱାର୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବାକୁ ପୁଲିସ ଆଶାବାଦୀ ଅଛି। ଗିରଫ ଦୁଇ ବେପାରୀ ହେଲେ ଅନୁଗୋଳ ଜିଲ୍ଲା ବଅଁରପାଳ ଥାନା ଅନ୍ତର୍ଗତ ନୂଆ ହାଟସାହି ଗ୍ରାମର ସୁମନ୍ତ ନାଏକ ଏବଂ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ବାଙ୍କପୁର ଗ୍ରାମ ସୌଭାଗ୍ୟ ନାୟକ। ସେମାନଙ୍କଠାରୁ ୧୦ ପିସ୍ତଲ, ଗୋଟିଏ ଅଟୋମେଟିକ୍ କାର୍ବାଇନ୍, ୧୨ ରାଉଣ୍ଡ ଗୁଳି, ୩ମୋବାଇଲ୍ ଫୋନ୍ ଏବଂ ନଗଦ ଟଙ୍କା ଜବତ ହୋଇଛି। ପୁଲିସ ସୂଚନା ମୁତାବକ, ଅଭିଯୁକ୍ତଦ୍ୱୟ ରାଜ୍ୟରେ ଚାଲିଥିବା ବନ୍ଧୁକ ଯୋଗାଣ ରାକେଟ୍‌ର ମାଷ୍ଟରମାଇଣ୍ଡ। ଏମାନେ ରାଜ୍ୟର ବହୁ ଅପରାଧ ନେଟ୍‌ୱାର୍କକୁ ବନ୍ଧୁକ ଯୋଗାଣ କରିଛନ୍ତି। ଜବତ ହୋଇଥିବା ବନ୍ଧୁକ ଓ ଗୁଳିକୁ ଏମାନେ ବ୍ରହ୍ମପୁର ସହରର ଏକ ଅପରାଧୀ ଗ୍ୟାଙ୍ଗକୁ ଯୋଗାଇଥାନ୍ତେ। ଏହା ବଦଳରେ ଏମାନେ ମୋଟାଅଙ୍କର ଟଙ୍କା ନେଇଥାନ୍ତେ। ବିହାରରୁ ବନ୍ଧୁକ ଆଣି ଏମାନେ ଅନୁଗୋଳରେ ରଖିଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଦୁଇ ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ଅନୁଗୋଳ ଏବଂ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଥାନରେ ଏକାଧିକ ଅପରାଧିକ ମାମଲା ରହିଛି। ସୁମନ୍ତଙ୍କ ବିରୋଧରେ ୬ ମାମଲା ରୁଜୁ ହୋଇଥିଲା ବେଳେ ସୌଭାଗ୍ୟଙ୍କ ବିରୋଧରେ ୪ମାମଲା ରହିଛି। ସ୍ପେସାଲ କ୍ରାଇମ୍ ୟୁନିଟ୍ ଡିସିପି ଅନୁପ କାନୁନ୍‌ଗୋଙ୍କ ନେତୃତ୍ୱ ହୋଇଥିବା ଏହି ଚଢ଼ଉରେ ଏସିପି ମାନସ ସ୍ୱାଇଁ, ଏସ୍ଆଇ ଗଗନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଗତ ନଭେମ୍ବର ୧୫ ତାରିଖରେ ମଧ ମାଳିସାହି ଅଞ୍ଚଳରୁ ବିପୁଳ ପରିମାଣରେ ବନ୍ଧୁକ ଜବତ କରାଯାଇଥିଲା।

### ଖସୁଛି ପାରଦ...

ଝାରସୁଗୁଡ଼ାରେ ୮.୬, ଚିପିଲିମାରେ ୯.୫, ଫୁଲବାଣୀରେ ୮.୫ ଓ ଦାରିଙ୍ଗବାଡ଼ିରେ ତାପମାତ୍ରା ୮ ଡିଗ୍ରୀ ରେକର୍ଡ ହୋଇଛି। ଅନ୍ୟପଟେ ଶୀତ ସହ ରାଜ୍ୟର କିଛି ସ୍ଥାନରେ କ୍ରମାଗତ ଭାବେ କୁହୁଡ଼ି ମଧ୍ୟ ଲାଗି ରହିଛି। ଏହି ସ୍ଥିତି ଆହୁରି ଦୁଇ ଦିନ ଜାରି ରହିବାକୁ ପାଣିପାଗ କେନ୍ଦ୍ର କହିଛି। ଏହି କ୍ରମରେ ରବିବାର ରାତିରୁ ସୋମବାର ସକାଳ ମଧ୍ୟରେ ସୁନ୍ଦରଗଡ଼, କଳାହାଣ୍ଡି, କନ୍ଧମାଳ, କୋରାପୁଟ ଆଦିରେ ଘନ କୁହୁଡ଼ି ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି।

### ଆରମ୍ଭ ହେବ...

ଏବଂ ଓଡ଼ିଶା ଜୁଡିସିଆଲ୍ ସର୍ଭିସ ରୁଲ୍ସ-୨୦୦୭ ରେ ସାମୟିକ ସଂଶୋଧନ କରାଯାଇଛି। ଏହି ପରିବର୍ତ୍ତନଗୁଡ଼ିକ ମଧ୍ୟରେ ନିଯୁକ୍ତି ବର୍ଷ ପ୍ରଚଳନ, ସଂଶୋଧିତ ଜିଲ୍ଲା ଜଜ୍ ନିଯୁକ୍ତିରେ ଅନୁପାତ, ସିଭିଲ୍ ଜଜ୍ (ବରିଷ୍ଠ ବିଭାଗ) ପାଇଁ ପଦନ୍ନୋତି ଏବଂ ସିଭିଲ୍ ଜଜ୍ (କନିଷ୍ଠ ବିଭାଗ) ପଦ ପାଇଁ ତିନି ବର୍ଷ ଅଭ୍ୟାସ ସହିତ ସିଧାସଳଖ ନିଯୁକ୍ତି ପାଇଁ ସର୍ବୋଚ୍ଚ ବୟସ ସୀମାକୁ ୪୨ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏଥିସହିତ ପାଠ୍ୟକ୍ରମ, ପରୀକ୍ଷା, ତାଲିମ ଏବଂ ବରିଷ୍ଠତା ପ୍ରକ୍ରିୟାକୁ ମଧ୍ୟ ସୁଗମ କରାଯାଇଛି। ସେହିପରି ଉଚ୍ଚଶିକ୍ଷା ବିଭାଗରେ ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟରେ ପ୍ରତ୍ୟକ୍ଷ ଶିକ୍ଷକ ନିଯୁକ୍ତି ସମୟରେ ଏକ ପ୍ରକାରର ସଂରକ୍ଷଣ ପଦ୍ଧତିକୁ ଅନୁସରଣ କରିବା ନିମନ୍ତେ ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ (ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଏଥିରେ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତିରେ ସଂରକ୍ଷଣ କାର୍ଯ୍ୟକାରୀ କରିବା ପାଇଁ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟ ଏକକ ଭାବରେ ବିଚାର କରିବାକୁ ପ୍ରସ୍ତାବ ଦିଆଯାଇଛି। ଏହା ବର୍ତ୍ତମାନ ଚାଲୁଥିବା ବିଭାଗଭିତ୍ତିକ ସଂରକ୍ଷଣ ପ୍ରଣାଳୀକୁ ପରିବର୍ତ୍ତନ କରିବ। ଏହି ପ୍ରସ୍ତାବ ଫଳ ସ୍ୱରୂପ ଏସ୍‌ସି, ଏସ୍‌ଟି, ଏସ୍‌ଇବିସି ଓ ଅନ୍ୟାନ୍ୟ ଯୋଗ୍ୟ ବର୍ଗମାନଙ୍କ ପ୍ରତିନିଧିତ୍ୱ ବୃଦ୍ଧି ପାଇବ ବୋଲି ସରକାର ଆଶା ରଖିଛନ୍ତି।

ସେହିପରି ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ବର୍ଦ୍ଧିତ କାର୍ଯ୍ୟଭାରକୁ ଦୃଷ୍ଟିରେ ରଖି ବିଦ୍ୟମାନ ଓଡ଼ିଶା ମତ୍ସ୍ୟ ସେବା (ଓଏଫ୍ଏସ୍) କ୍ୟାଡର୍‌ର ପୁନର୍ଗଠନକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଏହି ପ୍ରସ୍ତାବ ସମସ୍ତ ବରିଷ୍ଠ ସ୍ତରରେ ମଞ୍ଜୁରୀପ୍ରାପ୍ତ ସଂଖ୍ୟା ପଦ ସଂଖ୍ୟା ବୃଦ୍ଧି କରିଛି। ସେହିପରି ଓଡ଼ିଶା ଔଷଧ ଏବଂ ଚିକିତ୍ସା ଉପକରଣ ନୀତି-୨୦୨୫କୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ ମିଳିଛି।

### ବ୍ୟାଙ୍କ ନେଣଦେଣ...

ଜାଣିବାକୁ ପାଇଥିଲା। ଦୁଇ ମାସର ଲୁଚକାଳି ଖେଳ ପରେ ଗତ ଅଗଷ୍ଟ ଶେଷ ଆଡ଼କୁ ଆଶିଷ ଦିଗାଲକୁ ପୁଲିସ ଗିରଫ କରିଥିଲା।

ଆଶିଷ ଗିରଫ ହେବା ପରେ ଆର୍ଥିକ ତଦନ୍ତ ଆରମ୍ଭ ହୋଇଥିଲା। ଆଶିଷ ଓ ତା'ର ସଂଶ୍ଳିଷ୍ଟ ଥିବା ବ୍ୟକ୍ତିମାନଙ୍କ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ମଗାଇଥିଲା। ବ୍ୟାଙ୍କରୁ ତଥ୍ୟ ଆସିବା ପରେ ଆଶିଷର ବ୍ୟାଙ୍କ ନେଣଦେଣ ତଥ୍ୟ ଦେଖି ଜଳକା ହୋଇଯାଇଛି ପୁଲିସ। ଦୁଇବର୍ଷ ହେବ ଢାବା କରିଥିବା ଆଶିଷ ବର୍ଷକରେ ପ୍ରାୟ ୧୪କୋଟି ଟଙ୍କାର କାରବାର କରିଥିବାର ତଥ୍ୟ ପୁଲିସ ହାତରେ ଲାଗିଛି। ଏଭଳି ସାଙ୍ଘାତିକ ତଥ୍ୟ ପାଇବା ପରେ ଗତକାଲି ଆଶିଷର ଘରକୁ ଯାଇ ଦିନ ତମାମ ଖୋଳତାଡ଼ କରିଛି ପୁଲିସ। ଘର ଓ ଢାବାର ନିର୍ମାଣ ଏରିଆ ମାପଚୁପ କରି ସେଗୁଡ଼ିକୁ ଅଚଳ କରିଛି। ଘର ଭିତରୁ ନଗଦ ୪ ଲକ୍ଷ ୩୬ ହଜାର ଟଙ୍କା, ୭୪ ଗ୍ରାମ ଓଜନର ସୁନାଗହଣା, ୪ଟି ଚାରିଚକିଆ ଓ ୩ଟି ଦୁଇ ଚକିଆ ଯାନ ଜବତ କରିଛି। ଏଥିସହ ବ୍ୟାଙ୍କ ପାସ୍‌ବୁକ୍, ଚେକ୍ ବୁକ୍ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମଧ୍ୟ ପୁଲିସ ହାତରେ ଲାଗିଛି।

ଆଶ୍ଚର୍ଯ୍ୟଜନକ କଥା ହେଲା, ଘର ଭିତରୁ ଟଙ୍କା ଗଣିବା ମେସିନ୍ ମଧ୍ୟ ଠାବ ହୋଇଛି। ଢାବା ମାଲିକ ଘରୁ ଟଙ୍କା ଗଣିବା ମେସିନ୍ ଠାବ ହେବା ପୁଲିସକୁ ମଧ୍ୟ ଚକିତ କରିଛି। ମେସିନ୍ ଜବତ ହେବା ପରେ ଆଶିଷ ବିପୁଳ ପରିମାଣର ଗଞ୍ଜେଇ କାରବାର କରୁଥିବା କଥା ସ୍ପଷ୍ଟ ହୋଇଛି। ଆଶିଷ ଅନ୍ୟ କେଉଁ ସ୍ଥାନରେ କ'ଣ କ'ଣ ବେଆଇନ ସମ୍ପତ୍ତି ରଖିଛି, ପୁଲିସ ତା'ର ମଧ୍ୟ ଅନୁସନ୍ଧାନ କରୁଛି। ମୋଟାମୋଟି ଅଚଳ ଓ ଜବତ ହୋଇଥିଲା ସମ୍ପତ୍ତି କେତେ ଟଙ୍କାର ହେବ ଆକଳନ କରୁଛି ପୁଲିସ। ଜବତ ସମ୍ପତ୍ତିଗୁଡ଼ିକ ବେଆଇନ ବୋଲି ପ୍ରମାଣ ମିଳିଲେ ସେଗୁଡ଼ିକୁ ବାଜ୍ୟାପ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହେବ।

# ଆଇଏଫ୍‌ଏଫ୍‌ଆଇ ଫ୍ୟାଶନ୍ ଶୋ'ରେ ଦୀପ୍ତିରେଖା

ଗୋଆରେ ଆୟୋଜିତ ୫୬ତମ ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫ୍‌ଏଫ୍‌ଆଇ)ରେ ପ୍ରଖ୍ୟାତ ଓଡ଼ିଆ କଣ୍ଠଶିଳ୍ପୀ ଏବଂ ଅଭିନେତ୍ରୀ ଦୀପ୍ତିରେଖା ପାଢ଼ୀ ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ସ୍ୱତନ୍ତ୍ର ଅତିଥି ଭାବରେ ନିମନ୍ତ୍ରିତ ହୋଇ ସେ ଆଇଏଫ୍‌ଏଫ୍‌ଆଇର ପ୍ରଥମ ରେଡ୍ କାର୍ପେଟ୍ ଫ୍ୟାଶନ୍ ଶୋ 'ହ୍ୟାଣ୍ଡଲୁମ୍ ଶାଢ଼ି ଇନ୍ ମୋସନ୍: ୭୦ଏମ୍‌ଏମ୍ ଅନ ରନ୍‌ୱେ' ପାଇଁ ଶୋ' ଷ୍ଟପର୍ ଭାବରେ ଦର୍ଶକଙ୍କୁ ଚମକାଇ ଥିଲେ। ଭାରତ ସରକାରଙ୍କ ବୟନ ମନ୍ତ୍ରଣାଳୟର ହସ୍ତତନ୍ତ ବିକାଶ କମିଶନରଙ୍କ ଦ୍ୱାରା ଉପସ୍ଥାପିତ ଏବଂ ଶିଖା କାରିଗରୀ ଦ୍ୱାରା ସଂଯୋଜିତ ଏହି ପ୍ରଦର୍ଶନୀ ଏକ ପ୍ରତୀକାତ୍ମକ ପଦାର୍ପଣରେ ଭାରତର ହସ୍ତତନ୍ତ ଐତିହ୍ୟକୁ ପାଳନ କରିଥିଲା। ଦୀପ୍ତିରେଖା ଓଡ଼ିଶାର ବାଲିଯାତ୍ରା ମହୋତ୍ସବ ଦ୍ୱାରା ଅନୁପ୍ରାଣିତ ଏକ ଚମତ୍କାର ହସ୍ତତନ୍ତ ଶାଢ଼ି ପିନ୍ଧି ରନୱେରେ ଚାଲିଥିଲେ, ଯେଉଁଥିରେ ବୋଇତ ବନ୍ଦାଣ, ପ୍ରାଚୀନ ସାମୁଦ୍ରିକ ଐତିହ୍ୟ ଏବଂ ବାଣିଜ୍ୟ ଯାତ୍ରାର ଆତ୍ମାକୁ ଚିତ୍ରଣ କରାଯାଇଥିଲା। ଦୀପ୍ତିରେଖାଙ୍କ ଏହି ଉପସ୍ଥିତି କେବଳ ସୌନ୍ଦର୍ଯ୍ୟ ଏବଂ ଗାରିମା ପ୍ରତିଷ୍ଠା କରିନଥିଲା, ବରଂ ୮୧ଟି ଦେଶର ବିଶ୍ୱ ପ୍ରତିନିଧି, ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା ଏବଂ ଏନ୍‌ଏଫ୍‌ଡିସି ଏମ୍‌ଡି ପ୍ରକାଶ ମାଗଦୁମଙ୍କ ସମେତ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ସମ୍ମୁଖରେ ଓଡ଼ିଶାର ସାଂସ୍କୃତିକ ଗୌରବକୁ ନେଇ ଦୃଷ୍ଟି ଆକର୍ଷଣ କରିଥିଲା। ଏହି ଶୋ'କୁ ଆନ୍ତର୍ଜାତୀୟ ଫ୍ୟାଶନ୍ ନିର୍ଦ୍ଦେଶକ ଆଲେସିଆ ରାଉତ ନିର୍ଦ୍ଦେଶନା କରିଥିଲେ।






## ଚର୍ଚ୍ଚାରେ ରଶ୍ମିକା-ବିଜୟଙ୍କ ବାହାଘର

ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ରଶ୍ମିକା ମନ୍ଦାନା ଏବେ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ଅଛନ୍ତି। ବିଶେଷକରି ବିଜୟ ଦେବରକୋଣ୍ଡାଙ୍କ ସହିତ ତାଙ୍କ ବାହାଘର ଉପରେ ସମସ୍ତଙ୍କ ନଜର ରହିଛି। ଏହାରି ଭିତରେ ଦୁହିଁଙ୍କ ବାହାଘର ୨୦୨୬ ମସିହା ଫେବୃଆରୀରେ ହେବା ଅନୁମାନ କରାଯାଉଛି। ହେଲେ ଏବେ ଏହାକୁ ନେଇ ମୁହଁ ଖୋଲିଛନ୍ତି ରଶ୍ମିକା। ବିଜୟଙ୍କ ସହିତ ତାଙ୍କ ବାହାଘର ଉପରେ କ'ଣ କହିବାକୁ ଚାହୁଁଛନ୍ତି ବୋଲି ପ୍ରଶ୍ନ କରାଯାଇଥିଲା। ତେବେ ସେ ବିବାହ କରିବା କିମ୍ବା ଏହାକୁ ଖଣ୍ଡନ କରିବା ଉପରେ କିଛି କହିଲେ ନାହିଁ। ଏହି କଥା ଉପରେ ଆଲୋଚନା କରିବାର ସମୟ ଆସିଲେ, କହିବେ ବୋଲି ରଶ୍ମିକା କହିଛନ୍ତି। ଏହାବାଦ୍ ସେ ତାଙ୍କ ପ୍ରଶଂସକଙ୍କ ଓ ମିଡିଆ ସାମ୍ନାରେ କିଛି ବି କହିବା ପୂର୍ବରୁ ସମୟ ନେବା ଚାହିଁଛନ୍ତି। ତାଙ୍କର ଏହି ପ୍ରତିକ୍ରିୟା ପରେ ଦୁହିଁଙ୍କ ବିବାହକୁ ନେଇ ଆହୁରି ଅଧିକ ଚର୍ଚ୍ଚା ହେଉଛି। ସେହିପରି ଦାବି କରାଯାଉଛି ଯେ, ଦୁହେଁ ଫେବୃଆରୀ ମାସରେ ବିବାହ ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ସେମାନଙ୍କ ବାହାଘର ଉଦୟପୁରରେ ହେବ। ଅନ୍ୟପଟେ ଅକ୍ଟୋବରରେ ଦୁହିଁଙ୍କ ନିର୍ବନ୍ଧ ମଧ୍ୟ ଚର୍ଚ୍ଚାରେ ଥିଲା। ଅବଶ୍ୟ ଦୁହିଁଙ୍କ ମଧ୍ୟରୁ କେହି ଜଣେ ବି ଏହି କଥାକୁ ସ୍ୱୀକାର କିମ୍ବା ଖଣ୍ଡନ କରି ନାହାନ୍ତି।




## ଅଭିନୟ ଓ ନିର୍ଦ୍ଦେଶନାର ନୂଆ ଚେହେରା ଶିବାଂଶ

ଓଡ଼ିଆ ସିନେମା ଜଗତରେ ଅଭିନୟ ଓ ନିର୍ଦ୍ଦେଶନା କ୍ଷେତ୍ରରେ ଏକ ନୂଆ ଚେହେରା ଶିବାଂଶ। ଗୁରୁ ଅଜିତ ଦାସଙ୍କ ନାଟ୍ୟାନୁଷ୍ଠାନରୁ ସେ ନାଟକରେ ଅଭିନୟ କରିବା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଶିବାଂଶ 'ଟୁପୁର୍ ଟାପୁର୍', 'ନେଇଯାରେ ମେଘ ମୋତେ', 'ଜୀବନ ସାଥି' ଆଦି ଧାରାବାହିକରେ ଚମତ୍କାର ଅଭିନୟ କରିଛନ୍ତି। ୨୦ ରୁ ଅଧିକ ମ୍ୟୁଜିକ୍ ଭିଡିଓ ଏବଂ 'ମୁଖାଗ୍ନି' ଚଳଚ୍ଚିତ୍ରରେ ଅଭିନୟ କରି ଦର୍ଶକଙ୍କ ମନ ଜିଣି ପାରିଛନ୍ତି। ବର୍ତ୍ତମାନ ସେ ପାଦ ଦେଇଛନ୍ତି ନିର୍ଦ୍ଦେଶନା କ୍ଷେତ୍ରରେ। ସେ ମୁମ୍ବାଇରୁ ସହ ନିର୍ଦ୍ଦେଶନାରେ କ୍ୟାରିୟର ଆରମ୍ଭ କରିଛନ୍ତି। ଓଡ଼ିଶା ସରକାରଙ୍କ ପକ୍ଷରୁ ଆୟୋଜିତ ଜାତୀୟସ୍ତରୀୟ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରତିଯୋଗିତା 'ସାମର୍ଥ୍ୟ'ରେ 'ରିତୁପ୍ରିୟା ପ୍ରଡକ୍ସନ' ବ୍ୟାନରରେ ନିର୍ମିତ ଏଆଇ ଟେକ୍ନୋଲୋଜି ଆଧାରିତ ସିନେମା 'ଆରଭ' ଶ୍ରେଷ୍ଠ କାହାଣୀର ସ୍ଥାନ ଅଧିକାର କରିଥିଲା। ସେହିପରି ଜାତୀୟସ୍ତରର କ୍ଷୁଦ୍ର ଚଳଚ୍ଚିତ୍ର ପ୍ରତିଯୋଗିତାରେ ମଧ୍ୟ ତାଙ୍କ ଅଭିନୀତ, କାହାଣୀ ଓ ନିର୍ଦ୍ଦେଶନାରେ ନିର୍ମିତ 'ଓଟୁ କଲାପ୍ସ' ପ୍ରଶଂସିତ ହୋଇ ଦ୍ୱିତୀୟ ପୁରସ୍କାର ଲାଭ କରିଥିଲା। ଆଗାମୀ ଦିନରେ ସେ ଏକ ଭିନ୍ନ ଧରଣର ସିନେମାରେ ନିର୍ଦ୍ଦେଶନା ଦେବା ସହିତ ଅଭିନୟ କରିବାକୁ ଯାଉଛନ୍ତି। ଏହା ଦର୍ଶକଙ୍କ ମନକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■




## 'ଛକିଶୂନ' ସିନେମାରେ କ୍ରିଷ୍ଟା

ଖୁବ୍‌ଶୀଘ୍ର ଆସିବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ଛକିଶୂନ'। ମାନସ ପଢ଼ିଆରୀଙ୍କ ନିର୍ଦ୍ଦେଶିତ ଏହି ସିନେମାର ମୁଖ୍ୟ ଚରିତ୍ରରେ ଅନୁଭବ ମହାନ୍ତି ନଜର ଆସିବେ। ଆମର ମ୍ୟୁଜିକ୍ ଏବଂ ଟୁ ନାଇନ୍ ଫିଲ୍ମସ ବ୍ୟାନର୍‌ରେ ପ୍ରସ୍ତୁତ ଏହି ସିନେମାର ପ୍ରଯୋଜନାରେ ଅଛନ୍ତି ନବୀନ ଭଣ୍ଡାରୀ ଏବଂ ଜାଗୃତି ଏ.ମହାନ୍ତି। ତେବେ ଏବେ ଏହି ସିନେମାରେ ଏକ ବିଶେଷ ଭୂମିକାରେ କମେଡ଼ି କୁଇନ୍ କ୍ରିଷ୍ଟା ପ୍ରିୟଦର୍ଶିନୀ ରାଉତଙ୍କୁ ଦେଖିବାକୁ ମିଳିବ। ଏହି କଥା ମାନସ ତାଙ୍କ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଜଣାଇଛନ୍ତି। ନିଜ ସହ ସେ କ୍ରିଷ୍ଟାଙ୍କ ଫଟୋ ସେୟାର୍ କରିଥିବା ଦେଖିବାକୁ ମିଳିଛି। ତେବେ ବିଭିନ୍ନ ପ୍ରକାର କମେଡି ମାଧ୍ୟମରେ ଲୋକଙ୍କୁ ହସେଇ ହସେଇ ବେଦମ କରୁଥିବା କ୍ରିଷ୍ଟା ଏହି ସିନେମାରେ କିଭଳି ନଜର ଆସିବେ, ତାହାକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ଉତ୍ସୁକତା ବଢ଼ିଛି। ■


## ପରଦା ପଛର କାହାଣୀ

## ବାଘ ସହ ଅମିତାଭଙ୍କ ଲଢ଼େଇ

ବଲିଉଡ୍ ମହାନାୟକ ଅମିତାଭ୍ ବଚ୍ଚନ ଭାରତୀୟ ସିନେମା ଜଗତରେ ବ୍ଲାକ୍ ଆଣ୍ଡ ହ୍ୱାଇଟ୍‌ରୁ ନେଇ ଭିଏଫ୍‌ଏକ୍ସ, ସିଜିଆଇ ସମୟ ଦେଖିଛନ୍ତି। ଫିଲ୍ମ ଦୁନିଆରେ ଏବେ ଏଆଇର ପ୍ରବେଶକୁ ମଧ୍ୟ ଦେଖୁଛନ୍ତି। ଏକଦା ସମୟ ଥିଲା, ଯେଉଁଠି ସବୁ ଜିନିଷକୁ ବିନା ଏଡିଟିଂରେ ସତସତିକା କରିବାକୁ ପଡୁଥିଲା। ଷ୍ଟଣ୍ଟ୍ ହେଉ ଅବା ଫାଇଟ୍ ସିନ୍ ଅନେକ ଦୃଶ୍ୟ ଅମିତାଭ ବଚ୍ଚନ ବାସ୍ତବରେ ସୁଟ୍ କରିଛନ୍ତି। ଏହାରି ମଧ୍ୟରେ ଶରୀରରେ କେବେ ଗଭୀର ଆଘାତ ଲାଗିଛି ତ ପୁଣି କେତେବେଳେ ମରଣ ମୁହଁରୁ ବଞ୍ଚିଛନ୍ତି। ଏମିତି ଏକ ଦୃଶ୍ୟ ଅମିତାଭ ବଚ୍ଚନଙ୍କ ଫିଲ୍ମ 'ଖୁନ୍ ପସିନା'ରେ ଥିଲା। ଏହି ଫିଲ୍ମରେ ବାଘ ସହିତ ଅମିତାଭ ଲଢ଼େଇ କରୁଥିବାର ଏକ ଦୃଶ୍ୟ ଥିଲା। ଅମିତାଭ ବଚ୍ଚନ ଏକ ସାକ୍ଷାତକାରରେ ନିଜେ ଏକଥା କହିଛନ୍ତି। ତାଙ୍କୁ ଏଥିପାଇଁ ସେଟ୍‌ରେ ଏକ ସ୍ୱତନ୍ତ୍ର ଜ୍ୟାକେଟ୍ ପ୍ରଦାନ କରାଯାଇଥିଲା। କିନ୍ତୁ ସେ ଜାଣି ନ ଥିଲେ, ଫିଲ୍ମ ମେକର୍ ସତସତିକା ବାଘ ସହ ଲଢ଼େଇ ପାଇଁ କହିବେ। କଥାଟି ଟିକିଏ ଅଦ୍ଭୁଆ ଲାଗୁଥିଲେ ମଧ୍ୟ ଘଟଣାଟି ସତ। ତେବେ ସେ ବିନା ଷ୍ଟଣ୍ଟମ୍ୟାନ୍, ବିନା ଭିଏଫ୍‌ଏକ୍ସରେ ବାଘ ସହିତ ଫାଇଟ୍ କରିଥିଲେ। ଏହା ତାଙ୍କ ପାଇଁ ଖୁବ୍ ଆହ୍ୱାନପୂର୍ଣ୍ଣ ଅନୁଭୂତି ଥିଲା, ଯାହାକୁ ସେ କେବେହେଲେ ଭୁଲି ନାହାନ୍ତି। ଏହି ଫିଲ୍ମ ବ୍ୟତୀତ ତାଙ୍କର ଆଉ ଏକ ଫିଲ୍ମ ରହିଛି, ଯେଉଁଥିରେ ସେ ସତସତିକା ବାଘ ସହ ଲଢ଼ିଥିଲେ। ଏହି ଫିଲ୍ମଟି ଥିଲା 'ମିଷ୍ଟର ନଟବରଲାଲ୍'। ଅମିତାଭ ବଚ୍ଚନ ନିଜ ଫିଲ୍ମ କ୍ୟାରିୟରରେ ଜୀବନକୁ ବାଜି ଲଗାଇ ଅନେକ ଦୁଃସାହସିକ କାର୍ଯ୍ୟ କରିଛନ୍ତି। ■



## 'ଭାଗ୍ୟରେଖା'ରେ ରୋମାଞ୍ଚକ ମୋଡ଼



ଜୀ ସାର୍ଥକରେ ପ୍ରସାରିତ ଲୋକପ୍ରିୟ ମେଗା ଧାରାବାହିକ 'ଭାଗ୍ୟରେଖା' ଏବେ ୫୦୦ ଅଧ୍ୟାୟ ଅତିକ୍ରମ କରି ସାରିଛି। ଆଗକୁ ଏହି ଧାରାବାହିକର କାହାଣୀରେ ଆସିବ ରୋମାଞ୍ଚକର ମୋଡ଼। ସୌଭାଗ୍ୟ ଓ କାଜଲଙ୍କ ନିର୍ବନ୍ଧ ଦିନ ସୌଭାଗ୍ୟ ସ୍ମୃତିକୁ ଭୁଲ ବୁଝି ବହୁତ କିଛି କହି ଦେଇଛନ୍ତି, ଯାହାର ଫଳ ସ୍ୱରୂପ ସ୍ମୃତି ଘର ଛାଡ଼ି ଚାଲି ଯିବାର ନିଷ୍ପତ୍ତି ନେଇଛନ୍ତି। ସ୍ମୃତି ଘରୁ ବାହାରକୁ ଯିବା ପରେ, ଅମିତ ତାଙ୍କୁ ଅପହରଣ କରି ଏକ ମନ୍ଦିରରେ ବିବାହ କରିବାକୁ ବାଧ୍ୟ କରେ। ହେଲେ ଠିକ୍ ସମୟରେ ସୌଭାଗ୍ୟ ପହଞ୍ଚି ସ୍ମୃତିଙ୍କୁ ଉଦ୍ଧାର କରନ୍ତି ଓ ସେହି ସ୍ଥାନରୁ ଖସିଯିବା ସମୟରେ, ଦୁହେଁ ରାତିସାରା ଅନ୍ୟ ଏକ ମନ୍ଦିରରେ ଲୁଚି ରହନ୍ତି। ଭୋର ସମୟରେ ଗାଁ ଲୋକମାନେ ସେମାନଙ୍କୁ ପାଇଥାନ୍ତି ଏବଂ ସେମାନେ ଘରୁ ଲୁଚି ପଳାଇଯାଇଥିବା ଭାବି ମନ୍ଦିରର ସମ୍ମାନ ଓ ପବିତ୍ରତା ରକ୍ଷା ପାଇଁ ସେମାନଙ୍କୁ ସେହି ମନ୍ଦିରରେ ବିବାହ କରିବାକୁ ବାଧ୍ୟ କରନ୍ତି। ଗାଁ ଲୋକ ଧମକ ଦିଅନ୍ତି କି ଯଦି ସେମାନେ ଏବେ ବାହା ନ ହୁଅନ୍ତି, ତେବେ ସେମାନଙ୍କୁ ହତ୍ୟା କରାଯିବ। କୌଣସି ବିକଳ୍ପ ନ ପାଇ, ସେମାନେ ବାଧ୍ୟ ହୋଇ ବିବାହ କରନ୍ତି। ହେଲେ ସୁପରଷ୍ଟାର ସୌଭାଗ୍ୟ ଏବଂ ସରଳ ଗ୍ରାମୀଣ ଝିଅ ସ୍ମୃତି ଘରକୁ ଫେରିବେ ତ? ସୌଭାଗ୍ୟ କ'ଣ ସ୍ମୃତିକୁ ସ୍ତ୍ରୀ ରୂପେ ଗ୍ରହଣ କରିବେ? ସେମାନଙ୍କ ପରିବାର ସମାଜର ସାମ୍ନା କରିପାରିବେ ତ? ଏମିତି ଅନେକ ପ୍ରଶ୍ନର ଉତ୍ତର ଧାରାବାହିକର ଆଗାମୀ ଅଧ୍ୟାୟରେ ଜଣାପଡ଼ିବ। ■

## ସାକ୍ଷାତକାର



## "ଧୈର୍ଯ୍ୟ ରଖି କାମ କଲେ ଜଣେ ଭଲ କଳାକାର ହୋଇପାରିବ"

ବର୍ଷା ପାତ୍ର, ଅଭିନେତ୍ରୀ

କଥାରେ ଅଛି 'କପାଳ ଲିଖନ କେ କରିବ ଆନ'। ଭାଗ୍ୟରେ ଯାହା ଲେଖାଥାଏ, ତାହାକୁ କେହି ବଦଳାଇ ପାରନ୍ତିନି। ଠିକ୍ ସେହିପରି ପୁରୀ ଜିଲ୍ଲା, ଚାରିଛକ କୃଷ୍ଣପୁରର ବର୍ଷା ପାତ୍ରଙ୍କୁ ଭାଗ୍ୟ ଅଭିନେତ୍ରୀ ସଜାଇ ଦେଇଛି। ଏକ ରିଆଲିଟି ଶୋ'ରେ ଶ୍ରୀକାନ୍ତ ଗୌତମଙ୍କ ସହ ଭେଟ ହେବା ପରେ ସେ ତାଙ୍କୁ ମ୍ୟୁଜିକ୍ ଭିଡିଓରେ କାମ କରିବାକୁ ସୁଯୋଗ ଦେଇଥିଲେ। ସେବେଠୁ ବର୍ଷା ପଛକୁ ଫେରି ଚାହିଁ ନାହାନ୍ତି। ଅନେକ ଧାରାବାହିକ, ୱେବ୍ ସିରିଜ୍ ଏବଂ ଓଡ଼ିଆ ସିନେମାରେ ଚମତ୍କାର ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣୁଛନ୍ତି। ଏବେ 'ତୋରି ପାଇଁ ତୋ ପାଇଁ' ଧାରାବାହିକରେ ସେ ମାଧବୀ ଚରିତ୍ରରେ ଅଭିନୟ କରୁଛନ୍ତି। ଖଳନାୟିକା ଚରିତ୍ର କରିବାକୁ ସେ କେତେ ସଂଘର୍ଷ କରୁଛନ୍ତି ଜାଣିବା ତାଙ୍କ ମୁହଁରୁ।

**ଅଭିନୟ ଯାତ୍ରା କେବେଠୁ ଆରମ୍ଭ ହେଲା?**

● ଅଭିନେତ୍ରୀ ହେବି କି ଏ ଲାଇନ୍‌କୁ ଆସିବି ବୋଲି ଚିନ୍ତା କରିନଥିଲି। ଏକ ରିଆଲିଟି ଶୋ'କୁ ଯାଇଥାଏ। ସେଠାରେ ପ୍ରଶ୍ନର ଉତ୍ତର ଦେଲେ ଉପହାର ମିଳୁଥିଲା। ସେଠି ମୋତେ ଶ୍ରୀକାନ୍ତ ଗୌତମ ଦେଖିଥିଲେ। ତାଙ୍କ ପ୍ରଡକ୍ସନ୍ ହାଉସ୍‌ରେ ମ୍ୟୁଜିକ୍ ଭିଡିଓ କରିବାକୁ ପ୍ରସ୍ତାବ ଦେଲେ। 'ପ୍ରଧାନ ଘରର ବୋହୂ', 'ତୁମେ ଯଦି ମୋର ପାଖେ ଥିବ' ଆଦି ମ୍ୟୁଜିକ୍ ଭିଡିଓ କରିଛି। କଲର୍ସ ଓଡ଼ିଆର 'ଟୁପୁରୁ ଟାପୁରୁ' ମୋର ପ୍ରଥମ ଧାରାବାହିକ। ଏଯାବତ୍ ୮ଟି ଧାରାବାହିକରେ କାମ କରିଲିଣି। 'ଏସିପି ନିକିତା', 'ସିଷ୍ଟର ଶ୍ରୀଦେବୀ', 'ଗଡ଼ବଡ଼', 'ସାବିତ୍ରୀ', 'ତାରିଣୀ ଆଖିର ତାରା', 'ସର୍ବଜିତା ଅନୁ' ଆଉ ଏବେ 'ତୋରି ପାଇଁ ତୋ ପାଇଁ' ଧାରାବାହିକରେ ଖଳନାୟିକା ମାଧବୀ ଭୂମିକାରେ ଅଭିନୟ କରୁଛି। ଗଡ଼ବଡ଼ର 'ଚାରୁଲତା' ଚରିତ୍ର ମୋତେ ମାଇଲେଜ୍ ଦେଇଛି।

**ପ୍ରଥମେ କାମ ଆରମ୍ଭ ସମୟରେ କେତେ ନର୍ଭସ ଥିଲେ?**

● ନୂଆ ନୂଆ କାମ କରିବା ସମୟରେ ଟିକେ ନର୍ଭସ ଥିଲି। ମୋର ପ୍ରଥମ ନିର୍ଦ୍ଦେଶକ ଥିଲେ ଅଜୟ ସିଂହ। ନୂଆ ପିଲାଙ୍କୁ ଯେମିତି ହାତ ଧରାଇ ବୁଝାନ୍ତି, ସେ ଠିକ୍ ସେମିତି ମୋତେ କାମ ଶିଖାଇଥିଲେ। କେବେ ମୋ ଉପରେ ବିରକ୍ତ ହୋଇ ନ ଥିଲେ। ତା'ଛଡ଼ା ମୁଁ ସିନିୟର୍ କଳାକାରଙ୍କୁ ସ୍କ୍ରିପ୍ଟ ଦେଖାଏ। କେମିତି ଅଭିନୟ କରିବି ବୁଝି କାମ କରେ। ସେହି ଶିଖିବା ମନୋବୃତ୍ତି ମୋତେ ଏଲାଇନ୍‌ରେ ତିଷ୍ଠି ରଖାଇ ପାରିଛି।

**ଖଳନାୟିକା ଭୂମିକାରେ ଅଭିନୟ କରିବାକୁ କାହିଁକି ଭାବିଲେ?**

● ଆରମ୍ଭରୁ କମିକ୍ ଏବଂ ସକାରାତ୍ମକ ଚରିତ୍ରରେ ଅଭିନୟ କରୁଥିଲି। ତାହା ଏତେ ଦର୍ଶନୀୟ ହୋଇ ପାରିଲାନି। 'ଚାରୁଲତା' ଚରିତ୍ରରେ ଅଭିନୟ କରିବା ପରେ ମୋତେ ଖଳନାୟିକା ଚରିତ୍ର ମିଳିଥିଲା। ହୁଏତ ମୋ ଲୁକ୍ ଖଳନାୟିକା ପାଇଁ ଫିଟ୍। ଏହି ଚରିତ୍ର କରିବାକୁ ସ୍କ୍ରିପ୍ଟକୁ ପଢ଼ି ବୁଝିବାକୁ ହୁଏ। ଖଳନାୟିକାର ପ୍ରତିକ୍ରିୟା ଦେଇ ସଂଳାପ କହିବାକୁ ପଡ଼େ। ଖଳନାୟିକା ଚରିତ୍ରକୁ ଦମ୍‌ଦାର କରିବାକୁ ବିଭିନ୍ନ ଭାଷାର ଧାରାବାହିକର ଖଳନାୟିକାଙ୍କ ଅଭିନୟକୁ ଅନୁସରଣ କରେ। ମୋର ଚରିତ୍ରକୁ ବି ପ୍ରଶଂସକ ଭଲପାଇବା ଦେଉଛନ୍ତି।

**ଧାରାବାହିକରୁ ୱେବ ସିରିଜ୍ ଏବଂ ସିନେମାରେ କାମ କରିଛନ୍ତି?**

● ଧାରାବାହିକରେ କାମ କରିବା ପରେ କିଛିଟା ୱେବ ସିରିଜ୍ (ଏତେ ଭଲ ପାଏ ତତେ)ରେ କାମ କରିଛି। 'ତୁ ମୋ କମ୍‌ଜୋରି', ଫିଲ୍ମରେ କାମ କରିବାକୁ ମୋତେ ସୁଯୋଗ ମିଳିଛି। ଏହି ଫିଲ୍ମଟି ପୂରା ଫ୍ୟାମିଲି ଡ୍ରାମା। ଏଥିରେ ମୁଁ ଖଳନାୟିକା ଚରିତ୍ର କରିଥିଲି। ଚରିତ୍ରଟିକୁ ମୁଁ ଭରପୂର ଏନ୍‌ଜଏ କରିଛି।

**ଅଭିନୟକୁ ବାଦ୍ ଦେଲେ କ'ଣ କରିବାକୁ ଭଲ ଲାଗେ?**

● ସାଜସଜା କରିବାକୁ ଭଲ ଲାଗେ। ସୁଟିଂରୁ ସମୟ ମିଳିଲେ ମୁଁ ମୋ ପରିବାରକୁ ସମୟ ଦିଏ।

**ଡ୍ରିମ୍ ରୋଲ୍ କ'ଣ?**

● ସକାରାତ୍ମକ, ନକାରାତ୍ମକ, କମିକ୍ ଆଦି ଚରିତ୍ରରେ କାମ କରିଛି। ମୁଁ ଚାହେଁ, ଯେଉଁ ଚରିତ୍ର ମିଳୁଛି ତାହାକୁ ମୁଁ ଭଲ କରିପାରିବି।

**କଳା ଦୁନିଆକୁ ଆସୁଥିବା ପିଲାଙ୍କୁ କ'ଣ କହିବେ?**

● ଏହି ଲାଇନ୍‌କୁ ନୂଆ କରି ଆସୁଥିଲେ ଗୋଟିଏ କଥା କହିବି, ପ୍ରଥମେ କାମ ଶିଖିବାକୁ ଚାହାଁନ୍ତୁ। ଘରୁ ଭାବିକି ଆସନ୍ତୁ ଏଠାକୁ କାହିଁକି ଆସୁଛନ୍ତି। ଶିଖିବାର ମନୋବୃତ୍ତି ରଖନ୍ତୁ। ଧୈର୍ଯ୍ୟ ରଖି କାମ କରିବା ଦ୍ୱାରା ଜଣେ ଭଲ କଳାକାର ହୋଇପାରିବ। ■

ତୃତୀୟ ଦିନିକିଆ: ଜୟସ୍ୱାଲଙ୍କ ଆଗରେ ଫିକା ପଡ଼ିଲେ ଡି କକ୍

# ଟେଷ୍ଟ ପରାଜୟର ପ୍ରତିଶୋଧ ନେଲା ଭାରତ

ବିଶାଖାପାଟଣା, ୬।୧୨ (ଏଜେନ୍ସି):

ଦକ୍ଷିଣ ଆଫ୍ରିକା ବିପକ୍ଷରେ ଶନିବାର ଏଠାରେ ଅନୁଷ୍ଠିତ ଦିନିକିଆ ସିରିଜର ନିର୍ଣ୍ଣାୟକ ୩ୟ ମୁକାବିଲାରେ ଭାରତ ୯ ୱିକେଟ୍‌ରେ ସହଜରେ ବିଜୟୀ ହୋଇଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ଭାରତ ୧୭ ରନରେ ଜିତିଥିଲା। କିନ୍ତୁ ଦ୍ୱିତୀୟ ଦିନିକିଆକୁ ଦକ୍ଷିଣ ଆଫ୍ରିକା ୪ ୱିକେଟ୍‌ରେ ବିଜୟୀ ହୋଇ ସିରିଜ ବରାବର୍ କରିଥିଲା। ଶନିବାର ବିଶାଖାପାଟଣାରେ ବିଜୟୀ ହୋଇ ଭାରତ ୨-୧ରେ ସିରିଜ ହାତେଇନେଇଛି। ଫଳରେ ଟେଷ୍ଟ ସିରିଜକୁ ୨-୦ରେ ଲଜ୍ଜାଜନକ ଭାବେ ହାରିଥିବା ଭାରତ ଏବେ ଦିନିକିଆ ସିରିଜ ଜିତି କିଛି ମାତ୍ରାରେ ଆଶ୍ୱସ୍ତି ହୋଇଛି। ଦୁଇ ଦେଶ ମଧ୍ୟରେ ୫ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଏହାପରେ ଖେଳାଯିବ। କଟକର ବାରବାଟୀ ଷ୍ଟାଡିୟମରେ ସିରିଜର ପ୍ରଥମ ମ୍ୟାଚ୍ ମଙ୍ଗଳବାର ଅନୁଷ୍ଠିତ ହେବ। ତେଣୁ ଏବେ ବାରବାଟୀ ଉପରେ ସମସ୍ତଙ୍କ ନଜର ରହିଛି।

୨୭୧ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଭାରତ ୩୯.୫ ଓଭରରେ ରୋହିତ ଶର୍ମା ( ୭୩ ବଲରେ ୭୫ ରନ)ଙ୍କ ୱିକେଟ୍ ହରାଇ ଅତି ସହଜରେ ବିଜୟୀ ହୋଇଥିଲା। ଓପନର୍ ଯଶସ୍ୱୀ ଜୟସ୍ୱାଲଙ୍କ ଦମ୍‌ଦାର ଶତକ ଏବଂ ଦୁଇ ଭେଟେରାନ ଖେଳାଳି ରୋହିତ ଓ ବିରାଟ କୋହଲିଙ୍କ ଅର୍ଦ୍ଧଶତକ ଭାରତୀୟ ଇନିଂସର ମୁଖ୍ୟ ଆକର୍ଷଣ ରହିଥିଲା। ଦିନିକିଆରେ ପ୍ରଥମ ଶତକ ହାସଲ କରି ଜୟସ୍ୱାଲ ୧୧୬ ରନ କରି ଅପରାଜିତ ରହିଥିଲେ। ୧୨୧ ବଲର ଏହି ପାଳିରେ ସେ ୧୨ଟି ଚୌକା ଓ ୨ଟି ଛକା ମାରିଥିଲେ। ପ୍ରଥମ ଦୁଇଟି ମ୍ୟାଚରେ ଶତକ ହାସଲ କରିଥିବା କୋହଲି ଆଜି ମଧ୍ୟ ୬ ଚୌକା ଓ ୩ ଛକା ବଳରେ ୪୫ ବଲରେ ୬୫ ରନ କରି ଅପରାଜିତ ରହିଥିଲେ। ପ୍ରଥମ ୱିକେଟ୍‌ରେ ରୋହିତ୍ ଓ ଜୟସ୍ୱାଲ ୧୫୫ ରନ ସଂଗ୍ରହ କରି ବିଜୟ ପଥ ପରିଷ୍କାର କରିଥିଲେ। ଦିନିକିଆ କ୍ରିକେଟ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ୧୦ମଥର ଲାଗି ଓପନିଂ ୱିକେଟ ଯୋଡ଼ିରେ ଶତକୀୟ ଭାଗୀଦାରି ଗଢ଼ିଛି। ସେହିଭଳି କୋହଲି, ରୋହିତ୍, ଶୁବମନ ଗିଲ୍, ଲୋକେଶ ରାହୁଲ ଓ ସୁରେଶ ରାଇନାଙ୍କ ପରେ ୬ଷ୍ଠ ଭାରତୀୟ ଭାବେ ଜୟସ୍ୱାଲ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ସମସ୍ତ ଫର୍ମାଟ୍‌ରେ ଶତକ ହାସଲ କରିଛନ୍ତି।




### ୱିକେଟକିପର ଭାବେ ମିଳିତ ସର୍ବାଧିକ ଶତକ

ଏହି ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ଆଫ୍ରିକା ଦଳ ପ୍ରଥମ ଓଭରରେ ର୍‍ୟାନ ରିକେଲଟନ (୦)ଙ୍କ ୱିକେଟ୍ ହରାଇଥିଲା। ୱିକେଟକିପର ରାହୁଲଙ୍କ ହାତରେ କ୍ୟାଚ୍ କରାଇ ଅର୍ଶଦୀପ୍ ସିଂହ ଭାରତକୁ ଏହି ପ୍ରାରମ୍ଭିକ ସଫଳତା ଦେଇଥିଲେ। ଏହାପରେ ଅଧିନାୟକ ତେମ୍ବା ବଭୁମା ଅନ୍ୟତମ ଓପନର୍ କ୍ୱିଣ୍ଟନ ଡି କକ୍‌ଙ୍କ ସହ ମିଶି ୧୧୩ ରନର ଶତକୀୟ ଭାଗୀଦାରି ଗଢ଼ିବା ସହ ସ୍ଥିତି ସମ୍ଭାଳିଥିଲେ। ତେବେ ୪୮ ରନ କରିଥିବାବେଳେ ବଭୁମାଙ୍କୁ ଆଉଟ୍ କରି ରବୀନ୍ଦ୍ର ଜାଡେଜା ଏହି ଯୋଡ଼ି ଭାଙ୍ଗିଥିଲେ। ପରବର୍ତ୍ତୀ ବ୍ୟାଟର୍‌ମାନେ ବିଫଳ ହୋଇଥିଲେ ମଧ୍ୟ ଗୋଟିଏ ପାଶ୍ୱର୍ରେ ଡି କକ୍ ଦୃଢ଼ତାର ସହ ବ୍ୟାଟିଂ କରି ଶତକ ହାସଲ କରିଥିଲେ। ସେ ଏଠାରେ ୨୩ତମ ଦିନିକିଆ ଶତକ ହାସଲ କରି ୧୦୬ ରନରେ ଆଉଟ୍ ହୋଇଥିଲେ। ୮୯ଟି ବଲ୍ ଖେଳିଥିବା ଡି କକ୍ ୮ଟି ଚୌକା ଓ ୬ଟି ଛକା ମାରିଥିଲେ। ଦିନିକିଆରେ ୱିକେଟ୍‌କିପର ଭାବେ ସର୍ବାଧିକ ଶତକ ମାରିବାରେ ସେ ଶ୍ରୀଲଙ୍କାର କୁମାର ସାଙ୍ଗାକାରା (୨୩ଟି)ଙ୍କ ସହ ଯୁଗ୍ମ ଭାବେ ଶୀର୍ଷରେ ରହିଛନ୍ତି। ଡି କକ୍ ଆଉଟ୍ ପରେ ପରବର୍ତ୍ତୀ ବ୍ୟାଟର୍ ଆଖିଦୃଶିଆ ପ୍ରଦର୍ଶନ କରି ନ ପାରିବାରୁ ଦକ୍ଷିଣ ଆଫ୍ରିକା ୪୭.୫ ଓଭରରରେ ୨୭୦ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡେୱାଲ୍ଡ ବ୍ରେଭିସ ୨୯, ମାଥ୍ୟୁ ବ୍ରିଜକେ ୨୪, କେଶବ ଅପରାଜିତ ୨୦ ଓ ମାର୍କୋ ଜାନସେନ ୧୭ ରନ କରିଥିଲେ। ବୋଲିଂରେ ପ୍ରସିଦ୍ଧ କ୍ରିଷ୍ଣା ଓ କୁଳଦୀପ ଯାଦବ ୪ଟି ଲେଖାଏ ୱିକେଟ୍ ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଦକ୍ଷିଣ ଆଫ୍ରିକା: ୨୭୦/୧୦, ୪୭.୫ ଓଭର** (ଡି କକ୍- ୧୦୬, ବଭୁମା- ୪୮, ବ୍ରେଭିସ- ୨୯, ବ୍ରିଜକେ- ୨୪, ମାର୍କରାମ- ୧, କୁଲଦୀପ୍- ୪/୪୧, ପ୍ରସିଦ୍ଧ- ୪/୬୬)।

**ଭାରତ: ୨୭୧/୧, ୩୯.୫ ଓଭର** (ଜୟସ୍ୱାଲ- ଅପରାଜିତ ୧୧୬, ରୋହିତ ଶର୍ମା- ୭୫, ବିରାଟ କୋହଲି- ଅପରାଜିତ ୬୫, କେଶବ- ୧/୪୪)।

୧୫ ଓ ୧୭ ବର୍ଷରୁ କମ୍ ଜାତୀୟ ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ

# ଓଡ଼ିଶାର ତନ୍‌ଭୀଙ୍କୁ ଡବଲ ଟାଇଟଲ




ଭୁବନେଶ୍ୱର, ୬।୧୨ (ସମିସ): ଓଡ଼ିଶାର ନଂ-୧ ଖେଳାଳି ତନ୍‌ଭୀ ପତ୍ରୀ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ୧୫ ଓ ୧୭ ବର୍ଷରୁ କମ୍ ୩୭ତମ ଜାତୀୟ ବ୍ୟାଡମିଣ୍ଟନ ଚାମ୍ପିଅନସିପର ଉଭୟ ବାଳିକା ବିଭାଗ ଏକକ ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି। ଆଜି ଅନୁଷ୍ଠିତ ୧୫ ବର୍ଷରୁ କମ୍ ଫାଇନାଲରେ ସେ ତେଲଙ୍ଗାନାର ଅବନି ବିକ୍ରମ ଗୋବିନ୍ଦଙ୍କୁ ୨୧-୯-୨୧-୧୩ରେ ପରାସ୍ତ କରି ପ୍ରଥମ ଟାଇଟଲ ଜିତିଥିଲେ। ଏହା ପରେ ଖେଳାଯାଇଥିବା ୧୭ ବର୍ଷରୁ କମ୍ ବିଭାଗ ଫାଇନାଲରେ ସେ ତାମିଲନାଡୁର ଦୀକ୍ଷା ଏସ୍‌ଆର୍‌ଙ୍କୁ ୨୦-୨୨, ୨୧-୧୭, ୨୨-୨୦ରେ ହରାଇ ଦ୍ୱିତୀୟ ଏକକ ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି। ଅନ୍ୟ କାଟାଗୋରୀ ମଧ୍ୟରୁ ୧୫ ବର୍ଷରୁ କମ୍ ବାଳକ ଏକକରେ କର୍ଣ୍ଣାଟକର ପୁଷ୍କର, ୧୭ ବର୍ଷରୁ କମ୍ ବାଳକ ଏକକରେ ଟପ୍ ସିଡ ଜଗସେର ସିଂହ ଟାଇଟଲ ବିଜୟୀ ହୋଇଛନ୍ତି।

ଖେଳ ଶେଷରେ ଆୟୋଜିତ ଉତ୍ସବରେ ରାଜ୍ୟ ସରକାରଙ୍କ ଉନ୍ନୟନ କମିଶନର ଅନୁ ଗର୍ଗ, କ୍ରୀଡ଼ା ଓ ଯୁବସେବା ପ୍ରମୁଖ ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ଆୟୋଜକ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ସଂଘ ସଭାପତି ରାଜେଶ ପ୍ରଭାକର ପାଟିଲ, ସମ୍ପାଦକ ନିଲୀନ କୁମାର, ଶିକ୍ଷ ନିର୍ଦ୍ଦେଶକ ଆବୋଲି ସୁନିଲ ନର୍ବାଣେ, ଟୁର୍ଣ୍ଣାମେଣ୍ଟ କମିଟି ଅଧ୍ୟକ୍ଷ ଖେଖର ବିଶ୍ୱାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମୋଟ ୪୦ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ରାଜ୍ୟ ସଂଘ ପକ୍ଷରୁ ଚାମ୍ପିଅନ ତନ୍‌ଭୀ ପତ୍ରୀଙ୍କୁ ୫ ଲକ୍ଷ ଓ ଯୁଗଳ ରନର୍ସ ଅପ୍ ସ୍ୱାତୀ ନାୟକ ଓ ନିମିଶା ଓଝାଙ୍କୁ ୨.୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।

### ସ୍ୱାତୀ-ନିମିଶା ରନର୍ସଅପ୍

୧୫ ବର୍ଷରୁ କମ୍ ବାଳିକା ଯୁଗଳରେ ଓଡ଼ିଶାର ସ୍ୱାତୀ-ନିମିଶାଙ୍କୁ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଫାଇନାଲରେ ଏମାନେ ମହାରାଷ୍ଟ୍ରର ସରାୟୁ ରଞ୍ଜନେ ଓ ସୋୟାରା ସେଲାରଙ୍କଠାରୁ ହାରିଯାଇଥିଲେ।



# ୨୦ଟି ମ୍ୟାଚ୍ ପରେ ଟସ୍ ଜିତିଲା ଭାରତ

ବିଶାଖାପାଟଣା, ୬।୧୨ (ଏଜେନ୍ସି): କ୍ରମାଗତ ୨୦ଟି ମ୍ୟାଚ୍‌ରେ ଟସ୍ ହାରିବା ପରେ ଭାରତ ଦିନିକିଆ କ୍ରିକେଟ ଫର୍ମାଟରେ ଏଠାରେ ଆଜି ଟସ୍ ଜିତିବାରେ ସମର୍ଥ ହୋଇଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ତଥା ଶେଷ ଦିନିକିଆରେ ଭାରତୀୟ ଅଧିନାୟକ ଲୋକେଶ ରାହୁଲ ଏହି ଟସ୍ ଜିତିଥିଲେ। ୨୦୨୩ ବିଶ୍ୱକପ୍ ଫାଇନାଲ ପରେ ଭାରତୀୟ ଦଳର ୩ ଜଣ ନେତୃତ୍ୱ ନେଇଥିଲେ ମଧ୍ୟ କେହି ଟସ୍ ଜିତିପାରି ନ ଥିଲେ। ଅନ୍ୟ ଦୁଇ ଦୁର୍ଭାଗ୍ୟଶାଳୀ ଅଧିନାୟକ ହେଲେ ରୋହିତ ଶର୍ମା ଓ ଶୁବମନ ଗିଲ୍। ଏଠାରେ ରାହୁଲ ବାମ ହାତରେ କଏନ୍ ପକାଇଥିଲେ।

### ■ ୨୦,୦୦୦ ରନ୍ କ୍ଲବ୍‌ରେ ରୋହିତ

ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ରୋହିତ ଶର୍ମା ୨୦,୦୦୦ ଅନ୍ତର୍ଜାତୀୟ ରନ୍ କ୍ଲବ୍‌ରେ ସାମିଲ ହୋଇଛନ୍ତି। ଏଠାରେ ଚାଲିଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ୧୪ତମ ଓଭରରେ ଏହି ମାଇଲଖୁଣ୍ଟ ଅତିକ୍ରମ କରିଥିଲେ। ଏହା ଫଳରେ ସେ ଭାରତର ଅନ୍ୟ କିମ୍ବଦନ୍ତୀ ଖେଳାଳି ସଚିନ ତେନ୍ଦୁଲକର (୩୪,୩୫୭), ବିରାଟ କୋହଲି (୨୭,୯୧୦) ଓ ରାହୁଲ ଦ୍ରାବିଡ୍ (୨୪,୨୦୮) ରହିଛନ୍ତି।




### ■ ଗିଲ୍ ଫିଟ୍; ଖେଳିବେ ଟି-୨୦



ବେଙ୍ଗାଲୁରୁ, ୬।୧୨ (ଏଜେନ୍ସି): ଭାରତୀୟ କ୍ରିକେଟ ଦଳର ଟେଷ୍ଟ ଓ ଦିନିକିଆ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଫିଟ ଘୋଷିତ କରାଯାଇଛି। ଏହା ଫଳରେ ସେ କଟକରେ ମଙ୍ଗଳବାର ବା ଡିସେମ୍ବର ୯ରୁ ଆରମ୍ଭ ହେବାକୁ ଥିବା ଟି-୨୦ ସିରିଜ୍‌ରେ ଖେଳିବେ ବୋଲି ବିସିସିଆଇ ପକ୍ଷରୁ ଘୋଷଣା କରାଯାଇଛି। ଏହି ଦଳର ନେତୃତ୍ୱ ସୂର୍ଯ୍ୟକୁମାର ଯାଦବ ନେଉଥିଲାବେଳେ ଗିଲ୍ ଉପଅଧିନାୟକ ରହିଛନ୍ତି। କୋଲକାତାରେ ଦକ୍ଷିଣ ଆଫ୍ରିକା ସହ ପ୍ରଥମ ଟେଷ୍ଟ ଖେଳୁଥିଲାବେଳେ ଗିଲଙ୍କ ବେକରେ ଆଘାତ ଲାଗିଥିଲା। ଫଳରେ ସେ ଟେଷ୍ଟରେ ୪ଟି ବଲ୍ ଖେଳିଥିଲେ ଓ ଦିନିକିଆ ସିରିଜ୍‌ରୁ ବାଦ୍ ପଡ଼ିଥିଲେ। ଏବେ ସେ କଟକରେ ଦଳ ସହ ଯୋଗଦେବେ।



### ■ କୁମ୍ବଲେଙ୍କୁ ଟପିଲେ କୁଲଦୀପ୍

ଏହି ମ୍ୟାଚ୍‌ରେ ଭାରତର କୁଲଦୀପ ଯାଦବ ଓ ପ୍ରସିଦ୍ଧ କ୍ରିଷ୍ଣା ୪ଟି ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି। ଏହା ଫଳରେ ଦିନିକିଆ କ୍ରିକେଟରେ ସେ ସର୍ବାଧିକ ୧୧ଥର ଲାଗି ଦିନିକିଆ କ୍ରିକେଟରେ ୪ ୱିକେଟ ସଫଳତା ପାଇଛନ୍ତି। ତାଙ୍କ ପୂର୍ବରୁ ଅନିଲ କୁମ୍ବଲେ ଓ ଜାଭାଗଲ ଶ୍ରୀନାଥ ୧୦ଥର ଲେଖାଏଁ ଏହି ସଫଳତା ପାଇଥିଲେ।

**ଭାରତ ବିପକ୍ଷରେ ସପ୍ତମ ଶତକ:** ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଓପନର କ୍ୱିଣ୍ଟନ ଡି କକ୍ ୮୦ ବଲ୍‌ରେ ୮ ଚୌକା ଓ ୬ ଛକା ସହ ଦିନିକିଆରେ ୨୩ତମ ଶତକ ହାସଲ କରିଛନ୍ତି। ଭାରତ ବିପକ୍ଷରେ ଏହା ତାଙ୍କର ୨୩ତମ ଇନିଂସରେ ୭ମ ଶତକ।

# ଫିଫା ବିଶ୍ୱକପ୍ ୨୦୨୬: ଗ୍ରୁପ୍-ଜେ'ରେ ଆର୍ଜେଣ୍ଟିନା

ୱାଶିଂଟନ ଡିସି, ୬।୧୨ (ଏଜେନ୍ସି): ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ ଆସନ୍ତାବର୍ଷ ଜୁନ ୧୧ରୁ ଜୁଲାଇ ୧୯ ତାରିଖ ପର୍ଯ୍ୟନ୍ତ ଆମେରିକା, କାନାଡା ଓ ମେକ୍ସିକୋରେ ମିଳିତ ଭାବେ ଆୟୋଜିତ ହେବ। ଏଥିଲାଗି ଡ୍ର ଉଠାଣ କାର୍ଯ୍ୟକ୍ରମ ସ୍ଥାନୀୟ କେନେଡି ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୮ଟି ଟିମ୍‌କୁ ୧୨ଟି ଗ୍ରୁପ୍‌ରେ ରଖାଯାଇଛି। ପ୍ରତି ଗ୍ରୁପ୍‌ରେ ୪ଟି ଲେଖାଏ ଦଳ ସ୍ଥାନ ପାଇଛନ୍ତି। ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଗ୍ରୁପ୍-ଜେ'ରେ ରହିଛି। ଏହି ଗ୍ରୁପ୍‌ରେ ଆର୍ଜେଣ୍ଟିନା ସହ ଆଲ୍‌ଜେରିଆ, ଅଷ୍ଟ୍ରିଆ ଓ ଜୋର୍ଡାନ ସ୍ଥାନ ପାଇଛି। ସେହିଭଳି ଗତ ସଂସ୍କରଣ ରନର୍ସଅପ୍ ଫ୍ରାନ୍ସ ଗ୍ରୁପ୍-ଆଇ'ରେ ସେନେଗାଲ୍, ନରୱେ ଓ ପ୍ଲେ ଅଫ୍-୨'ର ବିଜେତା ସହ ରହିଛି। ସର୍ବାଧିକ ୫ଥରର ବିଜେତା ବ୍ରାଜିଲ, ମରକ୍କୋ, ହାଇତି ଓ ସ୍କଟଲାଣ୍ଡ ଗ୍ରୁପ୍-ସି'ରେ ସ୍ଥାନ ପାଇଛନ୍ତି। ୧.୫୬ ଲକ୍ଷ ଜନସଂଖ୍ୟା ବିଶିଷ୍ଟ କାରବୀୟାନ ଦୀପରାଷ୍ଟ୍ର କୁରାକାଓ ଗ୍ରୁପ୍-ଇ'ରେ ଜର୍ମାନୀ, ଆଇଭର କୋଷ୍ଟ ଓ ଇକ୍ୱେଡର ସହ ରହିଛି। ବିଶ୍ୱକପ୍ ଇତିହାସରେ ପ୍ରଥମଥର ଲାଗି ୪୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ୪୨ଟି ଟିମ୍ ଯୋଗ୍ୟତା ଲାଭ କରିଛନ୍ତି।

ସୟଦ ମୁସ୍ତାକ ଅଲି ଟ୍ରଫି

# ଓଡ଼ିଶାର ହ୍ୟାଟ୍ରିକ ବିଜୟ

ଭୁବନେଶ୍ୱର, ୬।୧୨ (ସମିସ): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ସୟଦ ମୁସ୍ତାକ ଅଲି ଟ୍ରଫିରେ ଓଡ଼ିଶା ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଛି। ପ୍ରଥମ ୩ଟି ମ୍ୟାଚରେ ହାରି ସମାଲୋଚନାର ଶିକାର ହୋଇଥିବା ବିପ୍ଳବ ସାମନ୍ତରାୟଙ୍କ ଦଳ ଏବେ ହ୍ୟାଟ୍ରିକ ବିଜୟୀ ହୋଇଛି। ଶନିବାର ଲକ୍ଷ୍ନୌରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୭୩ ରନରେ ଆସାମକୁ ପରାସ୍ତ ହରାଇଦେଇଛି। ବିପ୍ଳବଙ୍କ ଚମତ୍କାର ଅଲରାଉଣ୍ଡ ପ୍ରଦର୍ଶନ ଓ ଆଶୀର୍ବାଦ ସ୍ୱାଇଁଙ୍କ ଦ୍ରୁତ ଅର୍ଦ୍ଧଶତକ ମ୍ୟାଚର ଉଲ୍ଲେଖନୀୟ ଘଟଣା ରହିଥିଲା।


ଆଶୀର୍ବାଦ ସ୍ୱାଇଁ

ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ୨୦ ଓଭରରେ ୪ ୱିକେଟ ହରାଇ ୧୭୧ ରନ କରିଥିଲା। ଫର୍ମରେ ଥିବା ଅଧିନାୟକ ବିପ୍ଳବ ୩ ଚୌକା ଓ ୨ ଛକା ବଳରେ ୩୨ ବଲରୁ ୪୩ ରନ କରି ଅପରାଜିତ ରହିଥିଲେ। ସେହିଭଳି ୱିକେଟ୍‌କିପର ଆଶୀର୍ବାଦ ୨୮ଟି ବଲ୍‌ରେ ଅପରାଜିତ ୫୧ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଯେଉଁଥିରେ ୩ଟି ଲେଖାଏ ଚୌକା ଓ ଛକା ସାମିଲ ରହିଥିଲା। ଅନ୍ୟମାନଙ୍କ ମଧ୍ୟରେ ପଦାର୍ପଣକାରୀ ଅନିଲ ପରିଡ଼ା ୧୫, ଆଦିତ୍ୟ ରାଉତ ୨୧, ଗୌରବ ଚୌଧୁରୀ ୧୨ ଓ ସୌମ୍ୟରଞ୍ଜନ ଲେଙ୍କା ୧୬ ରନ କରିଥିଲେ। ଜବାବରେ ର୍‍ୟାନ ପରାଗଙ୍କ ନେତୃତ୍ୱାଧୀନ ଆସାମ ୧୬ ଓଭରରେ ୯୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ସୁମିତ ଘଡ଼ିଗାଁଓକାର (୪୩ ରନ) ଓ ଅଧିନାୟକ ରିୟାନ (୧୪)ଙ୍କୁ ଛାଡ଼ିଦେଲେ ଅନ୍ୟ କେହି ଦୁଇଅଙ୍କ ଛୁଇଁପାରି ନ ଥିଲେ। ଓଡ଼ିଶା ପକ୍ଷରୁ ବିପ୍ଳବ ୩ଟି ଓ ବାଦଲ ବିଶ୍ୱାଳ ୨ଟି ୱିକେଟ୍ ନେଇଥିଲେ। ଆଶୀର୍ବାଦ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ୬ଟି ମ୍ୟାଚରୁ ୧୨ ପଏଣ୍ଟ ପାଇ ଓଡ଼ିଶା ଏବେ ୪ର୍ଥ ସ୍ଥାନକୁ ଉଠିଛି। ଓଡ଼ିଶା ଏହାର ଶେଷ ମ୍ୟାଚରେ ସୋମବାର ମୁମ୍ବଇକୁ ଭେଟିବ।

# ସତ୍ୟବ୍ରତ ସ୍ମାରକୀ ଫୁଟବଲ ୧୧ରୁ

ଚାମ୍ପିଅନଙ୍କୁ ୨ଲକ୍ଷ, ରନର୍ସଅପ୍‌ଙ୍କୁ ୧ ଲକ୍ଷ ଟଙ୍କା ଓ ଟ୍ରଫି




ଭୁବନେଶ୍ୱର, ୬।୧୨ (ସମିସ):

ରାଜ୍ୟର ଅଗ୍ରଣୀ କ୍ରୀଡ଼ାନୁଷ୍ଠାନ ଭୁବନେଶ୍ୱରର କ୍ଲବ୍-୭୩ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ସତ୍ୟବ୍ରତ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୧ରୁ ୧୪ ତାରିଖଯାଏ ଅନୁଷ୍ଠିତ ହେବ। ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ୮ଟି ଦଳକୁ ନେଇ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଦଳକୁ ଟ୍ରଫି ସହ ୨ ଲକ୍ଷ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୧ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ ବୋଲି କଳିଙ୍ଗ ଷ୍ଟାଡିୟମ୍‌ରେ ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଆୟୋଜକ କ୍ଲବ୍‌ର ସଭାପତି ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର। ଏହା ବ୍ୟତୀତ ସେମିଫାଇନାଲରେ ପରାଜିତ ଦୁଇ ଦଳକୁ ୨୫,୦୦୦ ଲେଖାଏଁ, କ୍ୱାର୍ଟର ଫାଇନାଲରେ ପରାଜିତ ଦଳକୁ ୧୦,୦୦୦ ଲେଖାଏଁ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ପ୍ରଥମଥର ଲାଗି ଚାମ୍ପିଅନ ଦଳର କୋଚ୍‌ଙ୍କୁ ୧୦,୦୦୦ ଟଙ୍କା ଦିଆଯିବାର କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେକ ଦିନର ଶ୍ରେଷ୍ଠ ଖେଳାଳିଙ୍କୁ ମଧ୍ୟ ପୁରସ୍କୃତ କରାଯିବ। ମ୍ୟାନ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟଙ୍କୁ ୨୦,୦୦୦ ଓ ମ୍ୟାନ୍ ଅଫ୍ ଦି ଫାଇନାଲଙ୍କୁ ୧୦,୦୦୦ ଟଙ୍କା ପ୍ରଦାନ କରାଯିବ। ୪ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ଡିଫେଣ୍ଡିଂ ଚାମ୍ପିଅନ ୟୁନିଟ-୬ ଆଥଲେଟିକ ଆସୋସିଏସନ, ରନର୍ସ ଅପ୍ ଇଣ୍ଡିପେଣ୍ଡେଣ୍ଟ କ୍ଲବ୍, କଟକର ସନ୍‌ରାଇଜ୍ କ୍ଲବ୍, ଫାଓ ଏକାଦଶ ଓ ମଙ୍ଗଳା କ୍ଲବ୍, ଭୁବନେଶ୍ୱରର କିଶୋର କ୍ଲବ୍, ଝାରସୁଗୁଡା ଏକାଦଶ, ସମ୍ବଲପୁର ଫୁଟବଲ ଏକାଡେମୀ ଅଂଶଗ୍ରହଣ କରିବେ। ଏହି ଟୁର୍ଣ୍ଣାମେଣ୍ଟଟି ଦିବାରାତ୍ରରେ ଖେଳାଯିବ। ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରାୟୋଜକ ୟୁନିଲାଇଟ୍‌ର ଭାଇସ ପ୍ରେସିଡେଣ୍ଟ ସତ୍ୟନାରାୟଣ ନନ୍ଦ, ସମ୍ପାଦକ ସୁବ୍ରତ ପଟ୍ଟନାୟକ, ଉପସଭାପତି ସିଦ୍ଧାର୍ଥ ଶଙ୍କର ପାଢ଼ୀ ଓ ଯୁଗ୍ମ ସମ୍ପାଦକ ଦେବବ୍ରତ ବେଜ୍ ପ୍ରମୁଖ ଉପସ୍ଥିତ ଥିଲେ।

# ବାରବାଟୀ ଲଢ଼େଇ ମଙ୍ଗଳବାର

## ଭୁବନେଶ୍ୱରରେ ପାଣ୍ଡ୍ୟା; ଆଜି ଆସିବେ ଉଭୟ ଦଳ

ଭୁବନେଶ୍ୱର, ୬।୧୨ (ସମିସ): ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ଦିନିକିଆ ସିରିଜ ଶନିବାର ବିଶାଖାପାଟଣାରେ ଶେଷ ହୋଇଛି। ଏବେ ଦୁଇ ଦଳ ମଧ୍ୟରେ ୫ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଖେଳାଯିବ। ସିରିଜର ପ୍ରଥମ ମ୍ୟାଚ୍ ଐତିହାସିକ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିଲାଗି ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକା ଖେଳାଳି ରବିବାର ଭୁବନେଶ୍ୱରରେ ପହଞ୍ଚିବାର କାର୍ଯ୍ୟସୂଚୀ ରହିଛି। ଅପରାହ୍ଣ ୩ଟା ୩୦ ମିନିଟରେ ଦୁଇ ଦଳର ଖେଳାଳି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଆସି ଓହ୍ଲାଇବେ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। ବିମାନବନ୍ଦରରୁ ଖେଳାଳି ସିଧାସଳଖ ଟିମ୍ ହୋଟେଲକୁ ଯିବେ ବୋଲି ଜଣାପଡ଼ିଛି। ଏଥିପୂର୍ବରୁ ଦିନିକିଆ ସିରିଜରେ ଖେଳୁ ନ ଥିବା ଦକ୍ଷିଣ ଆଫ୍ରିକାର ୫ଜଣ ଖେଳାଳି ଶୁକ୍ରବାର ଓ ଭାରତର ତାରକା ଖେଳାଳି ହାର୍ଦ୍ଦିକ ପାଣ୍ଡ୍ୟା ଶନିବାର ରାତି ୯ଟାରେ ଆସି ଭୁବନେଶ୍ୱରରେ ପହଞ୍ଚିଥିଲେ। ଏହି ମହାମୁକାବିଲା ଲାଗି ଟୁଇନ୍ ସିଟିରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।









PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS